ନାରୀ ମୁକ୍ତି

ଏକ ପ୍ରବନ୍ଧ ସଂକଳନ

ପ୍ରକାଶକ : ଅନ୍ୱେଷା

ନାରୀ ମୁକ୍ତି

ଏକ ପ୍ରବନ୍ଧ ସଂକଳନ

ପ୍ରକାଶକ : ଅନ୍ୱେଷା

Digitized by srujanika@gmail.com

Nari Mukti

Eka Prabandha Sankalan

Published by	Anwesha
Name of Publisher	Gargy Satapathy, Anwesha, Bidyut Niwas Near Srusti Nursing Home, Budharaja, Sambalpur, Odisha, Ph No. - 8895157066
Year of Publication	2012
Printed at	Sikshaprakashani, Bhubaneswar-15
D.T.P.	Ananda
Cover Art	Adam and Eve by Miriam Schapiro
Price	50/-

ନାରୀ ମୁକ୍ତି

ଏକ ପ୍ରବନ୍ଧ ସଂକଳନ

ପ୍ରକାଶନ	ଅନ୍ୱେଷା, ସୃଷ୍ଟି ନର୍ସିଂ ହୋମ୍ ନିକଟ, ବୁଢ଼ାରଜା, ସମ୍ବଲପୁର, ଓଡ଼ିଶା, ଦୂରଭାଷ - ୮୮୯୫୧୫୭୦୬୬
ପ୍ରକାଶକଙ୍କ ନାମ	ଗାର୍ଗି ଶତପଥି, ଅନ୍ୱେଷା, ବିଦ୍ୟୁତ ନିବାସ, ଶ୍ରୀରାମ ଲେନ୍, ବୁଢ଼ାରଜା, ସମ୍ବଲପୁର, ଦୂରଭାଷ -୭୮୯୪୪୨୫୫୪୨
ପ୍ରକାଶନ ବର୍ଷ	୨୦୧୨
ଡ଼ି.ଟି.ପି.	ଆନନ୍ଦ
ପ୍ରଚ୍ଛଦ ପଟ୍ଟ	ଆଦାମ୍ ଓ ଇଭ୍, ଶିଳ୍ପୀ - ମିରିଅମ୍ ସ୍କାପିରୋ
ମୁଦ୍ରଣ	ଶିକ୍ଷାପ୍ରକାଶନୀ, ଭୁବନେଶ୍ୱର
ମୂଲ୍ୟ	୫୦/- ଟଙ୍କା

Digitized by srujanika@gmail.com

ଭୂମିକା

ସମକାଳୀନ ସମାଜର ଅନ୍ୟାନ୍ୟ ସାମାଜିକ-ରାଜନୈତିକ ପ୍ରଶ୍ନ ମଧ୍ୟରେ ନାରୀ-ପୁରୁଷ ବିସମତା ପ୍ରଶ୍ନଟିର ଗୁରୁତ୍ୱ ଅଧିକ ବୁଝେଇ କହିବାର ଅପେକ୍ଷା ରଖେ ନାହିଁ । ଏ ବିସଂଗତିର ପରିଣାମ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପରିଲକ୍ଷିତ । ସାଧାରଣ ଜନଜୀବନ କେତେ ମାତ୍ରାରେ ପ୍ରଭାବିତ ତାର ନମୁନା ଦେଖିବାକୁ ପାଉଛେ ପ୍ରତିଦିନର ଖବରକାଗଜ ପୃଷ୍ଠାରେ । ତେବେ ନାରୀ-ପୁରୁଷ ବିସମତା ପ୍ରଶ୍ନଟି ଆଜିର ନୁହେଁ । ଏହାର ଲମ୍ବା ଇତିହାସ ରହିଛି । କେବେ ଓ କି ପରିସ୍ଥିତିରେ ଏ ବିସମତା ଜନ୍ମ ନେଇ ସାମାଜିକ ସ୍ୱୀକୃତି ଲାଭକଲା ଏବଂ ପିତୃତନ୍ତ୍ର ନାମକ ସାମାଜିକ ବ୍ୟବସ୍ଥାଟି ପ୍ରତିଷ୍ଠିତ ହେଲା ସେ ନେଇ ଭିନ୍ନ ଭିନ୍ନ ତତ୍ତ୍ୱ ରହିଛି । ତା ମଧ୍ୟରେ ରହିଛି ଧର୍ମ ଓ ଧର୍ମଗ୍ରନ୍ଥ ଆଧାରିତ ତତ୍ତ୍ୱ, ଏବଂ, ଆଧୁନିକ ନୃତତ୍ତ୍ୱ, ରାଜନୈତିକ ଚେତନା ତଥା ମନସ୍ତତ୍ତ୍ୱ ଆଧାରିତ ତତ୍ତ୍ୱ । ଫେମିନିଷ୍ଟ ବା ନାରୀବାଦୀ ଆନ୍ଦୋଳନ ଆରମ୍ଭଠାରୁ ଫେମିନିଷ୍ଟ ଦୃଷ୍ଟିକୋଣରୁ ଏ ତତ୍ତ୍ୱଗୁଡ଼ିକର ତର୍ଜମା ହୋଇ ଆସିଛି ଏବଂ ଏ ପ୍ରକ୍ରିୟା ଜାରି ରହିଛି ।

ଏ ପ୍ରସଂଗରେ ଓଡ଼ିଶାର ବୌଦ୍ଧିକ ପରିବେଶକୁ ଯଦି ଦୃଷ୍ଟି ପକେଇବା ତେବେ ଦେଖା ଯିବ ଯେ ନାରୀ ପୁରୁଷ ବିସମତା ପ୍ରଶ୍ନକୁ ନେଇ ଓଡ଼ିଆରେ ଖୁବ୍ କମ୍ ତାତ୍ତ୍ୱିକ ଆଲୋଚନା ହୋଇଛି । ଏମିତିରେ, ନାରୀର ସାମାଜିକ-ଆର୍ଥିକ ଦୁଃସ୍ଥିତି, ପୁରୁଷ ଦ୍ୱାରା ନାରୀର ଶୋଷଣ ଓ ଅତ୍ୟାଚାର, ନାରୀ ବିରୋଧୀ ହିଂସା – ଏ ସମସ୍ତ ପ୍ରସଂଗରେ ବିଭିନ୍ନ ସ୍ତରରେ ଆଲୋଚନା ହେଉଛି । କିନ୍ତୁ, ଏ ଆଲୋଚନା ସବୁକୁ ଅନୁଧ୍ୟାନ କଲେ ଦେଖା ଯିବ ଯେ ବିସମତାର ମୌଳିକ କାରଣ ଗୁଡ଼ିକ କ୍ୱଚିତ୍ ସମ୍ବୋଧିତ ହୋଇଛି । ଅପର ପକ୍ଷରେ, ସାଂପ୍ରତିକ ସମୟରେ ବଢ଼ିଚାଲିଥିବା ନାରୀପ୍ରତି ହିଂସା ପରିପ୍ରେକ୍ଷୀରେ 'ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ' ତଥା 'ଆଧୁନିକ ଉଗ୍ର ନାରୀ ସ୍ୱାଧୀନତା ହିଁ ଏଥିପାଇଁ ଦାୟୀ' – ଭଳି ଏକ ପ୍ରତିକ୍ରିୟାଶୀଳ ଧାରାଟିଏ ସୁଦୃଢ଼ ହେବାରେ ଲାଗିଛି । ସମ୍ଭବତଃ, ଏଭଳି ସ୍ଥିତି ପଛରେ ରହିଛି ଓଡ଼ିଶାରେ ଏକ ବଳିଷ୍ଠ ନାରୀ ଆନ୍ଦୋଳନର ଅନୁପସ୍ଥିତି ।

ଏ ପୃଷ୍ଠଭୂମିରେ, ନାରୀପ୍ରଶ୍ନକୁ ନେଇ ପ୍ରଗତିଶୀଳ ବିଚାର ସହିତ ତାତ୍ତ୍ୱିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ଓଡ଼ିଆରେ ଲିଖିତ କେତୋଟି ପ୍ରବନ୍ଧର ସଂକଳନଟିଏ ପ୍ରକାଶ କରିବାର ପରିକଳ୍ପନା । ସଂକଳନରେ ସ୍ଥାନିତ ପ୍ରବନ୍ଧଗୁଡ଼ିକରେ ନାରୀ-ପୁରୁଷ ବିସମତାର ଭିନ୍ନ ଭିନ୍ନ ଦିଗଗୁଡ଼ିକୁ ପ୍ରାବନ୍ଧିକମାନେ ନିଜ ନିଜ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି ।

Digitized by srujanika@gmail.com

ଫେମିନିଷ୍ଟ ଦୃଷ୍ଟିକୋଣରୁ ଦେଖିଲେ, କେତେକ ପ୍ରବନ୍ଧର ତାତ୍ତ୍ୱିକ ବିଶ୍ଳେଷଣ ସହ ଜଣେ ସହମତ ନ ହୋଇପାରେ । କିନ୍ତୁ, ସମସ୍ତ ପ୍ରବନ୍ଧରେ ନାରୀ-ପୁରୁଷ ସମାନତାର ଭାବଟି ସ୍ପଷ୍ଟ ।

ସଂକଳନରେ ସ୍ଥାନିତ ୭ଟି ପ୍ରବନ୍ଧ ମଧ୍ୟରୁ ଜଳନ୍ଧର ଦେବଙ୍କ ଲିଖିତ ପ୍ରବନ୍ଧ 'ନର ଓ ନାରୀ', ଲିଖିତ କାଳ ଦୃଷ୍ଟିରୁ, ସର୍ବ ପୁରାତନ । ଏହାର ଲିଖିତ ସମୟ ୧୯୩୫-୩୬ । ସଂକଳନର ଅନ୍ୟ ପ୍ରବନ୍ଧଗୁଡ଼ିକ ଆମ ସମୟର । ଲେଖିଛନ୍ତି କିଶନ ପଟ୍ଟନାୟକ, ଚିତ୍ତ ରଂଜନ ଦାସ, ରବୀନ୍ଦ୍ର ପ୍ରସାଦ ପଣ୍ଡା, ଅନନ୍ତ ଗିରି, ରାମକୃଷ୍ଣ ସାହୁ ଏବଂ ସରୋଜ ।

ଜଳନ୍ଧର ଦେବ ଏ ପ୍ରବନ୍ଧରେ ଜୀବ ସୃଷ୍ଟିର ଇତିହାସକୁ ଆଧାର କରି ନର ନାରୀର ପାରସ୍ପରିକ ସଂପର୍କକୁ ଆଲୋଚନା କରିଛନ୍ତି । ତେବେ ସେ ଯେଉଁ ସମୟରେ ଏ ପ୍ରବନ୍ଧ ରଚନା କରିଛନ୍ତି, ରାଜନୈତିକ ଦୃଷ୍ଟିରୁ ତା' ଥିଲା ଭାରତର ସ୍ୱାଧୀନତା ସଂଗ୍ରାମର ସମୟ । ସେତେବେଳକୁ ଓଡ଼ିଆ ସମାଜରେ ନାରୀ ଶିକ୍ଷା ତଥା ନାରୀକୁ ଘରକୋଣରୁ ସାମାଜିକ କ୍ଷେତ୍ରକୁ ଆଣିବା ପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଛି । ଏ ସମୟ ବେଳକୁ କିଛି ନାରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସାରିଛନ୍ତି । କିନ୍ତୁ, 'ନାରୀ ସ୍ୱାଧୀନତା' ବିଷୟଟି କ୍ୱଚିତ୍ ଚର୍ଚ୍ଚାକୁ ଆସିଛି । ଏ ବିଷୟରେ ବେଶୀ ମୁଖରା ଥିଲେ ସରଳା ଦେବୀ । ଏଭଳି ଏକ ସମୟରେ, ଜଳନ୍ଧର ଦେବ ନାରୀ ପୁରୁଷ ସମାନତାର କଥା କହିଛନ୍ତି ଏବଂ ବିଦେଶୀ ଶାସକଙ୍କଠାରୁ ସ୍ୱାଧୀକାର ଛଡ଼େଇବାର ଚେଷ୍ଟା ଅପେକ୍ଷା ସ୍ୱଜାତୀୟ ନରମାନଙ୍କଠାରୁ ନାରୀ ଜାତିର ନ୍ୟାର୍ଯ୍ୟଦାବୀ ପାଇବା ପାଇଁ ଚେଷ୍ଟାକଲେ ସୁଫଳ ମିଳିପାରେ ବୋଲି ଆହ୍ୱାନ ଦେଇଛନ୍ତି । ଜଳନ୍ଧର ଦେବଙ୍କ ପ୍ରବନ୍ଧର ଗୁରୁତ୍ୱ ସେଇଠି ।

ନାରୀ-ପୁରୁଷ ବିସମତା ସବୁବେଳେ ସବୁଠାରେ ଲାଗି ରହିଛି କାହିଁକି ? 'ନାରୀର ଦାସତ୍ୱ ଓ ମୁକ୍ତି' ପ୍ରବନ୍ଧରେ ଏ ପ୍ରଶ୍ନକୁ ସମ୍ବୋଧିତ କରିଛନ୍ତି କିଶନ ପଟ୍ଟନାୟକ । ନାରୀ-ପୁରୁଷ ମଧ୍ୟରେ ରହିଥିବା ଶାରୀରିକ ଭିନ୍ନତାର ଆଧାରରେ ନାରୀକୁ ପୁରୁଷଠାରୁ ଗୌଣକରି ଦେଖିବାର ଯେଉଁ ପ୍ରବୃତ୍ତିଟି ରହିଛି ତାକୁ ବିଶ୍ଳେଷଣ କରିବାକୁ ଯାଇ ସେ କହିଛନ୍ତି ଯେ ଯେଉଁ ସଭ୍ୟତାରେ ହିଂସାତ୍ମକ ଆକ୍ରମଣର କ୍ଷମତାକୁ ମହନୀୟ ବୋଲି ଧରାଯାଏ ସେ ସଭ୍ୟତାରେ ନାରୀକୁ ଅକ୍ଷମ ବୋଲି କହିବା ସ୍ୱାଭାବିକ । ଅନ୍ୟ ପକ୍ଷରେ, ଅଧିକାଂଶ 'ନାରୀ-ସୁଲଭ ଅକ୍ଷମତା' ହେଉଛି ସମାଜ ପ୍ରଦତ୍ତ । ତେବେ ପୁରୁଷକୈନ୍ଦ୍ରିକ ସମାଜ ବ୍ୟବସ୍ଥାର ପରିସମାପ୍ତି ଆସିବ କିପରି ? ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କିଶନ ପଟ୍ଟନାୟକ କହିଛନ୍ତି ଯେ ଏକ ସମତାବାଦୀ ସଭ୍ୟତାରେ ହିଁ ହିଂସାପ୍ରବଣ ସଂସ୍କୃତିର ସମାପ୍ତି ଘଟିବାର ସମ୍ଭାବନା ରହିଛି । ସୁତରାଂ, ନାରୀ-ମୁକ୍ତି ଆନ୍ଦୋଳନକୁ ତା'ର ତାର୍କିକ ପରିଣାମ ପର୍ଯ୍ୟନ୍ତ ନେଇଯିବା ପାଇଁ ହୁଏତ ପୁଣିଥରେ ଏକ ସମତାବାଦୀ ସଭ୍ୟତାର ସ୍ୱପ୍ନକୁ ପୁନର୍ଜ୍ଜୀବିତ କରିବାକୁ ପଡ଼ିବ । ଏକ ସମତାବାଦୀ ସଭ୍ୟତାରେ ହିଁ ହିଂସାପ୍ରବଣ

Digitized by srujanika@gmail.com

ସଂସ୍କୃତିର ସମାପ୍ତି ଘଟିବ । ଶାରୀରିକ ଅସୁରକ୍ଷା ଓ ଆର୍ଥିକ ଅସୁରକ୍ଷାର ଅବସାନ ପରେ ନାରୀତ୍ୱ ଏକ ମୂଲ୍ୟରୂପେ ପ୍ରତିଷ୍ଠିତ ହେବ । ଆଧୁନିକ ସଂପତ୍ତି ବ୍ୟବସ୍ଥା ଓ ହିଂସାର ସାମାଜିକ-ସାଂସ୍କୃତିକ ମୂଲ୍ୟକୁ ଅପରିବର୍ତ୍ତିତ ରଖି ନାରୀ-ପୁରୁଷର ସମାନତା କେବେ ମଧ୍ୟ ସମ୍ଭବ ନୁହେଁ ।

'ନାରୀ-ପୁରୁଷ ବୈଷମ୍ୟ' ପ୍ରବନ୍ଧରେ ପ୍ରାବନ୍ଧିକ ରବୀନ୍ଦ୍ର ପ୍ରସାଦ ପଣ୍ଡା କିଶନ ପଟ୍ଟନାୟକଙ୍କ ତାତ୍ତ୍ୱିକ ବିଶ୍ଳେଷଣ ସହ ମୋଟାମୋଟି ଏକ ମତ । ତେବେ, ତାଙ୍କ ଆଲୋଚନାଟି ମୁଖ୍ୟତଃ ନାରୀ-ପୁରୁଷ ମଧ୍ୟସ୍ଥ ବୈସମ୍ୟର ସାଂସ୍କୃତିକ ଦିଗଗୁଡ଼ିକୁ ନେଇ । ପ୍ରାବନ୍ଧିକଙ୍କ ନିଜ ଭାଷାରେ, "ନାରୀକୁ ଅର୍ଥନୈତିକ ଭାବେ ସ୍ୱାବଲମ୍ବୀ ବା ସ୍ୱାଧୀନ କରିବା କଥା ଉଠିବା ମାତ୍ରକେ ତାର ରାଜନୈତିକ ସ୍ୱାଧୀନତାକୁ ଉପେକ୍ଷା କରିହେବ ନାହିଁ, ଏବଂ ତା'ହେଲେ, ନାରୀ ଓ ପୁରୁଷ ମଧ୍ୟସ୍ଥ ଦ୍ୱନ୍ଦ ଆହୁରି ତୀବ୍ର ହେବାକୁ ବାଧ୍ୟ । ସେ ଅବସ୍ଥାରେ ସାଂସ୍କୃତିକ ଭିତ୍ତିଭୂମି ନ ଥିଲେ ନାରୀ ନିଶ୍ଚୟ ପରାଜିତ ହେବ । ଯୋଉ ପରାଜୟ ଅର୍ଥନୈତିକ ସ୍ୱାଧୀନତାକୁ ନିଷ୍ଫଳ ପ୍ରତିଭାତ କରିବ ।"

ନାରୀମୁକ୍ତି ଅନ୍ଦୋଳନରେ ସାଂସ୍କୃତିକ ଭିତ୍ତିଭୂମି ବିଷୟକୁ ପ୍ରାବନ୍ଧିକ ଚିତ୍ତ ରଂଜନ ଦାସ ମଧ୍ୟ ତାଙ୍କ ପ୍ରବନ୍ଧ 'ମନକୁ ସ୍ଥିରୀ ବେଶକରି'ରେ ଗୁରୁତ୍ୱ ଦେଇଛନ୍ତି । ସାଂସ୍କୃତିକ କ୍ଷେତ୍ର ମଧ୍ୟରୁ ବିଶେଷକରି 'ସାହିତ୍ୟ' କ୍ଷେତ୍ରଟିକୁ ତାଙ୍କ ପ୍ରବନ୍ଧରେ ଆଲୋଚନା କରିଛନ୍ତି । ତାଙ୍କ ମତରେ, "ପାଶ୍ଚାତ୍ୟ ବାମାବାଦ ପାଇଁ ଆଗ ସାମାଜିକ ଭିତ୍ତିଭୂମି ଗୁଡ଼ିକ ତିଆରି ହେଲା ଓ ସେହି ପ୍ରବାହରେ ତାହା ସାହିତ୍ୟ ମଧ୍ୟରେ ଯାଇ ଆତ୍ମପ୍ରକାଶ କରିଥିଲା । ଓଡ଼ିଶାରେ ଯେଉଁମାନେ ନାରୀ-ଜାଗରଣ ଅର୍ଥାତ୍ ନାରୀର ଗୁହାମୁକ୍ତି ବିଷୟରେ ସାହିତ୍ୟ ଅର୍ଜିଛନ୍ତି, ଏମାନେ ପ୍ରାୟ ସମସ୍ତେ ମର୍ଯ୍ୟାଦା-ପୁରୁଷ ରାମଚନ୍ଦ୍ରଙ୍କ କାଟର କୃପାର ପ୍ରଦର୍ଶନ କରି ଅହଲ୍ୟାମାନଙ୍କୁ ପଥରଗୁଡ଼ାକରୁ ନିଷ୍କୃତି ଦେବାରେ ହିଁ ଏକ ଉଦାରତା ପ୍ରଦର୍ଶନ କରିଛନ୍ତି । ଆମେ ସେମାନଙ୍କୁ କଦାପି ବାମାବାଦୀ ବୋଲି କହିବା ନାହିଁ ।" ଏ ଦିଗରେ କେବଳ କୁନ୍ତଳାକୁମାରୀ ହିଁ ଏକ ବ୍ୟତିକ୍ରମ ବୋଲି ସେ କହିଛନ୍ତି । ଉପନିଷଦର ବାଣୀ 'ନ ତସ୍ୟ କଶ୍ଚିତ୍ ଲିଂଗମ୍' ଠାରୁ ପଂଚସଖା ଯୁଗର ସନ୍ଥ କବି ଅନନ୍ତ ଦାସଙ୍କ ଦୃଷ୍ଟିରେ ନାରୀ ଆଉ ପୁରୁଷର ସମ୍ବନ୍ଧର ବ୍ୟାଖ୍ୟା ମାଧ୍ୟମରେ ଓଡ଼ିଶାରେ ରୀତିଯୁଗର କବିସମ୍ରାଟ, କବିସୂର୍ଯ୍ୟଙ୍କ ଠାରୁ ଏବର ସାହିତ୍ୟସାଧକମାନଙ୍କର ନାରୀପ୍ରତି ଦୃଷ୍ଟି କ୍ଷେତ୍ରରେ ସେଭଳି ପରିବର୍ତ୍ତନ ଲକ୍ଷିତ ହୋଇନାହିଁ । ଏପରି ସ୍ଥଳେ, ପ୍ରାବନ୍ଧିକଙ୍କ ପ୍ରଶ୍ନ – ମରଦପକ୍ଷର ମରଜୀରେ ଅଦ୍ୟାବଧି ଚାଲିଆସିଥିବା ସମାଜଟିରେ ପରିବର୍ତ୍ତନ ଆସିବ କେମିତି ?

ଫେମିନିଷ୍ଟ ଦୃଷ୍ଟିଭଂଗୀରେ ନାରୀତ୍ୱ ଅନୁଭବ କିଭଳି ଏକ ବିକଳ୍ପ ଦୃଷ୍ଟିକୋଣ ସୃଷ୍ଟିକରେ, ସେ ବିଷୟରେ ଆଲୋଚନା କରିଛନ୍ତି ପ୍ରାବନ୍ଧିକ ଅନନ୍ତ ଗିରି 'ନାରୀତ୍ୱ ଓ ବିକଳ୍ପ ଏଷଣା' ପ୍ରବନ୍ଧରେ । ତାଙ୍କ ମତରେ ଯଦିଓ ନାରୀତ୍ୱ ଓ ପୁରୁଷତ୍ୱ ଉଭୟେ ଗୋଟିଏ

Digitized by srujanika@gmail.com

ସମାଜ ଓ ସଂସ୍କୃତି ବ୍ୟବସ୍ଥାର ପ୍ରତିଫଳନ, ତଥାପି ନାରୀତ୍ୱ ଓ ପୁରୁଷତ୍ୱ ଭିନ୍ନ ଭିନ୍ନ ଅନୁଭବର ଦିଗ୍‌ବଳୟ ସୃଷ୍ଟି କରେ, ଏବଂ ଏହି ଭିନ୍ନ ଦିଗ୍‌ବଳୟ ପ୍ରଚଳିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ବିକଳ୍ପ ଏଷଣାରେ ସହାୟକ ହୁଏ । ଉତ୍ତରାଖଣ୍ଡର ଚିପ୍‌କୋ ଆନ୍ଦୋଳନରେ ନାରୀମାନଙ୍କ ଭୂମିକାକୁ ବିଶ୍ଳେଷଣକରି ଏକ ବିକଳ୍ପ ବିକାଶର ଚିନ୍ତା ତଥା ଦାବି ହୁଏତ ନାରୀମାନଙ୍କ ଅନୁଭୂତିରୁ ହିଁ ଆସିପାରେ ବୋଲି ସେ ଆଶା ରଖିଛନ୍ତି । ଏ ପରିପ୍ରେକ୍ଷୀରେ, ସଂପ୍ରତି ଓଡ଼ିଶାରେ ଶିଳ୍ପକୈନ୍ଦ୍ରିକ ବିକାଶ ଢାଂଚାର ପ୍ରତିବାଦରେ ଦେଖାଦେଇଥିବା ଜନଆନ୍ଦୋଳନଗୁଡ଼ିକରେ ମହିଳାମାନଙ୍କ ଭୂମିକାକୁ ବୁଝିବାକୁ ହେଲେ ଅନନ୍ତ ଗିରିଙ୍କ ତତ୍ତ୍ୱଟି ଉପାଦେୟ ମନେହୁଏ ।

'ନାରୀ: ସୃଜନର ମୂଳାଧାର' ପ୍ରବନ୍ଧରେ ନାରୀକୁ ମୂଳତଃ ଏକ ସୃଜନଶୀଳ ସତ୍ତା ଭାବେ ଦେଖିଛନ୍ତି ପ୍ରାବନ୍ଧିକ ରାମକୃଷ୍ଣ ସାହୁ । ତାଙ୍କ ଦୃଷ୍ଟିରେ ନାରୀର ଏକମାତ୍ର ତଥା ମୂଳ ପରିଚୟ 'ମା' । ନାରୀ ନିର୍ଯ୍ୟାତନାର କାରଣ ସଂପୂର୍ଣ୍ଣ ଭାବେ ମନୋବୈଜ୍ଞାନିକ ବୋଲି ସେ କହିଛନ୍ତି ଏବଂ ପ୍ରାକୃତିକ ସୃଜନଶକ୍ତିରୁ ବଂଚିତ ପୁରୁଷର ବନ୍ଧ୍ୟାତ୍ୱକୁ ମୁଖ୍ୟତଃ ଦାୟୀ ବୋଲି ଯୁକ୍ତି ଉପସ୍ଥାପନ କରିଛନ୍ତି । ମଣିଷର ସାମାଜିକ ଜୀବନ ଆରମ୍ଭ ହେବା ଦିନଠୁଁ ନାରୀ ନିର୍ଯ୍ୟାତନାର ମୂଳଦୁଆ ପଡ଼ିଥିବା କଥା ମଧ୍ୟ ସେ କହିଛନ୍ତି ।

ସଂକଳନର ଶେଷ ଲେଖା 'ମୁଁ ଓ ନାରୀ' । ଲେଖିଛନ୍ତି ସରୋଜ । ନିଜ ଜୀବନରେ ଭେଟିଥିବା କେତେକ ନାରୀ ଚରିତ୍ରଙ୍କ ଜୀବନର ଅନୁଭୂତିରୁ ଆହରଣ କରିଥିବା ଅନୁଭବଗୁଡ଼ିକୁ ସାମାଜିକ ସନ୍ଦର୍ଭରେ ରଖି ପିତୃତାନ୍ତ୍ରିକ ବ୍ୟବସ୍ଥା ଓ ଏ ବ୍ୟବସ୍ଥାମଧ୍ୟରେ ଭିନ୍ନ ଭିନ୍ନ ବର୍ଗର ନାରୀମାନଙ୍କ ସ୍ଥିତିର ବିଶ୍ଳେଷଣ କରିଛନ୍ତି ।

ସଂକଳନରେ ସ୍ଥାନିତ ପ୍ରବନ୍ଧଗୁଡ଼ିକର ଲେଖକମାନେ ସମସ୍ତେ ଜଣେ ଜଣେ ପୁରୁଷ, ଜୈବିକ ଦୃଷ୍ଟିରୁ । ତେବେ, ସାମାଜିକ ଦୃଷ୍ଟିରୁ, ଚେତନା ଦୃଷ୍ଟିରୁ, ପ୍ରତ୍ୟେକ ଜଣେ ଜଣେ ମନନଶୀଳ ବ୍ୟକ୍ତି । ସମାଜର ବିଭିନ୍ନ କ୍ଷେତ୍ରକୁ ନିଜ ନିଜ ବିଚାର ଦ୍ୱାରା ପୁଷ୍ଟ କରିଛନ୍ତି । ସେ ଦୃଷ୍ଟିରୁ ନାରୀ-ପୁରୁଷ ବିସମତା ପ୍ରଶ୍ନକୁ ନେଇ ସେମାନଙ୍କ ତାତ୍ତ୍ୱିକ ବିଚାର ଆମପାଇଁ ଗୁରୁତ୍ୱ ରଖେ । ବିଶେଷ କରି, ଓଡ଼ିଆରେ ଏ ସମ୍ବନ୍ଧୀୟ ଲେଖାର ଅଭାବ ଥିବାବେଳେ । ସଂକଳିତ ପ୍ରବନ୍ଧଗୁଡ଼ିକ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ଆଗରୁ ପ୍ରକାଶିତ । ତେବେ, ସେଗୁଡ଼ିକୁ ଏକାଠିକରି ସଂକଳନଟିଏ ପ୍ରକାଶକରିବା ଦ୍ୱାରା ନାରୀପ୍ରଶ୍ନରେ ଆଗ୍ରହୀ ଓଡ଼ିଶାର ପାଠକମାନଙ୍କ ପାଖରେ ପ୍ରବନ୍ଧଗୁଡ଼ିକ ସହଜରେ ଉପଲବ୍ଧ ହୋଇପାରିବ ଏବଂ ନାରୀମୁକ୍ତି ସମ୍ବନ୍ଧୀୟ ବିଚାର ବିମର୍ଶକୁ ଆଗକୁ ନେବାରେ ନିଶ୍ଚୟ ସହାୟକ ହେବ ।

ପ୍ରମୋଦିନୀ ପ୍ରଧାନ

Digitized by srujanika@gmail.com

ସୂଚୀପତ୍ର

୧.	ନର ଓ ନାରୀ	ଜଳନ୍ଧର ଦେବ	୯
୨.	ନାରୀର ଦାସତ୍ୱ ଓ ମୁକ୍ତି	କିଶନ ପଟ୍ଟନାୟକ	୨୬
୩.	ମନକୁ ସ୍ତିରୀ ବେଶ କରି	ଚିତ୍ତରଂଜନ ଦାସ	୩୬
୪.	ନାରୀ ପୁରୁଷ ବୈଷମ୍ୟ	ରବୀନ୍ଦ୍ର ପ୍ରସାଦ ପଣ୍ଡା	୫୪
୫.	ନାରୀତ୍ୱ ଓ ବିକଳ୍ପ ଏଷଣା	ଅନନ୍ତ ଗିରି	୭୩
୬.	ନାରୀ: ସୃଜନର ମୂଳାଧାର	ରାମକୃଷ୍ଣ ସାହୁ	୮୪
୭.	ମୁଁ ଓ ନାରୀ	ସରୋଜ	୯୪

Digitized by srujanika@gmail.com

ନର ଓ ନାରୀ

ଜଳନ୍ଧର ଦେବ

(କ)

ଯେତେବେଳେ ପୃଥିବୀରୁ ଅତ୍ୟୁଷ୍ଣାବସ୍ଥା ଗଲା, ଜଳ ଓ ସ୍ଥଳଭାଗ ସ୍ୱତନ୍ତ୍ର ହେବାକୁ ବସିଲା, ସେତେବେଳେ ଜୀବର ଉତ୍ପତ୍ତି । ଜୀବ ଉତ୍ପତ୍ତି ବିବରଣ ଗୁରୁତର ବିଷୟ; ତହିଁର ଆଲୋଚନା ଗୋଟାଏ ବୃହତ୍ ପୁସ୍ତକରେ ମଧ୍ୟ ଶେଷ ହେବ ନାହିଁ । ଏ ପ୍ରବନ୍ଧରେ ସେଥିର ବିବରଣ ଅନାବଶ୍ୟକ । ଜୀବର ବୈଜ୍ଞାନିକ ବ୍ୟାଖ୍ୟା ଲେଖି ପ୍ରବନ୍ଧକୁ ଦୀର୍ଘାବୟବ କରିବାର ମଧ୍ୟ ଆବଶ୍ୟକତା ନାହିଁ । ଯାହା ଖାଦ୍ୟ ଗ୍ରହଣ କରିପାରେ ଏବଂ ତାକୁ ଜୈବିକ ଉପାଦାନରେ ପରିଣତ କରିପାରେ, ଯାହା ଗୃହୀତ ପଦାର୍ଥ ମଧ୍ୟରୁ ଅନାବଶ୍ୟକ ବସ୍ତୁକୁ ତ୍ୟାଗ କରିପାରେ, ଯାହାର ଉତ୍ପାଦନ ବା ଜନନଶକ୍ତି ଅଛି, ଯାହା ବହିଃସ୍ଥ ବା ପାରିପାର୍ଶ୍ୱିକ ଉତ୍ତେଜନାରେ ଉତ୍ତେଜିତ ଓ ବିଚଳିତ ହୁଏ, ସେ ସବୁ ମୋଟାମୋଟି ଜୀବର ଲକ୍ଷଣ । ଜୀବର କ୍ରମବିକାଶ ଓ ପରିବର୍ତ୍ତନର ଦୀର୍ଘ ବର୍ଣ୍ଣନା ଅନାବଶ୍ୟକ; ତେବେ ଏତିକି କହି ରଖିବାର ଉଚିତ ଯେ, ଜୀବର ବିସ୍ତାର, ବଂଶବୃଦ୍ଧି ଶରୀରବିଭାଗ ଦ୍ୱାରା ଘଟୁଥିଲା । ସେତେବେଳେ ସ୍ତ୍ରୀ ପୁରୁଷର ପ୍ରୟୋଜନ ହୋଇ ନ ଥିଲା । ଏଣୁ ସ୍ତ୍ରୀ ପୁରୁଷର ଉତ୍ପତ୍ତି ମଧ୍ୟ ହୋଇ ନ ଥିଲା । ସେ ଅସୀମ, ଅତୀତର କଥା । ଅଦ୍ୟାପି ଯେ ଏପରି ଜୈବିକ ବଂଶବୃଦ୍ଧିର ପ୍ରତ୍ୟକ୍ଷ ଉଦାହରଣ ନାହିଁ, ଏପରି ନୁହେଁ; ସାମୁଦ୍ରିକ ଓ ପାର୍ଥିବ କେତେକ ଜୀବର ଏବଂ କେତେକ ଉଦ୍ଭିଦର ବଂଶ ବୃଦ୍ଧି ବା ବିସ୍ତୃତି ଶରୀର ବିଭାଗଦ୍ୱାରା ଘଟୁଅଛି । ପୃଥିବୀର ପରିବର୍ତ୍ତନ କ୍ରମେ ଘଟିଲା, କ୍ରମେ ଜଳ ଓ ସ୍ଥଳ ଜୀବର ବାସଯୋଗ୍ୟ ହେଲା । ପ୍ରାଥମିକ ଜୀବ କ୍ରମବିକାଶ ନିୟମରେ ଉଚ୍ଚରୁ ଉଚ୍ଚତର ଜାତି ହେବାକୁ ଲାଗିଲେ । ଏଥିର ଇତିହାସ ପୃଥିବୀ ଆପଣା ଗର୍ଭରେ ସଞ୍ଚୟ କରି ରଖିଅଛି । ଭୂତତ୍ତ୍ୱବିତ୍‌ମାନେ ପୃଥିବୀର ସ୍ତର ଭେଦ କରି ଏଥିର ପ୍ରତ୍ୟକ୍ଷ ଉଦାହରଣ ଆମ୍ଭମାନଙ୍କ ସମକ୍ଷରେ ଉପସ୍ଥାପିତ କରୁଅଛନ୍ତି ।

ପ୍ରାଣୀତତ୍ତ୍ୱବେତ୍ତା ଏବଂ ଭୂତତ୍ତ୍ୱବେତ୍ତାମାନେ ଜୀବର ଜନ୍ମରହସ୍ୟ ଉଦ୍‌ଘାଟନ ପନ୍ଥାରେ ଯେତେଦୂର ଅଗ୍ରସର ହୋଇଅଛନ୍ତି, ତାହା ଭାବିଲେ ବିସ୍ମୟାଭିଭୂତ ହେବାକୁ ହୁଏ । ମନୁଷ୍ୟର ଓ ଅନ୍ୟାନ୍ୟ ଜୀବମାନଙ୍କର ଉତ୍ପତ୍ତି ଯେ ପୃଥିବୀର ପ୍ରାଥମିକ ଜୈବିକ ପଙ୍କରୁ ହୋଇଅଛି, ଏହା ସେମାନେ ସ୍ଥିର କରି ସାରିଲେଣି । ଈଶ୍ୱର ନିର୍ମିତ ଆଦାମ୍ ଇଭ୍ ପ୍ରଥମ

Digitized by srujanika@gmail.com

ପୁରୁଷ ଓ ସ୍ତ୍ରୀ ଗର୍ଭରୁ ସାରା ମାନବଜାତିର ଜନ୍ମ, ଏହା ଅଳୀକ ଗଳ୍ପ ବୋଲି ବାଇବେଲ ବିଶ୍ୱାସୀମାନେ ମଧ୍ୟ ମାନିନେଲେଣି । ଶତରୂପା ବିଶ୍ୱାସୀମାନେ ମଧ୍ୟ ମାନି ନେଲେଣି । ଶତରୂପା ମନୁଷ୍ୟ ଜାତିର ଆଦ୍ୟ ଜନ୍ମଦାତ୍ରୀ, ଏହା କେହି ବିଶ୍ୱାସ କରିବାକୁ ରାଜି ନୁହଁନ୍ତି ! ଏ ସମସ୍ତ ପୌରାଣିକ ଆବର୍ଜ୍ଜନା, ଉନ୍ନତିର ଅନ୍ତରାୟ ଓ ଶିକ୍ଷିତ ସମ୍ପ୍ରଦାୟଦ୍ୱାରା ଏକାନ୍ତ ବର୍ଜ୍ଜନୀୟ । ଜୈବିକ ପଙ୍କରୁ ମନିରା, ଆମିବା, ପ୍ରଟୋପ୍ଲାଜମ୍ କ୍ରମେ ଉଚ୍ଚରୁ ଉଚ୍ଚତର ଜୀବର ଜନ୍ମ, ଏହା ଅଗ୍ରାହ୍ୟ କରିବାର ଉପାୟ ନାହିଁ ।

ଯେପରି ଅବୟବ ବିଭାଗଦ୍ୱାରା ଜୀବର ବଂଶବୃଦ୍ଧି ଘଟୁଥିଲା ଏବଂ ତାର ଉଦାହରଣ ମଧ୍ୟ ଅଛି, ସେହିପରି ଏକ ଅବୟବରେ ପୁଂଇନ୍ଦ୍ରିୟ ଓ ସ୍ତ୍ରୀଇନ୍ଦ୍ରିୟ ବିଦ୍ୟମାନ ଏବଂ ପ୍ରଜନନ ଇଚ୍ଛା ପ୍ରବଳ ହେଲେ ଉଭୟ ଇନ୍ଦ୍ରିୟ ସଂଯୋଗଦ୍ୱାରା ନୂତନ ତଜ୍ଜାତୀୟ ବଂଶଧର ଜନ୍ମ, ଏଥିର ଜୀବନ୍ତ ଉଦାହରଣ ଭୂପୃଷ୍ଠରେ ଅଦ୍ୟାପି ବିଦ୍ୟମାନ ।

ଅସୀମ ଅତୀତ କାଳର କେଉଁ ମୁହୂର୍ତ୍ତରେ ସ୍ତ୍ରୀ ପୁରୁଷର ଭେଦ ଘଟିଲା କିମ୍ବା ସ୍ତ୍ରୀ ଇନ୍ଦ୍ରିୟ ଓ ପୁରୁଷଇନ୍ଦ୍ରିୟ ସ୍ୱତନ୍ତ୍ର ଅବୟବରେ ରହିଲା ଏବଂ ଉଭୟର ସଂଯୋଗରୁ ବଂଶବୃଦ୍ଧିର ସୂତ୍ରପାତ ହେଲା ତାହା ନିଶ୍ଚିତ ରୂପେ ବୋଲାଯାଇ ନ ପାରେ । ତେବେ ଏହା ଜୀବ ଇତିହାସର ଅସାଧାରଣ ମୁହୂର୍ତ୍ତ ଏବଂ ତଦବଧି ଜୀବମାନଙ୍କର ଜନ୍ମ ଏହି ନିୟମର ବଶବର୍ତ୍ତୀ । ଯେଉଁ ଜୀବଗଣ ଏ ନିୟମର ବଶବର୍ତ୍ତୀ ନୁହନ୍ତି, ସେମାନେ ତତ୍‌ପୂର୍ବକାଳୀନ ନିକୃଷ୍ଟ ଜୀବ ଏବଂ ସେହି ନିକୃଷ୍ଟ ଜୀବ ମଧ୍ୟ ନାନା ଜାତିର ପୃଥିବୀରେ ଅଛନ୍ତି ଆମ୍ଭମାନଙ୍କୁ ସୃଷ୍ଟିକ୍ରମର ଶିକ୍ଷା ଦେବା ନିମନ୍ତେ ।

ମନୁଷ୍ୟର ଜନ୍ମ ଅତୀବ ରହସ୍ୟମୟ । ଆଜି ମନୁଷ୍ୟ ନିଜ ବୁଦ୍ଧିବଳରେ ଜୀବମାନଙ୍କ ମଧ୍ୟରେ ଶ୍ରେଷ୍ଠ ଏଣୁ ନିଜକୁ ଈଶ୍ୱରଙ୍କ କାରିଗରୀର ଉତ୍‌କୃଷ୍ଟ ଛାଞ୍ଚ ବୋଲି ମନେକରେ । ମାତ୍ର ଈଶ୍ୱର ଯେ, ତାକୁ ନରନାରୀ ରୂପ ଦାନ କରି ପୃଥ୍ୱୀଭୋଗ କରିବାକୁ ଛାଡ଼ି ଦେଇଅଛନ୍ତି ତାହା ନୁହେଁ । ସେ ଯଦି ଆପଣାର ପୂର୍ବ ଜାତକ ଅନୁସନ୍ଧାନ କରିବାକୁ ବସେ, ତାହାହେଲେ ସ୍ୱଚ୍ଛନ୍ଦରେ ଜାଣିପାରିବ ଯେ, ଅନ୍ୟ ଇତର ଜୀବ ପରି ତାର ମଧ୍ୟ ଉତ୍ପତ୍ତି ସେହି ପ୍ରାଥମିକ ଜୈବିକ ପଙ୍କରୁ । ନିକୃଷ୍ଟ କୃମି, କୀଟ, ପୋକ, କେଞ୍ଚୁଆଙ୍କର ଯେଉଁ ପ୍ରତିକ୍ରିୟାରେ ଜନ୍ମ ଓ ଜୀବନ, ତାର ପୂର୍ବପୁରୁଷମାନଙ୍କର ମଧ୍ୟ ସେହି ପ୍ରତିକ୍ରିୟାରେ ଜନ୍ମ ଓ ଜୀବନ ହୋଇଥିଲା । ବଂଶବୃକ୍ଷର ଅଗ୍ରଶାଖାରେ ମନୁଷ୍ୟର ସ୍ଥାନ ହେଲେ ମଧ୍ୟ ତନ୍ନିକଟବର୍ତ୍ତୀ ନିମ୍ନ ଶାଖାରେ ଯେ ଗରିଲା ପ୍ରଭୃତି ବାନରମାନଙ୍କର ସ୍ଥାନ ଏହା ଅସ୍ୱୀକାର କରିବାର ସାଧ୍ୟ ନାହିଁ । ବଂଶବୃକ୍ଷର ଶାଖାରୁ ଶାଖାକୁ ଅବତରଣ କରିଗଲେ ବିଭିନ୍ନ ଜାତୀୟ ଜୀବମାନଙ୍କର ସ୍ଥାନ ଦେଖା ପଡ଼ିବ ଏବଂ ସେହି ବଂଶବୃକ୍ଷ ମୂଳରେ ପ୍ରାଥମିକ ଜୀବ ପ୍ରଟୋପ୍ଲାଜମ୍ । ବଂଶ ବୃକ୍ଷର ଉତ୍ପତ୍ତି ପ୍ରାଥମିକ ଜୈବିକ ପଙ୍କରୁ । ଏ ସବୁର ଆଲୋଚନା ଥାଉ ।

Digitized by srujanika@gmail.com

ପ୍ରାଣୀତତ୍ତ୍ୱବିଦ୍‌ମାନଙ୍କ ଦ୍ୱାରା ଏହା ପ୍ରମାଣୀକୃତ । ପୁରାଣବିଶ୍ୱାସୀମାନଙ୍କର ଏଥିରେ ଆସ୍ଥା ନାହିଁ । ପୂର୍ବକାଳର ଲୋକେ ବିଶେଷତଃ ଭାରତବାସୀ ଧର୍ମମୋହାଚ୍ଛନ୍ନ ହୋଇ ଏସବୁ ବିଷୟର ଗବେଷଣା କରିବାକୁ ଭୀତ ଥିଲେ । ତେବେ ଜୀବର ଆହାର ଯେ ଜୀବ ଏ କଥା ସେମାନେ ମଧ୍ୟ ସ୍ୱୀକାର କରୁଥିଲେ ।

ଅହସ୍ତାନି ଚ ହସ୍ତାନାଂ,
ଆପଦାନି ଚତୁଷ୍ପଦାଂ
ଲଘୁନି ତତ୍ର ମହତାଂ
ଜୀବୋ ଜୀବସ୍ୟ ଜୀବନଃ । (ଭାଗବତ)

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ଉଦ୍ଭିଦ ମଧ୍ୟ ଜୀବ । ଜୀବମାନଙ୍କ ମଧ୍ୟରେ ଖାଦ୍ୟ ଖାଦକଭାବ ସଦା ବିଦ୍ୟମାନ । ଜୀବ ଜୀବଭକ୍ଷଣ ଭିନ୍ନ ତିଷ୍ଠି ପାରିବ ନାହିଁ । କେହି ଉଦ୍ଭିଦ ଜୀବ ଭକ୍ଷଣ କରି ଜୀବନ ଧାରଣ କରେ, କେହି ଜରାୟୁଜ ଅଣ୍ଡଜ ପ୍ରଭୃତି ଜୀବ ଭକ୍ଷଣ କରି ଜୀବନ ଧାରଣ କରେ - ଏହି ମାତ୍ର ପ୍ରଭେଦ ।

ଜୀବ ଇତିହାସରେ ସ୍ତ୍ରୀ ପୁରୁଷର ସୃଷ୍ଟି ହେଲା । ଏଥି ସଙ୍ଗେ ସଙ୍ଗେ ଉଭୟ ଜାତିର ଆକାର ବୈଷମ୍ୟ, ଆକୃତିର ତାରତମ୍ୟ ଓ ସୌନ୍ଦର୍ଯ୍ୟ ଓ କମନୀୟତାର ପ୍ରଭେଦ ଘଟିଲା । ଜୀବର ଲୈଙ୍ଗିକ ପରିବର୍ତ୍ତନ ସଙ୍ଗେ ସଙ୍ଗେ ପ୍ରାକୃତିକ ଶୋଭା ସମ୍ପଦ ବଢ଼ିଲା । ମାତ୍ର ଏହା ମନେ ରଖିବାକୁ ହେବ ଯେ, ଏ ସମସ୍ତ ପରିବର୍ତ୍ତନର ମୂଳରେ ବଂଶବୃଦ୍ଧିର ଉଦ୍ଦେଶ୍ୟ ବିଦ୍ୟମାନ ଏବଂ ପ୍ରତ୍ୟେକ ଜୀବ ବଂଶବୃଦ୍ଧିଦ୍ୱାରା ବଳବାନ୍ ହେବା ଦ୍ୱାରା ଅନ୍ୟ ଜାତିକୁ ପରାସ୍ତ କରିବାକୁ ଏବଂ ଅନ୍ୟ ଜାତି ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଯତ୍ନଶୀଳ ହେଲା । କେତେକ ଜ୍ଞାତସାରରେ, କେତେକ କେବଳ ଆଦ୍ୟ ବୁଦ୍ଧିଦ୍ୱାରା ଚାଳିତ ହୋଇ ଏହି କ୍ରମୋନ୍ନତି ପଥରେ ଅଗ୍ରସର । ଯେତେବେଳେ ଶରୀର ବିଭାଗଦ୍ୱାରା ବଂଶବୃଦ୍ଧି ଘଟୁଥିଲା, ସେତେବେଳେ ଜୀବର ପ୍ରତିଦ୍ୱନ୍ଦିତା ଆପଣା ଜାତି ମଧ୍ୟରେ ପ୍ରାୟ ନଥିଲା । ମାତ୍ର ଜୀବର ସ୍ତ୍ରୀ ପୁରୁଷ ଭେଦ ହେଲା ପରେ ସ୍ତ୍ରୀ ଓ ପୁରୁଷ ଯୋଡ଼ିଏ ଜାତି ରୂପରେ ପରସ୍ପର ଉପରେ ଆଧିପତ୍ୟର ଆକାଂକ୍ଷା କଲେ । ଏହା ସର୍ବବାଦୀସମ୍ମତ ହୋଇ ନ ପାରେ; ମାତ୍ର ପ୍ରକୃତ ବୋଲି ପ୍ରତୀକ ହୁଏ । ସ୍ତ୍ରୀ ପୁରୁଷ ମଧ୍ୟରେ ଯେ ସହଯୋଗିତା ଓ ପ୍ରତିଦ୍ୱନ୍ଦିତା ଅଛି, ଏହା ଅସ୍ୱୀକାର କରାଯାଇ ନ ପାରେ । ସ୍ତ୍ରୀ ସ୍ୱତନ୍ତ୍ର ଭାବରେ ଆପଣା ଜାତିର ବୈଶିଷ୍ଟ ରକ୍ଷାର ଚେଷ୍ଟା କରେ; ପୁରୁଷ ତାକୁ ନିଜାୟତ୍ତରେ ରଖିବାର ଇଚ୍ଛା କରେ । ନୀଚ ଉଚ୍ଚ ଉଭୟ ଜୀବର ଏହି ପ୍ରବୃତ୍ତି ଦେଖାଯାଏ; ତେବେ ଉଚ୍ଚ ଜୀବ ମଧ୍ୟରେ ଏଥିର ଉଦାହରଣ ବା ଲକ୍ଷଣ ସ୍ପଷ୍ଟ । ସହଯୋଗ ଓ ସହବାସ ବ୍ୟତିରେକ ସନ୍ତାନ ଉତ୍ପତ୍ତି ଅସମ୍ଭବ, ଏହା ଜୀବ ମାତ୍ରେହିଁ ଜାଣନ୍ତି; ଏଣୁ ଗର୍ଭଧାରଣ ଲିପ୍‌ସା ବଳବତୀ ହେଲେ ସ୍ତ୍ରୀ

Digitized by srujanika@gmail.com

ପୁରୁଷର ସହବାସ ଓ ସହଯୋଗ ଘଟେ । ମାତ୍ର ତହିଁ ଉତ୍ତାରୁ ଉଭୟେ ସ୍ୱତନ୍ତ୍ର ଓ ସ୍ୱାଧୀନ ରହିବାକୁ ବାସନା କରିଥାଆନ୍ତି । ସମାଜବଦ୍ଧ କେତେକ ଜୀବର ରୂପ ନିୟମ କ୍ରମେ ବିକଶିତ ହୋଇ କିମାକାର ଧାରଣ କରିଅଛି ତାହା କ୍ରମେ ବ୍ୟକ୍ତ କରାଯିବ ।

ଉପରୋକ୍ତ ବିଷୟ ଆଲୋଚନା ବେଳେ ଏକଥା ଭାବିବାକୁ ହେବ ଯେ, ସ୍ତ୍ରୀ ବଳବତୀ କି ପୁରୁଷ ବଳବାନ ? ସ୍ଥଳବିଶେଷରେ ନିୟମର ବ୍ୟତିକ୍ରମ ଲକ୍ଷ୍ୟହେଲେ ମଧ୍ୟ ପୁରୁଷକୁ ସ୍ତ୍ରୀ ଅପେକ୍ଷା ବଳିଷ୍ଠ ସ୍ୱୀକାର କରିବାକୁ ହେବ । ଯୁଗଯୁଗାନ୍ତରରୁ ଆରମ୍ଭି ପୁରୁଷ କ୍ରମବର୍ଦ୍ଧନଦ୍ୱାରା ଏ ବିଶେଷତ୍ୱ ରକ୍ଷା କରିଅଛି । ଆଦ୍ୟବୁଦ୍ଧି ଗଳିତଠାରୁ ପକ୍ଷୀମାନଙ୍କ ପର୍ଯ୍ୟନ୍ତ ସବୁ ଜୀବମାନଙ୍କର ମଧ୍ୟ ଏହି ଇଚ୍ଛା ଯେ ସ୍ତ୍ରୀ ପୁରୁଷର ଆୟତ୍ତାଧୀନ ରହିବ । ଏହି ପ୍ରେରଣାର ବଶବର୍ତ୍ତୀ ହେବାରୁ ପୁରୁଷର ବଳ ଓ ଆକାର ସ୍ତ୍ରୀ ଅପେକ୍ଷା କ୍ରମେ ବଢ଼ିଅଛି । ଖାଲି ବଳ ଓ ଆକାର ବଢ଼ିଛି, ଏପରି ନୁହେଁ ସ୍ତ୍ରୀକୁ ଆୟତ୍ତ କରିବାକୁ ଓ ପ୍ରତିଦ୍ୱନ୍ଦୀ ପୁରୁଷ ସହିତ ଯୁଦ୍ଧ କରି ସ୍ତ୍ରୀକୁ ଛଡ଼ାଇ ଆଣିବାକୁ ପୁରୁଷର ନଖ, ଦନ୍ତ, ଶୃଙ୍ଗ ପ୍ରଭୃତିର ଜନ୍ମ ହୋଇଅଛି । ଏଥିର ଉଦାହରଣ ବିରଳ ନୁହେଁ । ନର ଉତ୍ତରାଧିକାରୀ ନିୟମରେ ପଶୁଠାରୁ ସ୍ତ୍ରୀ ବଶ କରିବା ପ୍ରବୃତ୍ତିର ଉପାୟ ପ୍ରାପ୍ତ ହୋଇଅଛି । ପ୍ରକୃତ ବିଷୟର ଅବତାରଣା ଆଗରୁ ଜୀବର ଆଉ ଗୋଟିଏ ସାଧାରଣ ନିୟମର ସାମାନ୍ୟ ଆଲୋଚନା କରିବା ପ୍ରୟୋଜନ । ସ୍ତ୍ରୀ ସୁନ୍ଦରୀ କି ପୁରୁଷ ସୁନ୍ଦର ? ଜୀବଜଗତରେ ଏହି ନିୟମ ସ୍ୱଚ୍ଛ ଓ ସ୍ପଷ୍ଟ ନୁହେଁ । ଏ ନିୟମର ବ୍ୟତିକ୍ରମ ସ୍ଥଳବିଶେଷରେ ଦେଖାପଡ଼େ; କିନ୍ତୁ ମାନବ ଚକ୍ଷୁକୁ ଯାହା ନିୟମର ବ୍ୟତିକ୍ରମ ବୋଲି ଜଣାଯାଏ, ତାହା ତଜ୍ଜାତୀୟ ଜୀବ ଚକ୍ଷୁକୁ ବ୍ୟତିକ୍ରମଶୂନ୍ୟ ହୋଇପାରେ ।

ପଶୁ, ପକ୍ଷୀ, କୀଟ ପତଙ୍ଗ, ଫଳ ପୁଷ୍ପ ଓ ମନୁଷ୍ୟର ସୌନ୍ଦର୍ଯ୍ୟ ନୈସର୍ଗିକ ଓ ଯୌନ ନିର୍ବାଚନର ଫଳ । ଏକ ଜାତିର ନେତ୍ରପ୍ରୀତି ନିମନ୍ତେ ଅନ୍ୟ ଜାତିର ସୌନ୍ଦର୍ଯ୍ୟ ବା ଅଙ୍ଗ ସୌଷ୍ଠବ ସମ୍ପାଦିତ ହୋଇ ନାହିଁ । ନିଜ ଜାତିର ଉପକାରାର୍ଥ ଏବଂ ତଜ୍ଜାତୀୟ ସ୍ତ୍ରୀ ବା ପୁରୁଷ (ବିଶେଷତଃ ସ୍ତ୍ରୀ) ନେତ୍ରପ୍ରୀତି ଓ ମନୋରଞ୍ଜନ ନିମନ୍ତେ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ।ମନୁଷ୍ୟର ନେତ୍ରପ୍ରୀତି ନିମନ୍ତେ ଈଶ୍ୱରକୃତ ଶୋଭାର ସୃଷ୍ଟି ଏହା ଭାବିବା ଭ୍ରମାତ୍ମକ ।

ଗାଭୀର ନେତ୍ରପ୍ରୀତି ନିମନ୍ତେ ବୃଷଭର କକୁଦ, ନୀଳବର୍ଣ୍ଣ ଓ କଜ୍ଜ୍ୱଳ ଲୋଚନ । ଛାଗର ନୀଳବର୍ଣ୍ଣ ଗଳଦେଶ ଓ ଶ୍ମଶ୍ରୁ ଗଗୀର ନେତ୍ରାହ୍ଲାଦକ ଅଟେ । କୁକ୍‌କୁଟର ନାନାବର୍ଣ୍ଣ ବିଶିଷ୍ଟ ଉଜ୍ଜ୍ୱଳପକ୍ଷ, କୁକ୍‌କୁଟୀ ନିମନ୍ତେ- ମୟୁରର ଇନ୍ଦ୍ରଧନୁବିନିନ୍ଦିତ କଳାପ ମୟୁରୀର ଚିତ୍ତାକର୍ଷଣ ନିମନ୍ତେ । ସମ୍ବର ଓ ମୃଗର ଶିଙ୍ଗ ତଜ୍ଜାତୀୟ ସ୍ତ୍ରୀମାନଙ୍କର ମନମୋହନ ନିମନ୍ତେ । ମନୁଷ୍ୟ ବା ଅନ୍ୟ ଜାତି ଏସବୁ ସୌନ୍ଦର୍ଯ୍ୟବଲୋକନରେ ମୁଗ୍ଧ ବା ପ୍ରୀତ ହୋଇପାରନ୍ତି, ମାତ୍ର ସେମାନଙ୍କ ସକାଶେ ଏ ବୈଚିତ୍ର୍ୟର ରଚନା ହୋଇନାହିଁ । ସାଧାରଣତଃ ନରଚକ୍ଷୁକୁ ପଶୁ ଓ ପକ୍ଷୀଜାତିର ପୁରୁଷ ସୁନ୍ଦର ବୋଲି ଜଣାଯାଏ, ବସ୍ତୁତଃ ତାହା ସତ୍ୟ । ପଶୁପକ୍ଷୀଙ୍କ

Digitized by srujanika@gmail.com

ଚକ୍ଷୁକୁ ନର ସୁନ୍ଦର କି ନାରୀ ସୁନ୍ଦରୀ ଦେଖାଯାଏ, ଏହା କିଏ କହି ପାରିବ ? ଉଭୟଙ୍କ ରୂପ ପଶୁ ପକ୍ଷୀଙ୍କୁ ଭୀତପ୍ରଦ ଓ କଦର୍ଯ୍ୟ ମନେ ହେଉଥିବ ପରା ! ସେ ଯାହାହେଉ, ବର୍ତ୍ତମାନ ସ୍ତ୍ରୀ ପୁରୁଷର ଆଲୋଚନା ତ୍ୟାଗ କରି ନରନାରୀର ଆଲୋଚନାରେ କିଞ୍ଚିତ୍ କାଳକ୍ଷେପଣ କରାଯାଉ ।

ନାରୀ ଅପେକ୍ଷା ନର ଯେ ବଳଶାଳୀ ଓ ବୀର୍ଯ୍ୟବାନ୍ ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ । ଆଦିମ ଅବସ୍ଥାରେ ଯେତେବେଳେ ନରଜାତି ସମାଜ ଗଠନ କଲା, ସେତେବେଳରୁ ହିଁ ନର ଓ ନାରୀର ବଳ ବୀର୍ଯ୍ୟ ଓ କ୍ଷମତା ତୁଳନା କରାଯାଇ କାର୍ଯ୍ୟ ବିଭାଗ କରାଯାଇଅଛି । ଅଦ୍ୟାପି ସେହି ବ୍ୟବସ୍ଥା ଚାଲିଅଛି, ସୁତରାଂ ଚିରାଭ୍ୟାସ ହେତୁରୁ ନର ଯାହା କରିପାରେ ନାରୀ ତାହା କରିପାରେ ନାହିଁ । ଅଭ୍ୟାସ ଅନେକାଂଶରେ ଶାରୀରିକ ଓ ମାନସିକ ପରିବର୍ତ୍ତନ ନିମନ୍ତେ ଦାୟୀ । ଅଭ୍ୟାସ ହେତୁରୁ ସ୍ୱଭାବରେ ମଧ୍ୟ ପରିବର୍ତ୍ତନ ଘଟେ । ଏହା ଆମ୍ଭେମାନେ ପ୍ରତ୍ୟକ୍ଷ କରୁଥାଇଁ ; ସୁତରାଂ ଏହା ଅସ୍ୱୀକାର କରାଯିବା କିପରି ? ଭୂପୃଷ୍ଠରେ ସୁସଭ୍ୟ ଜାତି ଅଛନ୍ତି । ଅତି ଅସଭ୍ୟ ଓ ଅଶିକ୍ଷିତ ଜାତି ମଧ୍ୟ ଅଛନ୍ତି । ଉଭୟ ଶ୍ରେଣୀର ସ୍ତ୍ରୀମାନଙ୍କର ସାଂସାରିକ କାର୍ଯ୍ୟଭାର ଆଲୋଚନା କଲେ ଗୁରୁ ଲଘୁ ଭେଦରେ ତାହା ଏକ ଶ୍ରେଣୀର ବୋଲି ହୃଦୟଙ୍ଗମ ହେବ । ପୁରୁଷ ଯାହା କରିପାରେ ସ୍ତ୍ରୀ ତାହା କରିପାରେ ନାହିଁ । ପୁଣି ନାରୀ ଯାହା କରିପାରେ, ପୁରୁଷ ତାହା କରିବାକୁ ଯାଇ ଅପଟୁତାର ପରିଚୟ ଦିଏ; ଏଣୁ ଆଦିମ ମାନଙ୍କ ଦ୍ୱାରା ନର ନାରୀ ମଧ୍ୟରେ କାର୍ଯ୍ୟ ଭାର ସନ୍ଧିଆବଦ୍ଧ ଏବଂ ତାହା ଅଦ୍ୟାପି ଚାଲିଛି । ଉଦାହରଣ ଦିଆଯାଇ ପାରେ ଯେ, ଭୂମିକର୍ଷଣ କେବଳ ପୁରୁଷଦ୍ୱାରା ଚିରକାଳ ଚାଲିଆସୁଅଛି । ସ୍ତ୍ରୀ ଏ ଅଧିକାର ଆଦିମ ଯୁଗରୁ ପାଇ ନାହିଁ । ସାରା ପୃଥିବୀରେ ନାରୀ ଗୃହର ଅଗ୍ନିରକ୍ଷା କରେ । ରନ୍ଧନ କରେ, ପରିଜନମାନଙ୍କୁ ପରିବେଷଣ କରେ ।

ଏହା ବୈଦିକ ଯୁଗର ପ୍ରଥା, ଆଜିକାଲିର ପ୍ରଥା ମଧ୍ୟ ଏହିତ । ପାର୍ବତୀୟ ଅଭ୍ୟାସ ନାରୀ କାଷ୍ଠ ସଞ୍ଚୟ କରେ; ମାତ୍ର ବୃହତ୍ ବୃକ୍ଷଛେଦନ କରେ ପୁରୁଷ, କ୍ଷେତ୍ର ନିର୍ମାଣ କରେ ପୁରୁଷ, ଗୃହ ନିର୍ମାଣ କରେ ପୁରୁଷ, ସନ୍ତାନ ରକ୍ଷଣାବେକ୍ଷଣ ଭାର ନାରୀ ଉପରେ । ଉପାର୍ଜନ ନିମନ୍ତେ ବିଦେଶକୁ ଯାଏ ପୁରୁଷ - ନାରୀ ଗୃହଚାଳନା କରେ । ସନ୍ତାନ ଲାଳନ ପାଳନ ପୁରୁଷ ପକ୍ଷରେ ଅସମ୍ଭବ । ଅତି ପ୍ରାଚୀନକାଳରୁ ଏ ବ୍ୟବସ୍ଥା ନର ସମାଜର ରକ୍ଷା ନିମନ୍ତେ ଚାଲିଛି । କାଳର ପରିବର୍ତ୍ତନ ସଙ୍ଗେ ସଙ୍ଗେ, ବିଶେଷତଃ ବର୍ତ୍ତମାନଯୁଗରେ, ସ୍ତ୍ରୀ ପୁରୁଷର ସନ୍ଧିସର୍ତ୍ତର ପରିବର୍ତ୍ତନ କରଣୀୟ କି ନା, କିପରି ଭାବରେ, କି ପରିମାଣରେ କରଣୀୟ ତାହା ପରେ ଆଲୋଚ୍ୟ । ବର୍ତ୍ତମାନ ନର ନାରୀର ସୌନ୍ଦର୍ଯ୍ୟର ଏବଂ ସଙ୍ଗେ ସଙ୍ଗେ ଚାରିତ୍ରିକ ପରିବର୍ତ୍ତନର ସାମାନ୍ୟ ଉଲ୍ଲେଖ କରାଯାଉ ।

Digitized by srujanika@gmail.com

ବୋଲାଯାଇଛି ଯେ, ବଂଶବୃଦ୍ଧି ହିଁ ପ୍ରକୃତିର ମୂଳ ଲକ୍ଷଣ । ସ୍ତ୍ରୀ ପୁରୁଷର ସଂଯୋଗ ବଂଶବୃଦ୍ଧିର ଉପାୟ । ସଂଯୋଗର ଅନେକ କାରଣ ମଧ୍ୟରୁ ସୌନ୍ଦର୍ଯ୍ୟବୋଧ ଓ ସୌନ୍ଦର୍ଯ୍ୟପ୍ରୀତି ଅନ୍ୟତମ । ପଶୁପକ୍ଷୀମାନଙ୍କର ନିର୍ବାଚନକର୍ତ୍ତ୍ରୀ ସ୍ତ୍ରୀ । ଏହା ଆଦିମ ନିୟମ । ମନୁଷ୍ୟଠାରେ ଏଥିର ବିପରୀତ ଲକ୍ଷଣ ଦେଖାଯାଏ ।

ସନ୍ତାନର ସ୍ୱତ୍ୱାଧିକାରିଣୀ ସ୍ତ୍ରୀ, ସନ୍ତାନର ମଙ୍ଗଳାକାଂକ୍ଷିଣୀ ସ୍ତ୍ରୀ; ସୁତରାଂ ପଶୁମାନଙ୍କର ସ୍ତ୍ରୀହିଁ ସହବାସ ନିମନ୍ତେ ପୁରୁଷ ନିର୍ବାଚନ କରେ । ପୁରୁଷର ତାଦୃଶ ମଙ୍ଗଳେଚ୍ଛା ନାହିଁ । ଯଦି ଥାଆନ୍ତା ତେବେ ରୁଗ୍‌ଣ ଓ କୁପୁରୁଷ ସ୍ତ୍ରୀ ସଂଯୋଗଦ୍ୱାରା ସନ୍ତାନ କାମନା କରନ୍ତା କାହିଁକି ? ବ୍ୟାଘ୍ରୀ ନିକଟରେ ଗୋଟିଏ ବ୍ୟାଘ୍ର ଉପଗତ ହେଲେ ବ୍ୟାଘ୍ରୀ ଅନ୍ୟ ବ୍ୟାଘ୍ର ସହିତ ଦ୍ୱନ୍ଦ ଯୁଦ୍ଧର ଇଙ୍ଗିତ କରେ । ଦ୍ୱନ୍ଦ୍ୱ ଯୁଦ୍ଧରେ ଯେ ଜୟୀ ସେ ତାର ପତି ହୁଏ । ଗର୍ଭଧାରଣ ଉତ୍ତାରୁ ସନ୍ତାନର ଦାୟିତ୍ୱ ବ୍ୟାଘ୍ରୀ ଉପରେ । ସୁଗାୟିକା ବିହଙ୍ଗୀ ସଙ୍ଗପ୍ରାର୍ଥୀ ପକ୍ଷୀମାନଙ୍କୁ ଇଙ୍ଗିତ କରେ, ଯେ ସୁଗାୟକ ସେ ତାର ପତି ହେବ, ଜୟୀ ତାର ପତି ହୁଏ । ସନ୍ତାନ ଲାଳନରେ ସ୍ତ୍ରୀ ପୁରୁଷ ଉଭୟେ ଯତ୍ନଶୀଳ ହୁଅନ୍ତି । କୋକିଳା ସୁଗାୟକର ପତ୍ନୀତ୍ୱ ସ୍ୱୀକାର କରି ଡ଼ିମ୍ୱ ପ୍ରସବ କରେ କାକ ନୀଡ଼ରେ । ମୋଟ ଉପରେ କହିବାକୁ ଗଲେ ସନ୍ତାନର ଦାୟିତ୍ୱ ଯାହା ଉପରେ ସେ ପ୍ରଣୟୀ ବା ପ୍ରଣୟିନୀ ନିର୍ବାଚନ କରିବାକୁ ଯୋଗ୍ୟ ।

ମନୁଷ୍ୟ ଜ୍ଞାନବାନ୍ ଜୀବ । ସେ ପଶୁପକ୍ଷୀମାନଙ୍କ ଅପେକ୍ଷା ଶାରୀରିକ ବଳରେ ହୀନ, ମାତ୍ର ମାନବର ବୁଦ୍ଧିବୃତ୍ତି ପଶୁବୁଦ୍ଧି ସହିତ ତୁଳନୀୟ ହୋଇ ନ ପାରେ; ମନୁଷ୍ୟ ବୁଦ୍ଧିବଳରେ ଗୁହା ଅନ୍ୱେଷଣ କରିଅଛି । ପ୍ରଥମେ ଡ଼ାଳ ପତ୍ରରେ ବାସସ୍ଥାନ ନିର୍ମାଣ କରିଅଛି କ୍ରମେ କାଷ୍ଠ ଖଂଡ଼ଦ୍ୱାରା ଗୃହ ନିର୍ମାଣ କରିଅଛି । ହର୍ମ୍ୟ ଅଟ୍ଟାଳିକା ନିର୍ମାଣ ତାର ଚରମୋନ୍ନତି । ବାସସ୍ଥାନ ଅନ୍ୱେଷଣ ଓ ଗୃହ ନିର୍ମାଣର ପ୍ରୟୋଜନ ହେଲା କେବଳ ସନ୍ତାନ ରକ୍ଷା ପ୍ରୟୋଜନ ନିବନ୍ଧନରୁ । ବ୍ୟାଘ୍ର, ଭଲ୍ଲୁକ, ଶୃଗାଳ ଗୁହା ବା ଗର୍ତ୍ତ ଅନ୍ୱେଷଣ କରନ୍ତି ସନ୍ତାନ ରକ୍ଷା ନିମନ୍ତେ । ପକ୍ଷୀ ନୀଡ଼ ପ୍ରସ୍ତୁତ କରେ ଅଣ୍ଡ ପ୍ରସବ କରି ଶାବକ ପାଳନ ନିମନ୍ତେ । ସନ୍ତାନମାନେ ଆତ୍ମରକ୍ଷଣକ୍ଷମ ହେଲେ ସେମାନଙ୍କର ବାସସ୍ଥାନର ପ୍ରୟୋଜନ ହୁଏ ନାହିଁ । ଆଦିକାଳରେ ମନୁଷ୍ୟ ସେହି ସନ୍ତାନରକ୍ଷା ନିମନ୍ତେ ଅନ୍ୟ ପଶୁପକ୍ଷୀ ପରି ସାମୟିକ ବାସସ୍ଥାନ ନିର୍ମାଣ ବା ଅନ୍ୱେଷଣ କରୁଥିଲା । କ୍ରମେ ସେଥିରେ ରହିବାର ନିରାପଦ ଓ ସୁଖକର ଜାଣି ତାହାର ସ୍ଥାୟିତ୍ୱରେ ଯତ୍ନବାନ୍ ହେଲା । ଅଦ୍ୟାପି ଭୂପୃଷ୍ଠରେ ଗୁହାବାସୀ, ଡ଼ାଳପତ୍ର ନିର୍ମିତ ଗୃହବାସୀ, ଛଣଗୃହବାସୀ ଓ ଅଟ୍ଟାଳିକାବାସୀ ମନୁଷ୍ୟ ଅଛନ୍ତି । ଏହା ଦେଖି ସୁଦ୍ଧା ଆମ୍ଭେମାନେ କି କ୍ରମବିକାଶ ଓ କ୍ରମୋନ୍ନତିରେ ଆସ୍ଥାବାନ୍ ହେବା ନାହିଁ ? ଆଦିମ ମନୁଷ୍ୟର ସମସାମୟିକ ପଶୁ ତାହାଠାରୁ ବଳବାନ ଓ କ୍ଷମତାଶାଳୀ ଥିଲେ,

Digitized by srujanika@gmail.com

ସୁତରାଂ ସେମାନଙ୍କଠାରୁ ରକ୍ଷା ପାଇବା ନିମନ୍ତେ ମନୁଷ୍ୟକୁ ଉପାୟ ଅନ୍ୱେଷଣ କରିବାର ପ୍ରୟୋଜନ ହୋଇଥିଲା । କିଛିକାଳ ବୃକ୍ଷ ହିଁ ତାହାର ପ୍ରଧାନ ଆଶ୍ରୟ ସ୍ଥାନ ଥିଲା । ମାତ୍ର ତାହା ଚିରକାଳ ସୁବିଧାଜନକ ହୋଇପାରିଲା ନାହିଁ । ମନୁଷ୍ୟର ଆଦିମ ଜାତିଭାଇ ଗରିଲା, ଓରାଙ୍ଗ ସିମ୍ପାଜୀ ଅଦ୍ୟାପି ବୃକ୍ଷଶାଖାରେ ବାସ କରନ୍ତି । ଡ଼ାଳରେ ବସା ପ୍ରସ୍ତୁତ କରି ପାରନ୍ତି ।

ସନ୍ତାନପାଳନ ଓ ରକ୍ଷା ନିମନ୍ତେ ଗୃହ । ମାତ୍ର ଗୃହ ରକ୍ଷାକର୍ତ୍ତା କିଏ ? ସନ୍ତାନ ପାଳନ କରିବ କିଏ ? ସ୍ତ୍ରୀ ଗର୍ଭଧାରଣକର୍ତ୍ତ୍ରୀ; ସୁତରାଂ ପ୍ରାକୃତିକ ନିୟମାନୁସାରେ ସେ ନିରାପଦ ସ୍ଥାନରେ ରହିବାକୁ ବାଧ । ମାତ୍ର ଖାଦ୍ୟ ଯୋଗାଇବ କିଏ ? ପୁରୁଷ ପକ୍ଷରେ ଖାଦ୍ୟ ଯୋଗାଇବା ପାଇଁ ଅନିବାର୍ଯ୍ୟ ବାଧା ନାହିଁ; ଅତଏବ ପୁରୁଷ ଖାଦ୍ୟ ଯୋଗାଇବାର ଭାର ଗ୍ରହଣ କଲା । କେତେକ ପଶୁ ପକ୍ଷୀ ଜାତିର ପୁରୁଷ ଅଦ୍ୟାପି ସେ ଅଭ୍ୟାସ ରଖିଅଛନ୍ତି । ଉଦାହରଣସ୍ୱରୂପ ଉଲ୍ଲେଖ କରାଯାଇପାରେ ଯେ, ଧଣ୍ଡସା ବା କୋଚିଳାଖାଇ (Hornbill) ସ୍ତ୍ରୀ ପକ୍ଷୀ ବୃକ୍ଷକୋଟରରେ ରହି ଅଣ୍ଡ ପ୍ରସବ କରିବା ପରେ ଅଣ୍ଡକୁ ଉଷୁମାଇବାକୁ ବସାରେ ରହେ, ପୁରୁଷ ପକ୍ଷୀ ସେହି କ୍ରୋଟର ଦ୍ୱାରକୁ ପଙ୍କ ବା ମୃତ୍ତିକାଦ୍ୱାରା ବନ୍ଦ କରିଦିଏ । କେବଳ ଚଞ୍ଚୁ ମାତ୍ର ଦୃଶ୍ୟ ହେବା ଭଳି ବାଟ ରଖିଥାଏ । ସ୍ତ୍ରୀ ପକ୍ଷୀ କ୍ରୋଟରରେ ଆବଦ୍ଧ ରହି ଶାବକ ଉଡ଼ିବାକୁ କ୍ଷମ ହେବାଯାଏ ସେହି କ୍ରୋଟରରେ ଥାଏ । ପୁରୁଷପକ୍ଷୀ, ସ୍ତ୍ରୀ ପକ୍ଷୀ ଓ ଶାବକ ନିମନ୍ତେ ଖାଦ୍ୟ ସରବରାହ କରେ । ମନୁଷ୍ୟ ଆପଣା ସ୍ତ୍ରୀ ସନ୍ତାନ ପାଇଁ ଏଥିରୁ ଅଧିକ କିଛି କରେ ବୋଲି ଅନୁମାନ ହୁଏ କି ? ଅତୀତ କାଳରେ ଆଦିମମନୁଷ୍ୟମାନଙ୍କ ମଧ୍ୟରେ ସନ୍ତାନପାଳନ ସୂତ୍ରରେ ସ୍ତ୍ରୀ ପୁରୁଷର କର୍ମ ବିଭାଗ ସ୍ଥିରୀକୃତ ହୋଇଅଛି । ଆବହମାନ କାଳରୁ ସ୍ତ୍ରୀ ପୁରୁଷ ଏହି ନିୟମ ପାଳନ କରି ଆସୁଅଛନ୍ତି । ଗର୍ଭଧାରଣ ବେଳେ ଏବଂ ସନ୍ତାନ ପାଳନ ବେଳେ ନାରୀ ପୁରୁଷର ସାହାଯ୍ୟ ଓ ବଶବର୍ତ୍ତିତା ସ୍ୱୀକାର କରିବାକୁ ବାଧ ହେଲା । କାଳକ୍ରମେ ଏହା ଦୃଢ଼ାଭ୍ୟାସରେ ପରିଣତ ହେଲା । ଜୀବିତକାଳ ମଧ୍ୟରୁ କେତେକ କାଳ ସ୍ତ୍ରୀ ନିରାପଦରେ ଓ ନିରାପଦ ସ୍ଥାନରେ ରହିବାର ନିତାନ୍ତ ପ୍ରୟୋଜନ ହେବାରୁ ସେ ସ୍ୱେଚ୍ଛାପୂର୍ବକ ପୁରୁଷର ସହାନୁଭୂତି ଓ ଅନୁକମ୍ପା-ପ୍ରାର୍ଥିନୀ ଥିଲା । ନରର ଯୌନ ସମ୍ପର୍କ ହେତୁରୁ ନାରୀର ଯେ ବିପନ୍ନାବସ୍ଥା ଏହା ନରର ହୃଦୟକୁ ଆର୍ଦ୍ର କଲା; ସ୍ତ୍ରୀକୁ ସାହାଯ୍ୟ କରିବାକୁ ତାର ପ୍ରବୃତ୍ତି ବଳିଲା । ପଶୁମାନଙ୍କଠାରେ ମଧ୍ୟ ଏହି ପ୍ରବୃତ୍ତି ଦେଖାପଡ଼େ । ନବପ୍ରସୂତା ହସ୍ତିନୀ କି ବିପଦ୍‌ଗ୍ରସ୍ତା ବିବେଚନା କରି ଦନ୍ତା ତାର ସଙ୍ଗ ତ୍ୟାଗ କରେ ନାହିଁ ।

ସ୍ତ୍ରୀ ପୁରୁଷର ସଂଯୋଗ, ସ୍ତ୍ରୀର ଗର୍ଭଧାରଣ, ପ୍ରସବ ଓ ସନ୍ତାନପାଳନ ହେତୁରୁ ନରନାରୀ ମଧ୍ୟରେ ସୌହାର୍ଦ୍ଦ୍ୟ । ପୁରୁଷ ସ୍ତ୍ରୀର ଏହି ରକ୍ଷଣାବେକ୍ଷଣ ଭାର ଗ୍ରହଣ କରିବା ହେତୁ ବିବାହର ଉତ୍ପତ୍ତି । ସ୍ତ୍ରୀର ରକ୍ଷା ଓ ସାହାଯ୍ୟ ନିମନ୍ତେ ପୁରୁଷ କଠିନ ଓ କର୍କଶ କାର୍ଯ୍ୟ

Digitized by srujanika@gmail.com

କରିବାକୁ ବାଧ୍ୟ ରହିଲା । ସ୍ତ୍ରୀ ଅନ୍ତତଃ କେତେକ କାଳ ତାଦୃଶ କାର୍ଯ୍ୟ କରିପାରିବାକୁ କ୍ଷମ ହେଲା ନାହିଁ ଏବଂ କଠିଣ ଓ କୋମଳ କାର୍ଯ୍ୟ ବିଭାଗ ଅନୁସାରେ ପୁରୁଷ ଓ ସ୍ତ୍ରୀର ଦୈହିକ ପରିବର୍ତ୍ତନ ଘଟିଲା । ପୁରୁଷର ଗୋଡ଼ ହାତ ସବଳ। ଅସ୍ଥି, ଦୃଢ଼ ମାଂସପେଶି ଓ ଚର୍ମ କର୍କଶ ହେଲା । ସ୍ତ୍ରୀର ଶରୀର ଗଠନ କମନୀୟ ଓ ନମନୀୟ ହେଲା । ଏହା ଅସ୍ୱୀକାର୍ଯ୍ୟ ନୁହେଁ । ଆଧୁନିକ ଶିକ୍ଷିତା ମାନଙ୍କଦ୍ୱାରା ମଧ୍ୟ ଏହା ବୋଧହୁଏ ଅସ୍ୱୀକୃତ ହୋଇପାରିବ ନାହିଁ ।

ପଶୁ ପକ୍ଷୀ ପ୍ରଭୃତିଙ୍କର ସଙ୍ଗୀନିନିର୍ବାଚନ ଭାର ରହିଲା ସ୍ତ୍ରୀଠାରେ । ମନୁଷ୍ୟ ଜାତିର ସ୍ତ୍ରୀ ନିର୍ବାଚନ ଭାର ପୁରୁଷଠାରେ । ପୁରୁଷ ମନୋରମାର ପକ୍ଷପାତୀ । ଏଣୁ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି, ପୁରୁଷ ଚକ୍ଷୁକୁ ନାରୀ ସୁନ୍ଦରୀ । ସଂଯୋଗ ସମୟ ଉପସ୍ଥିତ ହେଲେ ନାରୀର ରୂପଲାବଣ୍ୟ ବଢ଼େ, ତାହା ପୁରୁଷ ଚକ୍ଷୁକୁ ଲୋଭନୀୟ । ପୁରୁଷର ପରିବର୍ତ୍ତନ ନିଶ, ଦାଢ଼ି, କର୍କଶ ସ୍ୱର ଏହା ପୁରୁଷତ୍ୱର ଲକ୍ଷଣ । ସ୍ତ୍ରୀ ଉପରେ ନିର୍ବାଚନ ଭାର ନଥିବାରୁ ବୋଧହୁଏ ପୁରୁଷର ରୂପଲାବଣ୍ୟର ଅଭିବ୍ୟକ୍ତି ଘଟିନାହିଁ ।

ସ୍ତ୍ରୀମାନେ ଯେ କେବଳ ପୁରୁଷ ଚକ୍ଷୁକୁ ସ୍ୱାଭାବିକ ଲୋଭନୀୟ ଅଟନ୍ତି ଏତିକି ନୁହେଁ - ଏମାନେ ପୁରୁଷକୁ ମୋହିତ ଓ ଆକୃଷ୍ଟ କରିବାକୁ ପ୍ରସାଧନର ସାହାଯ୍ୟ ଲୋଡ଼ିଅଛନ୍ତି । ଏହା ବହୁକାଳର ଅଭ୍ୟାସ । ଆଦିମ ନାରୀ ଗେରୁ, ହଳଦିଆ ମାଟି ଓ ଶ୍ୱେତ ମାଟିଦ୍ୱାରା ଅଙ୍ଗ ଚିତ୍ରିତ କରୁଥିଲା, ଅଳଙ୍କାରର ଅଭାବ ଲତା, ମୃଣାଳ ଦ୍ୱାରା ପୂରଣ କରୁଥିଲା । କାଇଁଚ, ଗୁଞ୍ଜ, ସର୍ବଜୟା ପ୍ରଭୃତି ଫଳର ମାଳା ଆଦିମ ନାରୀର ସୌନ୍ଦର୍ଯ୍ୟବର୍ଦ୍ଧକ ଅଳଙ୍କାର ବୋଲି ବିବେଚିତ ହେଉଥିଲା । ଗମନ ଓ ଅଙ୍ଗଚାଳନାର ସଙ୍କେତ ନିମନ୍ତେ କୌଡ଼ି ପ୍ରଭୃତିର ବ୍ୟବହାର । ଧାତବ ପଦାର୍ଥର ଆବିଷ୍କାର ଉତ୍ତାରୁ ଅଳଙ୍କାର ସ୍ତ୍ରୀମାନଙ୍କଦ୍ୱାରା ପୁରୁଷର ମନ ଆକର୍ଷଣ ନିମନ୍ତେ ବ୍ୟବହୃତ ହେଲା ।

ଅଳଙ୍କାରର ପ୍ରକାର ହେବ ଉଭୟ ସ୍ତ୍ରୀ ଓ ପୁରୁଷଙ୍କ କୃତ ନିର୍ବାଚନ । ସ୍ତ୍ରୀର ବିଭୂଷଣ ପୁରୁଷର ନେତ୍ର ପ୍ରୀତି ନିମନ୍ତେ, କେବଳ ଏତିକି ନୁହେଁ, ତାକୁ ମୋହିତ ଓ ଆକୃଷ୍ଟ କରିବା ନିମନ୍ତେ । ନରନାରୀର ସୌନ୍ଦର୍ଯ୍ୟ ଅନୁଭୂତି ବୃଦ୍ଧି ସଙ୍ଗେ ସଙ୍ଗେ ଅଳଙ୍କାରର ବିକାଶ ଘଟିଅଛି । ଏଣୁ ଆମ୍ଭେମାନେ ରଙ୍ଗ, ତମ୍ବା, କଂସା, ପିତଳ, ରୂପା, ସୁନା ଅଳଙ୍କାରର ଦର୍ଶନ ପାଉଁ । ଯାହା ସୁନ୍ଦର, ଯାହା ଲୋଭନୀୟ, ଯାହା ମୂଲ୍ୟବାନ୍, ତାହା ନାରୀର ସୌନ୍ଦର୍ଯ୍ୟବୃଦ୍ଧି ନିମନ୍ତେ ବ୍ୟବହୃତ ହୋଇଅଛି । ହୀରା, ନୀଳା, ମାଣିକ୍ୟ, ପ୍ରବାଳ ଏବଂ ଅନ୍ୟାନ୍ୟ ମୂଲ୍ୟବାନ୍ ମଣି ନାରୀମାନଙ୍କ ଉପଭୋଗର ସାମଗ୍ରୀ । ବର୍ଣ୍ଣବିନ୍ୟାସ ନିମନ୍ତେ ହରିଦ୍ରା । କୁଙ୍କୁମ ଓ ଅନ୍ୟାନ୍ୟ ପ୍ରସାଧନ ଦ୍ରବ୍ୟର ପ୍ରୟୋଜନ ଓ ସୁଗନ୍ଧ ଦ୍ରବ୍ୟର ଉଦ୍‌ଭାବନ ନାରୀର ଅଙ୍ଗସୌଷ୍ଠବ ଓ ଶାରୀରିକ ଶୋଭାବର୍ଦ୍ଧନ ନିମନ୍ତେ । କେଉଁ ଦୂର ଅତୀତରୁ

Digitized by srujanika@gmail.com

ଆଜିଯାଏ ସ୍ତ୍ରୀର ଅଙ୍ଗସୌଷ୍ଠବ ଓ ଶୋଭାବୃଦ୍ଧି ନିମନ୍ତେ ପୁରୁଷ ନାନାବିଧ ଅଳଙ୍କାର, ନାନାବର୍ଣ୍ଣର ମୂଲ୍ୟବାନ୍ ବସ୍ତ୍ର ଓ ପ୍ରସାଧନ ଦ୍ରବ୍ୟ ନିର୍ମାଣ କରିବାରେ ବୁଦ୍ଧି ଓ ସମୟ ବ୍ୟୟ କରିଅଛି - ତାହା ଭାବିଲେ ବିସ୍ମିତ ହେବାକୁ ପଡ଼େ । କବି ସାଳଙ୍କରା ନାରୀର ରୂପଲାବଣ୍ୟ ବର୍ଣ୍ଣନା କରିବାରେ ବ୍ୟସ୍ତ । ଚିତ୍ରକର ନାରୀର ଛବିକି ଅଳଂକୃତା ଓ ସ୍ୱର୍ଣ୍ଣ କେତକୀ, ଚମ୍ପକବର୍ଣ୍ଣା କରିବାକୁ ଅସ୍ତବ୍ୟସ୍ତ । ଶିଳ୍ପୀ ପ୍ରସ୍ତର ଦେହରେ ପୁରୁଷର ଲୋଭନୀୟ ନାରୀର ଅଙ୍ଗ ପ୍ରତ୍ୟଙ୍ଗ ପରିସ୍ଫୁଟ କରିବା ନିମନ୍ତେ ଚିନ୍ତାଗ୍ରସ୍ତ କାହିଁକି ? ସୁଦୂର ଭୂତକାଳରେ ନରରୂପୀ ପଶୁ ପ୍ରଥମେ ନାରୀ ନିର୍ବାଚନର ଭାର ଗ୍ରହଣ କଲା । ସେଦିନୁ ସୁନ୍ଦରୀର ଆଦର୍ଶ ସେ ଧ୍ୟାନ କଲା, ଯେ କି ତାର ନେତ୍ରପ୍ରୀତିକର ହେବ, ଯେ ତାର ଇନ୍ଦ୍ରିୟଲାଳସା ତୃପ୍ତ କରି ପାରିବ । ଏହି ଇଚ୍ଛା କ୍ରମେ ସ୍ୱଭାବରେ ପରିଣତ ହେଲା । ଯୌନ ନିର୍ବାଚନ ଫଳରୁ ଓ ପାରିପାର୍ଶ୍ୱିକ ନିୟମରୁ ନାରୀର ରୂପଲାବଣ୍ୟ ମଧ୍ୟ ବଢ଼ିଲା । ନରର ତୃପ୍ତି ନାହିଁ । ସେ ନାରୀକୁ ଆହୁରୁ ସୁନ୍ଦରୀ ଦେଖିବାକୁ ଇଚ୍ଛା କଲା । ସ୍ତ୍ରୀ ଅଧିକତର ସୁନ୍ଦରୀ ହେବାକୁ ପ୍ରୟାସୀ ହେଲା । ପ୍ରକୃତିଦତ୍ତ ଶରୀରର ରଙ୍ଗ ଓ ସୌନ୍ଦର୍ଯ୍ୟରେ ମଧ୍ୟ ତୃପ୍ତ ନ ହୋଇ ବେଶଭୂଷାର ଉଦ୍‌ଭାବନ କଲା । ପୁରୁଷ ଯେତେ ଅଳଙ୍କାର, ବସ୍ତ୍ର ଓ ପ୍ରସାଧନ ସାମଗ୍ରୀର ଉଦ୍‌ଭାବନ କଲେ ମଧ୍ୟ ନାରୀର ତହିଁରେ ତୃପ୍ତି ନାହିଁ, ଆବିଷ୍କାର କରି ଚାଲିଛି । ଆଜି ଅଶିକ୍ଷିତା ଗ୍ରାମ୍ୟ ଗରିବ ସ୍ତ୍ରୀମାନେ କାଚ, ଲାଖ ଓ ପିତଳ କଂସାର ଅଳଙ୍କାର ପିନ୍ଧନ୍ତି । ଧନୀ ଘରର ନାରୀମାନେ ସ୍ୱର୍ଣ୍ଣାଳଙ୍କାର ଓ ହୀରାକାଳଙ୍କାର ପିନ୍ଧନ୍ତି । ପାଶ୍ଚାତ୍ୟ ଶିକ୍ଷିତାମାନେ ପାଶ୍ଚାତ୍ୟ ଧରଣର ଅଳ୍ପ ଅଳଙ୍କାର ଓ ପ୍ରସାଧନ ଦ୍ରବ୍ୟ ବ୍ୟବହାର କରନ୍ତି ।

କି ସଭ୍ୟ, କି ଅସଭ୍ୟ ପୁରୁଷ ସ୍ତ୍ରୀକୁ ସୁନ୍ଦରୀ ଦେଖିବାକୁ ଓ ସୁନ୍ଦରୀ ସାଜିବାକୁ ବ୍ୟସ୍ତ ଏବଂ ସ୍ତ୍ରୀଜାତି ପୁରୁଷର ଉଦ୍ଭାବିକା ଶକ୍ତିରୁ ବଳି କିଛି ବ୍ୟବହାର କରିବାକୁ ମଧ୍ୟ ସଦା ଉତ୍କଣ୍ଠିତ । ଏ ରୀତି ଚାଲିଛି ଚାଲିବ । ଏହା ପୃଥିବୀର ଗୋଟାଏ ସ୍ୱାଭାବିକ୍ ରହସ୍ୟ ବୋଇଲେ ଚଳେ । ପଶୁ, ପକ୍ଷୀ, ମନୁଷ୍ୟାଦିର ସ୍ତ୍ରୀ ପୁରୁଷ ଭେଦରେ ପାର୍ଥକ୍ୟ ଉପଲବ୍ଧି ହୁଏ । ରୂପ ନ ଦେଖି ମଧ୍ୟ ସ୍ୱର ଦ୍ୱାରା ସ୍ତ୍ରୀ କି ପୁରୁଷ ତାହା ଅନାୟାସରେ ଜଣାଯାଏ । ଉଷାକାଳ ପୂର୍ବରୁ କୁକ୍‌କୁଟର ଶବ୍ଦ ଗ୍ରାମବାସୀଙ୍କି ଜାଗ୍ରତ କରେ । ଏଣୁ ଆବାଳବୃଦ୍ଧ ସମସ୍ତେ କୁକ୍‌କୁଟ ଶବ୍ଦର ପରିଚୟ ପାଇଛନ୍ତି । ଏହି ପ୍ରକାରେ କୋକିଳ, ମୟୂର, କୁଳିହଂସ, ବିଡ଼ାଳ ପ୍ରଭୃତିଙ୍କ ଧ୍ୱନିରୁ ସ୍ତ୍ରୀ ପୁରୁଷଙ୍କର ଭେଦ ଜଣାଯାଇଥାଏ । ନାରୀର ସ୍ୱର ଓ ସଙ୍ଗୀତ ନରକର୍ଣ୍ଣକୁ ସୁମଧୁର ଓ ସୁଶ୍ରାବ୍ୟ ବୋଧହୁଏ । ନାରୀର ବଚନ ଲାଳିତ୍ୟପୂର୍ଣ୍ଣ ନାରୀର ହାସ୍ୟ, ଅଙ୍ଗଚାଳନା, ଲାସ୍ୟ ଆଦି ନରର ନେତ୍ରପ୍ରୀତିକର ଓ ମନୋମୁଗ୍‌ଧକର ନୁହେଁ କି ? କବିମାନେ ଶିଳ୍ପୀମାନେ ନାରୀର ସୌନ୍ଦର୍ଯ୍ୟ ଓ ଭାବଭଙ୍ଗୀର ଅତିରଞ୍ଜିତ ପସରା ପ୍ରଦର୍ଶନ ଦ୍ୱାରା ନରର ସୌନ୍ଦର୍ଯ୍ୟ ପିପାସା ବଢ଼ାଇଅଛନ୍ତି ବୋଲି ନର ହୃଦୟରେ ବିଶ୍ୱାସ ଜନ୍ମାଇଛନ୍ତି । ପଶୁପକ୍ଷୀଙ୍କ ମଧ୍ୟରେ ସ୍ତ୍ରୀ ପୁରୁଷର ନିତ୍ୟ ସମ୍ଭୋଗ ସାମଗ୍ରୀ ନୁହେଁ । ନର

Digitized by srujanika@gmail.com

ବିବେଚନା କରେ, ନାରୀ ତାର ନିତ୍ୟ ସମ୍ଭୋଗ ସାମଗ୍ରୀ ଏବଂ ନାରୀ ଯେ ତାହା ସ୍ୱୀକାର ନ କରେ ଏପରି ନୁହେଁ। ମନୁଷ୍ୟ ବୁଦ୍ଧିଜୀବି। ତାର ସ୍ମରଣଶକ୍ତି ଇତର ଜୀବ ଅପେକ୍ଷା ଅସାଧାରଣ; ଏଣୁ ସନ୍ତାନ ଉତ୍ପାଦନ ନିମନ୍ତେ ଯେ ସ୍ତ୍ରୀ ପୁରୁଷର ସଂଯୋଗ ଆବଶ୍ୟକ ତାକୁ ମନୁଷ୍ୟ ସୁଖକର ମନେକଲା ଓ ସ୍ମରଣ ରଖିଲା। କାଳକ୍ରମେ ତାହା ଅଭ୍ୟାସ ଓ କ୍ରମେ ସ୍ୱଭାବରେ ପରିଣତ ହୋଇଅଛି। ବୟଃପ୍ରାପ୍ତ, ହୃଷ୍ଟପୁଷ୍ଟ, ସୁନ୍ଦରୀଗାଭୀ ବୃଷଭ ସମକ୍ଷରେ ଦଣ୍ଡାୟମାନ ଥିଲେ ବା ବିଚରଣ କରୁଥିଲେ ସୁଦ୍ଧା ବୃଷଭ ଗାଭୀଙ୍କ ପ୍ରତି ଦୃକ୍‌ପାତ କରେ ନାହିଁ। ତାର କାମଲାଳସାର ଉଦ୍ରେକ ହୁଏ ନାହିଁ।

ଅନ୍ୟାନ୍ୟ ପଶୁ ଓ ପକ୍ଷୀମାନଙ୍କଠାରେ ତଦ୍ରୂପ ଆଚରଣର ନିଦର୍ଶନ ମିଳେ। ଗର୍ଭଧାରଣର ଉପଯୁକ୍ତ ସମୟ ଭିନ୍ନ ଅନ୍ୟ କୌଣସି ସମୟରେ ସେମାନଙ୍କର କାମ ପ୍ରବୃତ୍ତିର ଉଦ୍ରେକ ହୁଏ ନାହିଁ। କେବଳ ଏତିକି ନୁହେଁ, ସ୍ତ୍ରୀ ଯେ ସହବାସ ଫଳରେ ଗର୍ଭଧାରଣ କରେ, ଏହା ସେମାନଙ୍କୁ ତତ୍‌କ୍ଷଣାତ୍ ଜଣାପଡ଼େ। ଏଣୁ ସେମାନେ ଗର୍ଭିଣୀର ସହବାସ କରନ୍ତି ନାହିଁ। ଗର୍ଭିଣୀ ପ୍ରତି ସେମାନଙ୍କର ଅସାଧାରଣ ସମ୍ମାନ। ନରର ତାହା ନାହିଁ। ସହବାସ ଉତ୍ତାରୁ ନାରୀ ଗର୍ଭଧାରଣ କଲା କି ନାଁ, ତାହା ନର ବୁଝିପାରେ ନାହିଁ। ନରର ବିବେଚନାରେ ସନ୍ତାନ ଜନ୍ମ ସମ୍ଭୋଗ ଅପେକ୍ଷା ଗୌଣ। ଏଣୁ ସେ ନାରୀର ଗର୍ଭଧାରଣ ଜ୍ଞାନ ହରାଇଛି। ଏଣୁ ମଧ୍ୟ ସେ ଅନ୍ତତଃ କିଛି କାଳ ନିମନ୍ତେ ଗର୍ଭବତୀର ସମ୍ମାନ ରକ୍ଷା କରିପାରେ ନାହିଁ। ସ୍ତ୍ରୀର ଗର୍ଭଲକ୍ଷଣର ଜ୍ଞାନ ମନୁଷ୍ୟ ଅପେକ୍ଷା ପଶୁ ଓ ପକ୍ଷୀଙ୍କର ଅଧିକ।

(ଖ)

ନର ଓ ନାରୀର ଶକ୍ତିର ଓ ଗୁଣର ତାରତମ୍ୟ ଅଛି। ଶାରୀରିକ ବଳରେ ନର ନାରୀ ଅପେକ୍ଷା ଶ୍ରେଷ୍ଠ। ଶାରୀରିକ ଗଠନ ଏଥିର ମୂଳ କାରଣ, ତାହା ଆମ୍ଭେମାନେ ପୂର୍ବେ କହିଅଛୁଁ। ନରର ଏ ଶ୍ରେଷ୍ଠତ୍ୱ ପ୍ରକୃତିଦତ୍ତ ବୋଇଲେ ଅତ୍ୟୁକ୍ତି ନୁହେଁ। ପୁଣି ଚିରାଭ୍ୟାସ ଶକ୍ତି ଓ ସାମର୍ଥ୍ୟକୁ କ୍ରମେ ବୃଦ୍ଧି କରିଅଛି। ସହଜ କର୍ମଲିପ୍‌ସା ହେତୁରୁ ନାରୀର ଶକ୍ତି ଓ ସାମର୍ଥ୍ୟ କ୍ରମେ ହ୍ରାସ ହୋଇଅଛି। ଏ ହେତୁରୁ ଆମ୍ଭେମାନେ ନର ନାରୀର ଶକ୍ତି ଓ ବଳର ତାରତମ୍ୟ ଦେଖିବାକୁ ପାଉଁ। ଯେତେ ଯତ୍ନ କଲେ ମଧ୍ୟ ନାରୀ ନରର ଶକ୍ତିମତ୍ତା ଅର୍ଜନ କରିବାକୁ କଦାପି କ୍ଷମ ହେବା ସମ୍ଭବ ନୁହେଁ। ଏତାଦୃଶ ଶକ୍ତିବୈଷମ୍ୟ ସତ୍ତ୍ୱେ ନର ଓ ନାରୀର ସମାଜ ରକ୍ଷା ସନ୍ନିବଦ୍ଧ। ସମାଜବଦ୍ଧ ନିକୃଷ୍ଟ ଜୀବମାନଙ୍କ ମଧ୍ୟରେ ମଧ୍ୟ ଏ ଦୃଷ୍ଟାନ୍ତର ଅଭାବ ନାହିଁ।

ସମାଜ ରକ୍ଷା ଓ ବଂଶରକ୍ଷା ନିମନ୍ତେ ନାରୀ ନରର ବଶବର୍ତ୍ତିତା ସ୍ୱୀକାର କରେ। ଏହି ବଶବର୍ତ୍ତିତା ସ୍ୱେଚ୍ଛାକୃତ। ଏହାକୁ ଅଧୀନତା ବୋଲାଯାଇପାରେ କି ନା, ତାହା

Digitized by srujanika@gmail.com

ସନ୍ଦେହର ବିଷୟ । ତେବେ ନାରୀ ନରର ଅଧୀନା ନୁହେଁ ଏହା ନିଶ୍ଚିତ । ନର ଓ ନାରୀର ସମ୍ପର୍କ ବା ସମ୍ବନ୍ଧ ପରସ୍ପର ସମ୍ମତିପ୍ରସୂତ । ବୈବାହିକ ସମ୍ପର୍କ ଦ୍ୱାରା ଏହା ସ୍ଥିରୀକୃତ ହୁଏ । ଗୋଟାଏ ହୀନବଳ ଜାତିକୁ ଅପର ବଳଶାଳୀ ଜାତି ଯେପରି ଛଳେ ବଳେ କୌଶଳେ ନିଜର ଅଧୀନ କରି ରଖେ ଏବଂ ପରାଜିତ ଜାତିକୁ ଯେପରି ଜେତାର ପରାଧୀନ ବୋଲାଯାଏ, ସେପରି ନାରୀକୁ ନରର ଅଧୀନ ବୋଲିବା ସଙ୍ଗତ ନୁହେଁ। ଏଣୁ ପର ବା ଶତ୍ରୁର ଅଧୀନ ଯେଉଁ ଜାତି ସେ କେବଳ ପରାଧୀନ ।

ଅତି ପୂରାକାଳରେ ନର ଓ ନାରୀର ଗାର୍ହସ୍ଥ୍ୟ ସମ୍ବନ୍ଧ ସ୍ଥିରୀକୃତ ହେଲା । ସେହି ସନ୍ଧି ସୂତ୍ରରେ ନର ଓ ନାରୀର କାର୍ଯ୍ୟବିଭାଗ ଥିଲା । ନର ଗ୍ରହଣକଲା କଠିନ କାର୍ଯ୍ୟଭାର, ନାରୀ ପାଇଲା ସହଜ କର୍ମର ଭାର । କ୍ରମେ ତାହା ଅଭ୍ୟାସରେ ପରିଣତ ହେଲା । ନର ହେଲେ ସବଳ, ନାରୀ ହେଲା ଅନୁପାତାନୁସାରେ ଦୁର୍ବଳ । ଯୁଦ୍ଧାଦି ଗୁରୁତର ଭାର ନର ଉପ୍ପରେ, ଏହା ଦେଖି ନାରୀ ଆପଣାକୁ ଦୁର୍ବଳ ଭାବେ । ବସ୍ତୁତଃ ତାହା ସତ୍ୟ । ଉପରେ ଯାହା ଲେଖାଗଲା, ତାହା କେବଳ ଶାରୀରିକ ବଳ ସମ୍ବନ୍ଧରେ । ମାନସିକ ବଳ ବିଷୟ ଉପରେ ବିପର୍ଯ୍ୟ । ନାରୀ ଯେଉଁ ଶାରୀରିକ ବିଶେଷତ୍ୱ ହରାଇଛି, ତାହା ଲାଭ କରିବା ସମ୍ଭବ କି ? ଅର୍ଥାତ୍ ଶାରୀରିକ ଶକ୍ତିରେ ସେ ନରର ସମକକ୍ଷ ହୋଇ ପାରିବ କି ? ଅସମ୍ଭବ । ନାରୀଜାତି ଯାହା କାଳକ୍ରମେ ହରାଇଛି, ତାହା ବହୁ ଚେଷ୍ଟା ସତ୍ତ୍ୱେ ଆଉ ପାଇବ ନାହିଁ । ଏହା ଜଣେ ଦୁଇ ଜଣର କଥା ନୁହେଁ, ଗୋଟାଏ ଜାତିର କଥା, ଯାହା ପ୍ରକୃତିଦତ୍ତ ତାହା ଅନ୍ୟଥା ହେବାର ନୁହେଁ। ଚିରକାଳ ନର ଓ ନାରୀର ଶକ୍ତିବୈଷମ୍ୟ ରହିବ । ତେବେ କେତେକ ଶାରୀରିକ ଶକ୍ତି ବ୍ୟବହାରରୁ ନର ନାରୀକୁ ଯାହା ବଞ୍ଚିତ କରି ରଖିଅଛି ତାହା ନାରୀ କରିପାରିବାର ଅଧିକାର ପାଇବ ଓ କରିପାରିବ ।

ନର ଓ ନାରୀର ମାନସିକ ବଳ ତୁଳନା କରିବା ସହଜ ନୁହେଁ । ସହଜ ନୁହେଁ ଏହି ନିମିତ୍ତ ଯେହେତୁ ନାରୀ ଆପଣାର ମାନସିକ ବଳ ଦେଖାଇବାକୁ ଅଧିକାରଚ୍ୟୁତା । ନାରୀ ଧନ ଉପାର୍ଜନ ଅଧିକାରରୁ ଯେପରି ବଞ୍ଚିତା, ବିଦ୍ୟା ଉପାର୍ଜନର ଅଧିକାରରୁ ତତୋଽଧିକ ବଞ୍ଚିତା । ସ୍ୱାର୍ଥପର ନର ଏହି ଦୁଇ ପନ୍ଥାର ନିୟନ୍ତ୍ରଣ ଦ୍ୱାରା ଆପଣାର ବୈଶିଷ୍ଟ୍ୟ ରକ୍ଷା କରିବାକୁ ସମର୍ଥ ହୋଇଅଛି । ପ୍ରଶ୍ରୟ ପାଇଲେ ନାରୀ ବିଦ୍ୟାର୍ଜନରେ ନରର ସମକକ୍ଷା ହୋଇପାରନ୍ତା, ଏଥିରେ ସନ୍ଦେହ ନାହିଁ । ପ୍ରଶ୍ରୟ ପାଇଲେ ଯେ କୌଣସି ଜାତିର ନର ଯେପରି ବୁଦ୍ଧି ଅନୁସାରେ ବିଦ୍ୟାଲାଭ ଓ ଜ୍ଞାନଲାଭ କରିପାରେ, ନାରୀ ମଧ ପ୍ରଶ୍ରୟ ପାଇଲେ ତଦ୍ରୂପ ଜ୍ଞାନ ଓ ବିଦ୍ୟାଲାଭ କରିପାରିବ ।

ପୁରୁଷ ନାରୀର ଯେଉଁ ଅଧିକାର ଜୋରପୂର୍ବକ ଛଡ଼ାଇ ନେଇଅଛି, ତାହା ସ୍ତ୍ରୀ ଜୋର୍ ଦ୍ୱାରା ପୁନଃପ୍ରାପ୍ତ ହୋଇପାରିବ ନାହିଁ । ଯେହେତୁ ବହୁକାଳର ଅନଭ୍ୟାସ ସେ ଜୋର୍‌ରୁ ନାରୀକୁ ବଞ୍ଚିତ କରି ରଖିଅଛି । ନାରୀ ଯାହା ପାଇବାର ଅଧିକାରିଣୀ, ତାହା

Digitized by srujanika@gmail.com

ସନ୍ଧିସୂତ୍ରରେ ପାଇବ । ନର କ୍ରମେ ଉଦାରଭାବାପନ୍ନ ହୋଇ ତାହା ନାରୀଙ୍କୁ ଦେବାକୁ ଦ୍ୱିଧାବୋଧ କରିବ ନାହିଁ ।

ଜେତା ଓ ବିଜିତ ମଧ୍ୟରେ ଯେମନ୍ତ ସନ୍ଦେହ ଚିର ରାଜତ୍ୱ କରେ, ସେହିପରି ନର ଓ ନାରୀ ମଧ୍ୟରେ ସନ୍ଦେହ ରାଜତ୍ୱ କରେ । ଏଥିନିମନ୍ତେ ନର ନାରୀକୁ ତାହାର ନ୍ୟାର୍ଯ୍ୟ ଦାବୀ ମଧ୍ୟ ଛାଡ଼ିବାକୁ ରାଜି ହୁଏ ନାହିଁ । ନାରୀ ଅବଳା ହୋଇଥିବା ହେତୁ ନର ଆପଣା ସ୍କନ୍ଧରେ ନାରୀର ରକ୍ଷଣ ଭାର ପ୍ରକୃତିଦତ୍ତ ବୋଲି ବିବେଚନା କରେ; ସୁତରାଂ ନାରୀ ନରଠାରୁ ସ୍ୱତନ୍ତ୍ର ରହିଲେ କୌଣସି ଅନିଷ୍ଟ ଘଟିବ (ବିଶେଷତଃ ଯୌନ ସମ୍ବନ୍ଧୀୟ ଅନିଷ୍ଟ), ଏ ଆଶଙ୍କା ନରର ଥାଏ । ଏହି ହେତୁରୁ ଈର୍ଷାର ସୃଷ୍ଟି; ନାରୀରକ୍ଷାକୁ ସ୍ୱସ୍ୱତ୍ୱରକ୍ଷା ତୁଲ୍ୟ ନର ବିଚାର କରେ । ବହୁକାଳର ଅଭ୍ୟାସ ଦୃଢ଼ୀଭୂତ ହୋଇଅଛି । ସନ୍ଦେହ ଦୂର ହେବ କିପରି ? ପଶୁମାନଙ୍କ ମଧ୍ୟରେ ମଧ୍ୟ ଏ ଈର୍ଷା ବିଦ୍ୟମାନ ଥିବା ଦେଖାଯାଏ । ନର ଉତ୍ତରାଧିକାରୀ ସ୍ୱତ୍ୱରେ ଏହି ହିଂସାବୃତ୍ତି ପଶୁଠାରୁ ପାଇଅଛି । ପଶୁ ମଧ୍ୟରେ ଆପଣା ଦଳଭୁକ୍ତ ସ୍ତ୍ରୀ ପଶୁଠାରେ ଅପର ପୁରୁଷ ଉପଗତ ହେଲେ ବା ଉପଗତ ହେବାକୁ ଉଦ୍‌ଯୋଗ କଲେ ପୁରୁଷ-ପଶୁ ଈର୍ଷାରେ ପ୍ରଜ୍ୱଳିତ ହୋଇ ଅନଧିକାରୀ ପଶୁକୁ ମାରେ ବା ଲଢ଼େଇ କରୁ କରୁ ନିଜେ ମରେ । ମାତ୍ର ତଜ୍ଜାତୀୟ ସ୍ତ୍ରୀ ପଶୁ ନିଜର ଦଳପତିକୁ ଅନ୍ୟ ସ୍ତ୍ରୀ-ପଶୁଠାରେ ଉପଗତ ହେବା ଦେଖି ଈର୍ଷାନ୍ୱିତା ହୁଏ ନାହିଁ କିମ୍ବା ସେଥିନିମନ୍ତେ ଯୁଦ୍ଧାରମ୍ଭ କରେ ନାହିଁ । ନର ଓ ନାରୀଠାରେ ମଧ୍ୟ ଈଦୃଶ ବ୍ୟବହାର ଦେଖାଯାଏ । ନାରୀ ଅପେକ୍ଷା ନର ବେଶୀ ଈର୍ଷାନ୍ୱିତ; ଖୁଣଖରାପି (ହତ୍ୟାକାଣ୍ଡ ବା ରକ୍ତପାତ) ନରଦ୍ୱାରା ଯେତେ ହୁଏ ତାର ଶତାଂଶର ଏକାଂଶ ନାରୀଦ୍ୱାରା ହୁଏ କି ନାହିଁ ସନ୍ଦେହ । ନର ବଳଶାଳୀ ଓ ସହାୟବାନ; ଏଣୁ ନାରୀଧର୍ଷଣରେ ତାର ଭୟ ବା ଲଜ୍ଜା ନ ଥାଏ । ତାହାର ପଶୁପୂର୍ବପୁରୁଷର ଅଭ୍ୟାସ ଅଦ୍ୟାପି ରହିଥିବା ନର ପକ୍ଷରେ କି କମ୍ ଲଜ୍ଜାର ଓ ଦୁଃଖର କଥା ।

ଶାସ୍ତ୍ରକାର ଓ କବିମାନେ ନାରୀର ନିନ୍ଦା ଓ ଅବମାନନା କରିବାରେ ଶତମୁଖ । ସେମାନଙ୍କ ମତରେ ନାରୀର ସଂଯମ ନର ତୁଳନାରେ କମ୍ । ସେମାନେ କୁହନ୍ତି ନାରୀ ସ୍ୱତନ୍ତ୍ରା ରହିବା ଉଚିତ୍ ନୁହେଁ । ସ୍ୱତନ୍ତ୍ରା ହେଲେ ସେ ଭ୍ରଷ୍ଟା ହେବ । ଏହା ବୋଧହୁଏ ସେମାନଙ୍କର ହୃଦ୍‌ଗତ ଭାବ । ମାତ୍ର ନାରୀକୁ ଭ୍ରଷ୍ଟା କରେ କିଏ ? ନର ତ ! ତେବେ ସଂଯମର ଅଭାବ କାହାଠାରେ ? ନାରୀର ତ କୌଣସି ବଳ ନାହିଁ । ଅଛି ମାତ୍ର ରୂପ । ଯେବେ ରୂପ ଦେଖି ନର ଆକୃଷ୍ଟ ହୁଏ ଏବଂ ଛଳରେ ବଳରେ ବା କୌଶଳରେ ନାରୀକୁ ପାଇବାକୁ ଚେଷ୍ଟା କରେ ଏବଂ ପାଏ ତେବେ ଦୋଷ କାହାର ?

ଷଷ୍ଟିତମବର୍ଷୀୟ ବୃଦ୍ଧ ଯେବେ ଦଶବର୍ଷିୟା ବାଳିକାର ପାଣିପୀଡ଼ନ କରି ଅଳ୍ପକାଳ ପରେ ଇହଧାମ ତ୍ୟାଗ କରେ, ବାଳିକା ଯେ ସାରାଜୀବନ ପତି ଧ୍ୟାନରେ ପରଜନ୍ମରେ ବୃଦ୍ଧପତି ପ୍ରାପ୍ତ୍ୟାଶାରେ ବ୍ରହ୍ମଚର୍ଯ୍ୟ ପାଳନ କରି ହବିଷ୍ୟାନ୍ନ ଓ ଏକାଦଶୀ ବ୍ରତପାଳନରେ

Digitized by srujanika@gmail.com

ନିଯୋଜିତ ହୁଏ, ଏହା କି ପୁରୁଷ ପକ୍ଷରେ ଘୋର ଅସଂଯମର ପରିଚ୍ୟାୟକ ନୁହେଁ? ତଥାପି ସ୍ତ୍ରୀର ଚରିତ୍ରରେ ଦୋଷାରୋପ କରିବା ନରର ସଂକୀର୍ଣ୍ଣ ପକ୍ଷପାତିତା ନୁହେଁ କି ? ଆମ୍ଭେମାନେ ଯେବେ ନିଷ୍ପକ୍ଷପାତ ବିବେଚନା କରିବା, ତାହା ହେଲେ ଅନାୟାସରେ ଜାଣିପାରିବା ଯେ, ନାରୀର ଯାବତୀୟ ଦୋଷ ଓ ନିନ୍ଦା ନିମନ୍ତେ ନର ଦାୟୀ । ନର ସମୂହ ଉଚ୍ଚଚେତା, ସଂଯମୀ ଓ ଦୋଷଶୂନ୍ୟ ହେଲେ ନାରୀସମୂହ ସେହିପରି ଦୋଷଶୂନ୍ୟା ହେବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ମାତ୍ର ତାହା କି କେବେ ହେବ ଫଳରେ ?

ନାରୀ ବିଶ୍ୱାସଯୋଗ୍ୟା ନୁହେଁ ବୋଲି ଶାସ୍ତ୍ରକାରମାନେ କହନ୍ତି । ଏ ଉକ୍ତି ଠିକ୍ ବା ଭୁଲ ଏହା ସ୍ପଷ୍ଟ ଭାବରେ ପ୍ରକାଶ କରିବା କଠିନ । ଏହା ସର୍ବବାଦୀସମ୍ମତ ନୁହେଁ କିମ୍ବା ସବୁ ସ୍ଥଳରେ ପ୍ରଯୁଜ୍ୟ ନୁହେଁ । ନାରୀ ଅବିଶ୍ୱାସିନୀ ହୁଏ; ଯେବେ ସେ ଅନ୍ୟ ପୁରୁଷ ଦ୍ୱାରା ନଷ୍ଟା ହୋଇଥାଏ, ନାରୀ ଅବିଶ୍ୱାସିନୀ ହୁଏ, ଯେବେ ଆପଣା ସ୍ୱାମୀ ଅତ୍ୟାଚାରୀ ହୁଏ କିମ୍ବା ବୃଥାରେ ନିଜ ସ୍ତ୍ରୀ ଉପରେ ବିଶ୍ୱାସ ହରାଇଥାଏ । ମୁକ୍ତି ଆକାଂକ୍ଷା ଯାହାର ସବୁଠାରୁ ଶ୍ରେଷ୍ଠ, ନର ହେଉ ବା ନାରୀ ହେଉ, ତାହାର ଅନୁଧାବିତ ପନ୍ଥାକୁ ଅତ୍ୟାଚାରୀ ବା ଅଧିକାରୀ ଅବିଶ୍ୱାସ ଚକ୍ଷୁରେ ଦେଖିବ, ଏହା ସ୍ଥିରନିଶ୍ଚିତ କଥା । କେତେଜଣଙ୍କ ଦୋଷ ସମଗ୍ର ଜାତିର ଦୋଷ ବୋଲି ବିବେଚିତ ହେବା ସଙ୍ଗତ ନୁହେଁ । ଅଧିକାର ବଞ୍ଚିତ, କି ନରର, କି ନାରୀର, ମନ ଓ କାର୍ଯ୍ୟ କୁଟିଳ ହେବା ସ୍ୱାଭାବିକ । ଏଣୁ ନର ତୁଳନାରେ ନାରୀର ମନ କିଞ୍ଚିତ୍ କୁଟୀଳ । ଏହା ଅସ୍ୱୀକାର୍ଯ୍ୟ ନୁହେଁ ।

ନର ଅପେକ୍ଷା ନାରୀଦ୍ୱାରା ବେଶି ମନ୍ତ୍ରଭେଦ ହୁଏ, ଅର୍ଥାତ୍ ନାରୀ ରହସ୍ୟରକ୍ଷା କରିବାକୁ ସାଧାରଣତଃ ନର ଅପେକ୍ଷା ବେଶୀ ଅକ୍ଷମ । କି ହେତୁ ନାରୀର ଏ ଅଭ୍ୟାସ ହେଲା, ତାହା କହିବା କଠିନ । ତେବେ ନାରୀର କର୍ଣ୍ଣଗୋଚର ହେଲେ ଗୁପ୍ତକଥା କର୍ଣ୍ଣରୁ କର୍ଣ୍ଣାନ୍ତରକୁ ଯାଏ, ଏହା ଅସ୍ୱୀକାର କରିହେବ ନାହିଁ ।

ଅନୁକରଣପଟୁତା ନାରୀଠାରେ ବେଶୀ । ସୁବିଧା ମିଳିଲେ ନାରୀ ସତ୍ ହେଉ ବା ଅସତ୍ ହେଉ କୌଣସି କାର୍ଯ୍ୟକୁ, ନର ଅପେକ୍ଷା ଅଧିକତର ଶୀଘ୍ର ଅନୁକରଣ କରିପାରେ । ଅନୁକରଣଶକ୍ତି ଉନ୍ନତିବିଧାୟକ । ସତ୍‌ର ଅନୁକରଣ ହେଲେ ଉତ୍ତମ-ଅସତ୍‌ର ଅନୁକରଣ ହେଲେ ଅନିଷ୍ଟ । ଯାହାହେଉ, ଏ କ୍ଷମତା ନାରୀଠାରେ ବେଶୀମାତ୍ରାରେ ବିଦ୍ୟମାନ ।

ଅନ୍ୟଭାଷାରେ ଉଚ୍ଚାରଣ ଯେପରି ନାରୀ କଣ୍ଠରେ ଅନୁକୃତ ହୁଏ, ପୁରୁଷ କଣ୍ଠରେ ତାହା ହୋଇପାରେ ନାହିଁ । ନାରୀ ଯେପରି ଅନ୍ୟ ଭାଷା ଶିକ୍ଷାରେ ପଟୁତା ଅର୍ଜନ କରିପାରେ, ନର ସେଭଳି ପାରେ ନାହିଁ । ଏହା ଅବଶ୍ୟ କଥ୍ୟ ଭାଷା ସମ୍ବନ୍ଧେ ପ୍ରଯୋଜ୍ୟ ।

ନର ଓ ନାରୀର ସମ୍ବନ୍ଧ ଅବିଚ୍ଛେଦ୍ୟ । ଏ ସମ୍ବନ୍ଧ ଚିରକାଳ ରହିବ । ଏଣୁ ନାରୀ ନିଜକୁ ନରର ପରାଧୀନା କିମ୍ବା ନର ନାରୀକୁ ତାର ପରାଧୀନା ଭାବିବା ଉଚିତ ନୁହେଁ ।

Digitized by srujanika@gmail.com

ଉଭୟଙ୍କ ଗ୍ରାହସ୍ଥ୍ୟ ଓ ସାମାଜିକ କାର୍ଯ୍ୟଭାର ମଧ୍ୟରେ ବୈଷମ୍ୟ ଥିଲେ ସୁଦ୍ଧା ଉଭୟଙ୍କ ମହତ୍ୱ ଓ ମର୍ଯ୍ୟାଦା ସମାନ ବୋଲି ଭାବିବା ଉଚିତ୍। ମାତ୍ର ନର ସ୍ୱାର୍ଥପର ହୋଇ ଏହା ଭାବିବାକୁ ଭୁଲିଯାଏ। ଏଣୁ ସମାଜ ଓ ଜାତିଭେଦରେ ନର ଓ ନାରୀର ସମ୍ମାନ ଏବଂ ମର୍ଯ୍ୟାଦାରେ ଭେଦ ଘଟିଅଛି। ପ୍ରବାଦ ଅଛି "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା"। ଏହା ସିନା ପୋଥିରେ ଅଛି; ମାତ୍ର କାର୍ଯ୍ୟରେ ତ ଦେଖାଯାଏ ନାହିଁ। ହିନ୍ଦୁନାରୀ ପୂଜିତା ହେବା କଥା ତେଣେ ଥାଉ, ଅନେକଙ୍କ ମତରେ ନାରୀ ଜିଅନ୍ତା ଅସ୍ଥାବର ସମ୍ପତ୍ତିତୁଲ୍ୟ କେବଳ ହସ୍ତାନ୍ତର ହେବା ବ୍ୟତୀତ ଅନ୍ୟ ସବୁ ପ୍ରକାର ଗାର୍ହସ୍ଥ୍ୟ ବ୍ୟବହାରରେ ଲାଗିପାରେ। ନାରୀର ସମ୍ମାନ ଏ ଦେଶରେ ଅତି କମ୍, ସ୍ଥଳବିଶେଷରେ ନାହିଁ କହିଲେ ଚଳେ। ଏଥିର ଫଳରେ ଆମର ଜାତୀୟ ଅବନତି ଓ ନୈତିକ ଅଧୋଗତି। ଏଥିନିମନ୍ତେ ଆମ ଶାସ୍ତ୍ରକାରମାନେ ଓ ନୀତିଜ୍ଞମାନେ ଦାୟୀ ନୁହନ୍ତି କି ?

(ଗ)

ସମଗ୍ର ଜଗତରେ ଦୁଇଗୋଟି ଜାତି - ପୁରୁଷ ଓ ସ୍ତ୍ରୀ, ନର ଓ ନାରୀ। ନରମାନଙ୍କ ମଧ୍ୟରେ ଯେପରି ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦିତା ଅଛି, ନାରୀ ମଧ୍ୟରେ ସେପରି ନାହିଁ। ତହିଁର ବିସ୍ତର କାରଣ ଅଛି। ତହିଁର ବିଶେଷ ଆଲୋଚନା ନିମନ୍ତେ ପ୍ରବନ୍ଧରେ ସ୍ଥାନ ମିଳିବା ସମ୍ଭବ ନୁହେଁ - ସମ୍ଭବତଃ ଅତି ପ୍ରାଚୀନ କାଳରୁ ଗୃହକର୍ମ ଓ ସନ୍ତାନ ପାଳନ ନାରୀକୁ ସ୍ୱଜାତି ସହିତ କିମ୍ବା ନର ସହିତ ପ୍ରତିଦ୍ୱନ୍ଦିତା ଓ ପ୍ରତିଯୋଗିତା ଭିଆଇବାକୁ ଅବସର ଦେଇ ନାହିଁ, ଏଣୁ ନାରୀ ନୈଜ ଓ ସ୍ୱଜାତୀୟ ପ୍ରତିଦ୍ୱନ୍ଦିତା ଓ ପ୍ରତିଯୋଗିତା ଦ୍ୱାରା ଲାଭବତୀ ହେବାକୁ ଆଶା ରଖେ ନାହିଁ। ନରର ପ୍ରତିଦ୍ୱନ୍ଦିତା ଓ ପ୍ରତିଯୋଗିତା ଦ୍ୱାରା ନାରୀ ଆପଣାର ଓ ଆପଣା ଜାତିର ସ୍ୱାର୍ଥ ଲାଭାଂଶରୁ ନିରସ୍ତ ଥାଏ। ପ୍ରତିଦ୍ୱନ୍ଦିତା ଓ ପ୍ରତିଯୋଗିତା ଦ୍ୱାରା ନିଜର ଓ ନିଜ ଜାତିର ମହତ୍ୱ ବିଶେଷତଃ ବଢ଼ାଇବାକୁ ନର ସଦା ଯତ୍ନଶୀଳ। ଯୁଦ୍ଧ ବିଗ୍ରହ ପ୍ରଭୃତି ନର ଦ୍ୱାରା ଉଦ୍ଭାବିତ ହୁଏ। ଦେଶ ଲୁଣ୍ଠନ, ପ୍ରଜାପୀଡ଼ନ ଅତ୍ୟାଚାର ହିଁ ନର କରିଥାଏ। ଏପରି କାର୍ଯ୍ୟରେ ନାରୀର ସହାୟତା କିମ୍ବା ହାତ ନାହିଁ। କ୍ରୂର ଓ କଠିନ ଦଣ୍ଡର ଉଦ୍ଭାବକ ନର। ଦଣ୍ଡର ଉପାୟ ବା ଯନ୍ତ୍ରପାତିର ଉଦ୍ଭାବନ କର୍ତ୍ତା ନର। ବିଚାରକର୍ତ୍ତା ଓ ଦଣ୍ଡଦାତା ନର। ନରର ବିଚାରରେ ଓ ଦଣ୍ଡଦାନରେ ନାରୀର ହୃଦୟ ଭୟାର୍ତ୍ତ ହୁଏ। ନର ଓ ନାରୀ ଏକାସନରେ ବସି ପ୍ରଥମରୁ ଶାସନପନ୍ଥା ଓ ଦଣ୍ଡନିୟମ ପ୍ରଣୟନ କଲେ ମାନବଜାତିର ଦଣ୍ଡବିଧି କି ଆକାର ଧାରଣ କରିଥାନ୍ତା ତାହା ବର୍ତ୍ତମାନ ଚିନ୍ତାର ଅଗୋଚର। ନର ବଳପୂର୍ବକ ନାରୀକୁ ବିଚାର ଆସନରୁ ବଞ୍ଚିତ କଲା କିମ୍ବା ନାରୀ ନରର କର୍କଶ ଭାବ ଦର୍ଶନ କରି ନିଜେ ଅପସରିଗଲା, ଏହା ନିର୍ଦ୍ଦେଶ କରିବା କଠିନ। ତେବେ ଅନୁମାନ କରାଯାଇପାରେ ଯେ କୋମଳପ୍ରାଣା ନାରୀକୁ ଶାସନ ଓ

Digitized by srujanika@gmail.com

ଦଣ୍ଡବିଧାନ ନିମନ୍ତେ ଅନୁପଯୁକ୍ତା ଭାବି ନର ତାକୁ ଏ ଅଧିକାରରୁ ବଞ୍ଚିତ କରି ରଖିଅଛି । ଅଧୁନା ସେ ଅଧିକାର ନାରୀର ପାଇବା ଉଚିତ୍ କି ନା, ଏହା ଭବିଷ୍ୟତ ବଂଶଧରମାନଙ୍କର ବିଚାର୍ଯ୍ୟ ।

ନାରୀକୁ ପାଇବା ନିମନ୍ତେ ନର ଯୁଦ୍ଧ କରିଥିବାର ନିଦର୍ଶନ ଇତିହାସ ଓ ପୁରାଣାଦିରେ ଦେଖାଯାଏ; ମାତ୍ର ନାରୀର ପ୍ରେରଣାରେ ସ୍ୱଜାତି ରକ୍ଷା କଳ୍ପେ ବା ଦେଶବିସ୍ତାର ନିମନ୍ତେ କୌଣସି ଯୁଦ୍ଧଘୋଷଣା ହୋଇଥିବା ନିଦର୍ଶନ କ୍ୱଚିତ୍ ଦୃଷ୍ଟ ହୁଏ ।

ସମାଜ, ଜାତି ଓ ଦେଶରକ୍ଷା ନିମନ୍ତେ ଯାବତୀୟ କଠିନ, କ୍ରୂର ଓ ବର୍ବର କର୍ମ ଓ ବିଧିବ୍ୟବସ୍ଥା ପ୍ରଣୟନ ନିମନ୍ତେ ନର ହିଁ ଉପଯୁକ୍ତ । କୋମଳପ୍ରାଣା ନାରୀର ସହାନୁଭୂତି ଓ ସାହଚର୍ଯ୍ୟ ନାମମାତ୍ର ଥାଇପରେ; ମାତ୍ର ମୂକ ଭାବରେ; ନାରୀର ସେଥିରେ ହାତ ନଥାଏ । ଏବଂବିଧ ନାନା କାରଣରୁ ନାରୀ ଦେଶରକ୍ଷା, ଗୃହରକ୍ଷା ଏମନ୍ତ କି ଆତ୍ମରକ୍ଷା ନିମନ୍ତେ ଅସମର୍ଥ । ନାରୀ କେବେ ଯେ ନରର ଏ ସମସ୍ତ ବିଷୟରେ ସମକକ୍ଷ ହୋଇପାରିବ, ଏ ଆଶା କଦାପି କରାଯାଇ ନ ପାରେ । ଏ ବୈଷମ୍ୟ ପ୍ରାକୃତିକ ବୋଲିବା ଭିନ୍ନ ଆମମାନଙ୍କ ପରି ବ୍ୟକ୍ତିର ମସ୍ତିଷ୍କରେ ଅନ୍ୟ ଧାରଣା ଜନ୍ମିବା ଅସମ୍ଭବ ।

ନାନା ଆଲୋଚନା ଉତ୍ତାରୁ ହୃଦୟରେ ଏ ଭାବ ପୋଷିତ ହୋଇଅଛି ଯେ, ନାରୀ ନରର ସାହଚର୍ଯ୍ୟ ନିମନ୍ତେ ଉପଯୁକ୍ତା । ପ୍ରତିଦ୍ୱନ୍ଦିତା ଓ ପ୍ରତିଯୋଗିତା ଦ୍ୱାରା ତାହାର ଅନିଷ୍ଟର ସମ୍ଭାବନା ଅଛି । ସଭ୍ୟ ଜଗତରେ ନାରୀମାନେ ଯେଉଁ ଅଧିକାର ପାଇଁ ଘୋରତର ଆନ୍ଦୋଳନ ଉପସ୍ଥିତ କରନ୍ତି ଏବଂ ସେଥିନିମନ୍ତେ ସେମାନେ ଯେଉଁ ଅଧିକାର ପାଇବେ, ତାହା କେବଳ ନାରୀର ଉପଯୁକ୍ତ । ସେଥିରେ ଆଧିପତ୍ୟ ଓ ନର ଉପରେ ନାରୀର କର୍ତ୍ତୃତ୍ୱ ନଥିବ । ନର ସର୍ବଦାହିଁ ଦୁଇ ଜାତି ଭିତରେ ଶ୍ରେଷ୍ଠ ରହିବ । ଭାରତୀୟ ନରନାରୀଙ୍କ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରାଯାଇ ପ୍ରବନ୍ଧର ଉପସଂହାର କରାଯାଉ ।

ପ୍ରତ୍ୟେକ ଦେଶର ନରନାରୀ ମଧ୍ୟରେ ଆଚାର ବ୍ୟବହାର ରୀତିନୀତି ଓ ଚାଲିଚଳନରେ ପାର୍ଥକ୍ୟ ରହିଅଛି । ଶିକ୍ଷା, ସଭ୍ୟତା, ଆବଭାବ ଏବଂ ପାରିପାର୍ଶ୍ୱିକ ବ୍ୟାପାର ଦ୍ୱାରା ଆଚାର ବ୍ୟବହାର ପରିଚାଳିତ । ଆଚାର ବ୍ୟବହାର ସ୍ୱାଭାବିକ୍ କୃତ୍ରିମ ଥିବାର ପରିଲକ୍ଷିତ ହୁଏ । ଆର୍ଯ୍ୟଜାତି ପ୍ରାଚୀନ ସଭ୍ୟ । ଏ ଜାତିର ନାରୀମାନଙ୍କର ଆଚାର ବ୍ୟବହାର କିପରି ସ୍ୱାଭାବିକ ଅବସ୍ଥାରୁ କ୍ରମେ କୃତ୍ରିମ ଅବସ୍ଥାକୁ ଆସିଅଛି, ତାହା ବେଦ ପୁରାଣ ପାଠରୁ ଓ ଆଧୁନିକ ଆଚାର ବ୍ୟବହାର ତୁଳନାରୁ ଅନାୟାସରେ ଜଣାପଡ଼େ । ଏ ଦେଶର ବର୍ତ୍ତମାନ ଅବସ୍ଥାରେ କେଉଁ ପନ୍ଥା ଅବଲମ୍ବନୀୟ ବା କେଉଁ ପନ୍ଥା ତ୍ୟାଜ୍ୟ, ତାହା ପ୍ରକାଶ କରିବାକୁ ସାହସ ଓ କ୍ଷମତା ଲେଖକଙ୍କର ନାହିଁ । ତେବେ ପ୍ରାଚୀନ ଆଚାର ବ୍ୟବହାରାଦିର କିଞ୍ଚିତ ଆଲୋଚନା ନ କଲେ ପ୍ରବନ୍ଧ ଅସମ୍ପୂର୍ଣ୍ଣ ହେବ ।

Digitized by srujanika@gmail.com

ବୈଦିକ ଯୁଗରେ ବିଦ୍ୟାଧ୍ୟୟନରେ ନର ଓ ନାରୀର ସମାନ ଅଧିକାର ଥିଲା । ଗୃହଜଞ୍ଜାଳ ଓ ସନ୍ତାନ ଜନନ ନିବନ୍ଧନ ନାରୀ ନରର ସମକକ୍ଷା ବିଦ୍ୱେଷୀ ନଥିଲେ । ଗୃହ ରାଜା ଧନରେ, ନାରୀର ଅଧିକାର ଅଧୁନା ଅପେକ୍ଷା ପ୍ରାଚୀନ କାଳରେ ଅଧିକ ଥିବା ଜଣାପଡ଼େ । ନାରୀର ସମ୍ମାନ ମଧ୍ୟ ଅପେକ୍ଷାକୃତ ବେଶୀ ଥିଲା । ନାରୀର ସମ୍ମାନ ରକ୍ଷଣୀୟ । ଏ ଧାରଣା ପୁରୁଷ ମନରେ ବଦ୍ଧମୂଳ ଥିଲେ ନାରୀଜାତିର ସମ୍ମାନ ବୃଦ୍ଧିଲାଭ କରନ୍ତା ଏଥିରେ ସନ୍ଦେହ ନାହିଁ । ବହୁ କାଳର ଅଭ୍ୟାସର ବଶବର୍ତ୍ତୀ ହେବାରୁ ଆମ୍ଭେମାନେ ନାରୀକୁ ପର୍ଦ୍ଦା ବାହାରେ ଦେଖିଲେ ଅସହିଷ୍ଣୁତାର ପରିଚୟ ଦେଉ । କିନ୍ତୁ ପ୍ରାଚୀନ କାଳରେ ନାରୀମାନେ ଯେ ପର୍ଦ୍ଦାର ଅନ୍ତରାଳରେ ରହୁ ନଥିଲେ, ଏଥିର ଅସଂଖ୍ୟ ପ୍ରମାଣ ବେଦପୁରାଣରୁ ମିଳେ । ସ୍ୱୟମ୍ବର ପ୍ରଥା ଏଥିର ଏକ ପ୍ରଧାନ ଉଦାହରଣ । ଯୁବତୀ କନ୍ୟା ଯେବେ ଶତ ଶତ ଦର୍ଶକଙ୍କ ସମ୍ମୁଖରେ ଆପଣାର ପତି ଅନ୍ୱେଷଣରେ ବହିର୍ଗତ ହେବାକୁ ଅନୁମତି ପାଉଥିଲା, ତେବେ ତାହାର ଜନନୀ କିମ୍ବା ଆତ୍ମୀୟମାନଙ୍କ ପ୍ରତି ତଦ୍ରୂପ ଅନୁମତି ନ ଥିଲା ଏଥିର ପ୍ରମାଣ କେଉଁଠାରେ ? ଘୋର ବିପତ୍ତି ସତ୍ତ୍ୱେ ମଧ୍ୟ ଆଜିକାଲି ପର୍ଦ୍ଦାନସୀନ ନାରୀ ସର୍ବସମକ୍ଷରେ ପତିର ଅନୁଗାମିନୀ ହେବା କ୍ୱଚିତ୍ ଦେଖାପଡ଼ିବ; ମାତ୍ର ରାଜରାଣୀ ସୀତା ଚତୁର୍ଦ୍ଦଶ ବର୍ଷ ଭାରତର ଅରଣ୍ୟ ଓ ନଗରରେ ସର୍ବସମକ୍ଷରେ ବିଚରଣ କରିଥିଲେ, ସେହିପରି ଦ୍ରୌପଦୀ ଓ ଦମୟନ୍ତୀ ମଧ୍ୟ ଆପଣା ଆପଣା ପତି ସହ ସର୍ବସାଧାରଣଙ୍କ ସମକ୍ଷରେ ବିଚରଣ କରିବାକୁ ଲଜ୍ଜାବୋଧ କରୁ ନଥିଲେ ।

ବାଲ୍ୟବିବାହ ଜାତୀୟ ଅବନତିର ଗୋଟିଏ ପ୍ରଧାନ କାରଣ । ଭାରତୀୟ ଆର୍ଯ୍ୟ ବଂଶ ସଂଭୂତ ନର ଏ ଅବନତି ପସରାକୁ କେତେଦିନ ମୁଣ୍ଡାଇ ରଖିବ ଏବଂ କାହିଁକି ରଖିବ, ଏଥିର କାରଣ ଜଣାପଡୁନାହିଁ । ସମାଜଗତ ବିଧିବ୍ୟବସ୍ଥାରେ ନାରୀର ହାତ ଥିଲେ ନାରୀ ଆପଣା ଜାତିର ଏହି ଅନିଷ୍ଟପର ବିଧିକୁ ଓଲଟାଇ ପାରି ନଥାନ୍ତା କି ? ନାରୀର ଚିରବୈଧବ୍ୟ ଆଉ ଗୋଟିଏ ମର୍ମନ୍ତୁଦ ଘଟଣା । ଏ ଦେଶ ଭିନ୍ନ ଅନ୍ୟ କୌଣସି ଦେଶରେ ଏ ପନ୍ଥା ନାହିଁ । ମୋଟରେ କହିବାକୁ ଗଲେ ଅନ୍ୟ ଦେଶ ତୁଳନାରେ ଭାରତୀୟ ନର ଓ ନାରୀର ଅବସ୍ଥାରେ ତାରତମ୍ୟ ବେଶୀ । ଏ ଦେଶର ଅସଭ୍ୟ ଓ ଅଶିକ୍ଷିତ ଜାତି ମଧ୍ୟ ତାହା ଅନୁକରଣ କରିଥାଆନ୍ତି । ସୁତରାଂ ଭାରତର ସମଗ୍ର ନର ଓ ନାରୀ ମଧ୍ୟରେ ଯେ ପାର୍ଥକ୍ୟ ତାହା ଅନ୍ୟଠାରେ ଦେଖାଯାଏ ନାହିଁ । ଏ ଦେଶର ଅବନତି ସଙ୍ଗେ ନର ନାରୀର ଈଦୃଶ ପାର୍ଥକ୍ୟର ସମ୍ବନ୍ଧ ଅଛି କି ନାଁ, ପାଠକେ ତାହା ବିଚାର କରିବେ ।

ଭାରତବାସୀ (ଆର୍ଯ୍ୟ) ସଭ୍ୟ ଓ ମାର୍ଜିତ ଜାତି ବୋଲି ପ୍ରସିଦ୍ଧ, ଅନ୍ତତଃ ଭାରତବାସୀଙ୍କ ମୁହଁରେ, ମାତ୍ର ନରର ଦୁର୍ଗତିର ସୀମା ନାହିଁ । ନାରୀର ଦୁର୍ଗତି ଯେ ତତୋଽଧିକ ଏହା କହିବା ନିଷ୍ପ୍ରୟୋଜନୀୟ । ନର ମଧ୍ୟରେ ଜାତିଭେଦ, ବର୍ଣ୍ଣଭେଦ, ଆର୍ଥିକ ଅବସ୍ଥାଭେଦ,

Digitized by srujanika@gmail.com

ଇତ୍ୟାଦି ନାନା ଭେଦର ତ ସୀମା ନାହିଁ । ନାରୀର କଥା ପଚାରେ କିଏ ? ସମଗ୍ର ପାଶ୍ଚାତ୍ୟ ଦେଶରେ ସମ୍ରାଟଠାରୁ ଆରମ୍ଭକରି ଅତି ଗରୀବର ପୋଷାକର କାଟଛାଟରେ ପ୍ରଭେଦ ନାହିଁ, ଥାଇପାରେ ବସ୍ତୁର ମୂଲ୍ୟରେ । ମାତ୍ର ଏ ଦେଶରେ ସମସ୍ତେ ହିନ୍ଦୁ, ତଥାପି ପ୍ରଦେଶ ଭେଦରେ ଜିଲ୍ଲା ଭେଦରେ ପୁଣି ଜାତିଭେଦରେ ପୋଷାକର ପ୍ରଭେଦ ରହିଅଛି । ପୋଷାକଦ୍ୱାରା ନର ଆପଣାର ଅମେଳର ପରିଚୟ ଦେଇଥାଏ । ନାରୀ ପରିଚ୍ଛେଦର ପାର୍ଥକ୍ୟ ତତୋଽଧିକ । ଏତିକି ନୁହେଁ, ନାରୀ ଅଳଙ୍କାର ଦ୍ୱାରା ମଧ ଜାତିର ଓ ଅବସ୍ଥାର ସ୍ୱାତନ୍ତ୍ର ରକ୍ଷାକରେ । ଅଥଚ ସ୍ୱାଧୀନତାକାମୀ ନର ଓ ନାରୀ ଏକତାର ପ୍ରତିବନ୍ଧକ ତ୍ରୁଟି, ଚିତା ପରିହତ ବସନ ଭୂଷଣ ଦ୍ୱାରା ବିରୋଧ ଭାବର ପତାକା ଉତ୍ତୋଳନ କରନ୍ତି ।

ଅନ୍ୟ ଦେଶର ଶିକ୍ଷିତ ସଂଖ୍ୟା ତୁଳନାରେ ଏ ଦେଶର ଶିକ୍ଷିତ ସଂଖ୍ୟା ଅତି କମ୍ । ନାରୀର ଶିକ୍ଷା କଥା ଭାବିଲେ ବିସ୍ମିତ ହେବାକୁ ପଡ଼େ । ଭାରତୀୟ ନାରୀଗଣ ସ୍ୱାଧୀନତା ପାଇବାର ବୃଥା ଆଶାରେ ଯେତେଦୂର ଯତ୍ନବାନ, ସ୍ୱାଧୀନତାର ପ୍ରଥମ ସୋପାନ ଶିକ୍ଷା ପାଇଁ ତହିଁର ଶତାଂଶ ଯତ୍ନଶୀଳ ଥିବା ଦେଖାଯାଏ ନାହିଁ ।

ଧରାଯାଉ, ଭାରତର ନାରୀସଂଖ୍ୟା ଆନୁମାନିକ ପନ୍ଦରକୋଟି । ସେଥିମଧ୍ୟରୁ କେତେଜଣ ନାରୀ ଆସେମ୍ବଲୀ ଓ କାଉନ୍‌ସିଲର ମହତ୍ୱ ଓ ପ୍ରୟୋଜନୀୟତା ବୁଝନ୍ତି । ଆଉ ତନ୍ମଧ୍ୟରୁ ସଭ୍ୟା ସ୍ପର୍ଦ୍ଧିନୀ କେତେ ଜଣ ? ଜଣ କେତେ ଭାରତୀୟ ନାରୀ ଏ ଆକାଂକ୍ଷା ବା ଏ ପଦଲାଭରେ ନାରୀଜାତିର କେଉଁ ଉପକାର ସାଧନର ପ୍ରୟାସ କରନ୍ତି । ନାରୀ ଜାତିର ଅବସ୍ଥା ପରିବର୍ତ୍ତନ ଓ ଶିକ୍ଷା ନିମନ୍ତେ ଶିକ୍ଷିତା ନାରୀମାନେ ଯତ୍ନଶୀଳା ହେଲେ ନାରୀଜାତିର ତଥା ଦେଶର ପ୍ରଭୂତ ଉପକାର ହେବାର ଆଶା କରାଯିବ । ତାହାଛଡ଼ା ଶାସକଙ୍କଠାରୁ ସ୍ୱାଧୀକାର ଛଡ଼ାଇବାର ଚେଷ୍ଟା ଅପେକ୍ଷା ସ୍ୱଜାତୀୟ ନରମାନଙ୍କଠାରୁ ନାରୀ ଜାତିର ନ୍ୟାର୍ଯ୍ୟଦାବୀ ପାଇବାକୁ ଚେଷ୍ଟାକଲେ ସୁଫଳ ମିଳିପାରେ ।

ଆମ୍ଭେମାନେ ପୂର୍ବେ କହିଅଛୁ ଯେ ନରର ସାହାଯ୍ୟ ଓ ସାହଚର୍ଯ୍ୟ ନାରୀର କର୍ତ୍ତବ୍ୟ କର୍ମ; ଏଣୁ ନାରୀ ନରର ଉନ୍ନତି ପନ୍ଥାର ଅନ୍ତରାୟ ନ ହୋଇ ନରର ଉନ୍ନତି ସହିତ ଆପଣା ଉନ୍ନତି କାମନା କରିବା ଉଚିତ୍ ।

ସୌଜନ୍ୟ : ଜଳନ୍ଧର ଦେବ ରଚନାବଳୀ,

ପ୍ରକାଶକ – ଓଡ଼ିଶା ସାହିତ୍ୟ ଏକାଡ଼େମୀ

****

Digitized by srujanika@gmail.com

ନାରୀର ଦାସତ୍ୱ ଓ ମୁକ୍ତି

କିଶାନ ପଟ୍ଟନାୟକ

ପ୍ରାଚ୍ୟ ସଭ୍ୟତା ହେଉ ବା ପାଶ୍ଚାତ୍ୟ ସଭ୍ୟତା ହେଉ ଲିଖିତ ସାହିତ୍ୟ ଯେଉଁଦିନଠାରୁ ମିଳୁଛି, ସେତେଦିନୁ ଆଜି ପର୍ଯ୍ୟନ୍ତ ନାରୀକୁ ଭଲ ପାଇବା ପାଇଁ ପୁରୁଷର ଅଧୀରତା ଅନ୍ୟାନ୍ୟ ସବୁ ଆଗ୍ରହ ଅପେକ୍ଷା ବେଶୀ ତୀବ୍ର ବୋଲି ମନେହୁଏ । ଯୁଦ୍ଧ ଏବଂ ଈଶ୍ୱରଭକ୍ତି ଭଳି ନାରୀପ୍ରେମ ମନୁଷ୍ୟର ତୀବ୍ର ଆବେଗମାନଙ୍କ ମଧ୍ୟରୁ ଗୋଟିଏ । ନାରୀକୁ ହୃଦୟର ରାଣୀ ବା ଦେବୀ ରୂପେ ଅଧିଷ୍ଠିତ କରିବା ପାଇଁ ପୁରୁଷର ଭାବ ବିହ୍ୱଳତା ସବୁ ସୀମାକୁ ଲଙ୍ଘନ କରିଛି । ଏହିସବୁ ଅଭିବ୍ୟକ୍ତିକୁ ପଢ଼ି ବା ଶୁଣି ମନେ ହେବ ଯେ, ନାରୀକୁ ପୁରୁଷ ଏତେ ଉଚ୍ଚ ସ୍ଥାନ ଦେଇଛି, ମୁଣ୍ଡ ଉପରେ ବସେଇଛି, ତାଠାରୁ ବେଶୀ କ'ଣ ଦରକାର ।

ତାହା ହିଁ ବିଡ଼ମ୍ବନା । ମୁଣ୍ଡ ଉପରେ ବସେଇବା ଏକ ସ୍ୱାଭାବିକ ସଂପର୍କ ନୁହେଁ । ନାରୀ ଏକ ବିରଳ ବସ୍ତୁ ନୁହେଁ । ପୁରୁଷ ଯେତିକି, ନାରୀ ମଧ୍ୟ ସେତିକି । ପ୍ରତିଦିନ ପ୍ରାୟ ସବୁଠାରେ ତା' ସମ୍ପର୍କରେ ଆସିବାକୁ ପଡୁଛି, ସବୁ ନାରୀଙ୍କୁ ରାଣୀ ବା ଦେବୀ କରିହେବ ନାହିଁ । ଜଣେ ସ୍ତ୍ରୀକୁ ମଧ୍ୟ ସବୁବେଳେ ରାଣୀ କରି ରଖିହେବ ନାହିଁ ।

ଦରକାର ଏକ ସ୍ୱାଭାବିକ ସମ୍ପର୍କ, ଏକ ସାଧାରଣ ସମ୍ମାନର ସମ୍ପର୍କ । ବଡ଼ଲୋକଙ୍କୁ ଯେଉଁ ସମ୍ମାନ ଦିଆଯାଏ, ତାହା ଅଲଗା । ଜଣେ ସାଧାରଣ ମନୁଷ୍ୟକୁ ଯେଉଁ ସମ୍ମାନ ଦେବାକଥା ତାହାହିଁ ଗୁରୁତ୍ୱପୂର୍ଣ୍ଣ । ସାଧାରଣ ମଣିଷଟିକୁ ସମ୍ମାନ ଦେବା ଅର୍ଥ ତାକୁ ସମତୁଲ୍ୟ ମଣିବା । ମୁଁ ଯେପରି ମଣିଷଟିଏ, ସେ ମଧ୍ୟ ସେପରି ମଣିଷଟିଏ । ମୋର ଭଲ ଅଛି, ଭୁଲ ମଧ୍ୟ ଅଛି, ଗୁଣ ଅଛି, ଦୁର୍ବଳତା ମଧ୍ୟ ଅଛି । ତାହାର ମଧ୍ୟ ସେଇପରି ଅଛି । ସେ ମୋର ପୂଜ୍ୟ ନୁହେଁ କିମ୍ବା ମୋଠାରୁ ନୀଚ ନୁହେଁ । ମାଲିକ ନୁହେଁ କିମ୍ବା ଅଧିନସ୍ଥ ନୁହେଁ । ଏହି ସ୍ୱାଭାବିକ ସମ୍ପର୍କଟି ପୁରୁଷ-ନାରୀ ମଧ୍ୟରେ ସ୍ଥାପିତ ହୋଇପାରିନାହିଁ ।

ପୁରୁଷ-ପୁରୁଷ ମଧ୍ୟରେ ଏହି ସମ୍ପର୍କ ଅଛି କି ? କଡ଼ା ଭାବରେ ପରୀକ୍ଷା କଲେ ଜଣାପଡ଼ିବ ଯେ, ସେତକ ମଧ୍ୟ ମନୁଷ୍ୟ ସଭ୍ୟତାରେ ହୋଇପାରିନାହିଁ । କିନ୍ତୁ ମୋଟାମୋଟି ଭାବରେ ଦେଖିଲେ ଜଣାପଡ଼ିବ ଯେ, ନିର୍ଦ୍ଦିଷ୍ଟ ସମାଜମାନଙ୍କରେ ଏହା ଅଛି । ଯେଉଁ ଧନୀ ଦେଶମାନଙ୍କରେ ବହୁଦିନରୁ ଗଣତନ୍ତ୍ର ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି, ସେଠାରେ ନାଗରିକମାନଙ୍କ ମଧ୍ୟରେ ଗୋଟିଏ ପ୍ରକାରର ସାମାଜିକ ସମାନତା ଅଛି । ବିକାଶଶୀଳ

Digitized by srujanika@gmail.com

ଦେଶମାନଙ୍କରେ ମଧ୍ୟ କେତେ ପ୍ରକାରର ଗୋଷ୍ଠୀର ପରିସର ଭିତରେ ସାମାଜିକ ବିଷମତା ନଥାଏ । କେତେକ ପଛୁଆ ଜାତି ବା ଆଦିବାସୀ ଜାତି ଭିତରେ ସାନବଡ଼ ଭାବନା ନଥାଏ । କିନ୍ତୁ ପୁରୁଷ-ସ୍ତ୍ରୀ ଭେଦଭାବ ସବୁଠାରେ ରହିଛି । ମାତୃକୈନ୍ଦ୍ରିକ ସମାଜର ଲୋପ ହେବାପରେ ନାରୀ ସବୁଠାରେ ପ୍ରତ୍ୟେକ ସମୂହ ଭିତରେ, ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଶୋଭାପାଏ ।

ତେଣୁ ନାରୀ ପ୍ରତି ହେଉଥିବା ଅନ୍ୟାୟ ବିଶ୍ୱବ୍ୟାପୀ ବୋଲି ଜାଣିବାକୁ ହେବ । ସବୁଠାରୁ ପୁରାତନ ମଧ୍ୟ । ସବୁଠାରେ ସେ ପରାଧୀନ ଓ ସୀମାବଦ୍ଧ । ପରାଧୀନତା ଓ ସୀମାବଦ୍ଧତାର ଅନୁପାତ ଅଲଗା ଅଲଗା ହୋଇପାରେ । ପଶ୍ଚିମର ସମୃଦ୍ଧ ଦେଶମାନଙ୍କରେ ନାରୀ ଅପେକ୍ଷାକୃତ କମ ନିର୍ଯ୍ୟାତିତ ଓ କମ ପରାଧୀନ । ସର୍ବାପେକ୍ଷା ବେଶୀ ନିର୍ଯ୍ୟାତନା ଓ ଅସହାୟତାର ଶିକାର ବୋଧହୁଏ ଭାରତୀୟ ନାରୀ । ଭାରତ ଖଣ୍ଡ ବୋଲି ମଧ୍ୟ କୁହାଯାଇପାରେ, କାରଣ ନେପାଳ, ବଙ୍ଗଳାଦେଶ ଓ ପାକିସ୍ଥାନର ଅବସ୍ଥା ଏହାଠାରୁ ଭଲ ନୁହେଁ ।

ଏହି ଅବସ୍ଥାକୁ ଅଧୋଗତି ବୋଲି କୁହାଯାଉଥିବାରୁ ନିଜର ହୀନ ସ୍ଥିତିର ବୋଧକୁ ଲାଘବ କରିବା ପାଇଁ ଦୁଇ ରକମର ପ୍ରତିକ୍ରିୟା ଦେଖାଯାଇଥାଏ । ପ୍ରାଚୀନ ଭାରତରେ ନାରୀର ସ୍ଥାନ ଅତି ଉଚ୍ଚରେ ବା ଆଦର୍ଶସ୍ତରର ଥିଲାବୋଲି ପ୍ରାଚୀନ ସାହିତ୍ୟର ପ୍ରସଙ୍ଗ ଓ ପଂକ୍ତିମାନଙ୍କର ଉଦ୍ଧରଣ ଦିଆଯାଏ । ଦ୍ୱିତୀୟରେ ପାଶ୍ଚାତ୍ୟକୁ ଅନୁସରଣ କରି ଆମ ସମାଜରେ ମଧ୍ୟ ନାରୀ-ସ୍ୱାଧୀନତା ଆସିଯିବ ବୋଲି ଆଶାର ପ୍ରଚାର କରାଯାଇଥାଏ । ଏହି ଦ୍ୱିତୀୟ ପ୍ରତିକ୍ରିୟାରୁ ସାମ୍ପ୍ରତିକ ନାରୀ-ମୁକ୍ତି ଆନ୍ଦୋଳନ ଜାତ ହୋଇଛି । ପଶ୍ଚିମରେ ଏହି ଆନ୍ଦୋଳନର ପୂର୍ବନାମ ଥିଲା 'ଫେମିନିଷ୍ଟ ବା ନାରୀ-ବାଦୀ' ଆନ୍ଦୋଳନ । ଆଧୁନିକ ନାମ ହେଉଛି ଇଂରାଜୀରେ 'ଉଇମେନ୍‌ସ୍ ଲିବ୍' ବା ନାରୀ-ମୁକ୍ତି ।

(୨)

ପ୍ରାଚୀନ ଭାରତକୁ ଗୌରବାନ୍ୱିତ କରିବାର ଯେଉଁ ଚେଷ୍ଟା ଆଗରୁ ଚାଲିଥିଲା, ତାହା ବାଧାପ୍ରାପ୍ତ ହୋଇଛି । ବୈଦିକ ସାହିତ୍ୟରେ ବା ରାମାୟଣ, ମହାଭାରତ ଯୁଗରେ ନାରୀର ସ୍ଥାନ ଉଚ୍ଚ ଥିଲା ବୋଲି ସମାଜ ସଂସ୍କାରକମାନେ ଯେତେବେଳେ କହୁଥିଲେ, କେହି ତା'ର ପ୍ରତିବାଦ କରୁ ନ ଥିଲେ । ଏବେ ନାରୀ ଆନ୍ଦୋଳନ ବହୁତ ମୁଖର ହୋଇଛି । ତେଣୁ ପ୍ରାଚୀନ ଭାରତରେ ନାରୀର ସ୍ଥାନ ଅତି ଉଚ୍ଚରେ ଥିଲା ବୋଲି କହିଲେ ନାରୀ-ପ୍ରତିନିଧିମାନେ ପ୍ରତିବାଦ କରୁଛନ୍ତି । ସେମାନେ ଗୀତା, ଭାଗବତ, ଋଗ୍‌ବେଦ ଓ ମହାଭାରତ ପ୍ରଭୃତିରୁ ତଥା ମନୁସ୍ମୃତି ଭଳି ବିଧିଗ୍ରନ୍ଥରୁ ନାରୀ ବିରୋଧୀ ଶ୍ଲୋକମାନ ବାହାର କରି ଏହି ଦାବୀକୁ ଖଣ୍ଡନ କରୁଛନ୍ତି । ବଙ୍ଗଳାଦେଶର ତସ୍‌ଲିମା ନସରୀନ୍ କେବଳ

Digitized by srujanika@gmail.com

ମୁସଲମାନ ସମାଜରେ ନାରୀର ଦୂରବସ୍ଥାର ନିନ୍ଦା କରୁନାହାନ୍ତି, ସେ ତାଙ୍କର ବୈଦିକ ପୂର୍ବ-ପୁରୁଷମାନଙ୍କର ସଂକୀର୍ଣ୍ଣ ମନୋଭାବକୁ ପଦାରେ ପକାଇବା ପାଇଁ ବୈଦିକ ସାହିତ୍ୟରେ ନାରୀର ଅସମ୍ମାନଜନକ ସ୍ଥିତି ସମ୍ବନ୍ଧରେ ଏକ ଲେଖା ପ୍ରକାଶିତ କରିଛନ୍ତି । ବୃହଦାରଣ୍ୟକ ଉପନିଷଦରୁ ଏକ ଉଦ୍ଧୃତି ସେ ଦେଇଛନ୍ତି, 'ଯଦି କୌଣସି ସ୍ତ୍ରୀ ପତିର ସମ୍ଭୋଗ ଇଚ୍ଛାର ବିରୋଧ କରେ, ତାହେଲେ ପୁରୁଷ ପ୍ରଥମେ ତାକୁ ଉପହାର ଦେଇ ପ୍ରଲୋଭିତ କରିବ, ତାହାକୁ ପ୍ରତ୍ୟାଖ୍ୟାନ କଲେ ହାତ କିମ୍ବା ଲାଠିରେ ମାଡ଼ଦେଇ ତାକୁ ବଶବର୍ତ୍ତୀ କରିବ' । 'ଯଜ୍ଞ କରିବା ସମୟରେ କୁକୁର, ଶୂଦ୍ର ଓ ନାରୀ ଆଡ଼କୁ ଚାହିଁବ ନାହିଁ' ବୋଲି କୁଆଡ଼େ ମୈତ୍ରେୟଣୀ ସଂହିତାରେ ଲିପିବଦ୍ଧ ଅଛି ।

ସମଗ୍ର ପ୍ରାଚୀନ ଭାରତକୁ ଗୋଟିଏ ଏକକ ଭାବରେ ଧରାଯାଇପାରିବ ନାହିଁ । ଏପରିକି ସମଗ୍ର ବୈଦିକ ସାହିତ୍ୟର ରଚନା କାଳକୁ ଏକକ ବୋଲି ଧରାଯାଇପାରିବ ନାହିଁ । ମହାଭାରତର ରଚନା କାଳ ମଧ୍ୟ ଭିନ୍ନ । କେତେକ କାଳ ବିଶେଷରେ ନାରୀକୁ ଏକ ସମୁଚିତ ସ୍ଥାନ ଦେବାପାଇଁ ଓ ତା'ର ବ୍ୟକ୍ତିଗତ ଜୀବନରେ ସ୍ୱାଧୀନତା ଦେବାପାଇଁ ଚେଷ୍ଟା ହୋଇଛି । କିନ୍ତୁ ଦେଶର ସାଧାରଣ ପରିସ୍ଥିତିର ଅବନତି ଘଟିବା ସଙ୍ଗେ ସଙ୍ଗେ ନାରୀକୁ ଅଧିନସ୍ଥ କରି ରଖିବାର ଓ ଭୋଗ୍ୟ ବସ୍ତୁରେ ପରିଣତ କରିବାର ପ୍ରବୃତ୍ତି ବଳବତ୍ତର ହୋଇଛି । ଯେଉଁ ଯେଉଁ କାଳ ଖଣ୍ଡରେ ନାରୀକୁ ଆପେକ୍ଷିକ ସ୍ୱାଧୀନତା ମିଳିଛି, ସେହି ସମୟର ପୁରୁଷ-ନାରୀ ସମ୍ପର୍କକୁ ସମାନତାର ସମ୍ପର୍କ ବୋଲି କୁହାଯାଇପାରିବ ନାହିଁ । ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ ବା ସହଧର୍ମିଣୀ ବୋଲି ମାନ୍ୟତା ଦେବା ନିଶ୍ଚୟ ଏକ ଉଦାର ଦୃଷ୍ଟିର ପରିଣାମ, କିନ୍ତୁ, ତାହା ଏକ ପୁରୁଷ କୈନ୍ଦ୍ରିକ ସମାଜର ଉଦାରତା । କାରଣ ପୁରୁଷକୁ ନାରୀ ନିଜର ଅର୍ଦ୍ଧାଙ୍ଗୀ ଅବା 'ସହଧର୍ମୀ' କହିବାର ଉପାଖ୍ୟାନ ନାହିଁ । ପାଶ୍ଚାତ୍ୟ ସମାଜରେ ଯେଉଁଭଳି ଆପେକ୍ଷିକ ସ୍ୱଚ୍ଛନ୍ଦତା ଦେଖିବାକୁ ମିଳେ, ପ୍ରାଚୀନ ଭାରତରେ କେତେ ସ୍ଥଳ ଓ କାଳ ବିଶେଷରେ ସେଇଭଳି ଆପେକ୍ଷିକ ସ୍ୱଚ୍ଛନ୍ଦତା ନାରୀର ଥିଲା ବୋଲି ବେଦ ଉପନିଷଦରୁ ପ୍ରମାଣ ଦିଆଯାଇପାରେ । କିନ୍ତୁ ମନେରଖିବାକୁ ହେବ ଯେ, ସମାନତାର ଆଦର୍ଶରୁ ଏସବୁ ବହୁତ ଦୂରରେ । ୟୁରୋପ, ଆମେରିକା ବା ଜାପାନରେ ନାରୀ ଚାକଚକ୍ୟ ଓ ସ୍ୱଳ୍ପ ପରିଧାନକୁ ଦର୍ଶାଇ କୁହାଯାଇପାରିବ ନାହିଁ ଯେ, ଏହି ସବୁ ସମୃଦ୍ଧ ଦେଶମାନଙ୍କରେ ନାରୀ ଆଉ ଗୌଣ ନୁହେଁ, ନିର୍ଭରଶୀଳ ନୁହେଁ ବା ଅଧିନସ୍ଥ ନୁହେଁ । ତିରିଶ ଚାଳିଶ ବର୍ଷ ପୂର୍ବେ ଭାରତର ଅଧିକାଂଶ ଶୂଦ୍ର ସମାଜ ଭିତରେ ପୁରୁଷ-ସ୍ତ୍ରୀ ସମାନତା ଯେତିକି ଥିଲା, ବିଚରଣ କରିବାର, ଛାଡ଼ପତ୍ର ଦେବାର ଓ ଆର୍ଥିକ ଭାବରେ ଆତ୍ମନିର୍ଭର ହେବାର ଯେତିକି ସୁଯୋଗ ଓ ସ୍ୱାଧିନତା ଥିଲା, ଆଧୁନିକ ପଶ୍ଚିମ ସଭ୍ୟତାରେ ତା'ଠାରୁ ବେଶୀ ହୋଇଛି ବୋଲି କଦାପି କହିହେବ ନାହିଁ । ଇତି ମଧ୍ୟରେ ଆଧୁନିକତା ଅତ୍ୟାଧୁନିକତାର ପାହାଚକୁ ଆସିଗଲାଣି, ଏସିଆ-ଆଫ୍ରିକାର ସମାଜର ଖଣ୍ଡିଏ ଖଣ୍ଡିଏ

Digitized by srujanika@gmail.com

ଅଂଶ ଏହାକୁ ଅନୁସରଣ କରି ଅତ୍ୟାଧୁନିକ ବୋଲାଇଲାଣି । କିନ୍ତୁ ନାରୀର ନିୟତି ବଦଳି ପାରୁନାହିଁ । କେତେକ କ୍ଷେତ୍ରରେ ସେ ଆହୁରି ବେଶୀ ନିର୍ଭରଶୀଳ ହୋଇଯାଉଛି ।

ତେଣୁ ବିଭିନ୍ନ ଯୁଗ ଓ ଦେଶ-ମହାଦେଶର ବ୍ୟବଧାନମାନଙ୍କୁ ଅତିକ୍ରମ କରି ଯେଉଁ ପ୍ରଶ୍ନ ବାରମ୍ବାର ଉଙ୍କିମାରେ, ତାହା ହେଉଛି ନାରୀ-ପୁରୁଷର ବିଷମତା ସବୁବେଳେ ସବୁଠାରେ ଲାଗି ରହିଛି କାହିଁକି ? ଏହି ପ୍ରଶ୍ନର ଆଳରେ କେତେଜଣ କହିପକାଇବେ ଯେ, ଏହା ଶାଶ୍ୱତ ଓ ନୈସର୍ଗିକ । ପ୍ରକୃତି ହିଁ ନାରୀକୁ ଏପରି ଭାବରେ ଗଢ଼ିଛି ଯେ, ସମାଜର ଯେତେ ଉନ୍ନତି ଘଟିଲେ ମଧ୍ୟ ସ୍ତ୍ରୀର ଉନ୍ନତି ଗୋଟିଏ ସ୍ତରର ଉପରକୁ ଉଠିପାରିବ ନାହିଁ । ସେ ପୁରୁଷ ଭଳି ସ୍ୱତନ୍ତ୍ର ଓ ପୁରୁଷର ସମସ୍କନ୍ଧ ହୋଇପାରିବ ନାହିଁ । ଏହି ପ୍ରଶ୍ନ ଯେପରି ଭାବରେ ମୌଳିକ ଚର୍ଚ୍ଚା ହେବାକଥା, ତାହା ହୁଏନାହିଁ । ସ୍ତ୍ରୀର ଯେଉଁସବୁ ଅଯୋଗ୍ୟତା ବା ଅକ୍ଷମତାକୁ ଉଲ୍ଲେଖ କରି ସମାଜରେ ତା'ର ଗୌଣ ସ୍ଥିତିକୁ ଯଥାର୍ଥ ବୋଲି ପ୍ରତିପାଦନ କରାଯାଇଥାଏ, ସେସବୁକୁ ତିନିଭାଗରେ ବିଭକ୍ତ କରାଯାଇପାରେ । (୧) କେତେକ ଅକ୍ଷମତା ଅଛି, ଯାହା ସ୍ପଷ୍ଟ ଭାବରେ ପ୍ରକୃତି ଦତ୍ତ । (୨) କିନ୍ତୁ ଅଧିକାଂଶ ଅକ୍ଷମତା ବା ଅଯୋଗ୍ୟତା ହେଉଛି ସମାଜ ପ୍ରଦତ୍ତ । ବହୁକାଳରୁ ଓ ସବୁ ଦେଶରେ ସ୍ତ୍ରୀମାନେ ଏହିସବୁ ଯୋଗ୍ୟତା ବା କ୍ଷମତା ହରାଇ ବସିଥିବାରୁ, ଗୁଡ଼ାଏ ଉଦାହରଣ ଦେଇ ତର୍କ କରିହେବ - ଏହି ଦୁର୍ବଳତାଗୁଡ଼ିକ ନୈସର୍ଗିକ ଏବଂ ସହଜାତ । ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ଅବଧାରଣା ଗୁଡ଼ିକର ଉପରେ ଏହି ଅକ୍ଷମତା ଗୁଡ଼ିକ ନାରୀ ପ୍ରକୃତିର ସ୍ୱାଭାବିକ ଅଙ୍ଗ ବୋଲି ମନେ ହୁଏ । (୩) ଅଳ୍ପ କେତେକ କ୍ଷେତ୍ର ଅଛି, ଯାହା ବିଷୟରେ ସ୍ଥିର କରିହେବ ନାହିଁ ଯେ, ନାରୀକୁ ପୂର୍ଣ୍ଣ ସୁଯୋଗ ମିଳିଲେ, ସେ ଏସବୁ କାର୍ଯ୍ୟରେ ପୁରୁଷର ସମସ୍କନ୍ଧ ସର୍ବୋଚ୍ଚ ସ୍ତରରେ ମଧ୍ୟ ହୋଇପାରିବ ।

ଏହି ତିନି ପ୍ରକାରର ଅକ୍ଷମତାକୁ ବିଚାରକୁ ନେବା ପୂର୍ବରୁ ସ୍ପଷ୍ଟ ହୋଇଯିବା ଦରକାର ଯେ, ଭିନ୍ନତାକୁ ଅକ୍ଷମତା ବୋଲି ଭାବିବା ଏକ ସାଧାରଣ ପ୍ରବୃତ୍ତି । ଏହା ଆମ ଶିକ୍ଷା ପଦ୍ଧତିରୁ ଆସିଛି । ଜଣେ ବିଦ୍ୟାର୍ଥୀ ଇଂରାଜୀ ସାହିତ୍ୟରେ ଧୁରନ୍ଧର, କିନ୍ତୁ ଓଡ଼ିଆ ଭଲ ଲେଖିପାରେ ନାହିଁ । ଅନ୍ୟଜଣେ ଇଂରାଜୀ ଭଲ ଲେଖେ ନାହିଁ, ଅଥଚ ଓଡ଼ିଆରେ ଉଚ୍ଚକୋଟିର କବିତା ଲେଖେ । ସ୍କୁଲରେ ଦ୍ୱିତୀୟ ବିଦ୍ୟାର୍ଥୀ ଜଣକ ମୂର୍ଖ ବା ପଛୁଆ ବୋଲି ଅଭିହିତ ହେବ । ନାରୀର ସ୍ୱଭାବରେ କେଉଁ କେଉଁ ଭିନ୍ନ ପ୍ରତିଭା ନିହିତ ରହିଛି, ଯାହା ଏକ ବିକଳ୍ପ ସମାଜ ବ୍ୟବସ୍ଥାରେ ପ୍ରତିଷ୍ଠା ଲାଭ କରିବ, ତାହା ଏକ ଅନ୍ୟ ଚର୍ଚ୍ଚାର ବିଷୟ- ଏପର୍ଯ୍ୟନ୍ତ ଏ ଦିଗରେ ବିସ୍ତୃତ ଅଧ୍ୟୟନ ହୋଇପାରିନାହିଁ ।

ହିଂସାତ୍ମକ ଆକ୍ରମଣ ନିମନ୍ତେ ଯେଉଁ ମାଂସପେଶୀ ଗୁଡ଼ିକର ବଳ ଦରକାରହୁଏ, ତାହା ନାରୀ ପାଖରେ ଅଳ୍ପ ପରିମାଣରେ ଅଛି । ସେ ଯେତେବେଳେ ମାତୃତ୍ୱର ଅବସ୍ଥାରେ ଥାଏ ସେତେବେଳେ ଏହି ଅକ୍ଷମତା ଆହୁରି ଅଧିକ ହୁଏ । ଏହା ହେଉଛି ନାରୀର ମୂଳ

Digitized by srujanika@gmail.com

ଅକ୍ଷମତା-ଏହା ହୁଏତ ଏକମାତ୍ର ଅକ୍ଷମତା । ଯେଉଁ ସଭ୍ୟତାରେ ହିଂସାତ୍ମକ ଆକ୍ରମଣର କ୍ଷମତାକୁ ମହନୀୟ ବୋଲି ଧରାଯାଏ ଓ କଳାତ୍ମକ ମାଧ୍ୟମରେ ଗୌରବାନ୍ୱିତ କରାଯାଏ, ସେହି ସଭ୍ୟତାରେ ନାରୀକୁ ଅକ୍ଷମ ବୋଲି କହିବା ସ୍ୱାଭାବିକ । ବହୁତ ରକମର କାର୍ଯ୍ୟ ଅଛି, ଯାହା ଶାରୀରିକ-ଶକ୍ତି ଆଧାରିତ । କେତେକ କାର୍ଯ୍ୟକୁ ସ୍ଥୁଳ ଭାବରେ ଓ ଅନ୍ୟକେତେକ କାର୍ଯ୍ୟକୁ ସୂକ୍ଷ୍ମ ଭାବରେ ହିଂସା ଶକ୍ତି ପ୍ରଭାବିତ କରିଥାଏ । ହୁଏତ ବଡ଼ ଆକାରର ବ୍ୟବସାୟିକ ସଙ୍ଗଠନରେ ସଫଳତା ପାଇଁ ମଧ୍ୟ ହିଂସାର ଏକ ନିର୍ଣ୍ଣାୟକ ଭୂମିକା ରହୁଛି ।

କିନ୍ତୁ ଅଧିକାଂଶ 'ନାରୀ-ସୁଲଭ ଅକ୍ଷମତା' ହେଉଛି ସମାଜ ପ୍ରଦତ୍ତ । ଅତ୍ୟଧିକ ଲଜ୍ଜାଶୀଳତା, କେତେକ ବିଶେଷ ପ୍ରକାରର ଈର୍ଷା ପରାୟଣତା, ଭୟ, ନିରାପତ୍ତା ପାଇଁ ଅତ୍ୟଧିକ ଆଗ୍ରହ, ବେଶଭୂଷା ଓ ରୂପସଜ୍ଜା ପାଇଁ ଅଧିକ ଆଗ୍ରହ - ଏଗୁଡ଼ିକ ହେଉଛି ସାମାଜିକ ପରିସ୍ଥିତି, ଦୀର୍ଘକାଳର ଅଭ୍ୟାସ ଓ ପ୍ରଚଳିତ ମୂଲ୍ୟବୋଧର ପରିଣତି । ଏଗୁଡ଼ିକ ଗୋଟିଏ ଦିନରେ ଉଭେଇଯିବ ନାହିଁ । ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ଅବଧାରଣାଗୁଡ଼ିକର ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଜଣେ ହାରାହାରି ସ୍ତ୍ରୀଲୋକ ଏହିସବୁ ଅକ୍ଷମତାରୁ ମୁକ୍ତ ହୋଇପାରିବ ନାହିଁ । କେବଳ ବ୍ୟକ୍ତି ବିଶେଷ ମାନେ ନିଜର ଇଚ୍ଛାଶକ୍ତି ଓ ସାଧନା ବଳରେ ବା କୌଣସି ଏକ ଗୁରୁଜନ ବା ପିତାମାତାଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ ନିଜର ଚରିତ୍ରରୁ ଏହିସବୁ 'ନାରୀସୁଲଭ' ଗୁଣକୁ ଦୂର କରିପାରେ । ତଥାପି ଅନେକ ସମୟରେ ସେମାନଙ୍କୁ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ ।

କେତେକ ମନସ୍ତତ୍ତ୍ୱବିଦ୍ କହନ୍ତି ଯେ, ଯୌନ ସମ୍ଭୋଗ ବେଳେ ନାରୀର ଏକ ନିଷ୍କ୍ରିୟ ଭୂମିକା ରହୁଥିବାରୁ ନାରୀ ଉପରେ ତାହାର ଏକ ଗଭୀର ମନସ୍ତାତ୍ତ୍ୱିକ ପ୍ରଭାବ ପଡ଼ିଥାଏ ଏବଂ ସମାଜରେ ମଧ୍ୟ ଏହି ନିଷ୍କ୍ରିୟ ଭୂମିକା ହିଁ ତାହାପାଇଁ ଉଦ୍ଦିଷ୍ଟ ବୋଲି ନିଜ ଅବଚେତନରେ ଗ୍ରହଣ କରିଥାଏ । ଏହା ଏକ ଭ୍ରାନ୍ତିପୂର୍ଣ୍ଣ ସିଦ୍ଧାନ୍ତ । କିଏ ଅଧିକ ସକ୍ରିୟ ଓ କିଏ ନିଷ୍କ୍ରିୟ - ଏ ବିଷୟରେ ଏକ ଭୁଲ ଧାରଣା ରହିଛି ଯେ, ଆକ୍ରାମକ ବା ହିଂସାତ୍ମକ କାର୍ଯ୍ୟ ହିଁ ବେଶୀ ସକ୍ରିୟ । ଆକ୍ରାମକତା ସକ୍ରିୟତାର ଏକ ଆଦର୍ଶ ବା ନମୁନା (ମଡ଼େଲ) ହୋଇପଡ଼େ ଓ ଯୌନ ସମ୍ଭୋଗରେ ମଧ୍ୟ ଯେଉଁପଟେ ସେଭଳି ଭାବଭଙ୍ଗୀ ବେଶୀ ଥାଏ ତାକୁ ସକ୍ରିୟ ଓ ଅନ୍ୟକୁ ନିଷ୍କ୍ରିୟ ବୋଲି କୁହାଯାଏ । ଅନେକ ପ୍ରକାରର ଉଦାହରଣରୁ ଜଣାପଡ଼ିବ ଯେ ଘଟଣାଟି ଏହାର ବିପରୀତ ମଧ୍ୟ ହୋଇପାରେ । ଯୌନ ଲୀଳାରେ ନାରୀର ଭାବଭଙ୍ଗୀ ଆକ୍ରାମକ ଢ଼ଙ୍ଗର ନହେଲେ ମଧ୍ୟ ସେ ନିଷ୍କ୍ରିୟ ନୁହେଁ, ହୁଏତ ତା'ର ସୂକ୍ଷ୍ମ ତନ୍ତୁଗୁଡ଼ିକ ବେଶୀ ସକ୍ରିୟ ଥାଏ । ଯେଉଁଠି ଭୟ, ଅନିଚ୍ଛା ଓ ଅହେତୁକ ଲଜ୍ଜାରେ ଗ୍ରସ୍ତ ହୋଇ କୌଣସି ନାରୀ ଯୌନକ୍ରିୟାରେ ଜଡ଼ିତ ହୁଏ, ସେଠାରେ ସେ ନିଷ୍କ୍ରିୟ ରହିବାକୁ ଚେଷ୍ଟା କରେ । ଏହା ଏକ ପ୍ରକାର ଅସ୍ୱାଭିବିକ ଯୌନକ୍ରିୟା ।

Digitized by srujanika@gmail.com

ଗତ ତିନିଚାରି ହଜାର ବର୍ଷ ମଧ୍ୟରେ ସଭ୍ୟତା ଓ ସାମାଜିକ ବ୍ୟବସ୍ଥାର ଅନେକ ପରିବର୍ତ୍ତନ ହୋଇଛି, ସଂସ୍କୃତିମାନଙ୍କର ପରିବର୍ତ୍ତନ ଘଟୁଛି । କିନ୍ତୁ ପୁରୁଷ କୈନ୍ଦ୍ରିକ ସମାଜ ଓ ସଂସ୍କୃତିର ମୌଳିକ ପରିବର୍ତ୍ତନ ହୋଇନାହିଁ । ମହାଭାରତ ଯୁଗରୁ ଆଜି ପର୍ଯ୍ୟନ୍ତ ପୁରୁଷ କୈନ୍ଦ୍ରିକ ମୂଲ୍ୟବୋଧଗୁଡ଼ିକ ବଳବତ୍ତର ଓ ବ୍ୟାପକ ହୋଇଆସିଛି । ହିଂସାର ପ୍ରତିଷ୍ଠା ଅଧିକ ବଢ଼ିଛି, ଖେଳ ଓ କଳା କ୍ଷେତ୍ରରେ ତାହା ବ୍ୟାପ୍ତ ହେଉଛି ।

ଏଙ୍ଗେଲ୍‌ସ୍‌ଙ୍କର ଏହି ପ୍ରତିପାଦନ ସତ୍ୟ ବୋଲି ମନେହୁଏ ଯେ, ବ୍ୟକ୍ତିଗତ ସମ୍ପତ୍ତିକୁ ଭିତ୍ତିକରି ଯେଉଁ ପରିବାର ଓ ଆର୍ଥିକ ସମାଜର ଗଠନ ହେଲା, ତା'ଫଳରେ ମାତୃକୈନ୍ଦ୍ରିକ ସମାଜର ଲୋପ ହେଲା ଏବଂ ନାରୀର ସ୍ୱାଧିନତା ମଧ୍ୟ ତୀବ୍ରଗତିରେ ହ୍ରାସ ପାଇଲା । ବ୍ୟକ୍ତିଗତ ସମ୍ପତ୍ତିକୁ ବଢ଼ାଇବା ପାଇଁ ଯେଉଁସବୁ କୌଶଳ ଓ ଆଚରଣ ଦରକାର, ତାହା ହିଂସାତ୍ମକ ଆଚରଣ ସଙ୍ଗେ ସମାନ । ତା'ଛଡ଼ା ସମ୍ପତ୍ତିର ରକ୍ଷା ଓ ପରିବର୍ଦ୍ଧନ ନିମନ୍ତେ ପ୍ରତ୍ୟକ୍ଷ ହିଂସାର ମଧ୍ୟ ଦରକାର ହୁଏ । ଆଧୁନିକ ବ୍ୟବସାୟିକ କମ୍ପାନୀମାନଙ୍କର କାର୍ଯ୍ୟକଳାପକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୋଇଯିବ ।

ପୁରୁଷ କୈନ୍ଦ୍ରିକ ପରିବାର ବ୍ୟବସ୍ଥା ଅସ୍ୱାଭାବିକ ନୁହେଁ କି ? ଗୋଟିଏ ସ୍ତ୍ରୀର ଅନେକ ପତି ବା ପ୍ରେମିକ ହୋଇପାରନ୍ତି, କିନ୍ତୁ ସନ୍ତାନର କେବଳ ଗୋଟିଏ ମା' । ମା'ର ପରିଚୟ ପାଇବା ସହଜ । ତେଣୁ ସ୍ୱାଭାବିକ ବିକାଶକ୍ରମରେ ପରିବାର ମାତୃପ୍ରଧାନ ହୋଇଥାନ୍ତା । ତାହା ନହୋଇ ପିତୃକୈନ୍ଦ୍ରିକ ହେଲା କାହିଁକି ? ଏହାର ଏକମାତ୍ର କାରଣ ହେଉଛି ସଂପତ୍ତି-ବ୍ୟବସ୍ଥା ଏବଂ ତତ୍‌ସଙ୍ଗେ ଜଡ଼ିତ ହିଂସାର ପ୍ରାଧାନ୍ୟ । ଯେଉଁମାନେ ପୁରୁଷକୈନ୍ଦ୍ରିକ ସମାଜର ପରିସମାପ୍ତି ଚାହାନ୍ତି, ସେମାନଙ୍କୁ ଏ ବିଷୟରେ ଚିନ୍ତା କରିବାକୁ ହେବ ଯେ, ପ୍ରଚଳିତ ସମ୍ପତ୍ତି-ବ୍ୟବସ୍ଥାକୁ ନବଦଳେଇ ପୁରୁଷ ନାରୀ ସମ୍ପର୍କରେ ସମାନତା ଆସିବ କିପରି ? ଏହି ସମ୍ପତ୍ତି ବ୍ୟବସ୍ଥାକୁ ଏ ବିଷୟରେ ଚିନ୍ତା କରିବାକୁ ହେବ ଯେ, ପ୍ରଚଳିତ ସମ୍ପତ୍ତି-ମୁକ୍ତି ଆନ୍ଦୋଳନକୁ ତା'ର ତାର୍କିକ ପରିଣାମ ପର୍ଯ୍ୟନ୍ତ ନେଇଯିବା ପାଇଁ ହୁଏତ ପୁଣିଥରେ ଏକ ସମତାବାଦୀ ସଭ୍ୟତାର ସ୍ୱପ୍ନକୁ ପୁନର୍ଜୀବିତ କରିବାକୁ ପଡ଼ିବ । ଏକ ସମତାବାଦୀ ସଭ୍ୟତାରେ ହିଁ ହିଂସାପ୍ରବଣ ସଂସ୍କୃତିର ସମାପ୍ତି ଘଟିବ । ଶାରୀରିକ ଅସୁରକ୍ଷା ଓ ଆର୍ଥିକ ଅସୁରକ୍ଷାର ଅବସାନ ପରେ ନାରୀତ୍ୱ ଏକ ମୂଲ୍ୟରୂପେ ପ୍ରତିଷ୍ଠିତ ହେବ । ଆଜି ନାରୀତ୍ୱର ମୂଲ୍ୟ ଏପରି ଯେ, କାପୁରୁଷକୁ ହିଁ ମାଇଚିଆ କୁହାଯାଏ । ଆଧୁନିକ ସଂପତ୍ତି ବ୍ୟବସ୍ଥା ଓ ହିଂସାର ସାମାଜିକ-ସାଂସ୍କୃତିକ ମୂଲ୍ୟକୁ ଅପରିବର୍ତ୍ତିତ ରଖି ନାରୀ-ପୁରୁଷର ସମାନତା କେବେ ମଧ୍ୟ ସମ୍ଭବ ନୁହେଁ ।

ଏତଏବ ଯେଉଁ ପାଶ୍ଚାତ୍ୟ ସମାଜକୁ ଅନୁସରଣ କରି ଆମେ ଆମ ସମାଜର ଆଧୁନିକୀକରଣ କରୁଛୁ, ତାହା ଏକ ଛଦ୍ମ ଏବଂ ଭ୍ରାନ୍ତି । ଭାରତୀୟ ସମାଜରେ ନାରୀର

Digitized by srujanika@gmail.com

ସଂପୂର୍ଣ୍ଣ ଅସହାୟ ଅବସ୍ଥାକୁ ଦେଖିବା ପରେ ୟୁରୋପ, ଜାପାନ ଓ ଆମେରିକାରେ ନାରୀମାନଙ୍କର ଚାକଚକ୍ୟ, ଶିକ୍ଷା, ଛାଡ଼ପତ୍ର ଓ ସ୍ୱଳ୍ପ ପରିଧାନକୁ ଦେଖି ଏହି ଭ୍ରମ ସୃଷ୍ଟି ହୋଇପାରେ ଯେ, ସେଠାରେ ନାରୀ ପୁରୁଷର ସମସ୍କନ୍ଧ ହୋଇଯାଇଛି ଏବଂ ଆମ ସମାଜର ଆଧୁନିକୀକରଣ ଫଳରେ ଏଠାରେ ମଧ୍ୟ ତାହା ହେବ । ଏହାହିଁ ଏ ଯୁଗର ମହାନ ଭ୍ରାନ୍ତି ଓ ତୃତୀୟ ବିଶ୍ୱର ଟ୍ରାଜେଡ଼ି । ପ୍ରଥମତଃ, ସମୃଦ୍ଧ ଶିଳ୍ପ ପ୍ରଧାନ ଦେଶମାନଙ୍କରେ ପୁରୁଷ ନାରୀ ସମାନତା ଏ ପର୍ଯ୍ୟନ୍ତ ଆସିନାହିଁ । ଆସିବାର ସମ୍ଭାବନା ମଧ୍ୟ ନାହିଁ । ଯେଉଁ ସମୟରେ ରେଗାନ୍ ଆମେରିକାର ରାଷ୍ଟ୍ରପତି ଥିଲେ, ସେଇ ସମୟରୁ ବିଶ୍ୱରେ ଅତ୍ୟାଧୁନିକତାର ଯୁଗ ଆରମ୍ଭ ହୋଇଛି । ଏହି ନୂଆ ଯୁଗରେ ଅର୍ଥନୀତି ଅଧିକ ଦକ୍ଷିଣପନ୍ଥୀ ହେଉଛି ଏବଂ ନାରୀର ସ୍ଥାନ ମଧ୍ୟ ତଳକୁ ଖସୁଛି । ରେଗାନଙ୍କ ରାଜତ୍ୱ କାଳର ସମୀକ୍ଷାରୁ ନାରୀର ପ୍ରତିଷ୍ଠାରେ ହ୍ରାସ ହେବା କଥା ପ୍ରମାଣିତ ହୋଇଛି ।

ଗହଣାପ୍ରିୟତାରେ ବୃଦ୍ଧି, ବଳାତ୍କାରରେ ବୃଦ୍ଧି, ବେଶ୍ୟାମାନଙ୍କ ସଂଖ୍ୟାରେ ବୃଦ୍ଧି ଓ ବେକାରୀ ସଂଖ୍ୟାରେ ବୃଦ୍ଧି ସାଙ୍ଗକୁ ମହତ୍ୱପୂର୍ଣ୍ଣ ପଦପଦବୀରେ ମହିଳାମାନଙ୍କ ଅନୁପାତରେ ସ୍ଥିରତା – ଏସବୁ ସୂଚକ କେବଳ ବିକାଶଶୀଳ ଦେଶମାନଙ୍କ ପାଇଁ ପ୍ରଯୁଜ୍ୟ, ତାହାନୁହେଁ, ୟୁରୋପ, ଆମେରିକାରେ ମଧ୍ୟ ପ୍ରଯୁଜ୍ୟ । ଆମେରିକା ଓ ଜାପାନରେ ମହିଳା ଇଂଜିନିୟରମାନଙ୍କର ଅନୁପାତ ଭାରତ ଠାରୁ ମଧ୍ୟ କମ । ଆମେରିକାରେ ଦାରିଦ୍ର୍ୟ ସୀମା ତଳେ ରହୁଥିବା ଲୋକଙ୍କ ମଧ୍ୟରେ ନାରୀର ଅନୁପାତ ବେଶୀ । ତା'ଛଡ଼ା ନାରୀମାନଙ୍କର ଯେଉଁ ଚଞ୍ଚଳତା ଓ ଚାକଚକ୍ୟ ପଶ୍ଚିମରେ ବୃଦ୍ଧି ପାଇଛି, ତାହାର ମୂଳଦୁଆ ମୂଲ୍ୟବୋଧର ସ୍ୱତଃ ବିକାଶ ନୁହେଁ । ତାହା ସମୃଦ୍ଧି ଆଧାରିତ । ତେଣୁ କୌଣସି ଆର୍ଥିକ ସଙ୍କଟ ଆସିବା ମାତ୍ରେ ନାରୀ ସର୍ବାଗ୍ରେ ଶିକାର ହେଉଛି । ଭାରତର ମହାନଗରୀମାନଙ୍କର ଧନୀ ଇଲାକାଗୁଡ଼ିକରେ ଯେଉଁ ନାରୀ ସ୍ୱାଧୀନତାର ଦୃଶ୍ୟ ସବୁ ଦେଖାଯାଏ, ତାହା ମଧ୍ୟ ସମୃଦ୍ଧି ଆଧାରିତ । ୟୁରୋପ ସଦୃଶ ଏକ କ୍ଷୁଦ୍ର ଆଧୁନିକ ଶ୍ରେଣୀ ତିଆରି କରିବା ଉଦ୍ଦେଶ୍ୟରେ ଭାରତର ନିମ୍ନ ମଧ୍ୟବିତ୍ତ ଓ ଦରିଦ୍ର ଶ୍ରେଣୀଗୁଡ଼ିକୁ ଆହୁରି ଅସହାୟ ଅବସ୍ଥାରେ ରଖିବାକୁ ହେବ ଏବଂ ଦରିଦ୍ର ଶ୍ରେଣୀମାନଙ୍କରେ ସବୁଠାରୁ ଦୁର୍ଭାଗ୍ୟପୂର୍ଣ୍ଣ ଜୀବନ ହିଁ ନାରୀର ହେବ । ଅନ୍ୟପକ୍ଷରେ ସମୃଦ୍ଧ ହେଉଥିବା ଶ୍ରେଣୀମାନେ ନାରୀକୁ ଭୋଗ୍ୟବସ୍ତୁ ରୂପେ ଦେଖିବାର ପ୍ରବୃତ୍ତି ବଢ଼ି ଚାଲିଛି ।

ପ୍ରାୟ ପଚାଶ ବର୍ଷ ପୂର୍ବେ ବେଶ୍ୟାବୃତ୍ତି ଏକ ଘୃଣିତ ପ୍ରଥା ରୂପେ ନିନ୍ଦିତ ହେଉଥିଲା । ଆର୍ଥିକ ଓ ସାମାଜିକ ଅସୁରକ୍ଷା ଏଥିପାଇଁ ଦାୟୀ ବୋଲି କୁହାଯାଉଥିଲା । ଯଦି ଆର୍ଥିକ ଅସୁରକ୍ଷା ରହିବ ନାହିଁ ଏବଂ 'ଅବୈଧ ମାତୃତ୍ୱ' ଭଳି କାର୍ଯ୍ୟ ଫଳରେ କେହି ସମାଜରୁ ବହିଷ୍କୃତ ହେବେନାହିଁ, ତାହେଲେ ସଭ୍ୟ ସମାଜରୁ ବେଶ୍ୟାବୃତ୍ତି ନିଶ୍ଚିହ୍ନ ହୋଇଯିବ ବୋଲି ଆଶା କରାଯାଉଥିଲା । କିନ୍ତୁ ପଶ୍ଚିମର ସମୃଦ୍ଧ ଦେଶମାନେ ଏହି ଆଶାକୁ ଧୂଳିସାତ୍

Digitized by srujanika@gmail.com

କରିଛନ୍ତି । ବିଶ୍ୱବ୍ୟାପୀ ଶୋଷଣ ଚଳାଇ ସେମାନେ ଏପରି ଏକ ଜୀବନ ପଦ୍ଧତିକୁ ପ୍ରୋତ୍ସାହିତ କରୁଛନ୍ତି, ଯାହାର ମୂଳ ମନ୍ତ୍ର ହେଉଛି ଭୋଗ ଓ ବିଳାସ । ବେଶ୍ୟାବୃତ୍ତିକୁ ନବଜୀବନ ପ୍ରଦାନ କରିବା ପାଇଁ ନୂଆ ନୂଆ ନାମରେ ବିଳାସ ଭବନମାନ (ପଞ୍ଚତାରକା ହୋଟେଲ ପ୍ରଭୃତି) ତିଆରି କରୁଛନ୍ତି ଏବଂ ପର୍ଯ୍ୟଟନ ଶିଳ୍ପକୁ ଦରିଦ୍ର ଦେଶ ପାଇଁ ସମୃଦ୍ଧିର ବାଟ ବୋଲି ଗୌରବାନ୍ୱିତ କରାଯାଉଛି । ବେଶ୍ୟାବୃତ୍ତିରେ ଆଉକିଛି ଅନୈତିକତା ଥାଉ ବା ନଥାଉ, ନାରୀଜାତି ପାଇଁ ଏହା ଦାସତ୍ୱର ଚିହ୍ନ । ନାରୀ ଦାସତ୍ୱର ଯେଉଁ ତିନୋଟି ମୁଖ୍ୟ ଜଞ୍ଜିର ଅଛି, ତାହା ହେଉଛି (୧) ଶାରୀରିକ ଅସୁରକ୍ଷା (୨) ଆର୍ଥିକ ଅସୁରକ୍ଷା, (୩) ଭୋଗବସ୍ତୁ ରୂପେ ନାରୀର ବ୍ୟବହାର ।

ଏକ ନିର୍ଦ୍ଦିଷ୍ଟ ବୟସ କାଳରେ କିମ୍ବା ଏକ ନିର୍ଦ୍ଦିଷ୍ଟ ପ୍ରକାରର ପରିବେଶ ଓ ପରିସ୍ଥିତିରେ ପୁରୁଷ ଏବଂ ସ୍ତ୍ରୀ ଏକାଠି ହେଲେ ଉଭୟଙ୍କ ମଧ୍ୟରେ ଏକ ଆନନ୍ଦାନୁଭୂତି ହୋଇଥାଏ - ଏହା ହେଉଛି ଲିଙ୍ଗ ଆଧାରିତ ସୁଖ । ଏହି ସୁଖକୁ ଭୋଗିବାର ଦୁଇଟି ଉପାୟ ଅଛି : ଦୁହେଁ ମିଶି ସାଙ୍ଗ ହୋଇ ମିଳନର ସୁଖକୁ ତଥା ପରିପାର୍ଶ୍ୱକୁ ତଥା ଜୀବନକୁ ଉପଭୋଗ କରିବା, ଦ୍ୱିତୀୟ ଉପାୟ ହେଉଛି ଜଣେ ଅନ୍ୟଜଣକୁ ଭୋଗ୍ୟ ମନେକରି ଯେଉଁଳି ଭାବରେ କୌଣସି ବସ୍ତୁର ଉପଭୋଗ କରାଯାଏ, ସେପରି ଭାବରେ ଅର୍ଥାତ ସେଇ ମନୋବୃତ୍ତି ନେଇ ଉପଭୋଗ କରିବା । ଏହି ପ୍ରଣାଳୀରେ ପୁରୁଷ ଭୋଗକର୍ତ୍ତା ଓ ସ୍ତ୍ରୀ ଭୋଗ୍ୟ ସାମଗ୍ରୀ ହୁଏ । ସାମନ୍ତବାଦ ପରି ଆଧୁନିକ ସଭ୍ୟତା ମଧ୍ୟ ଏହି ଦ୍ୱିତୀୟ ପ୍ରକାରର ସୁଖଭୋଗକୁ ଏତେବେଶୀ ଉତ୍ସାହିତ କରୁଛି ଯେ, ସାମନ୍ତବାଦୀ ଭୋଗ ବ୍ୟବସ୍ଥା ମଳିନ ପଡ଼ିଗଲାଣି ।

(୫)

ଆଧୁନିକୀକରଣର ଏହି ନାରୀ-ବିରୋଧୀ ଦିଗ ପ୍ରତି ନାରୀ-ଆନ୍ଦୋଳନ ସଚେତ ହେଉଥିବାର ଲକ୍ଷ୍ୟ କରାଯାଉଛି । ବିଜ୍ଞାପନରେ ସ୍ତ୍ରୀ ପ୍ରତୀକର ବ୍ୟବହାର ବିରୁଦ୍ଧରେ ବାରମ୍ବାର ସ୍ୱର ଉତ୍ତୋଳନ ହେଉଛି । ବିଶ୍ୱବିଦ୍ୟାଳୟ ଶିକ୍ଷାର ପ୍ରସାର ଓ ଆଧୁନିକତା ଫଳରେ ଆପେ ଆପେ ସ୍ତ୍ରୀ ମୁକ୍ତି ଆସିଯିବ ବୋଲି ଶିକ୍ଷିତ ସମାଜର ଯେଉଁ ଧାରଣା ଅଛି, ତାହା ବିଶ୍ୱାସଯୋଗ୍ୟ ନୁହେଁ ।

ଭୋଗବାଦ ଓ ଉପଭୋକ୍ତା ସଂସ୍କୃତିର ବ୍ୟାପକ ଓ ମୌଳିକ ବିରୋଧର ଆଭିମୁଖ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହେଉନାହିଁ । ଜୀବନର ସୁଖ କ'ଣ ? ଆନନ୍ଦ କହିଲେ କ'ଣ ବୁଝାଯାଏ ? ସୌନ୍ଦର୍ଯ୍ୟ କାହାକୁ କହନ୍ତି ? ଏସବୁର ପୁରୁଷ ଭାଷ୍ୟ ବହୁତ ହୋଇଛି । ଅଶ୍ଳୀଳ ଢ଼ଙ୍ଗରେ ମଧ୍ୟ ଏବଂ ଆଧ୍ୟାତ୍ମିକ ଢ଼ଙ୍ଗରେ ମଧ୍ୟ । ଦରକାର ଏଗୁଡ଼ିକର ନାରୀ ଭାଷ୍ୟ । ସ୍ୱାସ୍ଥ୍ୟ, ଶାରୀରିକ ପରିଚ୍ଛନ୍ନତା, ସମ୍ୟକ ପରିଧାନ ଓ ଗତିଶୀଳତା-ଏକ ଯୁବତୀ ନାରୀର ସୌନ୍ଦର୍ଯ୍ୟ ପାଇଁ ଏହାଠାରୁ ଅତିରିକ୍ତ ପ୍ରସାଧନର ଦାବୀ କରିବା ମୟୁର ପୁଚ୍ଛରେ ରଙ୍ଗ ବୋଲି ତାକୁ

Digitized by srujanika@gmail.com

ଅଧିକ ସୁନ୍ଦର କରିବା ସଦୃଶ ହେବ । ଭୋଗ୍ୟବସ୍ତୁ ହେବା ବିରୁଦ୍ଧରେ ନାରୀର ଯଦି ପୂର୍ଣ୍ଣପ୍ରାଣ ବିଦ୍ରୋହ ହୁଏ, ଆଧୁନିକ୍ ସଭ୍ୟତା ଦୋହଲି ଯିବ । ଏହି ଦୃଷ୍ଟିରୁ ନାରୀ-ମୁକ୍ତି ଆନ୍ଦୋଳନରେ ଏକ ବଡ଼ ଅଭାବ ରହିଯାଉଛି ।

ଦେଶର ସାଂପ୍ରତିକ ଅବସ୍ଥାର ବିଡ଼ମ୍ବନା ଏହି ଯେ, ସମାଜ ଓ ରାଷ୍ଟ୍ରର ସାମଗ୍ରିକ ଉତ୍ଥାନ ଓ ପରିବର୍ତ୍ତନ ପାଇଁ କୌଣସି ବଳିଷ୍ଠ ଆନ୍ଦୋଳନ ନାହିଁ । କିନ୍ତୁ ଆଶାର ବିଷୟ ଏହି ଯେ, ଦଳିତ ଶ୍ରେଣୀମାନେ ଏବଂ ଅଞ୍ଚଳମାନେ ସବୁଠାରେ ଅହରହ ଆନ୍ଦୋଳିତ ହେଉଛନ୍ତି । ନିଜର ଶ୍ରେଣୀଗତ ଓ ଆଞ୍ଚଳିକ ଉତ୍ଥାନ ପାଇଁ ଆନ୍ଦୋଳନ କରିବା ସମୟରେ ସେମାନେ ତାତ୍କାଳିକ ଉଦ୍ଦେଶ୍ୟରେ ଏପରି ସୀମାବଦ୍ଧ ହୋଇଯାଉଛନ୍ତି, ଦୀର୍ଘକାଳୀନ ଓ ସାମଗ୍ରିକ ଉନ୍ନତିକୁ ଲକ୍ଷ୍ୟରୂପେ ଗ୍ରହଣ କରୁନାହାନ୍ତି । ସତେଯେପରି ଦେଶଠାରୁ ସମସ୍ତେ ନିଜ ନିଜର ଭାଗ ନେବାକୁ ଚାହାନ୍ତି, କିନ୍ତୁ ଦେଶ ଗଢ଼ିବାର, ଦେଶକୁ ବିପଦରୁ ରକ୍ଷା କରବାର ଦାୟିତ୍ୱ ନେବାକୁ ଚାହାନ୍ତି ନାହିଁ । ତେଣୁ ପଛୁଆ ଜାତିର ଆନ୍ଦୋଳନ ଜାତିବାଦୀ ହୋଇଯାଉଛି ତ ପଛୁଆ ଅଞ୍ଚଳର ଆନ୍ଦୋଳନ ବିଚ୍ଛିନ୍ନତାବାଦୀ ହେବାର ଆଶଙ୍କା ଉପୁଜୁଛି । ପ୍ରତ୍ୟେକ ଉତ୍ଥାନ-ମୁଖୀ ସମୂହରେ ଗୋଟିଏ ଗୋଟିଏ ବିଶିଷ୍ଟ ଶ୍ରେଣୀ ବା ସୁଖ ଭୋଗକାରୀ ଶ୍ରେଣୀ ଉଦ୍ଭୁତ ହେଉଛି, ଅଥଚ ଦାରିଦ୍ର୍ୟ, ବିଷମତା ଓ ଅନ୍ୟାୟର ଢାଞ୍ଚା ଟିକିଏ ବି ଟଳମଳ ହେଉନାହିଁ । ଦେଶର ଅର୍ଦ୍ଧେକ ଶକ୍ତି ନାରୀ ପାଖରେ । ସମାଜ ଓ ଅର୍ଥ ବ୍ୟବସ୍ଥାରେ ଯେଉଁସବୁ ମୌଳିକ ଅନ୍ୟାୟ ରହିଛି ଏବଂ ଯାହାର ପରିଣାମ ସ୍ୱରୂପ ନାରୀ ଶ୍ରେଣୀ ନିର୍ଯ୍ୟାତିତ ହେଉଛି, ତନ୍ମଧ୍ୟରୁ କେତେକ ସଂକଟ ପ୍ରତି ଯଦି ନାରୀ-ଆନ୍ଦୋଳନ ଯୁଦ୍ଧର ଆହ୍ୱାନ ଦିଅନ୍ତା, ତା'ହେଲେ ନାରୀ-ଆନ୍ଦୋଳନ ନାରୀକୁ ମୁକ୍ତ କରିବା ସଙ୍ଗେ ସଙ୍ଗେ ସମଗ୍ର ସମାଜର ଅଭିନବୀକରଣ ଓ ବିବର୍ତ୍ତନ କରନ୍ତା । (ଦୁର୍ଗାର କିମ୍ବଦନ୍ତି ସତ୍ୟ ହୁଅନ୍ତା - ଯାହା ଦେବମାନେ କରିପାରିଲେ ନାହିଁ, ଦେବୀ କରି ଦେଖାଇଦେଲେ ।) ଅତୀତରେ ମୁକ୍ତିକାମୀ ବୈପ୍ଲବିକ ଆନ୍ଦୋଳନମାନଙ୍କରେ ସବୁଠାରୁ ବଡ଼ ଦୁର୍ବଳତା ଏହା ଥିଲା ଯେ, ନାରୀର ଓ ନାରୀ ଆନ୍ଦୋଳନର ପ୍ରମୁଖ ଭୂମିକା ସେଥିରେ ନଥିଲା ।

ଯୌତୁକ-ନିର୍ଯ୍ୟାତନା ପାଇଁ ପିତୃ ସମ୍ପତ୍ତିରେ ଅଧିକାର ବିହୀନତାକୁ ଦାୟୀକରିବା ଏକ ଆଂଶିକ ବା ପରୋକ୍ଷ ସତ୍ୟ ହୋଇପାରେ । ବହୁଦିନରୁ ଯୌତୁକ ଦାବୀ କରୁଥିବା ପକ୍ଷମାନେ ଯୌତୁକ ପ୍ରଥାର ସମର୍ଥନକୁ ଦୃଢ଼ କରିବା ପାଇଁ ଏହାର ଦଲିଲ ଦେଇ ଆସିଛନ୍ତି । ତେଣୁ ପିତୃ ସମ୍ପତ୍ତି ଉପରେ ଅଧିକାର କାର୍ଯ୍ୟକାରୀ ହେଲେ ଯୌତୁକ ନିର୍ଯ୍ୟାତନାରୁ ମୁକ୍ତି ମିଳିବ ବୋଲି ଯେଉଁମାନେ କହୁଛନ୍ତି, ସେମାନେ ଏକ ଯୁକ୍ତିସଙ୍ଗତ ତଥ୍ୟକୁ ଉପସ୍ଥାପିତ କରୁଛନ୍ତି । କିନ୍ତୁ କେତେଗୁଡ଼ିଏ ପ୍ରଶ୍ନ ଅନୁତ୍ତରିତ ରହିଯାଉଛି । ନାରୀର ସମ୍ପତ୍ତିରେ ସମାନ ଅଧିକାର ଏବଂ ଯୌତୁକର ପରିମାଣକୁ ମାପଦଣ୍ଡ କରି ପତ୍ନୀ-ଚୟନର

Digitized by srujanika@gmail.com

ମନୋବୃତ୍ତି - ଏହି ଦୁଇଟି କଥାକୁ ଅଲଗା କରି ଦେଖିବା ଠିକ୍ ହେବନାହିଁ କି ? ଯେଉଁ ପରିବାରମାନଙ୍କରେ ଅଚଳ ସମ୍ପତ୍ତି କିମ୍ବା ପୁଞ୍ଜି ଆକାରରେ ବିଶେଷ କିଛି ନାହିଁ, ଯାହାର ମାସିକ ବେତନ ଏକ ଦୁଇ ହଜାର ଟଙ୍କା ଛଡ଼ା ଅନ୍ୟ କୌଣସି ଆୟ କିମ୍ବା ସମ୍ପତ୍ତି କି ଉପାର୍ଜନର ମାଧ୍ୟମ ନାହିଁ, ସେହି ପରିବାରମାନଙ୍କର ଏହାଦ୍ୱାରା ସମାଧାନ ହୋଇପାରିବ କି ? ଏହା ମଧ୍ୟ ହୋଇପାରେ ଯେ, ଏହି ଯୁକ୍ତି ଫଳରେ ଯୌତୁକ ପ୍ରଥାର ସମାଲୋଚନା ଦୁର୍ବଳ ହୋଇଯିବ, ଅଥଚ ସମ୍ପତ୍ତିର ଅଧିକାର କଥାଟି କାର୍ଯ୍ୟତଃ ନହୋଇ କେବଳ ଯୌତୁକର ପରିମାଣକୁ ବଢ଼ାଇବା ସାର ହେବ । ଯଦି ସମ୍ପତ୍ତି ଅଧିକାର ଯୁକ୍ତି ଫଳରେ ଯୌତୁକ ପରିମାଣ ବଢ଼େ ଏବଂ ବଢ଼ାଇବା ନିମନ୍ତେ ଚାପ ମଧ୍ୟ ବଢ଼େ, ଆମେ ତାହାକୁ ଏକ ଉପଲବ୍ଧି ବୋଲି କହିବା କି ? ଯୌତୁକ ସମସ୍ୟାର ସମ୍ମୁଖିନ ହେଉଥିବା ସାମାଜିକ କର୍ମୀମାନେ ପିତାର ସମ୍ପତ୍ତି ଉପରେ ଅଧିକାର କଥା ଉଠାଇବା ବେଳେ ପରିତ୍ୟକ୍ତା ନାରୀମାନଙ୍କ ସମସ୍ୟା ନେଇ ଆନ୍ଦୋଳନ କରୁଥିବା କର୍ମୀମାନେ ପତିର ସମ୍ପତ୍ତି ଉପରେ ଅଧିକାର କଥା ଉଠାଉଛନ୍ତି । ସେମାନେ ଦାବୀ କରନ୍ତି ଯେ, ବିବାହ ସମୟରେ ହିଁ ପତିର ଅର୍ଦ୍ଧେକ ସମ୍ପତ୍ତି ଉପରେ ପତ୍ନୀର ଅଧିକାର ଆଇନଗତ ଭାବରେ ଲିପିବଦ୍ଧ ହୋଇଯିବା ଦରକାର । ଏହାକୁ ମଧ୍ୟ ଅଯୌକ୍ତିକ ବୋଲି କହିହେବ ନାହିଁ । କିନ୍ତୁ ସମଗ୍ର ସମାଜରେ ସମ୍ପତ୍ତିର ବ୍ୟବସ୍ଥା, ତାହାର ବଣ୍ଟନ ଓ ଅଧିକାର ବିଷୟରେ ଏକ ସମ୍ୟକ ଚର୍ଚ୍ଚା ଭିତରେ ହିଁ ଏଗୁଡ଼ିକର ସମାଧାନ ସୂତ୍ର ବାହାର କରିବାକୁ ହେବ ।

ଅନ୍ୟକାହାର (ପିତାର ବା ସ୍ୱାମୀର) ସମ୍ପତ୍ତି ଉପରେ ସ୍ତ୍ରୀର କେତେ ଅଧିକାର ରହିବ, ଏହା ଏକ ମଧ୍ୟବିତ୍ତ ଶ୍ରେଣୀର ପ୍ରଶ୍ନ । ମଧ୍ୟବିତ୍ତ ଶ୍ରେଣୀର ବୋଲି କହିଲେ ପ୍ରଶ୍ନଟି ଅଶୁଦ୍ଧ ହୋଇଯାଏ ନାହିଁ, କେବଳ ତା'ର ସୀମିତ ପରିସରକୁ ହିଁ ସୂଚାଏ । ଆର୍ଥିକ ଅସୁରକ୍ଷାରୁ ନାରୀକୁ ମୁକ୍ତ କରିବା ପାଇଁ ଏପରି ପ୍ରତିକାରର ଉପାୟ ହେବା ଉଚିତ, ଯାହା ପ୍ରତ୍ୟେକ ନାରୀପାଇଁ କାର୍ଯ୍ୟକାରୀ ହୋଇପାରିବ । ଜନମଙ୍ଗଳ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକକୁ ବଞ୍ଚିବାର ଅଧିକାର ଅଛି, ତେଣୁ ପ୍ରତ୍ୟେକ ନାଗରିକକୁ ରୋଜଗାରର ଗ୍ୟାରେଣ୍ଟି ରହିବା ଦରକାର ଏବଂ ରୋଜଗାର ନମିଳିଲେ ବଞ୍ଚିବାର ଭତ୍ତା ମିଳିବା ଦରକାର । ଏହି ଆଇନକୁ ସର୍ବପ୍ରଥମେ ନାରୀମାନଙ୍କ ପାଇଁ କାର୍ଯ୍ୟକାରୀ କରିବା ଦରକାର ଏବଂ ଅବିଳମ୍ବେ ଏହାକୁ କରିବା ପାଇଁ ସବୁଆଡୁ ଚାପ ପଡ଼ିବା ଉଚିତ । **ଏହା ହେଉଛି** ଅସଲରେ ନାରୀର ସମ୍ପତ୍ତି-ଅଧିକାର । ତାକୁ ରୋଜଗାର ଦେଇ କାର୍ଯ୍ୟକ୍ଷମ ଓ ଆୟକ୍ଷମ କରାହେଲେ ଯୌତୁକ, ପରିତ୍ୟାଗ, ବଳାତ୍କାର ଆଦିର ସେ ନିଜେ ସମ୍ମୁଖୀନ ହୋଇପାରିବ ।

ସୌଜନ୍ୟ : ବିଚାରର ଟିପାଖାତା

ପ୍ରକାଶକ - ବିକଳ୍ପ ବିଚାର ପ୍ରକାଶନୀ

****

ମନକୁ ସ୍ତିରୀବେଶ କରି

ଚିତ୍ତ ରଞ୍ଜନ ଦାସ

ଏହି ମଞ୍ଚମଣ୍ଡଳରେ ସ୍ତିରୀ ଏବଂ ପୁରୁଷଙ୍କ ଲାଗି ସମ୍ଭବତଃ ଢେର ଦୁର୍ଭାଗ୍ୟର କଥା ଯେ, ନିଜକୁ ସର୍ବପ୍ରଥମେ ଜଣେ ଜଣେ ମନୁଷ୍ୟ ବୋଲି ଜାଣିବା ଆଗରୁ ହିଁ ସେମାନେ ସ୍ତିରୀ ଏବଂ ପୁରୁଷ ବୋଲି ଜାଣି ଶିଖିଲେ । ଅଧିକ ନିର୍ଭୁଲ ଭାବରେ କହିଲେ, ସ୍ତିରୀ ବନାମ ପୁରୁଷ ହିସାବରେ । ଯୌନଗତ ଗଢ଼ଣରେ ତ ସେହି ଜନ୍ମସମୟରୁ ହିଁ ଫରକ ରହିଥିଲା ଏବଂ ବିଧାତାଙ୍କର ଜୈବସ୍ତରୀୟ ନକ୍‌ସାଟିର ପ୍ରୟୋଜନଟି ସକାଶେ ମଧ୍ୟ ଏକ ଭିନ୍ନ ଭିନ୍ନ ଭୂମିକା ମଧ୍ୟ ରହିଥିଲା । କାଳେ କାଳେ ଥିଲା ଏବଂ କାଳକାଳକୁ ରହିବ । ତେଣୁ, ସ୍ତିରୀ ଏବଂ ପୁରୁଷ ସଂକ୍ରାନ୍ତୀୟ ଏହି ଯେଉଁ ପାର୍ଥକ୍ୟ-ସଚେତନତା, ସେଇଟି ସମାଜ ଅନୁସାରେ । ସମାଜମାନେ ଭଲି ଭଲି, ତେଣୁ ତୁଳନାତ୍ମକ ମୂଲ୍ୟାରୋପ ମଧ୍ୟ ଭଲିକି ଭଲି । ସେହି ଭଲି ଭଲି ନଜରକୁ ଏକ ଗାମ୍ଭୀର୍ଯ୍ୟ ବିଶିଷ୍ଟ ପ୍ରତୀତି ଦେବାପାଇଁ ଅନୁରୂପ ଶାସ୍ତ୍ରମାନେ ମଧ୍ୟ ରଚିତ ହୋଇ ଆସିଛନ୍ତି । ପୃଥ୍ୱୀନିୟନ୍ତାର ଲୀଳାଟାକୁ ମଧ୍ୟ ସତକୁ ସତ ଧନ୍ୟ କହିବାକୁ ପଡ଼ିବ, କାରଣ ଉକ୍ତ ଶାସ୍ତ୍ରଗୁଡ଼ିକୁ ଆମ ସେକାଳର ଋଷିମାନେ ଲେଖିଛନ୍ତି ।

ହଁ, ସମାଜ ଭଲି ଭଲି, ତେଣୁ ସଂହିତାମାନେ ଭଲି ଭଲି । ପ୍ରତ୍ୟେକେ ହିଁ ସମାନ ଭାବରେ ପବିତ୍ର । ସମାଜ ଅନୁସାରେ ଭଲିକି ଭଲି ଆଚାର ଏବଂ ସେହି ଆଚାରମାନଙ୍କ ଦ୍ୱାରା ନିରୂପିତ ହେଉଥିବା ଆମର ଏହି ବହୁମନ୍ତେ ଚିତ୍ରବିଚିତ୍ର ତଥାକଥିତ ଧର୍ମମାନେ । ସମାଜରେ ସେହି ସ୍ତିରୀ-ପୁରୁଷ ବିଭାଜନକୁ ସଂପୃକ୍ତ ସମାଜର ଶାନ୍ତିପ୍ରିୟମାନେ ଅମୋଘବତ୍ ମାନି ନେଇଛନ୍ତି । ଆମ ଦେଉଳମାନେ ପ୍ରଧାନତଃ ଆମର ସମାଜଗତ ସ୍ଥାନୀୟତା ଗୁଡ଼ିକୁ ଏକ ଟାଣମୂଳ ସ୍ଥାୟିତ୍ୱବୋଧ ଦେବା ସକାଶେ ଅଭିପ୍ରେତ ହୋଇ ରହିଛନ୍ତି । ତେଣୁ, ଆମ ପାରସ୍ପରିକ ଜୀବନର ସ୍ୱୀକୃତ ନିର୍ଭରଶିଳା ଗୁଡ଼ିକ ଖୁବ୍ କାମ ଦେଉଛନ୍ତି । ମଣିଷକୁ ତ ଭଗବାନ ତିଆରି କରିଛନ୍ତି, ମାତ୍ର ସ୍ତିରୀ ଓ ପୁରୁଷଙ୍କର ଏହି ତୁଳନାତ୍ମକ ଭଲି ଭଲି ସ୍ଥିତିଗୁଡ଼ିକୁ ଆମ ସମାଜନାମକ ବିଶେଷ ପରିପାଟୀଟି ଠାରୁ ହିଁ ଦାୟାଦରୂପେ ଲାଭ କରିଛୁ । ଏବଂ, ଆମେ ନିଜେ ଯେତେବେଳେ ସେଇଟିକୁ ସବାଆଗ ବୋଲି ଗ୍ରହଣ କରିନେଇଛୁ, ଭଗବାନ ମଧ୍ୟ ଆଉ କ'ଣ ପାଇଁ ମଝିରେ ଠିଆ ହୋଇ ଆମକୁ କଷ୍ଟ ଦେବାକୁ ଆସିଥାନ୍ତେ ?

ଅର୍ଥାତ୍, ସମାଜ ଅନୁସାରେ ସ୍ତିରୀ ଏବଂ ପୁରୁଷ ଭେଦରେ ଯାବତୀୟ ବିଧାନ ଏବଂ ବିଭାଜନ । ପୃଥିବୀରେ ଏବେ ମଧ୍ୟ ସମୁଦାୟମାନ ରହିଛି, ଯେଉଁଠାରେ ପରିବାର ଭିତରେ ସ୍ତିରୀର ସ୍ଥାନ ଉଚ୍ଚରେ ଏବଂ ପୁରୁଷର ସ୍ଥାନ ନିମ୍ନତର । ସ୍ତ୍ରୀ ଅଧିକ ଶିକ୍ଷିତା, ସମ୍ପତ୍ତିର ଅଧିକାରିଣୀ, ଏବଂ ତାହାରି ନିର୍ଦ୍ଦେଶନାରେ ହିଁ କୁଟୁମ୍ବଗତ ସବୁକିଛି ନିର୍ଣ୍ଣୟ ତଥା ନିର୍ଦ୍ଧାରଣ । ପ୍ରାଚୀନ ସମାଜଗଠନ ଗୁଡ଼ିକର ଚରିତ୍ରକୁ ଅଧ୍ୟୟନ କରୁଥିବା ବିଶେଷଜ୍ଞମାନେ ଅନୁମାନ କରିଛନ୍ତି ଯେ, ପୃଥିବୀରେ ପାରିବାରିକ ଜୀବନ ପ୍ରଥମେ ମାତୃପ୍ରଧାନ ଥିଲା ଏବଂ ଜୀବନଭରଣାର ପ୍ରୟୋଜନ ଏବଂ ସମାଧାନଗୁଡ଼ିକ ଅଧିକ ଜଟିଳ ହେବା ସଙ୍ଗେ ସଙ୍ଗେ ପିତୃପ୍ରଧାନ ନାମକ ସେହି ଅନ୍ୟ ଗଢ଼ଣଟିର ଉଦ୍‌ଭବ ହୋଇ ଆସିଲା । ଏବଂ, କ୍ରମେ ପୃଥିବୀର ସାମୂହିକ ମନୁଷ୍ୟଜୀବନଟା ତ ଦିନକୁ ଦିନ ଆହୁରି ଅଧିକ ଜଟିଳ ଅର୍ଥାତ୍ ବହୁଶଙ୍କ୍ୟୁକ୍ତ ଅବଶ୍ୟ ହେବ, ତେଣୁ ଶୈଳୀଟା ମଧ୍ୟ ଅଧିକରୁ ଅଧିକ କଠୋରତା ସହିତ ପିତୃପ୍ରଧାନ ହେବାରେ ଲାଗିଥିବ କି ?

କପିଳମୁନିଙ୍କର ସାଂଖ୍ୟଦର୍ଶନରେ ପ୍ରକୃତି ଏବଂ ପୁରୁଷନାମକ ଦୁଇଟି ତତ୍ତ୍ୱର ଉପସ୍ଥାପନା କରାଯାଇଛି । ଏବଂ, ଭାରତୀୟ ସାଧନାର କେତେଟା ଖାସ୍ ମାର୍ଗରେ ସେହି ମୂଳ ଅର୍ଥରୁ ପ୍ରାୟ ସଂପୂର୍ଣ୍ଣ ହୁଡ଼ିଯାଇ ପ୍ରକୃତି କହିଲେ ଏକଦା ଯୌନପାର୍ଥକ୍ୟଟା ଉପରେ ଗୁରୁତ୍ୱ ଦେଇ ପ୍ରକୃତିକୁ ସ୍ତ୍ରୀ ଏବଂ ପୁରୁଷକୁ ପୁରୁଷ ବୋଲି କାହିଁକି କୁହାଗଲା କେଜାଣି ?" ତାନ୍ତ୍ରିକ ଉପସାନା-ପଦ୍ଧତିରେ ସେହି ପ୍ରବୃତ୍ତିଟି ସମ୍ଭବତଃ ବିଶେଷ ଭାବରେ ଏକ ଚଳଣିରେ ପରିଣତ ହୋଇ ଯାଇଥିଲା । ଗୀତା-ଧର୍ମଶାସ୍ତ୍ରର 'ପୁରୁଷାର୍ଥ' ଶବ୍ଦଟି ଆଦୌ କେବଳ ପୁରୁଷକୁ ଉଦ୍ଦିଷ୍ଟ କରି ପ୍ରୟୋଗ କରା ଯାଇନଥିଲା । ସାହସ କରି ତଥାପି ଖୁବ୍ ପଚରାଯାଇ ପାରିବ ଯେ, ତା'ପରେ ହାଉଳେ ହାଉଳେ କ'ଣ ସବୁ କାହିଁକି ଘଟିଲା, ଯାହା ସକାଶେ ପ୍ରକୃତି କହିଲେ ତୁଚ୍ଛା ନାରୀକୁ ବୁଝାଇଲା ଏବଂ ପୁରୁଷ କହିଲେ ତୁଚ୍ଛା ମରଦକୁ ? ଭାରତୀୟ ରୀତିକାବ୍ୟର କଲ୍ଲୋଳମୟ କୋଳାହଳରେ ସେହି ବୃତ୍ତିଟି ପ୍ରାୟ ଏକ ସର୍ବମାନ୍ୟ ପ୍ରେୟସତ୍ୟରେ ପରିଣତ ହୋଇ ଯାଇଥିଲା । ନାନାବିଧ ଆଲୋଚନା ନିମନ୍ତେ ଏଇଟି ଆମେ ମନ କଲେ ବହୁ ଆଗ୍ରହୋଦ୍ଦୀପକ ସରଞ୍ଜାମ ନିଶ୍ଚୟ ଆଣି ଯୋଗାଇ ଦେଇ ପାରିବ, ଆମର ତଥାକଥିତ ବହୁ ଔଚିତ୍ୟ ତଥା ଅନୌଚିତ୍ୟ ଭିତରକୁ ଏକାଧିକ ଅନ୍ତଃଦୃଷ୍ଟି ଯୋଗାଇଦେବ ।

ପ୍ରାଚୀନ ଗ୍ରୀସ୍‌ରେ ଆଦର୍ଶ ନଗରବ୍ୟବସ୍ଥା ବିଷୟରେ ଦାର୍ଶନିକ ପ୍ଲାଟୋ ତାଙ୍କର ପରିଚିତ କାଳଟିକୁ କେତେ ନା କେତେ ମହନୀୟ କଥାମାନ କହିଛନ୍ତି, ଯାହାକି ଏବେ ମଧ୍ୟ ସମଗ୍ର ପୃଥିବୀରେ ଆମ ସମସ୍ତଙ୍କୁ ବହୁ ହିତପ୍ରେରଣା ଦେଉଛି । କିନ୍ତୁ ସେଠାର ନାରୀମାନେ ତଥାପି ଯାବତୀୟ ବିଚାରର ବାହାରେ ହିଁ ରହିଛନ୍ତି । ସକଳ ଉଦାତ୍ତ କଥା

ପୁରୁଷ ହିଁ କରିଆସିଛି ଏବଂ ଆପଣାର ଉଲ୍ଲସିତତମ ଖୋଲା ମୁହୂର୍ତ୍ତଗୁଡ଼ିକରେ ସିଏ ନାରୀକୁ ପ୍ରଧାନତଃ ଆପଣାର ଏକ ଅପରିହାର୍ଯ୍ୟ ସୁଖସାମଗ୍ରୀ ରୂପେ ହିଁ ବର୍ଣ୍ଣନା କରି କେତେ ଖୁସୀ ହୋଇଛି । ଧର୍ମମାନେ ଆସିଚନ୍ତି, ପୃଥିବୀଟାକୁ ନାନା ଚମକ ଦ୍ୱାରା ଉଚ୍ଚାଟିତ କରି ଦେଇଛନ୍ତି; କିନ୍ତୁ ନାରୀ ତା'ର ପ୍ରଥମ ନିର୍ଦ୍ଧାରିତ ଏରୁଣ୍ଡିବନ୍ଧ ଗୁଡ଼ିକୁ ଆଦୌ ଡ଼େଇଁ ପାରିନାହିଁ । ନାରୀ ରଜାପାଇଁ ରାଣୀ ହୋଇଛି, ଗୃହସ୍ଥ ପାଇଁ ଘରଣୀ ହୋଇଛି, ଏପରିକି ଠାକୁରମାନେ ସେପରି କିଛି ବରାଦ ନକଲେ କାଳେ ଖଣ୍ଡିଆ ହୋଇ ରହିବେ ବୋଲି ସେମାନଙ୍କ ପାଇଁ ଠାକୁରାଣୀ ବି ହୋଇଛି । ପ୍ରାଚୀନ ପଞ୍ଚମକାରୀ ତନ୍ତ୍ରସାଧନାରେ ନାରୀକୁ ଆତ୍ମାର ଗାଭୀ ବୋଲି କୁହାଯାଉଥିଲା । ମାତ୍ର ସେଠାରେ ମଧ୍ୟ ଆତ୍ମା କହିଲେ କେବଳ ପୁରୁଷର ଏକ ଖାସ ସମ୍ପଦକୁ ବୁଝାଉଥିଲା ଏବଂ ସେହି ଆତ୍ମାର ଉପଲବ୍ଧି ନିମନ୍ତେ ନାରୀ ଗାଭୀମାତ୍ର ହୋଇ ହିଁ ବ୍ୟବହୃତ ହେଉଥିଲା । କଥିତ ଅଛି, ବୁଦ୍ଧ ତଥାଗତ ସମ୍ଭବତଃ ପ୍ରମାଦଗୁଡ଼ିକୁ ଜାଣିଥିବାରୁ କେବଳ ପୁରୁଷମାନଙ୍କୁ ହିଁ ଭିକ୍ଷୁ ହେବାଲାଗି ଅନୁମତି ପ୍ରଦାନ କରୁଥିଲେ । ତାଙ୍କ ବିଶ୍ୱସ୍ତତମ ଶିଷ୍ୟମାନେ ବାରମ୍ବାର ଅନୁରୋଧ କରିବାରୁ ବୁଦ୍ଧ ଭିକ୍ଷୁଣୀମାନଙ୍କ ନିମନ୍ତେ ଏକ ବିହାରର ସ୍ଥାପନା ପାଇଁ ପ୍ରାୟ ଅଗତ୍ୟା ରାଜି ହୋଇଥିଲେ । କିନ୍ତୁ ତଥାପି କହିଥିଲେ ଯେ, ଏହି ଅକରଣୀୟଟି ନିମନ୍ତେ ଅନୁମତି ଦେବା ଫଳରେ ତାଙ୍କଦ୍ୱାରା ପ୍ରଚାରିତ ନୂତନ ଏହି ଧର୍ମଟି ଆଗକୁ କେବଳ ପାଞ୍ଚଶହ ବର୍ଷଯାଏ ହିଁ ରହିବ ଓ ତା'ପରେ ବିଲୁପ୍ତ ହୋଇଯିବ । ସକଳ ପୁରୁଷମାନେ ନାରୀକୁ ଅବଳା ବୋଲି କହୁଥିଲେ ସତ, ମାତ୍ର ନାରୀମାନେ ସମାନ ହୋଇ ପାଖରେ ବସିବାର ଫର୍ଚ୍ଚାଟିଏ ପାଇଲେ ସବୁକିଛି ନଷ୍ଟ ହୋଇଯିବ ବୋଲି ଭୟ କରୁଥିଲେ କାହିଁକି କେଜାଣି ?

ଆମେ ପୁନର୍ବାର ଭଲ କରି ସ୍ମରଣରେ ରଖିବା ଯେ, କୌଣସି ଜନ୍ମଗତ ଓ ତଥାନିହିତ କାରଣରୁ ପୁରୁଷ ପୁରୁଷ ଓ ନାରୀ ନାରୀ ହୋଇ ଯେ ଯୁଗଯୁଗରୁ ରହିଆସିଛି, ସେ କଥା ଆଦୌ ନୁହେଁ; ସମାଜର ଖାସ୍ ମୂଲ୍ୟଦୃଷ୍ଟି ଗୁଡ଼ିକ ହିଁ ସେହିଭଳି ଘଟାଇ ଆସିଛି । ପ୍ରାୟ ସଚରାଚର ପୁସ୍ତକମାନଙ୍କରେ ପୁରୁଷ କେଡ଼େ ପୁଲକିତ ଭାବରେ ନାରୀକୁ ମେଦବହୁଳ କରି ବର୍ଣ୍ଣନା କରିଛି ଏବଂ କେଡ଼େ ଭାବଛଳଛଳ ହୋଇ ତାହାକୁ କଳାତ୍ମକ ବୋଲି ଘୋଷଣା କରିଛି । ଅପର ପକ୍ଷରେ, ନାରୀକୁ ଆଉ ଯାବତୀୟ ସମ୍ବନ୍ଧିତତାର ବାସ୍ତବ ଜଗତରେ ପରିଚାରିକା ବନାଇ ରଖିଛି । ପୁରୁଷ ସଦୃଶ ନାରୀ ମଧ୍ୟ ଜଣେ ବ୍ୟକ୍ତି, ଏହି କଥାଟିକୁ ସ୍ୱୀକାର ନକରିବା ନିମନ୍ତେ ହିଁ ପୁରୁଷବର୍ଗଟା ଧର୍ମବତ୍ ପାଳନ କରିଆସିଛି । ପୁରୁଷ ବି ତ ସକଳ କ୍ଷେତ୍ରରେ ଏକ ଭୂମିକାରେ ଅବତୀର୍ଣ୍ଣ ହୋଇ ଯାହା କିଛି କରିଛି, କିନ୍ତୁ ସେତେବେଳେ ମଧ୍ୟ ହୁଏତ ନିଜକୁ ଆଗ ଜଣେ ବ୍ୟକ୍ତି ପରି ଦେଖିଛି, କର୍ତ୍ତା ବୋଲି ଗଣନା କରିଛି । ଦୁହିଁଙ୍କ ମଧ୍ୟରୁ କେଉଁ ପକ୍ଷଟା କାହାର ବାଟ ଓଗାଳି ବସିଛି, ସେକଥା କିଏ କହିପାରିବ ?

ସେହି ପ୍ରାୟ ଗୋଟିଏ ପ୍ରକାରର ଶକଟାସୁରର ପିଠି ଉପରେ ବସି ଆମେ ଏକାବେଳେକେ ଏହି ସାଂପ୍ରତିକ କାଳରେ ଆସି ପହଞ୍ଚିଯିବା । ଇଉରୋପୀୟ ସାହିତ୍ୟ, ସମାଜ-ହଳଚଳ, ସାର୍ବଜନୀନ ଶିକ୍ଷା, ବିଜ୍ଞାନ କୌଶଳର ବହୁତର ପ୍ରୟୋଗ ଫଳରେ ବାସ୍ତବ ଅକିଞ୍ଚନତାବୋଧ ଗୁଡ଼ିକର କ୍ରମେ ହ୍ରାସ ହୋଇ ଆସିବା, ବୃହତ୍ତର ବିଶ୍ୱ ସହିତ ପରିଚୟଗୁଡ଼ିକ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପାରମ୍ପରିକ Hubris ମାନଙ୍କର ଦାଉଟା କମି ଆସିବା ଏବଂ ତାହା ଫଳରେ ଗଣତନ୍ତ୍ରକୁ କେବଳ ଏକ ରାଜନୀତିକ gadget ମାତ୍ର ନୁହେଁ, ମାତ୍ର ପାରସ୍ପରିକ ଜୀବନସମ୍ପର୍କ ଗୁଡ଼ିକର କ୍ଷେତ୍ରରେ ମଧ ଏକ ସୁସ୍ଥତର ଏବଂ ତେଣୁ କାମ୍ୟତର ପରିମଳରୂପେ ହୃଦୟଙ୍ଗମ କରିପାରିବା, ଏହି ସବୁଗୁଡ଼ିକ ଗୋଟିଏ ସମଗ୍ର ହାଓ୍ୱାରେ ପରିଣତ ହୋଇ ମନୁଷ୍ୟମାନଙ୍କୁ ନିଜକୁ ତଥା ସମସ୍ତଙ୍କୁ ଏକ ଅନ୍ୟ ସନ୍ଦର୍ଭ ଉପରେ ଦେଖି ପାରିବାର ସାହସ ଆଣିଦେଲା ଏବଂ, ଯାବତୀୟ ସାହସ ଯାହା କରିଥାଏ, ଏକ ଉଦାରତା ମଧ୍ୟ ଆଣି ଦେଇଥିଲା । ଏବଂ, ଫଳତଃ ଏକ ନୂତନ ଦୃଷ୍ଟିମନ୍ଥନର ଆବେଦନରୁ ପରବର୍ତ୍ତୀ ଏକାଧିକ ବିକଳ୍ପର ଉଦୟ ସମ୍ଭବ ହେଲା ।

ଅଧିକରୁ ଅଧିକ ମଣିଷଙ୍କର ପେଟ ପୂରିଲା ଅର୍ଥାତ୍ ଅନ୍ନ ଯୋଗାଡ଼ ହୋଇଗଲା ଏବଂ ତେଣୁ, ପେଟ ସେ ପାଖରେ ମଧ ଆହୁରି ସବୁ କ'ଣ ଅବଶ୍ୟ ରହିଛି ବୋଲି ପ୍ରତ୍ୟୟଟିଏ ଅନୁଭୂତ ହେଲା । ଇଷ୍ଟ ସେପାଖକୁ ଇଷ୍ଟତରମାନେ ଅଛନ୍ତି, ତୃପ୍ତ ସେପାଖକୁ ଅତୃପ୍ତଟାଏ ଅଛି, Creature ସେପାଖକୁ Creator ଟିଏ ରହିଛି । ତେଣୁ, ନାରୀ କ'ଣ ପାଇଁ ପୁରୁଷର ଅଧସ୍ତନ ହୋଇ ରହିବ, କେବଳ ପୁରୁଷ ସଂହିତାକାର ମାନଙ୍କର ଉପଚାରଗୁଡ଼ିକ ମୁତାବକ ସେହି ପାରମ୍ପରିକ ଏପରି ଅଥବା ସେପରି ହୋଇ ରହିଥିବ ? ସେହି ସବାପ୍ରଥମ 'ନାହିଁ' ଟାରୁ ଇଉରୋପରେ Feminism ନାମକ ପ୍ରତିବାଦଟିଏ ଦାନା ବାନ୍ଧିବାକୁ ଆରମ୍ଭ କରିଥିଲା । ଖୁବ୍ ଭଲ କରି ବୁଝିହେବ ଯେ, ସେହି ପ୍ରଥମ ଚହଲଟାର ଉତ୍ସାହଟା ସମୟରେ ନାରୀ ପୁରୁଷ ଭଳି ହେବା ନିମନ୍ତେ ପ୍ରାୟ ଏକ ବାଳବତ୍ ଜିଦ୍‌ରେ ପୁରୁଷ ପରି ହେବାକୁ ଇଚ୍ଛା କଲା । ଅନୁମାନ କରାଯାଇ ପାରିବ ଯେ ସେତେବେଳେ ନାରୀମାନେ ଯଥାସମ୍ଭବ ପୁରୁଷର ଦକ୍ଷତାଚୟର ପରିଚୟ ଦେଇ ନିଜ ଅସ୍ମିତାଟାର ପ୍ରମାଣ ଦେବାପାଇଁ ଖୁବ୍ ଉତ୍ସାହୀ ହେଲେ ଏବଂ ତଦ୍ୱାରା ନିଜକୁ କୃତକୃତ୍ୟ ଅନୁଭବ କରିଥିଲେ । କେବଳ ଜଣେ ଜଣେ ବ୍ୟକ୍ତି ହିସାବରେ ନୁହେଁ, ଏକ ବର୍ଗ ହିସାବରେ ମଧ୍ୟ ପାରଦର୍ଶିତା ଗୁଡ଼ିକ ହାସଲ କଲେ । ଇଉରୋପ ଓ ଆମେରିକାରେ ନାରୀମାନେ ହିଁ ସେହି ଦଉଡ଼ମାନଙ୍କରେ ନେତୃତ୍ୱର ଥାନମାନଙ୍କରେ ରହିଥିଲେ ।

ଏହି ଫେମିନିଜ୍‌ମ୍ କଥାଟିକୁ ବୁଝାଇବାକୁ ଓଡ଼ିଆରେ ସଂପ୍ରତି 'ବାମାବାଦ' ବୋଲି ଗୋଟିଏ ନୂଆ ଶବ୍ଦର ବ୍ୟବହାର ହେଲାଣି । ଯେତେଦୂର ଉତ୍ପତ୍ତିକୁ ନିରୂପଣ କରି ହେଉଛି,

'ବାମା' ଶବ୍ଦଟିକୁ ରୀତିଯୁଗର କାବ୍ୟମାନଙ୍କରେ କିଛି ବ୍ୟବହାର କରାଯାଇଥିଲା । ସେହି କାବ୍ୟକାର ମାନେ ସମସ୍ତେ ପୁରୁଷ । ଏବେ ମଧ୍ୟ 'ବାମାବାଦ' କଥାଟିକୁ ଆମ ଚଳଣି ମଧ୍ୟରେ ଆଣି ପ୍ରବେଶ କରାଇବାର କୋଶିସ୍ କରୁଥିବା ପ୍ରବନ୍ଧକାରମାନେ ସମସ୍ତେ ସ୍ପଷ୍ଟଭାବରେ କେବଳ ପୁରୁଷ । ହଁ, ତନ୍ତ୍ରସାଧନାର ମାର୍ଗର ବାମମାର୍ଗ ବୋଲି ଯେଉଁ ବିଶେଷ ଆଚାର ବା ଆଚରଣଟିଏ ରହିଥିଲା, ତାହାର ଆମର ଏହି ବାମାବାଦ ସହିତ ମୋଟେ କୌଣସି ସମ୍ବନ୍ଧ ରହିବା ଉଚିତ ହେବନାହିଁ । ବାମପାର୍ଶ୍ୱରେ ବସନ୍ତି ବୋଲି ବାମା । ଦେବତାମାନେ ଡ଼ାହାଣପାଖରେ ଏବଂ ଦେବୀମାନେ ବାଆଁପଟେ । ବେଦୀଉପରେ ବର ଡ଼ାହାଣପଟେ ଏବଂ କନ୍ୟା ବାଆଁପଟେ । ଏପରି ଗୋଟିଏ ନିର୍ଦ୍ଦିଷ୍ଟ ସାମାଜିକ ଅଗ୍ରାଧିକାର-ସୂଚକ ଶବ୍ଦଟି ଦ୍ୱାରା ଫେମିନିଜ୍‌ମ୍‌ର ମୁଖ୍ୟତଃ ପାଶ୍ଚାତ୍ୟ ସଂସ୍କୃତିର କଥାଟିକୁ ସୂଚିତ କରିବାର ପ୍ରୟାସଟି ମୋଟେ ଶାଳୀନ ବୋଧ ହେବନାହିଁ । ପୁନଶ୍ଚ, ଏହି Feminism ହେଉଛି ଏକ ପରମ୍ପରାକୁ ଭାଙ୍ଗିବାର କାହାଣୀ ଏବଂ ସେଥିଲାଗି ଅଧିକ ସଭ୍ୟ ବୋଲି ବିଶ୍ୱମଣିଷଙ୍କ ମନରେ ସୃଷ୍ଟି କରା ଯାଇଥିବା ଖଣ୍ଡେ ଅଞ୍ଚଳର କାହାଣୀ । ବାମାବାଦ କହିଲେ ଫେମିନିଜ୍‌ମ୍ ପଛରେ ରହିଥିବା ଉଦ୍‌ବେଳନର ବାସ୍ତବ ଘଟଣାଟି ଆଦୌ ଧରି ହିଁ ହେଉନାହିଁ ।

ପାଶ୍ଚାତ୍ୟ ବାମାବାଦ ପାଇଁ ଆଗ ସାମାଜିକ ଭିତ୍ତିଭୂମି ଗୁଡ଼ିକ ତିଆରି ହେଲା ଓ ସେହି ପ୍ରବାହରେ ତାହା ସାହିତ୍ୟ ମଧ୍ୟରେ ଯାଇ ଆତ୍ମପ୍ରକାଶ କରିଥିଲା । ଓଡ଼ିଶାରେ ଯେଉଁମାନେ ନାରୀ-ଜାଗରଣ ଅର୍ଥାତ୍ ନାରୀର ଗୁହାମୁକ୍ତି ବିଷୟରେ ସାହିତ୍ୟ ଅର୍ଜିଛନ୍ତି, ଏମାନେ ପ୍ରାୟ ସମସ୍ତେ ମର୍ଯ୍ୟାଦା-ପୁରୁଷ ରାମଚନ୍ଦ୍ରଙ୍କ କାଟର କୃପାର ପ୍ରଦର୍ଶନ କରି ଅହଲ୍ୟାମାନଙ୍କୁ ପଥରଗୁଡ଼ାକରୁ ନିଷ୍କୃତି ଦେବାରେ ହିଁ ଏକ ଉଦାରତା ପ୍ରଦର୍ଶନ କରିଛନ୍ତି । ଆମେ ସେମାନଙ୍କୁ କଦାପି ବାମାବାଦୀ ବୋଲି କହିବା ନାହିଁ । ସେମିତି ଠାବ କରି ବାହାରିଲେ ସକଳ ନ୍ୟାୟରେ ସମ୍ଭବତଃ ଶ୍ରୀମତୀ କୁନ୍ତଳା କୁମାରୀଙ୍କୁ ଏକମାତ୍ର ବାମାବାଦୀ ବାମା ବୋଲି ଗଣନା କରାଯାଇ ପାରିବ । ବିଂଶ ଶତାବ୍ଦୀର କତିପୟ ଦଶକରେ ଯେଉଁ ନାରୀକବିମାନେ ଭେରୀତୁରୀ ବଜାଇ ସାହିତପଣ୍ୟର ହାଟଟାରେ ପ୍ରବେଶ କରିଛନ୍ତି ଏବଂ ମଞ୍ଚମାନଙ୍କରେ ଅଧିକ ସ୍ମରଣୀୟ ହୋଇ ରହିଛନ୍ତି, ସେମାନେ ସତେଅବା ନାରୀ ମଧ୍ୟ ଅବଶ୍ୟ ସାହିତ୍ୟରେ କଥା ଇତ୍ୟାଦି ଇତ୍ୟାଦିରେ ପୁରୁଷର କାହିଁକି ସମକକ୍ଷ ନହେବ ବୋଲି ନିଜ ଉଗ୍ର ଅବଚେନତନଟାର ଆର ମହଲଟା ଭିତରେ ପ୍ରାୟ ପୂର୍ଣ୍ଣସଚେତନ ଭାବରେ ନିଜକୁ ସାହିତ୍ୟ ଭିତରକୁ ରଥ ବାହି ପ୍ରବେଶ କରିବାର ସତ୍‌ପ୍ରେରଣାମାନ ଆଣି ଦେଇଛନ୍ତି । ଗୋଟିଏ ଦୃଷ୍ଟାନ୍ତ ସ୍ୱରୂପ ଏଠାରେ ହୁଏତ କୁହାଯାଇ ପାରିବ ଯେ, ସେହି ବର୍ଗର ଜଣେ କବୟତ୍ରୀ ନିଜ କବିତାସଂଗ୍ରହ ପାଇଁ ଦୁଇଜଣ ସେହି ସମୟର ପ୍ରଖ୍ୟାତ ପୁରୁଷ କବିଙ୍କର ମନ୍ତବ୍ୟ ଦୁଇଟି ମାଗି ଆଣିଛନ୍ତି ଓ ସଂଗ୍ରହଟିର ଆରମ୍ଭରେ ପାଠକମାନଙ୍କ

ନିମନ୍ତେ ନିବେଦନ କରିଛନ୍ତି । ଶୁଭକାମୀ ଗୁରୁଜନ ଉଭୟେ କେଡ଼େ ଅନୁକମ୍ପାପୂର୍ଣ୍ଣ ଭାବରେ ଲେଖିଥଲେ ଯେ ଇଏ ନାରୀ ହୋଇଥିଲେ ମଧ୍ୟ ଜଣେ ସୁକବି । ଏହା ଜଣେ କବି ପାଇଁ ଏକ ପ୍ରଶଂସା ଅଥବା ନିନ୍ଦାର କଥା, ପାଠକେ ହିଁ ତାହାର ନିର୍ଣ୍ଣୟ କରିବେ । ପୁନଶ୍ଚ, ଏକାବେଳେକେ ଆମ ଏକାଳ ପର୍ଯ୍ୟନ୍ତ ନାରୀ-ଲେଖକ ମାନଙ୍କର ରଚନାର ଓଳମଗୁଡ଼ିକୁ ପରଖି ଦେଖିଲେ ଭାରି ଘ୍ରାଣ କରିହୁଏ ଯେ ସେମାନେ ପ୍ରାୟ ସଭିଏଁ ପୁରୁଷପ୍ରଧାନ ଏକ ସଭ୍ୟଜୀବନର ସ୍ୱତନ୍ତ୍ର ହାଓ୍ୱାଟା ସହିତ ନିଜକୁ ପ୍ରାୟ ଧର୍ମତଃ ଅନୁକୂଳିତ କରିନେଇ ସତେଅବା ଯୋଜନାଯୁକ୍ତ ଭାବରେ ସାହିତ୍ୟରତ ଅଛନ୍ତି ଏବଂ ପୁରସ୍କାରଗୁଡ଼ିକୁ ଲାଭ କରିବା ନିମନ୍ତେ ପୁରୁଷମାନଙ୍କର ଦ୍ୱାରସ୍ଥ ହେଉଛନ୍ତି । ଯେଉଁମାନେ ନାରୀ ହୋଇ ମଧ୍ୟ ତଥାପି ସବାଆଗ ଆପଣାକୁ ବାମା ବୋଲି ପ୍ରଦର୍ଶିତ ନକରି ନାରୀ ଏବଂ ପୁରୁଷ ଉଭୟଙ୍କର ସର୍ଜନା କରିଥିବା ବିଧାତାଙ୍କର କେଡ଼େ ପ୍ରିୟ ଏହି ଜଗତରେ ନିଜକୁ ମୂଳତଃ ତାଙ୍କରି ଭୂମାସ୍ପର୍ଶ ବାଜିଥିବା ଜଣେ ଜଣେ ମନୁଷ୍ୟ ବୋଲି ଅନୁଭବ କରୁଛନ୍ତି, ବାମାବାଦୀମାନେ ସେହି ତୁଳସୀ ଦାସ ଏବଂ ବହ୍ନୋତ୍ରୀ ମହାନ୍ତି କିମ୍ବା ଚିରଶ୍ରୀ ଇନ୍ଦ୍ରସିଂଙ୍କର ରଚନାଗୁଡ଼ିକୁ ସମ୍ଭବତଃ କେବେ ଖୋଜି ବି ଯାଇନାହାନ୍ତି । ସାହିତ୍ୟମାୟାର ପିଣ୍ଡିଟି ଉପରେ ଏହି ଖାସ୍ ପୁରୁଷମାନେ ଖାସ୍ ନାରୀମାନଙ୍କୁ ଖୋଜିବା ତଥା ଖାସ୍ ନାରୀମାନେ ଖାସ୍ ପୁରୁଷମାନଙ୍କ ସହିତ ବେଦୀ-ପରିକ୍ରମା କରୁଥିବାର ଦେଖିଲେ ସଂପୂର୍ଣ୍ଣ ସତ୍ୟଟାଏ ଦୃଷ୍ଟିଗୋଚର ହୋଇଯାଏ ଯେ, ଏହି ଦୁହେଁ ହିଁ ଯାବତୀୟ କାଳନ୍ୟାୟରେ ସେହି ଗୋଟିଏ ସାମାଜିକ ଗୁହାଳର ଗୋସମ୍ପଦ ରୂପେ ଯାହାକିଛି କରୁଛନ୍ତି ଏବଂ ଆଉ ଅଧିକ ଖୁବ୍‌ବେଶୀ କରିବା ନିମନ୍ତେ ମୋଟେ ସାହସ କରୁନାହାନ୍ତି । ଭାରତବର୍ଷ ସ୍ୱାଧୀନତା ଲାଭ କରିବା ପରେ ଏଠି ସମାଜର ଗଢ଼ଣ ବିବେକଟା ପ୍ରାୟ ଆଗପରି ରହିଛି ଏବଂ ତେଣୁ ସାହିତ୍ୟ ଭିତରେ ମଧ୍ୟ ସାଆନ୍ତମାନଙ୍କର ଖୁଆଡ଼ଟା କର୍ତ୍ତବ୍ୟତଃ ସାଆନ୍ତାଣୀମାନଙ୍କ ପାଖରେ ବଚନବଦ୍ଧ ହୋଇ ରହିଛି ।

ଢେର କେତେ ଶତାବ୍ଦୀ ତଳେ ଜର୍ମାନ୍ ମହାକବି ଗୁଏଟେ Das ewige Weibliche ବୋଲି ଗୋଟିଏ କଥାର ଅବତାରଣା କରିଛନ୍ତି, - ଅର୍ଥାତ୍ ଜଣେ ନାରୀର ଜୀବନ ମଧ୍ୟଦେଇ ଏକ ଶାଶ୍ୱତ ନାରୀତ୍ୱ ନିଜକୁ ଅଭିବ୍ୟକ୍ତ କରି ଆଣିଛି । କବି ରବୀନ୍ଦ୍ରନାଥ ତାଙ୍କ 'ଉର୍ବଶୀ' ନାମକ ବୃହତ୍ କବିତାରେ ନାରୀନାମକ ସେହି ପ୍ରାୟ ଆଦ୍ୟ ବିଶ୍ୱବିଧାନର ପ୍ରେରଣାମୟ ଏକ ଅଭିବ୍ୟକ୍ତି ନାନା ସ୍ଥାନୀୟତା ତଥା କାଳଗତ ପାଞ୍ଚଣାର ଛାଞ୍ଚଗୁଡ଼ାକରେ ପଡ଼ି ଭଳି ଭଳି ଭୂମିକାରେ ଦୃଷ୍ଟିଗୋଚର ହୋଇଛି ବୋଲି ଘୋଷଣା କରିଛନ୍ତି । ତଥାପି, ମୁଖ୍ୟତଃ ଏକ ପୁରୁଷଆଖି ହିଁ କେଡ଼େ ମହନୀୟ ମୁଗ୍ଧଭାବନା ସହିତ ସେଇଟିର ସଂରଚନା କରିଛି । ପୁରୁଷ ନାମକ ଏ ଦିଗ୍‌ବଳୟଟି ନାରୀନାମକ ସେ ଦିଗ୍‌ବଳୟଟିର ରଚନା କରିଛି । ଏବଂ ତେଣୁ ସେଥିଲାଗି ଭିତରର ସେରମାଣମାନ ତଥାପି ପୂରି ପାରିଲେନାହିଁ

ବୋଲି ଏଡ଼େ ପାଟି କରି କହିହେବାକୁ ମଧ୍ୟ ଇଚ୍ଛା ହେଉଥାଏ, ମଣିଷମାନେ ଖୋଦ୍ ଭଗବାନଙ୍କଠାରୁ ମଧ୍ୟ ଅଧିକ କେଡ଼େ ଅଧିକ ଚତୁର ନହୋଇଥିବେ । କାରଣ, ଭାରତୀୟ ପୁରାଣ-ଆଶ୍ରିତ ଧର୍ମୀୟ କୋଳାହଳମାନେ ଆମକୁ ଯେତେ ଯେଉଁଭଳି ଫୁସଲେଇବା ପାଇଁ ଚେଷ୍ଟା କରିଥାନ୍ତୁ ପଛକେ, ଏପରିକି, ସାଂପ୍ରଦାୟିକ ଉପନିଷଦୀୟ ପରବର୍ତ୍ତୀ ଉତ୍ସାହଯୁଗ ମାନଙ୍କରେ ରାମ, ନୃସିଂହ,ଗୋପାଳ ଇତ୍ୟାଦି ନାମର ଇଷ୍ଟଦେବମାନଙ୍କୁ ମଝିରେ ଥାପି ରଖୁ ଯେତେ ଯାହା ତିର୍ଯ୍ୟକ୍ ଚତୁରତା ସହିତ ଆଧ୍ୟାତ୍ମ ପ୍ରତୀତି ଗୁଡ଼ିକର ପୁଲକଗୁଡ଼ିକୁ ବାଢ଼ି ଦିଆ ଯାଇଥାଉ ପଛକେ, ଏକ ମୂଳ ଉପନିଷଦରେ 'ନ ତସ୍ୟ କଶ୍ଚତ୍ ଲିଙ୍ଗମ୍' ବୋଲି କେଡ଼େ ସିଧା କରି କୁହାଯାଇଛି । ସିଏ ପୁରୁଷ ନୁହନ୍ତି ଅଥବା ସ୍ତ୍ରୀ ମଧ୍ୟ ନୁହନ୍ତି; ଏକ ଆଧ୍ୟାତ୍ମବିବେକର ସମ୍ପର୍କ-ଭୂମିରେ ଆମେ ଗୋଟାଏ ପଟ କେବଳ ପୁରୁଷ ନୋହୁ ଅଥବା କେବଳ ନାରୀ ମଧ୍ୟ ନୋହୁ । ସମାଜ ଚଳିବାର ବଣିଜ ଅନୁସାରେ ଯେପରି ବିଭାଜିତ ହୋଇ ଭୂମିକାଗୁଡ଼ିକୁ ତୁଲାଇବାରେ ଅଭ୍ୟସ୍ତ ରହିଥିଲେ ମଧ୍ୟ ଆମେ ପ୍ରତ୍ୟେକେ ନାରୀ ଏବଂ ପୁରୁଷ । ସମ୍ଭବତଃ ସେଠୁ ମଧ୍ୟ ଏଯାଏ ଦେଖୁଥିବାର ସେହି ପ୍ରବକ୍ତାମାନେ ଏକ ସ୍ୱତନ୍ତ୍ର ପୀଢ଼ିର ଫାନ୍ଦରେ ପଡ଼ି 'ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି' – 'ତୁମେ ନାରୀ, ପୁଣି ତୁମେ ପୁରୁଷ' ବୋଲି ବି ଏକ ଅବସରରେ ଆମପାଇଁ କହି ଯାଇଛନ୍ତି କି ?

ଭାରତୀୟ ତ୍ରୟୀ-ମୂର୍ତ୍ତି କଳ୍ପନାରେ ବିଷ୍ଣୁ ଥିଲେ, – ସେଥିରୁ କେଉଁ ଅତିଶୟ ଆସ୍ପୃହାଟି ହେତୁ କୃଷ୍ଣ ଆସି ପହଞ୍ଚିଥିଲେ କେଜାଣି ? ଏହି ଖାସ୍ ଉତ୍ସାହୀମାନେ ନିଜକୁ ବୈଷ୍ଣବ ବୋଲି ସିନା କହିଲେ, ମାତ୍ର ବିଷ୍ଣୁଙ୍କୁ ପୂରା କୃଷ୍ଣଙ୍କର ଚିତାଳଙ୍କାର ଦେଇ ହିଁ ଗ୍ରହଣ କରିଥିଲେ । ଦ୍ୱାପରର କୃଷ୍ଣଙ୍କର କୁରୁକ୍ଷେତ୍ରରେ ମଧ୍ୟ ବିଶେଷ ଭୂମିକାଟିଏ ରହିଥିଲା, କିନ୍ତୁ ବୈଷ୍ଣବମାନେ ତେଣିକି ମନ ହିଁ କରିନଥିଲେ ଓ କେବଳ ସେହି ଗୋପପୁରର କୃଷ୍ଣଙ୍କୁ ଦେଇ ଏକ ସମ୍ପୂର୍ଣ୍ଣ କାହାଣୀର କେଡ଼େ ଆକର୍ଷକ ମାର୍ଗକୁ ଖଞ୍ଜି ଥୋଇ ଦେଲେ । ଚୈତନ୍ୟଦେବ ଓଡ଼ିଶା ଆସିବା ସହିତ ଏଠାରେ ରାଜାରୁ ରାଜା ବାଟ ଦେଇ ରାଧାକଳ୍ପନାଯୁକ୍ତ କୃଷ୍ଣ କୁଆଡ଼େ କେତେଆଡ଼େ ବ୍ୟାପି ଯାଇଥିଲେ । ଶ୍ରୀଚୈତନ୍ୟ ତ ପୁରୁଣା ଆମ ଘରର ଜଗନ୍ନାଥଙ୍କ ଭିତରେ କୃଷ୍ଣଙ୍କୁ ହିଁ ଆଣି ଭରିଦେଲେ ଏବଂ ଆମ ଭଜନ-ସାହିତ୍ୟଟି ଏବେ ମଧ୍ୟ ସେହି ଖାସ୍ କଲ୍ଲୋଳଟା ଦ୍ୱାରା କେଡ଼େ ଉତ୍‌ଫୁଲ୍ଲ ହୋଇ ରହିଛି । କିମ୍ବଦନ୍ତୀ ଅନୁସାରେ ସେହିବେଳୁଁ ପୁଣି ଦୁଇଟା ବୈଷ୍ଣବ ପ୍ରବୃତ୍ତି ଓଡ଼ିଶାରେ ରହି ଆସୁଛି; ଗୋଟାଏ ଗୌଡ଼ୀୟ, ଆଉ ଗୋଟିଏ ଉତ୍କଳୀୟ । ଦୁଇ କିସମଟିର ବାଙ୍କ ଏବଂ ମୋଡ଼ଗୁଡ଼ିକ ବିଷୟରେ ଯାବତୀୟ କାହାଣୀକାରିତା ଏବେ ମଧ୍ୟ ଶୁଣିବାକୁ ଖୁବ୍ ମନୋରମ ଲାଗୁଛି । ପୁରୀରେ ଏକ ଗୌଡ଼ୀୟ ମଠ ଆପଣାର ସକଳ ସ୍ୱତନ୍ତ୍ରତା ସହିତ ସଚଳ ହୋଇ ବି ରହିଛି । ଅସଲ ମହକୁମା ଏକାଧିକ ଅର୍ଥରେ ତେଣେ ବୃନ୍ଦାବନରେ । ଖାସ୍

ବଙ୍ଗଳାରାଜ୍ୟରେ ସେହି ଉଦ୍‌ବେଳନଟିର ମଧ୍ୟ ବହୁତ ପ୍ରତୀକାତ୍ମକ ପ୍ରକ୍ଷେପମାନ ଏବେ ମଧ୍ୟ ଆନୁଷ୍ଠାନିକ ଭାବରେ ବଳବତ୍ତର ରହିଛି ।

ରାଧାଭାବରେ କୃଷ୍ଣଙ୍କୁ ଲୋଡ଼ିବା, ଗୋପୀଭାବରେ କୃଷ୍ଣବାଞ୍ଛା କରିବା, ସମାଜରେ ଏକ ବର୍ଗରୂପେ ପୁରୁଷ ପ୍ରତି ନାରୀର ଓ ନାରୀ ପ୍ରତି ପୁରୁଷର ଦୃଷ୍ଟିଗୁଡ଼ିକର ମେଦିନୀଟିର ଯେ ଗଠନ ତଥା ବିଗଠନମାନ ସର୍ବଦା ଲାଗିରହିଛି, ସକଳ ନ୍ୟାୟରେ ସେଇଟି ସମାଜରେ ଚଳୁଥିବା ନ୍ୟସ୍ତସ୍ୱାର୍ଥଗତ ବରାଦଟି ଅନୁସାରେ ଅବଶ୍ୟ ଏପରି ଅଥବା ସେପରି ହୋଇ ଆସିଛି । ଆର୍ଥିକ ନ୍ୟସ୍ତସ୍ୱାର୍ଥ ଏବଂ ସାମାଜିକ ନ୍ୟସ୍ତସ୍ୱାର୍ଥ ଦୁଇଟି ମଧ୍ୟରେ କେଉଁଟି ଅଧିକ ମୀମାଂସକ, ନାନା Caste ଭେଦ ଦ୍ୱାରା ତଥାପି ବାସ୍ତବ ସାମୁଦାୟିକତା ଦୈନନ୍ଦିନତାର ଚଉହଦୀ ଗୁଡ଼ିକ ଭିତରେ ଗୋଟିଏ ସଂହତିର ପ୍ରତୀତି ଦେଇ ଆସିଥିବା ଏକ ନ୍ୟାୟ/ ଅନ୍ୟାୟର ବୁଜୁଳାଟୀ ଭିତରେ ତାହାର ନିର୍ଦ୍ଧାରଣ କରିବା ଆଦୌ କେବେ ମଧ୍ୟ ସମ୍ଭବ ହୋଇନାହିଁ । ଏବର ତଥାକଥିତ ସାମାଜିକ ବିଜ୍ଞାନର ଗବେଷଣାମାନଙ୍କରେ ହୁଏତ ସେଇଥିଲାଗି ଏକ କଉତୁକିଆ କନ୍ଦଳ ସର୍ବଦା ଲାଗିରହିଛି; ଗବେଷଣା ଚାଲିଛି, ବୁଦ୍ଧିଗମ୍ଭୀର ଭାବରେ ଲାଗି ରହିଛି, ମାତ୍ର ସମାଜରେ ସେହି ପୁରୁଣା ଅଭ୍ୟସ୍ତତାମାନେ କେଡ଼େ ଟାଣ ହୋଇ ରହିଛନ୍ତି । ନାରୀପ୍ରତି ପୁରୁଷର ଦୃଷ୍ଟି କ୍ଷେତ୍ରରେ ପରିବର୍ତ୍ତନ ଲକ୍ଷିତ ହେବାଭଳି ସେପରି ପ୍ରାୟ କିଛି ଘଟୁନାହିଁ । ତେଣୁ, ସମାଜବିଜ୍ଞାନର ଗବେଷଣାମାନେ ଆମକୁ ସାହିତ୍ୟର ଆନନ୍ଦ ଆଣି ଦେଉଛନ୍ତି, ମାତ୍ର ଆମେ ସଂପୃକ୍ତମାନେ ନିର୍ଭର କରି ରହିଥିବା ଦୃଷ୍ଟିଶିଳା ଗୁଡ଼ିକର କ୍ଷେତ୍ରରେ ପରିବର୍ତ୍ତନ କାହିଁ ?

ସାହିତ୍ୟ କ'ଣ ଖାଲି ସଜାଇ ରଙ୍ଗାଇ କହିବାର ଏକ ଶୈଳୀ? ଆଧୁନିକ କବି ବଜାରର ଯେଉଁ ଅତର୍କମାନେ ଚିତ୍ରକଳ୍ପ ଆଦି ବଜ୍ରଶବ୍ଦର ବ୍ୟାଘ୍ରଚର୍ମ ଦ୍ୱାରା ନିଜର କଟିଦେଶକୁ ଆବୃତ କରି ଡ଼ିଣ୍ଡିମ ବଜାଇ କବିତାବିଳାସ କରୁଛନ୍ତି, ସେମାନଙ୍କର ଗର୍ଭଟା ଭିତରେ ସେମାନେ କେତେ ଅଳପ ବୋଲି ଅତ୍ୟନ୍ତ ବିକଳ ଭାବରେ ଧରା ପଡ଼ି ଯାଉଛନ୍ତି । ସେମାନେ ତ କହୁଛନ୍ତି, ନାଇଁ ନାଇଁ କୃଷ୍ଣ ନାହିଁ କି ରାଧା ନାହିଁ, ଲଂଘିବା ନିମନ୍ତେ କୌଣସି ଗିରି ହିଁ ନାହିଁ । ଆକୁଳ ଏବଂ ଆତୁର ହୋଇ ସେମାନେ ତ ଆମକୁ ନିପଟ କବିଚେତନା ନାମକ ଏକ ସଂପୂର୍ଣ୍ଣ ବ୍ୟକ୍ତିଗତ ସ୍ଫୂର୍ତ୍ତିର ଅତିସଂପୃକ୍ତି ଭିତରେ ମଜ୍ଜି ରହିବାର ଧର୍ମପରାମର୍ଶମାନ ଦେବାକୁ ବ୍ରତୀ ହୋଇଛନ୍ତି, ଯାହାଦ୍ୱାରା କି ଏହି ପ୍ରତିଷ୍ଠିତ ପଥର ଗୁଡ଼ାକ ମୋଟେ ଚଳିବେ ନାହିଁ । ତୁମେ ନ୍ୟସ୍ତସ୍ୱାର୍ଥମାନଙ୍କର ଗୋଲାମୀ କରୁଥିବ ଏବଂ ଏଣେ ସାହିତ୍ୟ ମଧ୍ୟ କରୁଥିବ । ଏକ ସମୟରେ ଆମ ଭୂମିରେ ରସାତ୍ମକ ବାକ୍ୟର ସମାହାରକୁ ହିଁ କାବ୍ୟ ବୋଲି କେଡ଼େ ନିରିମାଖି ଭାବରେ ଘୋଷଣା କରା ଯାଇଥିଲା । ଆମ ପାଠୁଆଙ୍କର ଅଳ୍ପବର୍ଗଟା ସମ୍ଭବତଃ ସେହିପରି କିଛି ଚଗୁସେବନ କରିଥିବାରୁ ସାହିତ୍ୟରେ ମନୋନିବେଶ ଦ୍ୱାରା ସୁଲକ୍ଷଣୀ ହୋଇ ଯିବାଲାଗି ଇଚ୍ଛା କରୁଛି ।

ଓଡ଼ିଆ ସାହିତ୍ୟର ରୀତିଯୁଗରେ ଆମେ ଯେଉଁ କବି ସମ୍ରାଟ, କବିସୂର୍ଯ୍ୟ ତଥା କବିସାମନ୍ତ ମାନଙ୍କର ବିରଳ ବିଚକ୍ଷଣତା ଗୁଡ଼ିକ ସହିତ ଭେଟ ହୋଇଯାଉ, ସେମାନେ ନ୍ୟାୟତଃ ସମସ୍ତେ ପୁରୁଷ, ଏବଂ ନାରୀର ରୂପ-ବ୍ୟବଚ୍ଛେଦ କରି ଆମ ସଭିଙ୍କର ଚିତ୍ତହରଣ କରିବାରେ ହିଁ ଭଳି ଭଳି ବିଚକ୍ଷଣତାର ପ୍ରଦର୍ଶନ କରି ସତେଅବା ସର୍ବାଧିକ ସାର୍ଥକତା ମିଳିବ ବୋଲି ବିଶ୍ୱାସ କରି ମହୋଲ୍ଲାସ ଲାଭ କରିଛନ୍ତି । ଆପଣାକୁ ଜଣେ ଜଣେ ପୂର୍ଣ୍ଣ ପୁରୁଷ ବୋଲି ଆବିଷ୍କାର ହିଁ କରିନାହାନ୍ତି ଏବଂ ତେଣୁ ସମ୍ଭବତଃ ଏକ କୋପନ-ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ନାରୀର ଖାଲି ଅଙ୍ଗସର୍ବସ୍ୱ ବାହ୍ୟଗ୍ରାମଟାକୁ ଦେଖିଛନ୍ତି । ତେଣୁ, ସେମାନଙ୍କର କଳାତ୍ମକ ବସାଣମାନଙ୍କ ଦ୍ୱାରା ଭରି ରହିଥିବା କାବ୍ୟିକ ବର୍ଣ୍ଣନାଗୁଡ଼ିକୁ ପଢୁଥିବା ସମୟରେ ସେମାନଙ୍କ ଭିତରେ ହୁଏତ ହୁକୁହୁକୁ ହେଉଥିବା ନାରୀଟିକୁ ହିଁ ଖୁବ୍ ଦେଖିହେଉଛି । ଅସଲ ମଣିଷ ନିଜ ଭିତରେ ଖାଲି ମଥାଟାକୁ ନୁହେଁ, ହୃଦୟଟିକୁ ମଧ୍ୟ ଦେଖି ପାରୁଥାଏ । ଏକାବେଳକେ ଉଭୟକୁ ନେଇ ଜୀବନଟିକୁ ଗଢ଼େ, ଜୀବନଟିଏ ବଞ୍ଚେ । ମଥା ଓ ହୃଦୟ ପରସ୍ପର ସହିତ ସହାବସ୍ଥିତ ହୋଇ ରହିବେ, ସେ କଥା ମଧ୍ୟ ନୁହେଁ । ମଥା ଓ ହୃଦୟ ପରସ୍ପରକୁ ସଂବଳିତ କରି ପାରୁଥିବେ, ସେଇଟି ସୁସ୍ଥ, ତେଣୁ କାମ୍ୟ । ସେହିପରି, ପୋଖତ ମଣିଷଟିଏ ନାରୀ ଓ ପୁରୁଷ ଉଭୟଟିକୁ ପ୍ରତ୍ୟେକ ଅବସରରେ ବଞ୍ଚେ । ନାନା ସ୍ଥାନୀୟତା ଓ ସ୍ୱତନ୍ତ୍ରତାର କାରଣରୁ ଅବଶ୍ୟ ଏପରି ବ୍ୟାଧିଗ୍ରସ୍ତ କେତେଟା ପ୍ରକ୍ରିୟା ସମାଜ ଭିତରେ ଆସି ପଶି ଯାଇଥାଏ, ଯାହାର ପରିଣାମ ସ୍ୱରୂପ ଏଇଟା ଆରଟା ଅଥବା ଆରଟା ଏଇଟା ଉପରେ ପରାକ୍ରମ ଦେଖାଏ ଏବଂ ମନୁଷ୍ୟ ମାନଙ୍କର ସାମୂହିକ ଜୀବନ ଭିତରର ନିର୍ଭରଶିଳା ଗୁଡ଼ିକ ଭାରି ଏକପାଖିଆ ହୋଇଯାଆନ୍ତି । ପୃଥିବୀର ବହୁ ଧର୍ମ, ବହୁ ସମାଜତନ୍ତ୍ର ଓ ବହୁ ବିଚାରସ୍ୱପ୍ନ ଏହିପରି ଭାବରେ ଅତ୍ୟନ୍ତ ଶୋଚନୀୟ ଭାବରେ ପ୍ରାୟ ସେହି ଅପାରଗତା ଭିତରେ ଯାଇ ବାନ୍ଧି ହୋଇ ଯାଇଛନ୍ତି । ପରସ୍ପର ପ୍ରତି, ନାରୀପ୍ରତି ପୁରୁଷର ଓ ପୁରୁଷପ୍ରତି ନାରୀର ଧାରଣାମାନ ନାନାମନ୍ତେ ବିଗିଡ଼ି ଯାଇଛନ୍ତି । ସାହିତ୍ୟ କରୁଥିବା ଭଦ୍ରଲୋକମାନେ ମନୁଷ୍ୟର ଏହି ଯାବତୀୟ ଭାବ ଏବଂ ଭାବନାର ସଂସାରଟିକୁ ଅଗତ୍ୟା ଦୁଇଟା ଅଲଗା ଅଲଗା ମାହାଲ ବୋଲି ମାନି ନେଇଛନ୍ତି । ଗୋଟିଏ ତୁମର ବାସ୍ତବ ଜୀବନ ଏବଂ ଅନ୍ୟଟି ତୁମର ବିସ୍ମରଣର, ଦାୟିତ୍ୱ ଏଡ଼ି ରହିବାର । ସେହି ପର୍ଯ୍ୟାୟଟାଠାରୁ ପୃଥିବୀଯାକ ସର୍ବତ୍ର ନାରୀ ଓ ପୁରୁଷ ଉଭୟେ ଅଧିକ ଉପାର୍ଜନକ୍ଷମ ଏବଂ ଭୋଗକ୍ଷମ ହେବାରେ ହୁଏତ ଲାଗିଛନ୍ତି ସିନା, କିନ୍ତୁ ଭାରସାମ୍ୟ କାହିଁ ? ଭିତର ନାହିଁ କି ବାହାର ମଧ୍ୟ ନାହିଁ ।

ଭାରତୀୟ ଧର୍ମମାନଙ୍କରେ ଭଳି ଭଳି ସମ୍ପ୍ରଦାୟ । ସଂପ୍ରଦାୟମାନଙ୍କୁ ଆମେ ଇଚ୍ଛା କଲେ ଉପଧର୍ମ ବୋଲି ମଧ୍ୟ କହିପାରିବା । ଉପଧର୍ମଗୁଡ଼ିକ ଅନୁସାରେ ଗାଦି, ମଠ, ଗୁରୁ ଏବଂ ଅନୁଗାମୀ ମାନଙ୍କର ଯୂଥ । ଗଦା ଗଦା ଭେକ, ଯେଉଁଥିରୁ କି ତୁମେ ସେମାନଙ୍କୁ

ଅଲଗା ଅଲଗା କରି ଚିହ୍ନ ନେଇପାରିବ । ଏହି ଅଲଗା ଅଲଗା ବୋଲି ଚିହ୍ନିନେଇ ପାରିବ ବୋଲି ତ ମନ୍ଦିର, ମୂର୍ତ୍ତି, ଶାସ୍ତ୍ର, ପର୍ବାନୁଷ୍ଠାନ, ପବିତ୍ର ଅପବିତ୍ରର ଭାବନା ଏବଂ ଯାବତୀୟ ଏହି କେତେ କ'ଣ । ବେଳେବେଳେ ସତକୁ ସତ ଜାଣିଶୁଣି ଚଗଲାହୋଇ ଭାବିବାକୁ କାହିଁକି ଖୁବ୍ ଇଚ୍ଛା ହୁଏ ଯେ, ଏହି ବାହ୍ୟଗୁଡ଼ାକୁ ଘଡ଼ିକ ସକାଶେ କାଢ଼ି ନେଇ ଯଦି ତୁମେ ଫଳଗୁଡ଼ାକର ବିଚାର କରିବ, ତେବେ କେଡ଼େ ସହଜରେ ତ ଦେଖିପାରିବ ଯେ, ବାହାରେ କେତେ ମଗଜରେ ଏସବୁ ତ କେତେ କ'ଣ ବଦଳିଛି, କିନ୍ତୁ, ସବୁ ଧର୍ମରେ ବର୍ବରମାନେ ଅଛନ୍ତି, ତୁଚ୍ଛା ସ୍ଥୂଳମାନେ ହିଁ ମନୁଷ୍ୟମାନଙ୍କୁ ମିଛ ଏକତା ଗୁଡ଼ାକର ଦ୍ୱାହି ଦେଇ ଗୋଠେ ଗୋଠେ ଗୋରୁଙ୍କ ପରି ଅଡ଼ାଇ ନେବାରେ ଲାଗିଛନ୍ତି । ସବୁ ଧର୍ମର ମଣିଷ ଦୈତ୍ୟବତ୍ ଆଚରଣ କରି ପାରୁଛନ୍ତି : ଘୃଣା କରି ପାରୁଛନ୍ତି, ତଥାକଥିତ ପରମାର୍ଥ ଅପେକ୍ଷା ପୁତ୍ତଳିମାନଙ୍କୁ ହିଁ ଅଧିକତର ଆହ୍ଲାଦରେ କୁଣ୍ଢାଇ ଧରିଛନ୍ତି । ଠାକୁରମାନଙ୍କୁ ନିଜର ମେଦସ୍ତରୀୟ ନାନା ତାତ୍କାଳିକତା ନିମନ୍ତେ ବ୍ୟବହାର ବି କରି ପାରୁଛନ୍ତି । ଗୋଟିଏ କଥାରେ କହିଲେ, ଏଠି ତୁଚ୍ଛା ଏପରି ମଣିଷମାନଙ୍କର ଲୀଳାଟିଏ ଲାଗିରହିଛି, ଯାହାକି ବହୁତ ବହୁତ ଖଞ୍ଜରେ ସେହି ପୁରୁଣାଗୁଡ଼ାକୁ ହିଁ ପକ୍କା କରି ରଖିଛି ।

ସଚରାଚର ସନ୍ଥମାନେ ହିଁ ଦାଣ୍ଡମଝିରେ ଛିଡ଼ା ହୋଇ ଧର୍ମୀୟ ପରିଚ୍ଛଦଗୁଡ଼ିକୁ ପିନ୍ଧିଥିବା କୂଟମାନଙ୍କୁ ପଦାରେ ପକାଇ ଦେଇଛନ୍ତି । ରଜା ମାନିନାହାନ୍ତି, ନ୍ୟସ୍ତସ୍ୱାର୍ଥ ମାନଙ୍କୁ ମାନି ନାହାନ୍ତି । ସିଧା କୋଟି ମଣିଷଙ୍କ ଭିତରକୁ ଓହ୍ଲାଇ ଆସିଛନ୍ତି । କୋଟି ମଣିଷଙ୍କର ତୁଣ୍ଡଭାଷାରେ ଆଧ୍ୟାତ୍ମର କଥା କହିଛନ୍ତି, ପୁରୁଣା ସମାଜଟାକୁ ଅସ୍ୱୀକାର କରିଛନ୍ତି । ସେମାନେ ପ୍ରଧାନତଃ ସମାଜର ନିମ୍ନତମ ସ୍ତରରୁ ଆବିର୍ଭୂତ ହୋଇଛନ୍ତି ଏବଂ ସତେଅବା ପ୍ରତ୍ୟକ୍ଷ ସତ୍ୟଗୁଡ଼ିକୁ ଜୀବନ ଭିତରକୁ ଅବତୀର୍ଣ୍ଣ କରି ଆଣିବା ନିମନ୍ତେ କେଡ଼େ ସାହସର ସହିତ ବାହାରି ପଡ଼ିଛନ୍ତି । ଜାତି ମାନିନାହାନ୍ତି, ଦୂରତା ମାନିନାହାନ୍ତି, ସ୍ତିରୀ ପୁରୁଷକୁ ନେଇ ଯୁଗେ ଯୁଗେ ସାମୂହିକ ଜୀବନଟାକୁ ମାଡ଼ି ବସିଥିବା ପ୍ରବଳ କର୍ତ୍ତୃତ୍ୱଭାବନା ଗୁଡ଼ାକୁ ଚୁନୌତି ଦେଇଛନ୍ତି । ସନ୍ଥମାନେ ତଳୁ ହିଁ ଆରମ୍ଭ କରିଛନ୍ତି, ଆପେ ତଳଯାଏ, ଖିଳ ହୃଦୟ ଯାଏ ଅର୍ଥାତ୍ ପୃଥ୍ୱୀନାମକ ଅଧ୍ୟାତ୍ମ ଯାଏ ସାହସ କରି ପହଞ୍ଚି ପାରିଥିବାରୁ କେତେ ନା କେତେ ସତ ପରିବର୍ତ୍ତନରେ ନିମିତ୍ତ ହୋଇ ପାରିଛନ୍ତି । ସମ୍ଭବତଃ ସେଇଥିପାଇଁ ଓଡ଼ିଆ ସାହିତ୍ୟରେ ପଞ୍ଚସଖା, ଅରକ୍ଷିତ ଦାସ ଓ ଭୀମ ଭୋଇ ସତେଅବା କେଡ଼େ ନିଆରା ହୋଇ ଦିଶନ୍ତି, କେଡ଼େ ନିଆରା ଲାଗନ୍ତି । ଖାଲି ତୁମ ସାଧାରଣଙ୍କ ପାଖରେ ନୁହେଁ, ଭଗବାନଙ୍କ ପାଖରେ ରହିଥିଲା ପରି ଲାଗନ୍ତି ଏବଂ ଖାଲି ଭଗବାନଙ୍କ ପାଖରେ ନୁହେଁ, ସାଧାରଣ ତୁମ ଆମ ପାଖରେ ମଧ୍ୟ ରହିଥାଆନ୍ତି । ସେଠାଟାକୁ ଏଠାଟାର କେଡ଼େ ନିକଟ କରି ଆଣନ୍ତି । ସନ୍ଥମାନଙ୍କର ଭଗବାନ ସତକୁ ସତ ଏକ ଅଙ୍ଗେ ନିଭା ଭଗବାନ, ସନ୍ଥମାନଙ୍କର ସମାଜ ମଧ୍ୟ ସତକୁ ସତ ଏକ ଅଙ୍ଗେ ନିଭା ସମାଜ । ସେଠାରେ ବହିର

ସତ୍ୟ ଜୀବନର ସତ୍ୟଠାରୁ ଆଦୌ ଭିନ୍ନ ନୁହେଁ, ଏପରିକି ବହିର ଭାଷାଟା ମଧ୍ୟ ଜୀବନର ଭାଷାଠାରୁ ଆଦୌ ଭିନ୍ନ ନୁହେଁ । ଓଡ଼ିଶାର ଜଣେ ସନ୍ଥ ନାରୀ ଆଉ ପୁରୁଷର ସମଗ୍ର ସମ୍ବନ୍ଧଟିକୁ କେଉଁସବୁ ପ୍ରସ୍ଥ ଦେଇ ଅନ୍ଦାଜ କରିଛନ୍ତି ଏବଂ ତଦ୍ଵାରା ଆମକୁ ମୁଖ୍ୟତଃ କ'ଣ ସବୁ ସୂଚାଇ ଦେବାର ଆଗ୍ରହ କରିଛନ୍ତି, ଆମେ ଶେଷ ଏହି କେତୋଟି ପୃଷ୍ଠାରେ ସେଇଟିକୁ କିଞ୍ଚିତ୍ ପାଖରୁ ଦେଖିବାକୁ ଚେଷ୍ଟା କରିବା ।

ଷୋଡ଼ଶ ଶତାବ୍ଦୀ ଓଡ଼ିଆ ସାହିତ୍ୟ ଆପଣାର ପ୍ରାୟ ଏକ ପରିପୂର୍ଣ୍ଣ ପରିଚୟରେ ପଞ୍ଚସଖା-ସାହିତ୍ୟ । ଓଡ଼ିଆ ଭାଷାର ଆମର ଏହି ଭୂମିଟିରେ ପାରମ୍ପରିକ ସନ୍ଥ ସାହିତ୍ୟ ମଧ୍ୟରେ ସର୍ବପ୍ରଥମ ପଂକ୍ତିରୂପେ ପଞ୍ଚସଖା ହିଁ ଦୃଷ୍ଟିଗୋଚର ହୁଅନ୍ତି । ଅନେକେ ବେଳେ ବେଳେ ସେହି ସାହିତ୍ୟକୁ ଧର୍ମସାହିତ୍ୟ ବୋଲି ମଧ୍ୟ କହିବାକୁ ଇଚ୍ଛା କରିଥାନ୍ତି । ହଁ, ପଞ୍ଚସଖା ସାହିତ୍ୟ ନିଜର ଆସ୍ପୃହାର ଆୟତନରେ ସର୍ବତୋଭାବେ ଏକ ପୂର୍ଣ୍ଣ ଜୀବନର ଆଭିମୁଖ୍ୟ ସହିତ ରଚିତ ହୋଇଥିବା ସାହିତ୍ୟ, ତେଣୁ ଅଧ୍ୟାତ୍ମ ସାହିତ୍ୟ । ପଞ୍ଚସାଖାଙ୍କ ଭିତରେ କନିଷ୍ଠତମ ହେଉଛନ୍ତି ଅନନ୍ତ ଦାସ । ବଂଶଗତ ପରିଚୟରେ ଅନନ୍ତ ମହାନ୍ତି, ସନ୍ଥର ପରିଚୟରେ ଅନନ୍ତ ଦାସ । ସମାଜର ଜାତି-ନିରୂପଣ ଅନୁସାରେ ଭିନ୍ନ ଭିନ୍ନ ପାଟକରେ ଜନ୍ମ ହୋଇଥିଲେ ମଧ୍ୟ ପଞ୍ଚସଖା କିପରି ଏକ ମିଳିତ ଘୋଷଣାରେ ନିଜକୁ ଶୂଦ୍ର ବୋଲି କହିଥିଲେ ଏବଂ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ବାସ୍ତବ ବ୍ୟଞ୍ଜନାଟିଏ ଦେଇ 'ଶୂଦ୍ର' କଥାଟିକୁ ମହିମାନ୍ୱିତ କରିଥିଲେ, ବିଶ୍ୱଯାକର ସନ୍ଥସାହିତ୍ୟରେ ସମ୍ଭବତଃ ତାହାର ଏକ ଦ୍ୱିତୀୟ ଉଦାହରଣ ମଧ୍ୟ ଉପଲବ୍ଧ ହେବନାହିଁ । ସନ୍ଥ ଅନନ୍ତଙ୍କର ବେଶୀଗୁଡ଼ାଏ ପୋଥି ଲୋକଲୋଚନକୁ ଆସିନାହିଁ ସମ୍ଭବତଃ ସଙ୍ଗୀ ଅନ୍ୟ କେତେଜଣ ସଖାଙ୍କ ପରି ସେ ଏତେ ଅଧିକ ସଂଖ୍ୟାରେ ପୋଥି ଲେଖି ବି ନାହାନ୍ତି । ପ୍ରକାଶିତ କେତୋଟିଙ୍କ ମଧ୍ୟରେ ତଥା ଆକାର ଦୃଷ୍ଟିରୁ ଆମେ ତାଙ୍କର 'ହେତୁଉଦୟ ଭାଗବତ'କୁ ସବାଆଗ ନିଶ୍ଚୟ ସ୍ମରଣ କରିବା, ଏବଂ, ସ୍ତିରୀ ଓ ପୁରୁଷଙ୍କର ତୁଳନାତ୍ମକ ଅନ୍ତଃପରିଚୟର କାହାଣୀଟିର ବୃହତ୍ ସନ୍ଦର୍ଭଟି ଉପରେ ତାହାକୁ ପରଖି ଦେଖିବାକୁ କିଞ୍ଚିତ୍ ପ୍ରୟାସ ବି କରିବା ।

ହେତୁ, ଅର୍ଥାତ୍ ମନ ଏବଂ ସେହି ମନର ଉଦୟକୁ ହିଁ ପ୍ରସ୍ତୁତ ମନଃପ୍ରକରଣଟିର ସାଧନାର ମୁଖ୍ୟ ଧନ ବୋଲି ସ୍ୱୀକାର କରାଯାଇଛି । ବୌଦ୍ଧ ଧର୍ମସନ୍ଦେଶର କୌଣସି ଗୋଟିଏ ପର୍ଯ୍ୟାୟରେ ମନକୁ ହିଁ ଆମ ସକଳ ଦୁର୍ଗତିର ଜନକ ବୋଲି କହି ବେଶ୍ ନିନ୍ଦା କରା ଯାଇଥିଲେ ମଧ୍ୟ ଯୋଗସାଧନାର ଚରିତ୍ରମାନ ନିର୍ଣ୍ଣୟ କରା ଯାଇଥିବା କେତେ ଉପନିଷଦରେ ମନ ଆମ ବନ୍ଧନ ତଥା ଆମ ବିମୋଚନ ଉଭୟର କାରଣ ବୋଲି ଉଦ୍‌ବୋଧମାନ ମଧ୍ୟ ଦିଆଯାଇଛି । ଅର୍ଥାତ୍, ସାଧନା କ୍ଷେତ୍ରରେ ଯେଣୁ ଏହି ମନ ସର୍ବବିଧ ଅର୍ଥରେ ଆମ ନିଜର ମନ, ଆମେ ନିଜେ ଯେପରି ଇଚ୍ଛା କରିବା, ତାହା ସେହି ପ୍ରକାରେ ଉଥା ସକାରାତ୍ମକ ଅଥବା ନକାରାତ୍ମକ ଭାବରେ ଯେ ଆମ ଜୀବନର ଭୂମିକାଟିକୁ ନିର୍ଣ୍ଣୟ

କରିବାକୁ ସମର୍ଥ ହେବ, ସେହି କଥା, ସେହି ଅସଲ କଥାଟିକୁ ନିର୍ଦ୍ଦେଶିତ କରି ଦିଆଯାଇଛି । କେତେ ମାର୍ଗରେ ତ ସେହି ମନକୁ ଦାବି ରଖିବା ନିମନ୍ତେ ପରାମର୍ଶଟିଏ ଦିଆଯାଇଛି । ମନମୂଷା ଗଞ୍ଜାଇ ଖାଇ ଦିନେ ବିଲେଇକୁ ହେଜିଲା ନାହିଁ ବୋଲି ଭର୍ତ୍ସନା କରାଯାଇଛି । ସନ୍ଥ ଅନନ୍ତ ଦାସ ହେତୁର, ସେହି ମନର, ହୃଦୟର କଥା କହିଛନ୍ତି । ହେତୁ, ଅର୍ଥାତ୍ ପରବର୍ତ୍ତୀ ଉଦୟଗୁଡ଼ିକ ନିମନ୍ତେ ରାଜି ହୋଇ ଆସିଥିବା ମନ । ଆପଣା ଭିତରେ ଆପଣାର ପରବର୍ତ୍ତୀ ବୃହତ୍ତର ଅର୍ଥାତ୍ ବିରାଟତର ଗୁଡ଼ିକୁ ଆବଶ୍ୟକ ମୂଳପ୍ରତ୍ୟୟ ଗୁଡ଼ିକ ସହିତ ସମ୍ଭବାଇ ଆଣିବା ନିମନ୍ତେ ନିଜର (ତଥା ବିଶ୍ୱର) ଅନ୍ତରକେନ୍ଦ୍ରଟି ସହିତ ଏକ କପଟ-ରହିତ ବୁଝାମଣା କରିପାରିଥିବା ମନ । ତେଣୁ, ଶ୍ରୀ ଅନନ୍ତ ଦାସ ମୂଳରୁ ହିଁ ସେହି ମନର ପ୍ରସନ୍ନ ରହିବା ବିଷୟରେ କେତୋଟି ପଦରେ କହିଛନ୍ତି :

ମନ ପ୍ରସନ୍ନ ଯେବେ ନୋହି, କୋଟି କଳ୍ପରେ ଭେଟ ନାହିଁ
ମନଟି ଆପେ ଆପେ ହୋଇ, ମନ ବାହାରେ ଦିଅଁ ନାହିଁ
ମନ ପୂଜିଲେ ପୂଜା ପାଇ, ନହେଲେ ଅପୂଜ୍ୟ ସେ ହୋଇ
ମନଟି ଅଟେ ଗୁରୁଦେବ, ମନଟି ଆପେ ବାସୁଦେବ
ମନଟି ଅଟେ ମତ୍ତଗଜ, ତିନି ଭୁବନେ ତା'ର ତେଜ
ଏ ମତ୍ତଗଜକୁ ଅଙ୍କୁଶ, ହେତୁ ଅଟଇ ଶୁଣ ବସ୍ତ
ମନ ଯେ ଆୟତ୍ତ ନୋହିଲେ, କେ ଯୋଗ ସାଧି ପାରି ଭଲେ ।.......

ଅର୍ଥାତ୍ ଏ ମନ, ଆଉ ସେ ମନ, ଏଇଟି ମନ, ଅନନ୍ତ ଦାସ ସେଇଟିକୁ ହେତୁ ବୋଲି କହୁଛନ୍ତି । ଏହି ମନଟା ଦ୍ୱାରା ଆମ ଚାରିପାଖରେ ଥିବା ସଂସାରରୂପୀ ଜଞ୍ଜାଳଟା ଆମକୁ ଶାସନ କରିବାରେ ଲାଗିଛି ଏବଂ ଆମେ ମଧ୍ୟ କେଡ଼େ ପ୍ରସନ୍ନ ଭାବରେ ସଂସାର ଉପରେ ରାଜତ୍ୱ କରୁଛୁ ବୋଲି ଦର୍ପଭରେ କହି ବୁଲୁଛୁ । ଏହି ମନଟା ଭିତରେ ରହି ବହୁ ପୀଡ଼ନର କାରଣ ହେଉଛୁ : ଉଭୟ ନିଜଲାଗି ଏବଂ ବୃହତ୍ତର ଜୀବନଟା ଲାଗି, ଭଗବାନଙ୍କ ଲାଗି । ଏଠାରେ ନିର୍ଯ୍ୟାତିତ ହେଉଥିବା ଜନିତ ଆପଣାର ଭଳି ଭଳି ପ୍ରତିକୋପକୁ ହିଁ ଅନେକ ସମୟରେ ପୁରୁଷାର୍ଥ ବୋଲି ମଣୁଛୁ । ଏହି ମନଟାର ପରିଚର୍ଯ୍ୟାରେ ଭଗବାନଙ୍କୁ ଆଣି ଖଟାଇବାରେ ଲାଗିଛୁ । ସନ୍ଥ ଅନନ୍ତ ସେହି ମନଟିକୁ ମତ୍ତଗଜ ବୋଲି କହିଛନ୍ତି । ମତ୍ତଗଜକୁ ଅଙ୍କୁଶବତ୍ କାର୍ଯ୍ୟ କରି ପାରିବାର ସେହି ଯେଉଁ ସମର୍ଥ ମାନସ-ଉପାଦାନଟି, ସେଇଟି ହେତୁ । ଏହି ମନଟିକୁ ସାଧନା ଦ୍ୱାରା, ଏକ ଅନ୍ୟ ପ୍ରୀତି ତଥା ଆସ୍ପୃହା ଦ୍ୱାରା ହେତୁରେ ପରିଣତ କରାଯାଇ ପାରିବ । ଏଇଟି ଏକ ଅନ୍ୟ ସମ୍ମତିର ସାଧନା ଏବଂ ତାହାର ପ୍ରଣାଳୀଟି, 'ହେତୁ ଭାଗବତ'ର ଭାଷାରେ :

ମନକୁ ସ୍ତିରୀବେଶ କରି, ହୋଇବୁ ନବୀନ କିଶୋରୀ

ଲଲାଟେ ସିନ୍ଦୂରର ଚିତା, ରୂପେଣ ଜଗଜ୍ଜନଜିତା

ହସ୍ତରେ ବଳୟ କଙ୍କଣ, ପାଦେ ନୁପୂର ରୁଣଝୁଣ

ନାସାରେ ଖଞ୍ଜିବୁ ବସଣୀ, କଜ୍ଜ୍ୱଳ ନୟନରେ ପୁଣି

ଗଳାରେ ମୁକୁତାର ହାର, କର୍ଣ୍ଣ ତାଡ଼ିକି ହୀରା ସାର

କର୍ଣ୍ଣରେ କର୍ଣ୍ଣଫୁଲ ଦେଇ, ବିଚିତ୍ର ରୂପ ମନ ମୋହି

ପିନ୍ଧିବ କଳାମେଘ ଶାଢ଼ୀ, ଲୋଟଣି ଛନ୍ଦେ ଜୁଡ଼ା ବାନ୍ଧି

କର୍ପୂର ଚନ୍ଦନ ମିଶାଇ, ସର୍ବାଙ୍ଗେ ଲେପନ ଯେ ହୋଇ

ହସ୍ତରେ ମଂଜିର ଘେନିଣ, ନବୀନ କିଶୋରୀ ହୋଇଣ

ଏମନ୍ତେ ବେଶ ହୋଇ କରି, ପ୍ରବେଶ ହୋଇବୁ ଅର୍ଗଳି....

ଏହିପରି ବେଶରେ ଅର୍ଥାତ୍ ଭାବରେ ପ୍ରବେଶ କଲେ, କେତେ ଧାଡ଼ି ଉତ୍ତାରୁ,

.......ଦେଖିବ ଜ୍ୟୋତିର୍ମୟୀ ରାଣ ।

ଜ୍ୟୋତି ଅନ୍ତରେ ଦିବ୍ୟ ରୂପ, ଦେଖିବ ନୀଳ ଯେ ସ୍ୱରୂପ......

ତେଣୁ, ଶୁଣରେ ବସ ମନଦେଇ, ପୁରୁଷ ଲେଶ ତହିଁ ନାହିଁ...

ମନକୁ ସ୍ତିରୀବେଶ କଲେ, ସେ ସ୍ଥଳ ଲଭଇଟି ଭଲେ ॥ ସେଥିପାଇଁ,

ଏହି ମତିରେ ହେତୁ କର, ଜୀବକୁ ପରମରେ ଭର, ଏବଂ, ସେଠାରେ ପହଞ୍ଚିବା ପରେ, ପିତା ହିଁ ଏହି ମାତା ଏହି, ଭୋକ୍ତା ହୋଇଣ ସର୍ବଠାଇଁ

ଏ ବ୍ରହ୍ମ ଚିହ୍ନ ସୁତ ତୁହି, ତୁହି ଯେ ମୁଁ ଏକ ଦେହୀ । ପୁଣି, ଶେଷରେ,

ସ୍ତିରୀ ପୁରୁଷ ଏକ ଅଙ୍ଗ, କେବେହେଁ ନୁହଁଇ ବିଭଙ୍ଗ

ନିତ୍ୟ ବୃନ୍ଦାବନଟି ସେହି, ଶ୍ରୀରାଧାକୃଷ୍ଣ ଏକାଦେହୀ ।

ସଖା ଅନନ୍ତ ଦାସ ଏହି ସମଗ୍ର ପ୍ରକରଣଟିକୁ 'ବ୍ରହ୍ମଭାଗ' ବା 'ଅନୁଭବ ଯୋଗମାର୍ଗ' ବୋଲି ନାମକରଣ କରିଛନ୍ତି । ମନକୁ ସ୍ତିରୀବେଶ କରିବାରୁ ଆରମ୍ଭ ଏବଂ ସ୍ତିରୀ ପୁରୁଷ ଏକ ଅଙ୍ଗରେ ସତେଅବା ସିଏ କେଉଁ ଦେଉଳଟିକୁ ମୁଣ୍ଡି ମାରି ଦେଖାଇ ଦେବାକୁ ଆଗ୍ରହ କରିଛନ୍ତି । ଖାଲି ତଥାକଥିତ ଆଧ୍ୟାତ୍ମିକ ସାଧନାରେ ନୁହେଁ, ଜୀବନମାତ୍ରକେ ସଂସାରରେ ସବୁଠାରେ । ଏପରି ଆଧ୍ୟାତ୍ମିକ କେଉଁଠି ରହିଛି, ଯାହାକି ସଂସାରଟାକୁ ଅଶୁଦ୍ଧ ବୋଲି ଘୋଷଣା କରି ନିଜର କୌଣସି ନା କୌଣସି ବାଉଳା ତତ୍ତ୍ୱ ସହିତ ସତେଅବା ଆଉ ଗୋଟାଏ କେଉଁଠାକୁ ଦଉଡ଼ି ପଳାଇବାକୁ ମନ କରିଛି ? ଉପରଲିଖିତ ପଦଗୁଡ଼ିକରେ

ଆମେ ସବାଆଗ ଶ୍ରୀ ଅନନ୍ତ ଦାସ ବ୍ୟବହାର କରିଥିବା ଭାଷାଟି ବିଷୟରେ ଟିକିଏ ଥିର ହୋଇ ଚିନ୍ତା କରିବା । ସେହି ସ୍ୱତନ୍ତ୍ର ଭାଷା ଶୈଳୀଟିକୁ ଗଭା କରି ପିନ୍ଧି ସେତେବେଳେ ରାଜସଭା ଗୁଡ଼ିକୁ ଆଶ୍ରୟ କରି ଓଡ଼ିଆ କାବ୍ୟର ରୀତିଯୁଗ ମାଡ଼ି ଆସୁଥିଲା । ସେହି ଭାଷା ପ୍ରାୟ ପ୍ରୟୋଜନତଃ ଦେହକୁ ହିଁ ସର୍ବସାର କରି ଦେଖୁଥିବା ଗୋଟିଏ ନିତାନ୍ତ ଏକ ହିସାବୀ ଭାଷା । ଏପରିକି ଦେହ ମଧ୍ୟ ଆମେ ରହିଁଲେ ଯେ ଏକ ସାମଗ୍ରିକ ଜୀବନାନୁରାଗ ସହିତ ଅନୁଭବ କରି ହେବ, ସେହି ବିବେକଟିର କୌଣସି ଥଳକୂଳ ନପାଉଥିବା ପରି ନିପଟ ଅଳଙ୍କାରଗୁଡ଼ାକର ବର୍ଣ୍ଣନାଗୁଡ଼ିକୁ ଯୋଡ଼ିଦେଇ ଦେହର ସଂପୂର୍ଣ୍ଣ ରୂପଟା ବିଷୟରେ ସବୁକିଛି କୁହା ହୋଇଯାଇ ପାରିବ ବୋଲି ଏକ ମନମୋଟା ଅଜ୍ଞତା କାବ୍ୟାମୋଦୀ ଏକ ଅସତ୍‌ଆଗ୍ରହ ସହିତ ଧାଇଁ ଆସୁଥିଲା । ଆମର ହେତୁ ଉଦୟ ନିମନ୍ତେ ଅନନ୍ତ ଆମକୁ ଉଚିତ ମୁଖଶାଳାଟିଯାଏ ଆକର୍ଷିତ କରିନେବାର ଅଭିପ୍ରାୟରେ ଡ଼ାକି ନେଉଛନ୍ତି ବୋଲି ଆମେ ସଚେତ ହେବା ପୂର୍ବରୁ ହିଁ ସିଏ ସାଙ୍ଗ ପରି ଆମ ଆଗରେ ଅସଲ ବିଶ୍ୱାସକଥା ଗୁଡ଼ିକୁ କହି ଦେଉଛନ୍ତି ଏବଂ ଆମ ଭିତରେ ଏକ ଉତ୍ତୋଳନ ବି ଘଟାଇ ପାରୁଛନ୍ତି । ତା'ପରେ ଯାହା ଦିଶିବ, ତାହା ଆମର ଦିବ୍ୟ ରୂପ, ସେଇଟି ହିଁ ସ୍ୱରୂପ । ସଂସାର ଅର୍ଥରେ ସ୍ତ୍ରୀ ଏବଂ ପୁରୁଷ ବୋଲି ବିଦିତ ହୋଇ ଆସିଥିବା ଆମ ଉଭୟଙ୍କର ସ୍ୱରୂପ । ସେଠାରେ ପୁରୁଷପଣର ଲେଶମାତ୍ର ହିଁ ଦୃଶ୍ୟ ହେବନାହିଁ । ଏବଂ, ଖାଲି ସ୍ତ୍ରୀପଣଟା ମଧ୍ୟ ଆଉ କ'ଣ ପାଇଁ ଦୃଶ୍ୟ ହେବ ?

ଜୀବନ ଭିତରେ ପରମ ଦିଶିବ । ରୂପ ଭିତରେ ସ୍ୱରୂପ ଦିଶିବ । ଖିଳ ବିଶ୍ୱର ଦର୍ଶନ ହେବ । ଏବଂ, ଭାବରେ ବ୍ୟଞ୍ଜନାଗୁଡ଼ିକୁ ଆମେ ଆମ ଏଯୁଗର ବ୍ୟାପ୍ତି ଏବଂ ସଂଗତିଗୁଡ଼ିକୁ ଦେଇ ଏକ ଜୀବନ ବଞ୍ଚିବାର ଅର୍ଥାତ୍ ସଙ୍ଗ ଯୋଡ଼ିବାର ପ୍ରୟାସଟିଏ ଆରମ୍ଭ କରିଦେଲେ ତା'ପରେ ଆମ ଯେଉଁଭଳି ପ୍ରତ୍ୟକ୍ଷଟି ମଧ୍ୟରେ କେଡ଼େ ସ୍ୱାଭାବିକ ଭାବରେ ବଞ୍ଚିବାର ଭାଜନ ହୋଇଯିବା, ସେହିପରି କୌଣସି କ୍ରିୟାଶୀଳତାର ପ୍ରସ୍ଥକୁ ହେତୁଉଦୟର ବ୍ୟାଖ୍ୟାକାର ବ୍ରହ୍ମ ବୋଲି କହିଛନ୍ତି କି ? ସେଠାରେ ସ୍ତ୍ରୀ ପୁରୁଷ ଗୋଟିଏ ଅଙ୍ଗ । ରାଧା ଯେଉଁଠି କୃଷ୍ଣ ସେଇଠି । ତା'ପରେ କୃଷ୍ଣପଲ ଆନୁଷ୍ଠାନିକ ଅବକାଶମାନଙ୍କରେ ବସି ବାମାପଦ ଆଦିରେ କୌଣସି ସ୍ୱତନ୍ତ୍ର ତତ୍ତ୍ୱକୁ ଫାନ୍ଦି ବସିବାର କୌଣସି ଆବଶ୍ୟକତା ନଥିବ । ପୃଥିବୀଟାକୁ, ଅର୍ଥାତ୍ ପୃଥିବୀଯାକର ମନୁଷ୍ୟଙ୍କର ନିୟତିଟାକୁ ଖଣ୍ଡିଆ କରି ଦେଖୁଥିବ ଖାସ୍ ଶୁକ୍ଳାଭିସାରୀମାନେ ହିଁ ବାଦୀ ହୁଅନ୍ତି । ନିଜ ବାଦଟିକୁ ନେଇ ଆଦୌ କୌଣସି ସମ୍ପର୍କଗତ ଆନୁଗତ୍ୟ ଓ ଅନ୍ତରଙ୍ଗତା ସମ୍ଭବ ହେବା ପୂର୍ବରୁ ହିଁ ଚତୁର ମନୁଷ୍ୟମାନେ କାଳେ କାଳେ ହିଁ ବାଦୀ ହୋଇଛନ୍ତି; ଏବଂ, ହୁଏତ ବହୁତର କ୍ଷେତ୍ରରେ ନିଜ ବାଦଟିର ମର୍ମପରିଚୟ ଘଟିବା ପୂର୍ବରୁ ସେମାନେ ବିବାଦୀ ହୋଇ ପଡ଼ିଛନ୍ତି । ବାଦକୁ ବଞ୍ଚିବାରେ ନୁହେଁ, ବିବାଦଗୁଡ଼ିକ ସହିତ ନାନା ନିତ୍ୟସମରରେ ମାତି ରହିବାରୁ ହିଁ ସଚରାଚର

ଅଧିକ କୁପିତ ହୋଇ ରହିବାକୁ ମନ କରିଛନ୍ତି । ପୃଥିବୀ ଉପରେ ତଥାପି ବିଶ୍ୱାସ ରଖି ଅନୁକ୍ଷଣ ଆମର ପାଖେ ପାଖେ ରହିଥିବା ସ୍ୱୟଂ ବିଶ୍ୱବିଧାତାଙ୍କୁ ମଧ୍ୟ ସେମାନେ ଖୁବ୍ ହତବଳ କରି ପକାଉଥିବେ ।

ପୃଥିବୀଟା ମରଦପକ୍ଷ ଦ୍ୱାରା ଚାଲିଛି । କର୍ତ୍ତୃତ୍ୱର ପକ୍ଷ, କ୍ଷମତାର ପକ୍ଷ, ସେହିଟି ହିଁ ମରଦର ପକ୍ଷ । ଜ୍ଞାନ ଓ ବିଜ୍ଞାନ, ଅର୍ଥବଳ ଓ ଅସ୍ତ୍ରବଳ, ଏସବୁ ମରଦପକ୍ଷର ମରଜୀ ଅନୁସାର ଚାଲିଛି । ସାହିତ୍ୟଟା କାହା ପକ୍ଷରେ, ସାହିତ୍ୟଘରର ସାରସ୍ୱତମାନେ ସେହି କଥାଟିର କିଭଳି ଉତ୍ତର ଦେବେ କେଜାଣି ? ରାଷ୍ଟ୍ରନାମକ ଆମ ଭାଗ୍ୟ-ଆତଯାତର ସେହି ବିଶେଷ ଭିଆଣଟା, ଏଇଟା ମଦରମାନଙ୍କର ହସ୍ତମୁଦି ନିଜମାହାଲ ହୋଇ କାଳକାଳରୁ ରହିଛି । ଚଣ୍ଡାଶୋକ ହୁଅନ୍ତୁ ଅଥବା ଧର୍ମାଶୋକ ହୁଅନ୍ତୁ, କପିଳେନ୍ଦ୍ର ହୁଅନ୍ତୁ କିମ୍ବା ପୁରୁଷୋତ୍ତମ ହୁଅନ୍ତୁ, ଏମାନେ ସମସ୍ତେ ସେହି ମରଦପକ୍ଷଟାର ହିଁ ଭଳିକିଭଳି ନମୁନା ହୋଇ ଏକଦା ଆବିର୍ଭୁତ ହୋଇଥିଲେ ଏବଂ ଏବେ ମଧ୍ୟ ଆମ ମରଦଅନ୍ଦାଜ ଗୁଡ଼ିକର ପ୍ରୀତ୍ୟର୍ଥେ ପ୍ରେରଣା ହୋଇ ରହିଛନ୍ତି । ତଥାକଥିତ ଜାତୀୟତାବାଦଟାକୁ ହୁଏତ ଏକ ପୂର୍ଣ୍ଣନିର୍ମଳ ସଙ୍ଗତି ସହିତ ମରଦଙ୍କର ବିବିଧ ପାରଦର୍ଶିତାର ଏକ ସୁଖସମାହାର ବୋଲି କାହିଁକି ବି କୁହାନଯିବ ? ପୃଥ୍ୱୀ ଇତିହାସରେ ସେହି ଔପନିବେଶିକ ଯାବତୀୟ କୀର୍ତ୍ତି ତଥା ଅପକୀର୍ତ୍ତିର ରାଜକୀୟ ଅମଳଟା, କଳାଚମମାନଙ୍କୁ ସେମାନଙ୍କ ନିଜଭୂମିରୁ ଦସ୍ୟୁବତ୍ ହରଣ କରିଆଣି ଆମେରିକାରେ ଜାନୁଆର ପରି ବିକ୍ରୀ କରିବା; ନିଜର ତଥାକଥିତ ଧର୍ମସନ୍ତକ ଗୁଡ଼ାକୁ ଆଉ ଗୋଟିଏ ଗୋଷ୍ଠୀ ଉପରେ ଲଦିଦେଇ ସେମାନେ ତାଦ୍ୱାରା ଅବଶ୍ୟ ଆଲୋକପ୍ରାପ୍ତ ହୋଇ ସ୍ୱର୍ଗକୁ ଯିବେ ବୋଲି ଦାବୀ କରିବା, – କେବଳ ମରଦମାନେ ହିଁ ଏଗୁଡ଼ିକର ମହତ୍ତ୍ୱଟାକୁ ଉପଲବ୍ଧି କରିପାରିବେ । ଯେ କୌଣସି ଧର୍ମ, ସଂସ୍କୃତି, ବିଧି ଓ ବିଧାନ ବସ୍ତୁତଃ ଯାହା ହୋଇଥାଉ ବା ନ ହୋଇଥାଉ ପଛକେ, ତାହା ମୋ'ର ଅଥବା ଆମର ଏହି ଇତ୍ୟାଦି ଇତ୍ୟାଦି ହୋଇଥିବାରୁ ହିଁ ପୃଥିବୀଯାକର ସର୍ବଶ୍ରେଷ୍ଠ, ଏଗୁଡ଼ିକ ମରଦଙ୍କର ସ୍ୱତନ୍ତ୍ର ବୁଦ୍ଧିଗୁଡ଼ାକ ଭିତରୁ ହିଁ ଯୁଗେ ଯୁଗେ ବାହାରିଛନ୍ତି । ପୁଣି, ମୋ'ର ଏହି ଭାଷାଟା ସୃଷ୍ଟିର ମୂଳରୁ ହିଁ ଥିଲା ଏବଂ ସ୍ୱର୍ଗରେ ଦେବତାମାନେ ମଧ୍ୟ କେବେ ନା କେବେ ଏହି ଭାଷାରେ କଥାବାର୍ତ୍ତା କରୁଥିଲେ, ଏହି ସବୁକିଛି ମରଦମାନଙ୍କର ଭିଆଣ ।

ଭାରି କଉତୁକିଆ ଲାଗିଲେ ମଧ୍ୟ ଏଥିରେ ଆଦୌ ସନ୍ଦେହ ନାହିଁ ଯେ, ବର୍ତ୍ତମାନର ଏହି ବାମାବାଦର ଏଡ଼େବଡ଼ ଫରଚା ଚର୍ଚ୍ଚାଟା ମଧ୍ୟ ନ୍ୟାୟତଃ ମରଦମାନଙ୍କର ମୁଣ୍ଡରୁ ହିଁ ଅଧିକ ନିଷ୍ଠାର ସହିତ ଉଦ୍‌ଗୀର୍ଣ୍ଣ ହୋଇ ଆସିଛି । ବାମାବାଦୀଙ୍କ ଭିତରେ ମହିଳା ଓ ପୁରୁଷ ଉଭୟେ ଅଲବତ ଅଛନ୍ତି । ସେଥିପାଇଁ ମୋଟେ କୌଣସି ବାଧା ନାହିଁ । କ୍ଷୁବ୍ଧ ନାରୀ ଷୋଳଅଣା ପ୍ରମାଣେ ସର୍ବପାରଙ୍ଗମ ବୋଲି ପ୍ରମାଣିତ ହୋଇପାରିବ ବୋଲି ପୁରୁଷପକ୍ଷଟାର

ପାରମ୍ପରିକ ଉପଚାର ତଥା ଅତିଚାର ଗୁଡ଼ିକରେ ନିଜକୁ ମଣ କରିବାର ତତ୍ପର ରହିଛି, ଗୋଟାଏ ଆଦିମସ୍ତରୀୟ ହୀନମନ୍ୟତା ହୁଏତ ତାକୁ ତା'ର ଅସଲ ହେତୁଦୟ ଗୁଡ଼ିକରୁ ବଞ୍ଚିତ କରି ରଖିଛି । ସିଏ ନିଜକୁ ଆପଣା ନିମନ୍ତେ ନିର୍ଦ୍ଦେଶିତ ହୋଇ ରହିଥିବା ସୂର୍ଯ୍ୟଦର୍ଶନରୁ ବଞ୍ଚିତ କରି ରଖିଛି । ତୁଚ୍ଛା ମରଦମାନେ ହିଁ ସମ୍ଭବତଃ ଯୁଗେ ଯୁଗେ ମଥା ଏବଂ ହୃଦୟକୁ ଦୁଇଟା ଅଲଗା ପୁଦ୍‌ଗଳ ବୋଲି କହି ଆସିଛନ୍ତି । ଏମାନଙ୍କ ଭିତରୁ ଗୋଟାଏ ଆରଟାକୁ ସାହସ କରୁନଥିଲେ ଜଣେ ମନୁଷ୍ୟକୁ ସେହି ଦୁର୍ଗତିଟା ଭୋଗିବାକୁ ହୋଇଥାଏ କି ? ମଥାଟା ତ କାନ୍ଥ ଓ ହୃଦୟ ହେଉଛି ତାହାକୁ ଆଶ୍ରୟ କରି ରହିଥିବା ଛାତଟି । କାନ୍ଥଟା ମଜବୁତ ହୋଇ ଠିଆ ହୋଇ ନପାରିଲେ ଛାତଟା ତ ବଡ଼ ଟଳଟଳ ହୋଇ ରହିବ ହିଁ ରହିବ । ଯେଉଁ ସମାଜଟା ମଥାଟାକୁ ଏକ ପୁରୁଷଗୁଣ ଏବଂ ହୃଦୟକୁ ଏକ ଖାସ୍ ସ୍ତ୍ରୀସମ୍ପଦ ବୋଲି କହି ସତ୍ୟକୁ ଢେଲା ମାରୁଥାଏ, ସେହି ସମାଜରେ ମରଦମାନେ ହିଁ ନିଶ୍ଚୟ ଭାରି ପ୍ରବଳ ହୋଇଥିବେ । ସଂଖ୍ୟାରେ ହୁଏତ ଅଳପ ହୋଇଥିବେ, କିନ୍ତୁ ସର୍ବବିଧ କୋପନବୃତ୍ତିରେ ଅବଶ୍ୟ ହିରୋ ହୋଇଥିବେ । ବାମାପଦ ନାମକ ପଣ୍ୟଟାକୁ ଦେଇ ଖୁବ୍ ଆଲୋଚନା ମଧ୍ୟ କରୁଥିବେ । ସମ୍ପାନମାନଙ୍କରେ ପରସ୍ପରକୁ ଜ୍ଞାନ ପିଆଇବାରେ ଲାଗିଥିବେ । ସ୍ତିରୀ ପୁରୁଷ ଏକ ଅଙ୍ଗ ବୋଲି ସନ୍ଥ ଅନନ୍ତଙ୍କର ହେତୁକଥାଟି ଏମାନେ କିପରି ଏବଂ କାହିଁକି ବା ବୁଝିବେ ? ସେମାନେ କଦାପି ଏହି ସ୍ଥିତାବସ୍ଥାଟିର ଶାନ୍ତିଭଙ୍ଗ କରାଇବାକୁ ମନ କରିବେନାହିଁ ।

ମରଦପଣଟା ହିଁ ଆମ ପୃଥିବୀରେ କାଳେ କାଳେ କେବଳ ଖଣ୍ଡପ୍ରତୀତି ଗୁଡ଼ିକୁ ହିଁ ପ୍ରଶ୍ରୟ ଦେଇ ଆସିଛି । ସେଇଥି ନିମନ୍ତେ ଧର୍ମ ନାହିଁ, ମୋ' ଧର୍ମ ନାମକ ଦୌରାତ୍ମମାନେ ରହିଛନ୍ତି । ଭଗବାନ ନାହାନ୍ତି, କଣ୍ଢେଇମାନେ ହିଁ ମଣିଷମାନଙ୍କୁ ନଚାଇବାର ଲାଗିଛନ୍ତି । କୌଣସି ନା କୌଣସି ଆଳରେ ମରଦମାନେ କେବଳ ଥୋକେ ମଣିଷଙ୍କୁ ଦେଖୁଛନ୍ତି, ଥୋକେ ମଣିଷଙ୍କର ତଥାକଥିତ ସ୍ୱାର୍ଥର ପରିପୂରଣ ନିମନ୍ତେ ସବୁ ମଣିଷଙ୍କୁ ଏକାବେଳେ ଦେଖିପାରିବା ଆଉ ସମ୍ଭବ ହିଁ ହେଉନାହିଁ । ସେହି ଚକ୍ରାନ୍ତରେ ହିଁ ବିଜ୍ଞାପନଗୁଡ଼ାକରେ ପୃଥିବୀ ତମାମ୍ ଧୂଳି ପଡୁଛି । ସତକୁ ସତ ସତ୍ୟକୁ ଲୋଡ଼ିବା ଓ ବ୍ରହ୍ମକୁ ଲୋଡ଼ିବା, ଅର୍ଥାତ୍ ପୃଥିବୀଯାକକୁ ଲୋଡ଼ିବା, ମଣିଷମାତ୍ରକେ ସମସ୍ତଙ୍କୁ ଲୋଡ଼ିବା : ଏଠାରେ ଆମର ଘରଗୁଡ଼ିକୁ ଏପରି ତିଆରି କରିବା, ଯେଉଁଥିରେ କି ସମସ୍ତଙ୍କ ସକାଶେ ଥାନ ହୋଇ ପାରୁଥିବ, ପରସ୍ପର ନିମନ୍ତେ ଅପେକ୍ଷା ଥିବ, ସବୁର ଥିବ, ପ୍ରୀତି ଥିବ, ସଖ୍ୟର ପରିପୂର୍ଣ୍ଣ କନ୍ଦରଦ୍ୱାରା ପୃଥିବୀଯାକ ଚଳୁଥିବ । ଆମ ନିଜ ଗାଆଁଟି ମଧ୍ୟ ସମସ୍ତଙ୍କର ଗାଆଁ ବୋଲି ନିରନ୍ତର ଅନୁଭବ ହେଉଥିବ । ଅସଲ ସାମର୍ଥ୍ୟମାନେ ସମଗ୍ର ଗାଆଁରୂପକ ପୃଥିବୀଟି ନିମନ୍ତେ ନିୟୋଜିତ ରହିଥିବେ । ବନ୍ଧୁ କହିଲ, ପୃଥିବୀରେ ସବୁ ମଣିଷଙ୍କର ପେଟ ପୂରିପାରିବା ନିମନ୍ତେ ମଣିଷପାଖରେ ସମ୍ବଳ ରହିଛି, ତଥାପି ଏତେ ଏତେ ପେଟକୁ ଦାନା ମିଳୁନାହିଁ

କାହିଁକି, ପିଲା କହିଲେ ସବୁ ପିଲାଙ୍କୁ ବୁଝାଉନାହିଁ କାହିଁକି, ସୁଖ କହିଲେ ସମସ୍ତଙ୍କର ସର୍ବନିମ୍ନ ପ୍ରୟୋଜନଗୁଡ଼ିକୁ ମେଣ୍ଟାଇ ପାରିବା ଭଳି ଭିତ୍ତିଭୂମିଟିଏ କାହିଁକି ତିଆରି ହୋଇ ପାରୁନାହିଁ ? ଆମେ ମରଦମାନେ ଏଠାରେ ଗୁଡ଼ାଏ ମୁହାଁସ ପାଇଯାଉଛୁ ବୋଲି ସେପରି ଘଟୁଛି କି ?

ବ୍ରହ୍ମର ପଟରେ ରହିବାକୁ ନିଜ ଜୀବନରେ ଆବଶ୍ୟକ ଅନୁକୂଳତା ଗୁଡ଼ିକୁ ଗଢ଼ିବାରେ ସତକୁ ସତ ମନ କରୁଥିବା ମଣିଷଟିଏ କଦାପି କୌଣସି ପ୍ରକାରର ମରଦପଣରେ ହୁଡ଼ି ଯିବନାହିଁ । ପ୍ରୀତି ଖୋଜୁଥିବା ମଣିଷ ପ୍ରୀତିରେ ରହିବ, ପ୍ରୀତି ଦେବ, ପ୍ରୀତିର ଭିକାରୀ ହେବ । ସିଏ କଦାପି ନିଃସଙ୍ଗ ହେବନାହିଁ । ଆଧୁନିକ ସମୟର ମରଦମାର୍କା ଲେଖକମାନେ ହିଁ ନିଃସଙ୍ଗତାର ନଗରକୀର୍ତ୍ତନ କରିବାରେ ତତ୍ପର ହୋଇ ରହିଯିବେ, ଶୈଳୀରେ କାନ୍ଦୁଥିବେ ଏବଂ ଶୈଳୀରେ ସ୍ୱପ୍ନ ଦେଖୁଥିବେ । ଏଠି ମଣିଷମାରି ସେଠି ଶୋକ ମନାଉଥିବେ ଓ ତାହାରି ମାଧ୍ୟମରେ ହିଁ ନିଜ କଳାକାରପଣର ଦୁନ୍ଦୁଭି ପିଟିବାରେ ଲାଗିଥିବେ । ସେମାନେ ବହୁପ୍ରସାଧନଯୁକ୍ତ ଭଳି ଭଳି ଚମକରେ ରାଧାର ଢମପଣଗୁଡ଼ିକୁ ଫାନ୍ଦିବାରେ ସିନା ଲାଗିଥିବେ, କିନ୍ତୁ ରାଧାର ଅସଲ ଯାଚନାଗୁଡ଼ିକଠାରୁ ବହୁଦୂରରେ ରହିଥିବେ ।

ତଥାପି ଅପେକ୍ଷା କରିଥିବ ବନ୍ଧୁ, ତୁମେ ତଥାପି ଅପେକ୍ଷା କରିଥିବ ମନକୁ ସ୍ଥିରୀବେଶ କରି ଅପେକ୍ଷା କରିଥିବ । ଜଣେ ନବୀନ-କିଶୋରୀର ପ୍ରୀତିସହିତ ଅବଶ୍ୟ ଅପେକ୍ଷା କରିଥିବ । ତେବେ ଯାଇ ଅସଲ ମୁହୂର୍ତ୍ତଟି ଆସୁଛି ବୋଲି ବାର୍ତ୍ତାଗୁଡ଼ିକୁ ଶୁଣି ପାରୁଥିବ, ନିଜ ଭିତରେ ଶୁଣି ପାରୁଥିବ, ବାହାରେ ମଧ୍ୟ ଶୁଣିପାରିବ । ତୁମେ ବହୁ ଅପ୍ରତ୍ୟାଶିତ ନିମନ୍ତେ ତେବେ ଯାଇ ନିମିତ୍ତ ହୋଇ ବାହାରି ପାରିବ । ପୃଥିବୀ ନିମନ୍ତେ ବହୁ ହେତୁର କାରଣ ହେବ । ତେବେ ଯାଇ ବୁଝି ବି ପାରିବ ଯେ ପୃଥିବୀ ତୁମଲାଗି ସତକୁ ସତ ଅପେକ୍ଷା କରି ରହିଛି । ତୁମେ ତିଆରି ହୋଇ ଆସୁଛ ବୋଲି କୋଉଠୁ କ'ଣ ବାରତାମାନ ପାଇଲାଣି ବୋଲି ତ ପୃଥିବୀ ଅପେକ୍ଷା କରି ରହିଛି । ସହିଛି ଏବଂ ଅପେକ୍ଷା କରିଛି । ଜନନୀବତ୍ ଅପେକ୍ଷା କରିଛି । ସାହିତ୍ୟରେ ଅପେକ୍ଷା କରିଛି, ରାଜନୀତିରେ ଏହି ଯାବତୀୟ ଉଦ୍‌ବେଳନ ମଧ୍ୟରେ ଅପେକ୍ଷା କରିଛି । ପରବର୍ତ୍ତୀ ଭବିଷ୍ୟତଟିଏ ସମ୍ଭବି ଆସିବ ବୋଲି ଅପେକ୍ଷା କରିଛି । ଖାଲି ଭାରତ ନୁହେଁ କିମ୍ବା ଖାଲି ଏସିଆ ନୁହେଁ, ସମୁଦାୟ ପୃଥିବୀ ଅପେକ୍ଷା କରିଛି । ତରତର ହେବ ନାହିଁ ବନ୍ଧୁ, ତୁମେ ମୋଟେ ତରତର ହେବ ନାହିଁ । ନୂଆଟି କ୍ରମଗଠିତ ହୋଇ ଆସିବାରେ ଅକାରଣରେ ତରତର ହୋଇ ତୁମେ ପ୍ରକ୍ରିୟାଟିକୁ ଆଦୌ ବିଗାଡ଼ି ଦେବନାହିଁ । କାରିଗରର ହାତଟାକୁ ଆଦୌ କୌଣସି ପ୍ରକାରେ ଅହେତୁକୀ ସଙ୍କଟରେ ନେଇ ପକାଇ ଦେବନାହିଁ । ତୁମେ ତିଆରି ହୋଇଆସିଲେ ପୃଥିବୀ ସେହି ବାରତାଟିକୁ ଅବଶ୍ୟ ପାଇଯିବ । ତୁମେବି ନିଜ ଭିତରେ ତୁମ ଖରବଟି ସେଠାରେ ଯାଇ

ପହଞ୍ଚି ଗଲାଣି ବୋଲି ଖୁବ୍ ଜାଣିପାରିବ । ତୁମର ସାହିତ୍ୟ ମଧ୍ୟ ପ୍ରାୟ ବିନା ନୋଟିସ୍‌ରେ ବଦଳିଯିବ । ତୁମର ପ୍ରୀତିଟି ପ୍ରସାରିତ ହୋଇଯିବ । ତୁମର ତଥାକଥିତ ବ୍ୟକ୍ତିଗତ ପଦକ୍ଷେପମାନ ସମଗ୍ର ପୃଥିବୀର ହିଁ ପଦକ୍ଷେପ ବୋଲି ପରିଷ୍କାର ହୋଇଯିବ । ତେଣୁ ବନ୍ଧୁ, ତୁମେ ଆଦୌ ତରତର ହେବନାହିଁ, ଆଦୌ କିଛି ବି ବିଗାଡ଼ି ଦେବନାହିଁ ।

ସୌଜନ୍ୟ : ବର୍ତ୍ତିକା, ଦଶହରା ବିଶେଷାଙ୍କ -୨୦୦୬

****

ନାରୀ-ପୁରୁଷ ବୈଷମ୍ୟ

ରବୀନ୍ଦ୍ର ପ୍ରସାଦ ପଣ୍ଡା

ସମାଜରେ ସଂସାରରେ, ପୁରୁଷ ସହିତ ନାରୀର ଅସମାନତା ପରିପ୍ରେକ୍ଷୀରେ ନାରୀ ସ୍ୱାଧୀନତାର ଆବଶ୍ୟକତା ପ୍ରତିଷ୍ଠିତ ହୋଇସାରିଛି । ସେ-ପ୍ରସଙ୍ଗ ଚର୍ବିତଚର୍ବଣ ତେଣୁ ନିରର୍ଥକ । କିନ୍ତୁ ଅସଲ ପ୍ରଶ୍ନ ହେଉଛି, ନାରୀ ସ୍ୱାଧୀନତା ମାନେ କ'ଣ ପୁରୁଷ ଭଳି ହବାର ବା ପୁରୁଷସୁଲଭ ଗୁଣାବଳୀ ଅର୍ଜନ କରିବାର ସ୍ୱାଧୀନତା ? ଅଥବା, ଭାରତୀୟ ନାରୀ କ'ଣ ଇଉରୋପୀୟ ନାରୀ ଭଳି ନିଜକୁ ତିଆରିବ, ନା ତା'ର ନିଜସ୍ୱ କୋଉ ଆଦର୍ଶପାଇଁ ସଂଗ୍ରାମ ? ଏ-ବିଷୟରେ ଭାବିବାବେଳେ, ଅଲଗା କରି ନାରୀ ଓ ପୁରୁଷର ସ୍ୱାଧୀନତା କଥା ଭାବିବା ନିର୍ବୋଧତା; କାହିଁକିନା, ସମସ୍ୟାଟା ପ୍ରକୃତରେ ମଣିଷର ସ୍ୱାଧୀନତା । କାରଣ, ସ୍ୱାଧୀନ ମଣିଷ ଭାବରେ ଗଢ଼ିଉଠିବା ପରେ ଯାଇ, ନାରୀ ବା ପୁରୁଷର ସ୍ୱାଧୀନତା କିଭଳି ଆକାର ପ୍ରକାର ପରିଗ୍ରହ କରିବା ଉଚିତ, ସେ କଥା ସ୍ପଷ୍ଟ ବୁଝାପଡ଼ିବ ।

ଯୋଉ ସମାଜବ୍ୟବସ୍ଥା ଭିତରେ ବଞ୍ଚୁଛୁ, ଅତୀତରେ ତାର ରୂପ ଏଭଳି ନଥିଲା, ଭବିଷ୍ୟତରେ ବି ଏକାଭଳି ରହିବ ନାହିଁ । ତେଣୁ, ପରିବାର ବା ସମାଜର ପରିବର୍ତ୍ତନ କଥା ଭାବିବାବେଳେ ସ୍ଥିତ ସମାଜ ବ୍ୟବସ୍ଥାକୁ ଅଚଳାୟତନ ଜ୍ଞାନ କରିବା ଭୁଲ । ପ୍ରଚଳିତ ସମାଜସମ୍ବନ୍ଧ ଯେହେତୁ ଅନନ୍ତ କାଳ ଧରି ସ୍ଥାୟୀ ହେବ ନାହିଁ, ଉତ୍ତରାଧିକାରୀ କୋଉଭଳି ସମାଜରେ ବସବାସ କରିବେ, ତା'ର ମାନଚିତ୍ର ଆଜି ସ୍ୱପ୍ନ ପରି ମନେହେବ । ତଥାପି, ଯେହେତୁ ଜୀବଜଗତରେ କେବଳ ମଣିଷ ହିଁ ସ୍ୱପ୍ନ ଦେଖିପାରେ, ନାରୀ ପୁରୁଷ ଉଭୟ ସ୍ୱପ୍ନ ଦେଖିବାର ସେଇ ଅଧିକାରକୁ ବର୍ଜନ କରିବା ଅନ୍ୟାୟ । ବିଜ୍ଞାନ, ପ୍ରଯୁକ୍ତି, ଅର୍ଥନୀତି ପ୍ରଭୃତିରୁ ଯେଉଁ ସୁଫଳ ଭୋଗକରୁଛୁଁ, ସେଗୁଡ଼ାକ କିଛି କଳ୍ପନାବିଳାସୀ ମଣିଷଙ୍କ ବୁଦ୍ଧି, ମନନ ଓ ଇଚ୍ଛାର ପ୍ରୟୋଗଜାତ ପରିଣାମ ଛଡ଼ା ଅନ୍ୟ କିଛି ନୁହେଁ । ଅର୍ଥାତ୍, ଆଜି ଯାହା ଭୋଗ କରୁଛୁଁ, ଯେମିତି ନିଆଁ, ଚକ, ବିଦ୍ୟୁତ୍, ଚୁମ୍ବକ, ବାରୁଦ ବା ବାଷ୍ପଶକ୍ତି, ତାକୁ ଆମ ଆଗରୁ ଯୋଉ ମଣିଷ ଏଠି ସ୍ୱପ୍ନ ଦେଖିବାକୁ ଶିଖିଥିଲେ, ଖୋଜି ବାହାର କରିଛନ୍ତି । ପୁଣି, ଯୋଉ ସାମ୍ରାଜ୍ୟବାଦୀ ପ୍ରକ୍ରିୟାକୁ ବିଶ୍ୱାୟନ ବା ଗ୍ଲୋବାଲାଇଜେସନ୍ କହୁଛୁଁ, ତା' ପ୍ରଭାବରେ ପ୍ରଥାଗତ ଜୀବନ-ଭାବନା, ମୂଲ୍ୟବୋଧ ଓ ଆଦର୍ଶ ଉପରେ

ପ୍ରଚଣ୍ଡ ଚାପ ପଡୁଛି ଏବଂ ସେ-ଚାପ ପ୍ରତିଦିନ ବଢ଼ି ଚାଲିଛି । ତା ପ୍ରଭାବରେ ବି ଆଜି ମଣିଷ ଆମେରିକା ବା ଇଉରୋପର ପ୍ରଚଳିତ ଜୀବନର ସ୍ୱପ୍ନ ଦେଖିପାରେ, ଯୋଉ ସ୍ୱପ୍ନ ତା ନିଜ ଜୀବନରେ ସୃଷ୍ଟି କରିବ ନିଶ୍ଚିତ ସଂକଟ । ସେଭଳି ଏକ ଜଟିଳ ଓ ତୁଳନାତ୍ମକ ମନୋଜାଗତିକ ଅବସ୍ଥାର, ଆମ ଜୀବନର ବହୁ ସଞ୍ଚୟ ନାରଖାର ହୋଇଯାଇପାରେ । ଅର୍ଥାତ୍ ଏ ଅବସ୍ଥାରେ ପ୍ରଥାଗତ ପରିବାର, ସମାଜ ବା ବହୁକାଳ ଲାଳିତ ମୂଲ୍ୟବୋଧର ଭିତ୍ତିଭୂମି (ଇନ୍‌ଫ୍ରାଷ୍ଟ୍ରକ୍‌ଚର) ଅକ୍ଷୁର୍ଣ୍ଣ ରହିବ ବୋଲି ଭାବିବା ହାସ୍ୟକର । ଏବାଟରେ ଇଉରୋପରେ ପିତୃତାନ୍ତ୍ରିକ ପରିବାର ସଂଗଠନ ଭାଙ୍ଗିପଡ଼ିଛି; କାହିଁକିନା, ସମାଜ ବଦଳିଯିବା ସହିତ ତାଳ ରଖି ପରିବାର ନିଜକୁ ବଦଳାଇ ପାରିନାହିଁ । ଅବଶ୍ୟ, ଧନତନ୍ତ୍ର ତା' ନିଜ ସ୍ୱାର୍ଥରେ ପରିବାର ସଂଗଠନଟିକୁ ବିବର୍ତ୍ତିତ ହେବାକୁ ଦେଇନାହିଁ । ଦେଇଥିଲେ ପୁଞ୍ଜିର ବିକାଶ ବାଧା ପାଇଥାନ୍ତା । ପରିବାର ସହିତ ସମ୍ପଦର ସମ୍ପର୍କକୁ ଫ୍ରେଡ଼େରିକ ଏଙ୍ଗେଲ୍ସ 'ପରିବାର, ବ୍ୟକ୍ତିଗତ ସମ୍ପତ୍ତି ଓ ରାଷ୍ଟ୍ରର ଉତ୍ପତ୍ତି' ବହିରେ ବିଶଦ ଆଲୋଚନା କରିଥିବାରୁ, ଦ୍ୱିରୁକ୍ତି କରିବି ନାହିଁ । ସନାତନ ମୂଲ୍ୟବୋଧରୁ ବିଚ୍ଛିନ୍ନ ହେଲେ ଯୋଉ ଶୂନ୍ୟତା ସୃଷ୍ଟିହୁଏ, ତା' ବାସ୍ତବରେ ସାମାଜିକ ବିଚ୍ଛିନ୍ନତା । ତା'କୁ ଆଧୁନିକତା ବୋଲି ଆମେ ମାନ୍ୟତା ଦେଉଛୁଁ । ଅଥଚ, ଲଗ୍ନିପୁଞ୍ଜି ଓ କର୍‌ପୋରେଟ୍ ପୁଞ୍ଜି ଆଧୁନିକତାକୁ ପ୍ରାୟ ମୂଲ୍ୟବୋଧ - ନିରପେକ୍ଷ, ଏଭଳି ଏକ ପ୍ରପଞ୍ଚରେ ପରିଣତ କରିଛି ଯ, ଆଧୁନିକତା ନାଁରେ ଯଥେଚ୍ଛାଚାର ଆଉ ଦୃଷ୍ଟିକଟୁ ହେଉନାହିଁ । ହେଉନାହିଁ ବୋଲି ସେ-ବନ୍ୟତାକୁ କୁହାଯାଉଛି ଉତ୍ତର-ଆଧୁନିକତା । ଭାରତରେ ପୁଣି ରହିଛି ଅନ୍ୟ ରକମ ଅସଙ୍ଗତି । ପୃଥିବୀର ଆଉ କୋଉଠି ହେଲେ ସାମାଜିକ ଭେଦାଭେଦ ଓ ରାଜନୈତିକ ଅସାମ୍ୟକୁ ତତ୍ତ୍ୱ ଓ ଶାସ୍ତ୍ର ସାହାଯ୍ୟରେ ବୈଧତା ଦେବାକୁ ଏତେ ବେଶୀ ଚେଷ୍ଟା ହୋଇନାହିଁ । ଏପରିକି ଏଠି ବ୍ରହ୍ମାଙ୍କ ବାହୁରୁ ଉତ୍ପନ୍ନ କ୍ଷତ୍ରିୟ ଛଡ଼ା ଯୁଦ୍ଧ କରିବା ଆଉ ସମସ୍ତଙ୍କୁ ମନା । ଫଳରେ, ବହିରାଗତ ଲୋକଙ୍କ ପାଇଁ ବିନା ପ୍ରତିରୋଧ ବା ସାମାନ୍ୟ ବାଧାକୁ ମୁକାବିଲା କରି ଭାରତକୁ ଦଖଲ କରିଯିବା ଅତୀତରେ କଷ୍ଟସାଧ୍ୟ ହୋଇନାହିଁ । ମୁଷ୍ଟିମେୟ ମୁସଲମାନ, ନଗଣ୍ୟ ସଂଖ୍ୟକ ପର୍ତ୍ତୁଗୀଜ୍, ଆଗନ୍ତୁକ ତୁଚ୍ଛ ବଣିକ ଇଂରେଜ, ବିଶାଳ ଭାରତବର୍ଷକୁ ଅବନତ କରିବାକୁ ଯାଇ ବେଶି ମୃତାହତ ହୋଇ ନାହାନ୍ତି । ସେ-ଅସଙ୍ଗତି ଅଦ୍ୟାବଧି ଆମ ମୌଳିକ ଐତିହ୍ୟ । ତେଣୁ, ପରିବାର ନାମଧେୟ ଅନୁଷ୍ଠାନଟିକୁ ଯଦି ବଞ୍ଚାଇ ରଖିବାକୁ ହୁଏ, ତାକୁ ପ୍ରଥମେ କରିବାକୁ ହେବ ବୈଷମ୍ୟମୁକ୍ତ ଏବଂ ସେଇ ସୂତ୍ରରେ, ମଣିଷର ଭାବଗତ ଓ ଜୈବିକ ପ୍ରବଣତାଗୁଡ଼ିକୁ ଶ୍ରଦ୍ଧା । ଏବଂ ଯେହେତୁ କର୍‌ପୋରେଟ୍ ପୁଞ୍ଜି ଇଉରୋପର ପ୍ରଥାଗତ ପିତୃତାନ୍ତ୍ରିକ ପରିବାର ବ୍ୟବସ୍ଥାକୁ ଖଣ୍ଡଖଣ୍ଡକରି ତାର ପରିଶ୍ରମକୁ ନିଗାଡ଼ିନେବା ପରେ ଏବେ ପୃଥିବୀସାରା ନୂଆ ନୂଆ କ୍ଷେତ୍ର ଖୋଜୁଛି, ଆଉ ଡେ଼ରି ନକରି ସେ-ଉଦ୍ୟମର ମୁକାବିଲା ପାଇଁ ପ୍ରସ୍ତୁତ ହେବା ଦରକାର । ସେଥିପାଇଁ, ନାରୀ ଓ ପୁରୁଷ ମଧ୍ୟସ୍ଥ ବୈଷମ୍ୟକୁ ବିବେଚନା

କଲାବେଳେ ଅର୍ଥନୈତିକ ବ୍ୟବଧାନ ଅପେକ୍ଷା ସାଂସ୍କୃତିକ ବ୍ୟବଧାନ ଉପରେ ଅଧିକ ଗୁରୁତ୍ୱ ଦେବି । କାହିଁକିନା, ନାରୀକୁ ଅର୍ଥନୈତିକ ଭାବେ ସ୍ୱାବଲମ୍ବୀ ବା ସ୍ୱାଧୀନ କରିବା କଥା ଉଠିବା ମାତ୍ରକେ ତା'ର ରାଜନୈତିକ ସ୍ୱାଧୀନତାକୁ ଉପେକ୍ଷା କରିହେବ ନାହିଁ, ଏବଂ ତା'ହେଲେ, ନାରୀ ଓ ପୁରୁଷ ମଧ୍ୟସ୍ଥ ଦ୍ୱନ୍ଦ୍ୱ ଆହୁରି ତୀବ୍ର ହେବାକୁ ବାଧ୍ୟ । ସେ-ଅବସ୍ଥାର ସାଂସ୍କୃତିକ ଭିତ୍ତିଭୂମି ନଥିଲେ ନାରୀ ନିଶ୍ଚୟ ପରାଜିତ ହେବ । ଯୋଉ ପରାଜୟ ଅର୍ଥନୈତିକ ସ୍ୱାଧୀନତାକୁ ନିଷ୍ଫଳ ପ୍ରତିଭାତ କରିବ । ପାଶ୍ଚାତ୍ୟ ଜଗତକୁ ଋହିଁଲେ କଥାଟାର ମର୍ମ ବୁଝାପଡ଼ିବ । ଅର୍ଥନୈତିକ ପରାଧୀନତା ଦୂର ହୋଇଗଲେ ନାରୀର ପରାଧୀନତା ଦୂର ହୁଏନା । ଅର୍ଥନୈତିକ ସ୍ୱାଧୀନତାର ସୁଫଳ ଭୋଗ କରିବାକୁ ହେଲେ ସ୍ୱାଧୀନତା-ଅନୁକୂଳ ସାଂସ୍କୃତିକ ପରିସର ଅପରିହାର୍ଯ୍ୟ ସର୍ତ୍ତ । ସେ-ସର୍ତ୍ତ ତୁଷ୍ଟ ନହେଲ ନାରୀର ସେଇ ସାମର୍ଥ୍ୟ ପରିବାର ନାମକ ଯନ୍ତଟି ଭିତରେ ପୁରୁଷର ଅର୍ଥନୈତିକ ଦୁରବସ୍ଥାର ପ୍ରତିଷେଧକ ରୂପେ ବ୍ୟବହୃତ ହୁଏ । ହେଉଛି । ଆମ ଦେଶରେ ଯାହାଙ୍କୁ ପତିତା ବା ବେଶ୍ୟା କହୁଁ, ପ୍ରାୟ ସମସ୍ତେ ପରିବାରର ସଂପୂର୍ଣ ବ୍ୟୟଭାର ବହନ କରନ୍ତି, ଅଥଚ ତାଙ୍କ ଅନ୍ନରେ ପ୍ରତିପାଳିତ ପରିବାରର ପ୍ରତ୍ୟେକ ସଦସ୍ୟ ଦୃଷ୍ଟିରେ ସେ ନୀଚ ଏବଂ ଘୃଣ୍ୟ । ପୁଣି ଏପରି ନାରୀ ବି ଅଛନ୍ତି ଯିଏ କଲେକ୍ଟର୍ କି କମିଶନର୍, ପଇସା ଅଛି, ଗାଡ଼ିଘୋଡ଼ା, କ୍ଷମତା, ଚାକରବାକର ସବୁ ଅଛି; ତଥାପି ତାଙ୍କ ପରିବାର ଭିତରେ ପୁରୁଷତନ୍ତ୍ର ନିର୍ବିବୋଧରେ ରାଜତ୍ୱ କରେ । ସେଭଳି ଅବସ୍ଥାନ ପିତୃତନ୍ତ୍ରକୁ ତ ନିରାପଦ ରଖେ, ପକ୍ଷାନ୍ତରେ ନାରୀକୁ ନିଜ ପାରିବାରିକ, ସାମାଜିକ ଓ ରାଜନୈତିକ ବାସ୍ତବତା ଅନୁଧାବନ କରିବା ବାଟରେ ହୁଏ ବାଲିପାଚିରୀ । ବରଂ, ଏଭଳି ଏକ ଅବାସ୍ତବ ସତ୍ତାକୁ ଜନ୍ମଦିଏ ଯା ନାରୀର ଶ୍ରମ ଓ ମନଯୋଗକୁ ଆତ୍ମ-ଉନ୍ମୋଚନ ବାଟରୁ ବାଟବଣା କରି ଏକ କଳ୍ପରାଜ୍ୟର ରୋମାଣ୍ଟିସିଜ୍ମ ଆଡ଼କୁ ଟାଣିନିଏ । ଯେପରି, ହିନ୍ଦି ସିନେମାର ନାୟିକା ।

ବୈଷମ୍ୟ ଯେହେତୁ ଆରମ୍ଭହୁଏ ପରିବାରରୁ ଏବଂ ପରିବାର ବାହାରେ ଯେଉଁ ସାମାଜିକ ପରିସର ସେଠି ସେ-ବୈଷମ୍ୟ ପତ୍ରପଲ୍ଲବେ ପୁଷ୍ପିତ ହୋଇଉଠେ ପାରିବାରିକ ବୈଷମ୍ୟ କଥାଟା ଶିଶୁମାନଙ୍କ ସ୍ତରରୁ ଆଲୋଚିତ ହେବା ଦରକାର । ମଣିଷ ମାତ୍ରକେ ନାରୀ ବା ପୁରୁଷ ଭାବରେ ପରିଚିତ ହେବା ଆଗରୁ ଶିଶୁ ଭାବରେ ଭୂମିଷ୍ଠ ହୁଏ । ତେଣୁ ନାରୀର ଅଧିକାର ବିଷୟରେ ଭାବିବା ବେଳେ, ସଙ୍ଗେସଙ୍ଗେ ଶିଶୁର ଅଧିକାର ପ୍ରଶ୍ନଟା ଯଥୋଚିତ ଗୁରୁତ୍ୱ ପାଇବ । କାରଣ, ଶିଶୁ ବଡ଼ ହୋଇ ନାରୀ ବା ପୁରୁଷ ପରିଚୟରେ ଆତ୍ମପ୍ରକାଶ କରେ । ଏକମାତ୍ର ଶିଶୁ ହିଁ ନାରୀର ଓ ତା' ସାଙ୍ଗକୁ ପୁରୁଷର ସ୍ୱାଧୀନତା ଓ ସମାନାଧିକାରର ନିରାପତ୍ତା ଦେଇପାରିବ । ଶିଶୁର ଅଧିକାରହୀନତାକୁ ବିଚାର ନକରି ନାରୀର ସମାନାଧିକାର ନିଶ୍ଚିତ କରାଯାଇପାରେନା । କାହିଁକିନା, ଶିଶୁ ଅବସ୍ଥାରେ ପୁଅକୁ ଯୋଉ ବାଗରେ ବଡ଼ କରାହୁଏ, ଝିଅକୁ ସେଇ ବାଗରେ ବଡ଼ କରାହୁଏନା । ଶୈଶବରେ

ଯୋଉ ମନୋଜାଗତିକ ପରିମଣ୍ଡଳ ତିଆରି ହୁଏ, ବଡ଼ ହୋଇ ଅଧିକାଂଶ ମଣିଷ ସେଇ ଭାବଜଗତକୁ ଅନୁସରଣ କରିଥାନ୍ତି । କରିଥାନ୍ତି ବୋଲି, ପିତୃତାନ୍ତିକ ପରିସର ଭିତରୁ ନାରୀ ଓ ପୁରୁଷ ନାମଧେୟ ଦୁଇ ପ୍ରକାର ପ୍ରାଣୀ ଉଦ୍‌ଗତ୍ ହୁଅନ୍ତି ଏବଂ ସେ-ପ୍ରକ୍ରିୟା ବହିଚାଲେ ଅବିରାମ । ଅର୍ଥାତ୍, ନାରୀ-ସମସ୍ୟା ଫଳ ମାତ୍ର, ଗଛ ନୁହେଁ । ତେବେ ଖାଲି ସାମାଜିକ କାରଣ ନୁହେଁ, ବ୍ୟକ୍ତିଗତ ହୀନମନ୍ୟତା ବି ବିଭେଦକୁ ମଜଭୁତ୍ କରେ । ନିଜ ଲିଙ୍ଗ ପରିଚୟକୁ ହୀନତର ଭାବିବା ଯେତେବେଳେ ପ୍ରଥାସିଦ୍ଧ ରୀତି ହୋଇଯାଏ, ସେଥିରୁ ସାମାଜିକ ବୈଷମ୍ୟ ଆପେ ଆପେ ତିଆରି ହେବ । ଦେଖାଯାଉଛି, ଏ ବୈଷମ୍ୟ ଦିନକୁ ଦିନ କମ୍‌ରୁ ବେଶି, ପୁଣି ବେଶିରୁ ଆହୁରି ବେଶି ଆଡ଼କୁ ଆଗଉଚି । ଓଡ଼ିଶା ଆଦିବାସୀ ବହୁଳ ଅଙ୍ଗରାଜ୍ୟ । ତା'ର ସଂସ୍କୃତିକୁ କୁହାଯାଇଚି ଶବର-ସଂସ୍କୃତି । ଆଦିବାସୀ ନାରୀ ସାଙ୍ଗରେ ବର୍ଣ୍ଣହିନ୍ଦୁ/ମୁସଲମାନ/ଖ୍ରୀଷ୍ଟାନ୍ ନାରୀକୁ ତୁଳନାକଲେ କଥାଟାର ସତ୍ୟତା ଅସ୍ପଷ୍ଟ ହୋଇ ରହିବ ନାହିଁ । ଆମେ ଶବର-ଅବସ୍ଥାରୁ ଯେତେ ଆଗକୁ ଯାଉଛୁଁ, ଆମ ଝିଅବୋହୂ ସେତେ ପଛକୁ ଯାଉଛନ୍ତି, ମାନେ, ଆଦିବାସୀ ନାରୀ ସହିତ ପ୍ରତିତୁଳନାରେ । ଏ ପଛୁଆପଣକୁ ବୈଧତା ଦେବାପାଇଁ ନାନାଦି ତତ୍ତ୍ୱକଥା ବଖାଣିବା ଦରକାର ହେଇଛି ଏବଂ ତା'ରି ଉପରେ, ଅନ୍ୟ ଏକ ଗୋଷ୍ଠୀଗତ ସଂସ୍କୃତି । ତା'କୁ ଆଧୁନିକତା ଆଖ୍ୟା ଦିଆଯାଇପାରେ । ଏଥିରେ ଯିଏ ଆଘାତ ସହେ, ସେ ପ୍ରତିଘାତ କରେ । ଆଘାତ-ପ୍ରତିଘାତ ଶେଷପର୍ଯ୍ୟନ୍ତ ଲିଙ୍ଗପରିଚୟକୁ ଆତ୍ମପରିଚୟରେ ପରିଣତକରେ । ଅଥଚ ମାନବ ପ୍ରଜାତି ଖାଲି ଗୋଟିଏ ଲିଙ୍ଗ ଭିତ୍ତିକୁ ଆଶ୍ରୟ କରି ବଞ୍ଚିରହିପାରେନା । ବଂଶବିସ୍ତାର ପାଇଁ ଏକ ଲିଙ୍ଗକୁ ଅପର ଲିଙ୍ଗର ନିବିଡ଼ତା ଦରକାର । ସେଠି ନାରୀ ଯଦି ପୁରୁଷକୁ ଅସ୍ୱୀକାର କରିବ, ସେ ନିଜକୁ ମଧ୍ୟ ଏକାବେଳକେ ଅସ୍ୱୀକାର କରିବାକୁ ବାଧ୍ୟ । ପୁରୁଷ ପାଇଁ ବି ଏକା କଥା । ପରସ୍ପରକୁ ଅସ୍ୱୀକାର କରିବାର ଏ ପ୍ରତିଶୋଧପରାୟଣତା କିନ୍ତୁ କୋଉ ନିପୀଡ଼ନର ପ୍ରତିରୋଧ ନୁହେଁ; କାରଣ ଏ କ୍ଷେତ୍ରରେ ପୁରୁଷ ଓ ନାରୀ ଉଭୟ ନିପୀଡ଼ିତ ବରଂ ନିପୀଡ଼ିତକୁ ଯେତେବେଳେ ଆହୁରି ନୀପିଡ଼ନ କରାହୁଏ, ପୃଥିବୀଟା ମନେହୁଏ ବଡ଼ ବେଦନାଦାୟକ ଜାଗା । ସେଥିପାଇଁ ପ୍ରାଚୀନ ଭାରତରେ ନାରୀର ଅମର୍ଯ୍ୟାଦା ବା ଇଂରେଜ ଆସିବାପରେ, ସତୀଦାହର ବିରୋଧ ଅଥବା ବିଧବାବିବାହ ଓ ସ୍ତ୍ରୀଶିକ୍ଷା ସପକ୍ଷରେ ଆନ୍ଦୋଳନର ଇତିହାସ ଭିତରକୁ ଯିବା ଆଉ ଦରକାରନାହିଁ । ଏତିକି କହିଲେ ଯଥେଷ୍ଟ ହେବ ଯେ ଇତିମଧ୍ୟରେ ପୃଥିବୀ ବହୁତ ବଦଳିଯାଇଥିଲେ ସୁଦ୍ଧା ନାରୀ ସମସ୍ୟାର ସମାଧାନ ବେଶି ବାଟ ଆଗେଇ ନାହିଁ ବରଂ ପାଶ୍ଚାତ୍ୟ ସମାଜରେ ନାରୀ ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ ବା ଟ୍ର୍ୟାନ୍‌ଜିସନାଲ୍ ପିରିଅଡ୍ ଭିତର ଦେଇ ଅତି ମନ୍ଥର ନିରୁଦ୍ଦେଶ୍ୟ ଯାତ୍ରାରେ ନିମଗ୍ନ ରହିଚି । ଓଡ଼ିଶା ବା ଭାରତର ନାରୀର ଅବସ୍ଥା କିନ୍ତୁ ଭୟାବହ, କାହିଁକିନା, ହିନ୍ଦୁ ନାରୀ ଏଠି ନିଜ ପରାଧୀନ ଅବସ୍ଥାକୁ ଗୌରବ ମନେକରେ ଏବଂ ମୁସଲମାନ ନାରୀ ପର୍ଦ୍ଦାକୁ

ସ୍ୱର୍ଗାରୋହଣର ଅନ୍ୟତମ ଉପକରଣ ସ୍ଥାନରେ ସମ୍ମାନିତ କରେ । ତା' ଛଡ଼ା, ସତୀଦାହକୁ ଏବେ ନୂଆ ଜୀବନ୍ୟାସ ଦେବାକୁ ଚେଷ୍ଟା ଚାଲିଚି । ଉତ୍କଳ ଗୌରବ ମଧୁସୂଦନ ଦାସ ତ ସତୀରକ୍ତ ସମ୍ବନ୍ଧରେ ସ୍ପର୍ଶକାତର ଥିଲେ; ଖ୍ରୀଷ୍ଟାନ୍ ହୋଇ ମଧ୍ୟ ନିଜ ଧମନୀରେ ସତୀରକ୍ତ ବହୁଚି ବୋଲି ଗର୍ବ ଅନୁଭବ କରିଚନ୍ତି । ପର୍ଦ୍ଦା ଛଡ଼ା, ମୋହରାନା ଭିତର ଦେଇ ନାରୀ ଉପରେ ପୁରୁଷର ଅଧିକାରକୁ କ୍ରୟବିକ୍ରୟରେ ପରିଣତ କରି ଇସ୍‌ଲାମ୍ ପୁରୁଷ ହାତକୁ ଆଧିପତ୍ୟ ଟେକି ଦେଇଛି । ଅର୍ଥାତ୍, ମୋହରାନା ହେଉଚି ବହୁବିବାହ ଇଚ୍ଛାକୁ ବୈଧତା ଦେବାରକୌଶଳ, ମାନେ, ଧନାଢ୍ୟ ଲୋକ ଟଙ୍କାଦେଇ ସ୍ତ୍ରୀଲୋକଟିକୁ କିଣିନେଇପାରେ । ସମ୍ଭବତଃ ଇସ୍‌ଲାମ୍-ପୂର୍ବ ଆରବରେ ନାରୀ ଏଭଳି ପଣ୍ୟହୋଇ ରହିଥିବ । ଝିଅମାନେ ଯଦି ସମ୍ପତ୍ତିର ଅଧିକାରୀ ହୋଇଥାନ୍ତେ, ସେମାନଙ୍କୁ କିଣିବା ସମ୍ଭବ ହୁଅନ୍ତା ନାହିଁ । ଯାର ଓଲଟା ପିଠି ହିନ୍ଦୁ ସମାଜର ଯୌତୁକ ପ୍ରଥା । ମୁଁ ଅନ୍ତତଃ ଅଧଡ଼ଜନ ଆଇ.ଏ.ଏସ୍. ଅଫିସରଙ୍କୁ ଜାଣେ ଯାହାଙ୍କୁ ଶ୍ୱଶୁରମାନେ ଯୌତୁକ ବିନିମୟରେ କିଣିନେଇଛନ୍ତି । 'ଯାହା'ଙ୍କୁ ନଲେଖି 'ଯାହାଙ୍କ ପୁରୁଷାଙ୍ଗ'କୁ ଲେଖିବା ଠିକ୍ ହେବ । ଅନ୍ୟ ଶବ୍ଦରେ, ଧର୍ମ ଯେତେ ଶକ୍ତିଶାଳୀ ହେବ, ପୁରୁଷର କ୍ଷମତା ପରିବାର ଓ ସମାଜ ଭିତରେ ସେତେ ବଢ଼ିବ, ଏବଂ ସମାନୁପାତରେ ନାରୀର ପ୍ରଭାବ କମୁଥିବ । ଭାରତ ଭୂଖଣ୍ଡରେ ଇତିହାସ ଏ ଧର୍ମୀୟ ଲକ୍ଷଣଟିକୁ ଅଦ୍ୟାବଧି ସମର୍ଥନ କରେ । ତେବେ, ବର୍ତ୍ତମାନ ଯେଉଁ ଓଡ଼ିଆ ଶିକ୍ଷିତ ଅଭିଭାବକ ନିଜକୁ ଆଧୁନିକ ମନେକରନ୍ତି, ସମସ୍ତେ ନାରୀ ସ୍ୱାଧୀନତାର ସମର୍ଥକ, କିନ୍ତୁ ଗୋଟିଏ ସର୍ତ୍ତରେ ଯେ, ସେ ସ୍ୱାଧୀନତା ହେବ ନିୟନ୍ତ୍ରିତ । ମଧ୍ୟବିତ୍ତ ବାପ-ମା କନ୍ୟାର ସତୀତ୍ୱ, ସାମାଜିକ ସୁନାମ, ପାରିବାରିକ ସମ୍ମାନ ଓ ବୈବାହିକ ଜୀବନ ସ୍ୱାର୍ଥରେ, ପୁଣି ରୁଚିବିକୃତି ଓ ସାଂସ୍କୃତିକ ଅବକ୍ଷୟ କବଳରୁ ରକ୍ଷାକରିବା ପାଇଁ ସ୍ୱାଧିନତା ସାଙ୍ଗକୁ ଅନୁଶାସନ ପ୍ରବର୍ତ୍ତନର ପକ୍ଷପାତୀ । କିନ୍ତୁ ଏ-ଅନୁଶାସନର ନୈତିକ ଭିତ୍ତି ବା ଯୁକ୍ତିସଙ୍ଗତ ବିବେଚନା ସେମାନଙ୍କ ଆଚରଣ ଭିତରେ ଖୋଜିଲେ ମିଳିବ ନାହିଁ । ଅର୍ଥାତ୍ ସ୍ୱାଧୀନତା ଦେବାକୁ ଏମାନେ ଚାହାନ୍ତି ନାହିଁ, ତା'ହେଲେ କଣ ଦେବାକୁ ଚାହାନ୍ତି ?

ବାପା-ମା ଚାହାନ୍ତି ଝିଅ ସ୍କୁଲ-କଲେଜରେ ପଢ଼ିବ, ନହେଲେ ବିଭାଦେବା ମୁସ୍କିଲ୍ ହେବ । ସେମାନେ ସିନା ଝିଅକୁ ଜନ୍ମ ଦେଇଛନ୍ତି, ତାକୁ ସାରା ଜୀବନ ଭରଣପୋଷଣ ଯୋଗାଇବାକୁ ଅନିଚ୍ଛୁକ । ତା' ଛଡ଼ା, ବୟସ ବଢ଼ିବା ସଙ୍ଗେସଙ୍ଗେ କୁମାରୀ ଝିଅଟି ଯଦି କୋଉ ପୁରୁଷ ସହିତ ଜଡ଼ିତ ହୋଇପଡ଼େ, ଦୁର୍ନାମରୁ ଆତ୍ମରକ୍ଷା କରିବାକୁ ହେଲେ ତାକୁ ଯଥାଶୀଘ୍ର ବିଭାଦେଇ ବିଦାକରିଦେବା ବୁଦ୍ଧିମାନର କାମ । ଏ ବ୍ୟବସ୍ଥାର ଅନ୍ୟ କୋଉ ବିକଳ୍ପ ତାଙ୍କ ରୁଚିକୁ ବାଧେ । ଟଙ୍କାପଇସା ଖର୍ଚ୍ଚକରି ଭଲ ପାତ୍ରରେ ବାହାଦେଲେ ଝିଅ ବି ବାପା ମାଙ୍କ ପ୍ରତି ସଶ୍ରଦ୍ଧ କୃତଜ୍ଞତାରେ ଉଚ୍ଛୁଳିପଡ଼େ । ଅଥଚ ପୂରା ଘଟଣାଟା ଶତ୍ରୁଟିକୁ ହଟାଇ ଦେବାର ଆୟୋଜନ । ଝିଅ ଯଦି ନିଜ ଇଚ୍ଛାରେ କାହାକୁ ବାଛେ, ବାପା-ମା

ଆଗରୁ ସତର୍କ କରି ଦିଅନ୍ତି, ଜାତି, ପରିବାର, ଆର୍ଥିକ ସଙ୍ଗତି, ଉପାର୍ଜନ, ଉପୁରି, ଗାଡ଼ିଘୋଡ଼ା, ଚାକରବାକର କଥାଗୁଡ଼ାକୁ ଯେମିତି କ୍ଷଣକ ପାଇଁ ଭୁଲି ନଯାଏ । ହୁଏତ ଏଇ ବାପା-ମା ଦମ୍ପତି ନିଜେ ଘରୁ ପଳାଇଯାଇ ବିବାହ କରିଥିବେ, ଅଥଚ ପୁଅଝିଅଙ୍କ ଉପରେ ସ୍ୱାଧୀନତା ଦେବା ନାଁରେ ଏତେ କଟକଣା । ଯୋଉ ମା ବେଶି ପ୍ରଗତିଶୀଳ, ସେ ଏସବୁ କଟକଣା କୋହଳ କରିବାକୁ ରାଜି ହେଲେ ମଧ୍ୟ, ବିବାହ ଆଗରୁ ଝିଅର କୁମାରୀତ୍ୱ ଅକ୍ଷତ ରଖିବାକୁ ଯୁଦ୍ଧଂଦେହି । ଏ ଗୋଟିଏ ଜଟିଳ ସମସ୍ୟା । କାହିଁକିନା, ଆମ ସମାଜରେ ଯୌନଦୁର୍ନୀତି କହିଲେ ବୁଝାଏ ଅବିବାହିତ ନରନାରୀଙ୍କ ଭିତରେ ଯୌନସମ୍ପର୍କ, ଯେପରିକି ବିବାହିତ ନରନାରୀ ଧୁଆ ତୁଳସୀ ପତ୍ର ! କିନ୍ତୁ ପ୍ରକୃତ ଘଟଣା ହେଲା, ବିବାହିତ ସ୍ତ୍ରୀ-ପୁରୁଷଙ୍କୁ ସମାଜ ସନ୍ଦେହ କରେନା, ତେଣୁ ଯୌନ-ଦୁର୍ନୀତିର ସୁଯୋଗ ତାଙ୍କ ପାଇଁ ଅବାଧ । ବିବାହ ବହିର୍ଭୂତ ଯୌନ ସମ୍ପର୍କ ଘଟିଲେ ସାଧାରଣତଃ ସ୍ୱାମୀ ହେଉ କି ସ୍ତ୍ରୀ, ଲୋକଲଜ୍ଜା ଡରରେ ପାଟି ଫିଟାନ୍ତି ନାହିଁ । ଅଧିକାଂଶ କ୍ଷେତ୍ରରେ ଦେଖାଯାଏ, ସ୍ତ୍ରୀ ହେଉକି ପୁରୁଷ ବିବାହିତ ଜୀବନର ନୀତିହୀନ ଅଂଶ ବିଷୟରେ ଅଳ୍ପ ବିସ୍ତର ଅପରାଧବୋଧରେ ଆକ୍ରାନ୍ତ, ତେଣୁ ସ୍ୱାମୀ-ସ୍ତ୍ରୀ ପରସ୍ପରକୁ ଶ୍ରଦ୍ଧା ବା ବିଶ୍ୱାସ କରିବାକୁ ଅନିଚ୍ଛୁକ । ମୋର ଧାରଣା ଝିଅମାନଙ୍କର ସାମାଜିକ ନିରାପତ୍ତା ଯଦି ଶକ୍ତିଶାଳୀ ହୁଏ ଏବଂ ସ୍ୱାମୀର ଆଶ୍ରୟ ବିନା ଚଳିବାକୁ କଷ୍ଟ ନହୁଏ, ତାହେଲେ ବର୍ତ୍ତମାନର ପ୍ରେମହୀନ ଦାମ୍ପତ୍ୟ ସ୍ଥାୟୀ ହେବା ପରିବର୍ତ୍ତେ ବିବାହବିଚ୍ଛେଦ ଓ ବିବାହବହିର୍ଭୂତ ସଂସ୍ରବର ଧୂମ୍ ପଡ଼ିଯିବ । ପ୍ରେମହୀନ, ନୀତିହୀନ, ଅଜ୍ଞ, ଏଇସବୁ ନାରୀ ପୁରୁଷ ଅଭିଭାବକ ସ୍ୱତଃ କର୍ତ୍ତୃତ୍ୱପରାୟଣ ହେବେ ହିଁ ହେବେ । ଯୋଉ ଲୋକ ଯେତେ ଖରାପ, କର୍ତ୍ତୃତ୍ୱ ତା' ପାଇଁ ସେତେ ବଡ଼ ପ୍ରୟୋଜନ । ଏମାନେ ଭାବନ୍ତି, କଡ଼ା କଟକଣା ନଥିଲେ ନିଜେ ଯୋଉ ଅପକୀର୍ତ୍ତି କରିଥାନ୍ତେ, ପିଲାଙ୍କୁ ଆକଟ ନକଲେ, ସେମାନେ ବି ସେଇଭଳି କରିବେ । ଭାବନ୍ତି ନାହିଁ, ସୁଯୋଗ ପାଇ ଯିଏ ଖରାପ ହୁଏନା ସେ ଭଲ, ନା ସୁଯୋଗ ନପାଇବାରୁ ଯିଏ ଭଲ ହୋଇ ଚଳୁଛି, ସେ ଭଲ । ତଥାପି ଅନେକେ କହିବେ ମା'ଠାକୁରମା'ମାନଙ୍କ ତୁଳନାରେ ଆମ ଝିଅବୋହୂଙ୍କ ଅବସ୍ଥା ବହୁତ ଭଲ । ସେମାନେ ପାଠ ପଢୁଛନ୍ତି, ନିଜେ ଉପାର୍ଜନ କରୁଛନ୍ତି, ଜୀବନର ଗତିକୁ ନିଜେ ନିର୍ଦ୍ଧାରଣ କରୁଛନ୍ତି । କିନ୍ତୁ ସାମନ୍ତତାନ୍ତ୍ରିକ ବ୍ୟବସ୍ଥାରେ ନାରୀ ଥିଲା ଜଡ଼ବସ୍ତୁ । ଅର୍ଥାତ୍, ଅସହାୟ ଓ ପରନିର୍ଭର । ସମାଜର କର୍ତ୍ତାବ୍ୟକ୍ତି ଓ ପରିବାରର ଗୁରୁଜନଙ୍କ ଆଜ୍ଞା ପାଳନ ଛଡ଼ା ତା'ର ଗତି ନଥିଲା; ତେଣୁ ତା'ର ଆଚରଣ ବା ପରାଜୟର ଅନ୍ତତଃ ଏକ ଗ୍ରହଣଯୋଗ୍ୟ ବ୍ୟାଖ୍ୟା ପାଇହେବ । ଅର୍ଥାତ୍, ଅସହାୟତ୍ୱ, ଦୁର୍ବଳତା ଓ ସର୍ବୋପରି, ନିଜ ପରିଶ୍ରମ ଉପରେ ଅଧିକାର ନଥିବାରୁ, ଶାରୀରିକ ନିର୍ଯ୍ୟାତନା ଯେତେହେଲେ ସୁଦ୍ଧା, ତା'ର ଜୀବନର ମାନବିକ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ଥିଲା । ମାନେ, ନିଜ ଇଚ୍ଛା ପ୍ରୟୋଗରୁ ବଞ୍ଚିତ ଥିବାରୁ; ବାହ୍ୟ ଅବମାନନା ତା'ର ସତ୍ତାକୁ

ସ୍ପର୍ଶକରି ନାହିଁ । ସେ ବାଧ୍ୟ ହୋଇଛି ମାତ୍ର । କିନ୍ତୁ ଆଧୁନିକ ନାରୀ ବାଧ୍ୟହୋଇ କୋଉ ଅନ୍ୟାୟ କରେନା, ସ୍ୱଇଚ୍ଛାରେ ଅନ୍ୟାୟକୁ ନିର୍ବାଚନ କରେ । ଫଳରେ ସେ ଉପମାନବରେ ପରିଣତ ହୁଏ । ହୁଏ ବୋଲି, ଗୋପୀନାଥ ମହାନ୍ତି ଲେଖନ୍ତି *ରାହୁର ଛାୟା*, ଗୌରୀଶ୍ୟାମ ମହାନ୍ତି *ଧରମ ଝିଅ*, ମହତାବ୍ *ଅବ୍ୟାପାର* । ବସ୍ତୁତଃ, ଉଭୟ ପୁରୁଷ ଓ ନାରୀକୁ ବ୍ୟବହାର କରି ଖରାପକୁ ଭଲ ଓ ଭଲକୁ ଖରାପ କୁହାଯାଇଛି । ତେଣୁ ମୂଳ ପ୍ରସ୍ତାବକୁ ଫେରିବା ଦରକାର, ମାନେ, ପରିବାରରେ ଶିଶୁର ଆପେକ୍ଷିକ ଅବସ୍ଥାନ; ତା'ହେଲେ ସମଗ୍ର ପରିବାର ପ୍ରେକ୍ଷିତରେ ନାରୀ-ପୁରୁଷ ବୈଷମ୍ୟକୁ ଅପାଦମସ୍ତକ ଦେଖିହେବ । କାହିଁକିନା, ସନ୍ତାନ ପ୍ରତି ବାପ-ମାଙ୍କ ଅଭିଭାବକତ୍ୱ ସଚରାଚର ନେତିବାଚକ । ଆହୁରି ଅନେକ ରକମ ନେତିବାଚକ ଅଭିଭାବକତ୍ୱ ଅଛି । ଯେପରି, ସ୍କୁଲ-କଲେଜ୍‌ରେ ଶିକ୍ଷକଙ୍କ ଅଭିଭାବକତ୍ୱ, ହୋଷ୍ଟେଲ୍‌ରେ ସୁପରିନ୍‌ଟେଣ୍ଡେଣ୍ଟଙ୍କ ଅଭିଭାବକତ୍ୱ, ଖେଳରେ ବଡ଼ ଚାଟଙ୍କ ଅଭିଭାବକତ୍ୱ, ପର୍ବପର୍ବାଣିରେ ମାମୁଁ, ମାଇଁ, ମଉସା-ମାଉସୀ, ପିଉସା-ପିଉସୀଙ୍କ ଅଭିଭାବକତ୍ୱ, ଲେଖାଲେଖିରେ ସଂପାଦକଙ୍କ ଅଭିଭାବକତ୍ୱ; ତାଲିକା ଲମ୍ବାକରିବା ନିଷ୍ପ୍ରୟୋଜନ । କିନ୍ତୁ ପିତାମାତାଙ୍କ ଅଭିଭାବକତ୍ୱ ଏକେବାରେ ନିଆରା, କାହିଁକିନା, ସେଭଳି କର୍ତ୍ତୃତ୍ୱ ପ୍ରୟୋଗ ଯେମିତି ସାର୍ବଜନୀନ,ଶାସ୍ତ୍ରସମ୍ମତ ଓ ନୈତିକତାଯୁକ୍ତ, ଅନ୍ୟ କୋଉ କର୍ତ୍ତୃତ୍ୱ ପଛରେ ଅନୁରୂପ ସ୍ୱୀକୃତି ନାହିଁ । ନାହିଁ ବୋଲି, ସେଠି କର୍ତ୍ତୃତ୍ୱର ସୀମା ବନ୍ଧାହୋଇଛି । ସେ ସୀମାକୁ ଅଭିଭାବକମାନେ ନମାନିଲେ ବି, ସୀମାରେଖାର ଅସ୍ତିତ୍ୱ ସମ୍ପର୍କରେ ସଚେତନ । କିନ୍ତୁ ବାପା-ମାଆଙ୍କର ସନ୍ତାନ ଉପରେ ଯୋଉ କର୍ତ୍ତୃତ୍ୱ, ତା'ର କୌଣସି ସୀମା ନାହିଁ କି ସର୍ତ୍ତ ନାହିଁ । ଏବଂ ସେଇ ଅସୀମ କର୍ତ୍ତୃତ୍ୱର ବୈଧତା ନୈତିକ, ସାମାଜିକ, ଆଇନ୍‌ସମ୍ମତ ଓ ଧର୍ମଦ୍ୱାରା ଅନୁମୋଦିତ । କଲ୍ୟାଣକାମୀ ସମାଜ/ରାଷ୍ଟ୍ର ନିପୀଡ଼ିତ ଦୁଃସ୍ଥ ପିଲାଛୁଆଙ୍କ ଲାଳନପାଳନ ଦାୟିତ୍ୱ ନିଏ; ଆମ ସମାଜରେ ପରିତ୍ୟକ୍ତ ବା ନିର୍ଯ୍ୟାତିତ ନାବାଳକ ସନ୍ତାନର ଦାୟିତ୍ୱ ନିଏ ରାଜପଥ । ସେଥିପାଇଁ ଆମ ପିଲାଙ୍କ ଉପରେ ବାପା-ମାଙ୍କ କର୍ତ୍ତୃତ୍ୱ ଠିକ୍ କିଣିଆଣିଥିବା ଜିନିଷ ଉପରେ କ୍ରେତାର ଅଧିକାର ପରି ନିରଙ୍କୁଶ । ପିଲା ଜନ୍ମ ମୁହୂର୍ତ୍ତରୁ ଜାଣିପାରେ ତା'ର ଏକମାତ୍ର ଓ ଅଦ୍ୱିତୀୟ ପ୍ରଭୁ ତା'ର ବାପା-ମା, ଅଥଚ, ବିଚିତ୍ର କଥା ହେଲା, ବାପା-ମା ପ୍ରଭୁତ୍ୱ କରିବେ, କିନ୍ତୁ ସଙ୍ଗେ ସଙ୍ଗେ ଦାବି କରିବେ ସନ୍ତାନର ଶ୍ରଦ୍ଧା । କାହିଁକିନା, ସେମାନେ ପୁଅଝିଅଙ୍କୁ ସ୍ନେହ କରନ୍ତି । ପିଲା ବି ଜାଣନ୍ତି ବାପ-ମା ଖାଇବାକୁ, ପିନ୍ଧିବାକୁ, ରହିବାକୁ ନଦେଲେ, ଏ ପୃଥିବୀରେ ନିର୍ଭରକଲା ଭଳି ତାଙ୍କର ଆଉ କେହି ନାହିଁ । ଏ-ବାଟରେ ଅପତ୍ୟ ବାତ୍ସଲ୍ୟ ନାଁରେ ଯୋଉ ପ୍ରତିବାଦହୀନ କର୍ତ୍ତୃତ୍ୱ ଅହୋରାତ୍ର ଆଖିଦେଖାଏ, ତା' ଏକ ଦିଗରେ ପାରିବାରିକ ସଂସ୍କୃତିକୁ ଅନ୍ୟାୟ ସହ୍ୟକରିବାକୁ ଶିଖାଏ, ଅନ୍ୟଦିଗରେ ଅଜ୍ଞତାକୁ ଶ୍ରଦ୍ଧାକରିବାକୁ । ଏଇ ଗଳିତ ସଂସ୍କୃତିର

ଶେଷ ଶିକାର ଆମ ଝିଅମାନେ । ସେମାନେ ନିଜ ଇଚ୍ଛା-ଅନିଚ୍ଛା ତୁଣ୍ଡ ଖୋଲି କହିବେ ନାହିଁ; ନଚେତ୍ ଅଭିଭାବକ କଷ୍ଟ ପାଇବେ ! ବେଶିଭାଗ ପିଲା ବାପା-ମାଙ୍କ ଅନ୍ୟାୟ ସିଦ୍ଧାନ୍ତ ଆଖିବୁଜି ମାନିନେବେ, କାହିଁକିନା, ବାପ-ମା ତାଙ୍କୁ ଭଲପାଆନ୍ତି । ଏଇ ସୂତ୍ରରେ ଭଲପାଇବା କ୍ରିୟାଟି ପରିଣତ ହୁଏ ଶାସନର ସବୁଠୁଁ ବଡ଼ ଉପକରଣ । ଅସଲ କଥା ହେଲା, ଆମ ସମାଜର ଅଧିକାଂଶ ଲୋକ ଜାଣନ୍ତି ନାହିଁ ଭଲ ପାଇବା ପ୍ରକୃତରେ କି ଜିନିଷ । କାହିଁକିନା, ଭାରତୀୟ ସମାଜରେ କେବଳ ଭକ୍ତିର ସ୍ୱୀକୃତି ଅଛି; ପ୍ରେମ ବା ଭଲ ପାଇବା ଏକ ନିଷିଦ୍ଧ ଜିନିଷ । ଯୌନାଙ୍ଗ ଗୁଡ଼ାକ ତ ନର୍କକୁ ବାଟ । ପୁଣ୍ୟାର୍ଥୀ ପାଇଁ କାଞ୍ଚନ ଭଳି କାମିନୀ ବି ବର୍ଜ୍ୟପଦାର୍ଥ । କୁହୁକିନୀ ମାୟା । ଏକଥା ଅନ୍ତୁଡ଼ିରୁ ଶ୍ମଶାନ ଯାଏଁ ବାରମ୍ବାର କାନରେ ଫୁଙ୍କାଯାଏ । ବିବାହର ଉଦ୍ଦେଶ୍ୟ ତେଣୁ ବଂଶରକ୍ଷା । ବନ୍ଧ୍ୟାନାରୀ ପରିବାରର କଳଙ୍କ । ବିବାହ ନାମକ ସାମାଜିକ ପ୍ରତିଷ୍ଠାନଟି ତେଣୁ ନାରୀ-ପୁରୁଷ ମଧ୍ୟସ୍ଥ ସୁସ୍ଥ ସ୍ୱାଭାବିକ ମାନବିକ ସମ୍ପର୍କର ଭିତ୍ତି ହେବା ପରିବର୍ତ୍ତେ ସମ୍ପଦକୈନ୍ଦ୍ରିକ ଓ ଲାଭଉଦ୍ରେକକାରୀ ବନ୍ଦୋବସ୍ତ ହେବାକୁ ବାଧ୍ୟ । ସେଠି ନାରୀ ଓ ପୁରୁଷ ପରସ୍ପର ପାଇଁ ଉପକରଣ ମାତ୍ର । ପରିବାର ନାମଧେୟ ଏଇ ସାମାଜିକ ପ୍ରତିଷ୍ଠାନର ପ୍ରଭାବକୁ ଯଦି ଖର୍ବକରି ସଂଶୋଧନ ବାଟକୁ ଅଣାନଯାଏ, ତେବେ ଆମ ପୁଅ ଝିଅ ନାତିନାତୁଣୀଙ୍କ ଭବିଷ୍ୟତ ଜୀବନ ନିଶ୍ଚିତ ଭାବେ ଅନ୍ଧକାରମୟ । କାହିଁକିନା, ପିତୃତନ୍ତ୍ର, ସାମନ୍ତବାଦୀ ହେଉ କି ପୁଞ୍ଜିବାଦୀ, ତାର ମୌଳିକ ସର୍ତ୍ତ ହେଲା, ସମ୍ପଦ ଉପରେ ପୁରୁଷର ନିରଙ୍କୁଶ ଅଧିକାର, ପରିବାରରେ ପୁରୁଷର ଅପ୍ରତିଦ୍ୱନ୍ଦୀ କର୍ତ୍ତୃତ୍ୱ ଓ ସନ୍ତାନସନ୍ତତିଙ୍କ ଜୀବନ ନିର୍ଦ୍ଧାରଣରେ ପିତାମାତାଙ୍କର ଶତକଡ଼ା ଶହେ ଅକ୍ତିଆର୍ । ନିର୍ଦ୍ଧାରଣ ପ୍ରକ୍ରିୟାର ଏଇ ବେଦିଗୁଡ଼ିକ ହେଲେ ନାରୀ, ବିବାହ ପ୍ରଥା ଓ ଶିକ୍ଷାବ୍ୟବସ୍ଥା । ପରିବାର ବ୍ୟବସ୍ଥା ଭିତରୁ କର୍ତ୍ତୃତ୍ୱର ଷ୍ଟ୍ରକ୍‌ଚରକୁ ବଦଳାଇ ନପାରିଲେ, ବିବାହ ଅନୁଷ୍ଠାନଟି ଅବିରାମ କ୍ଷତିକରି ଚାଲିବ । କାହିଁକିନା, ସେ-କର୍ତ୍ତୃତ୍ୱ ବିପରୀତ ଲିଙ୍ଗ ପ୍ରତି ଅନୁରାଗହୀନ ଯୌନ ଅନାଚାରକୁ ବିବାହ ରୂପକ ପ୍ରତିଷ୍ଠାନ ଦ୍ୱାରା ବୈଧତା ଦେବା ସଙ୍ଗେସଙ୍ଗେ ସତତାହୀନ ସ୍ୱତଃସ୍ଫୂର୍ତ୍ତତାହୀନ ଉପମାନବୀୟ ଦାସତ୍ୱକୁ ଏକ ସାଂସ୍କୃତିକ ଆଦର୍ଶରେ ପରିଣତ କରୁଛି । ଅର୍ଥାତ୍ ପିତୃତନ୍ତ୍ରର ବିକଳ୍ପ, ପୁଣି କର୍‌ପୋରେଟ୍ ପୁଞ୍ଜିର ଦୌରାତ୍ମ୍ୟକୁ ବିରୋଧ କଲାଭଳି, ଏକ ପାରିବାରିକ ବ୍ୟବସ୍ଥା କଥା ଭାବିବାକୁ ହେବ । ନହେଲେ, ଇଉରୋପରେ ଯେମିତି ହୋଇଛି, ଏଠି ମଧ୍ୟ ସେମିତି ପରିବାର ଅନୁଷ୍ଠାନଟି ନଷ୍ଟ ହୋଇଯିବ ।

ସନ୍ଦେହ ନାହିଁ, ପିତୃତାନ୍ତ୍ରିକ ପରିବାର ବ୍ୟବସ୍ଥା ପୁଞ୍ଜିବାଦର ବିକାଶ ପାଇଁ ସହାୟକ ହୋଇଛି; କିନ୍ତୁ ବିକଶିତ ପୁଞ୍ଜିବାଦ ସେଇ ପାରିବାରିକ ବ୍ୟବସ୍ଥାକୁ ଶେଷକୁ ଧ୍ୱଂସ କରିଦେଇଚି । କାହିଁକିନା, ପରିବାର ପିତୃତାନ୍ତ୍ରିକ ହେଉ କି ମାତୃତାନ୍ତ୍ରିକ, ତାର ଷ୍ଟ୍ରକ୍‌ଚର ଏଭଳି ଯେ ଗୃହକର୍ମ ଓ ଅନ୍ୟାନ୍ୟ ପାରିବାରିକ ଦାୟିତ୍ୱ ତୁଲାଇବା ପାଇଁ ନାରୀ ବା

ପୁରୁଷକୁ ଅଲଗାକରି ସମୟ ଓ ଶ୍ରମ ଦେବାକୁ ପଡ଼େ । ତେଣୁ, ସମାଜର ସମଗ୍ର ଶ୍ରମଶକ୍ତିର ଏକ ବଡ଼ ଅଂଶ ପୁଞ୍ଜିର ମୁନାଫା ସଂଗ୍ରହ ପରିସର ବାହାରକୁ ଚାଲିଯାଏ । ପଣ୍ୟ ଉତ୍ପାଦନ ପାଇଁ ଦରକାର ଶ୍ରମର ପରିମାଣ କମିଯିବା ସଙ୍ଗେ ସଙ୍ଗେ ଯେତିକି ଶ୍ରମ ପଣ୍ୟ ଉତ୍ପାଦନ ପାଇଁ ବଜାରରେ ମିଳେ, ତା'ର ମଜୁରି ଉପରେ ପ୍ରଚଣ୍ଡ ଚାପ ସୃଷ୍ଟିହୁଏ । ମାନେ, ଘର ଭିତରୁ ଯଦି ମୁଁ ଜଣେ ମାତ୍ର ଲୋକ ରୋଜଗାର କରିବାକୁ ବାହାରକୁ ବାହିରିବି, ପୂରା ପରିବାରର ଖର୍ଚ୍ଚ ତୁଲାଇବାକୁ ହେଲେ ମୋତେ ଅଧିକ ଦରମା ଦାବି କରିବାକୁ ହେବ । ନହେଲେ, ମୋ ପରିବାର ଭାଙ୍ଗିଯିବ । କିନ୍ତୁ ଧନତନ୍ତ୍ର ମୋତେ ସେତେ ଦରମା ଦେବ ନାହିଁ, ଲାଭ ସଞ୍ଚୟ କରିବାକୁ ହେଲେ ଧନତନ୍ତ୍ରକୁ ମଜୁରି କମାଇବାକୁ ପଡ଼ିବ । ତା ସାଙ୍ଗକୁ ଉନ୍ନୟନଶୀଳ ଦେଶଗୁଡ଼ାକ ମଧ୍ୟ ଉନ୍ନତ ଦେଶମାନଙ୍କ ଶ୍ରମ ବଜାରରେ ପ୍ରତିଯୋଗିତା କରିବେ । ତେଣୁ ଉନ୍ନୟନଶୀଳ ଦେଶମାନଙ୍କରେ ବ୍ୟାପକ ହାରରେ ପୁଞ୍ଜି ବିନିଯୋଗ ହେଉଚି । ତା' ପ୍ରଭାବରେ ଇଉରୋପରେ ଯୋଉ ଢ଼ଙ୍ଗରେ ଭୋଗବାଦ ପ୍ରସାର ଯୋଗୁଁ ଜୀବନ ନିର୍ବାହ ବ୍ୟୟବହୁଳ ହୋଇଚି, ଆମର ଏଠି ବି ସେ-ସଙ୍କଟରୁ ନିସ୍ତାର ନାହିଁ । ଏ-ବାଟରେ କର୍‌ପୋରେଟ୍ ପୁଞ୍ଜି ପ୍ରଥାଗତ ପରିବାର-ସଂଗଠନକୁ ଆଘାତ କରୁଚି; ସେ-ଆଘାତ ସହି ନପାରି ପରିବାରର ପ୍ରତ୍ୟେକ ସଦସ୍ୟ ଯେମିତି ଶ୍ରମ ବିକ୍ରି କରିବାକୁ ବାଧହେବ । ଝିଅବୋହୂ, ପିଲାଛୁଆ କେହି ବାଦ୍ ପଡ଼ିବେ ନାହିଁ, ବରଂ ତାଙ୍କ ଭିତରେ ସୁଦ୍ଧା ପ୍ରତିଦ୍ୱନ୍ଦିତା ଓ ଭୋଗଲାଳସା ତୀବ୍ର ହେବ । ଦୁଇଦୁଇଟା ମହାଯୁଦ୍ଧ ଭିତରୁ ଉଠିଆସି ଧନତନ୍ତ୍ର ପାଶ୍ଚାତ୍ୟ ସମାଜରେ ଯୋଉ ବ୍ୟକ୍ତିସ୍ୱାଧୀନତା, ମନଇଚ୍ଛା କିଣାବିକାର ସ୍ୱାଧୀନତାର ମନ୍ତ୍ର ଶୁଣାଇଚି; ତା ପ୍ରକୃତରେ ଶ୍ରମବିକ୍ରୟର ସ୍ୱାଧୀନତା । ନାରୀପାଇଁ ତା ହୋଇଚି ନୂତନ ଆହ୍ୱାନ ଓ ସୁଯୋଗ । ପଶ୍ଚିମ ନାରୀଶ୍ରମକୁ ବଜାରର ପଣ୍ୟରୂପରେ ଯେତେ ବାଗରେ ଓ ଯେତେ ବିଚିତ୍ର ବ୍ୟାପକତାରେ ବ୍ୟବହାର କରିଚି ବା କରୁଚି, ପୃଥିବୀର ଆଉ କେଉଁଠି ତା'ର ପଟାନ୍ତର ନାହିଁ । ନାରୀର ସ୍ୱାଧୀନତା ଶେଷକୁ ହୋଇଚି ସମ୍ଭୋଗର ସ୍ୱାଧୀନତା, ସେ ବଜାରକୁ ଭୋଗକରିବ, ବଜାର ତାକୁ ଭୋଗ କରିବ । ବାଡ଼ ବତା ରହିବ ନାହିଁ । ଅର୍ଥାତ୍ ପାଶ୍ଚାତ୍ୟ ନାରୀର ସ୍ୱାଧୀନତାର ଅସଲ ଚରିତ୍ର ହେଲା ଶ୍ରମଦାନର ସ୍ୱାଧୀନତା ଓ ପୁରୁଷର ସମ୍ଭୋଗ ଉପକରଣ ଭାବେ ବ୍ୟବହୃତ ହବାର ସ୍ୱାଧୀନତା । ଏ ଯେହେତୁ ସ୍ୱାଧୀନ ଓ ପରାଧୀନ ଅବସ୍ଥାର ମଧ୍ୟବର୍ତ୍ତୀ ସୋପାନ, ମୁଁ ଟ୍ରାନ୍‌ଜିସନାଲ୍ ଶବ୍ଦଟାକୁ କାମରେ ଲଗାଇଚି । ଭାରତର ନାରୀବାଦୀ କ'ଣ ସେଇମାନଙ୍କୁ ଅନୁସରଣ କରିବେ ? ଯଦି ନକରନ୍ତି, ତା'ହେଲେ ଯୋଉ ତ୍ୟାଗ ସ୍ୱୀକାର ଆବଶ୍ୟକ, ସେଥିପାଇଁ ଶରଦ୍ ଯାଦବ ଯୋଉମାନଙ୍କୁ 'ବାଳକାଟି' ଆଖ୍ୟାଦେଇଥିଲେ, ସେମାନେ ଆମ ଝିଅବୋହୂଙ୍କୁ ପ୍ରସ୍ତୁତ କରୁଚନ୍ତି କି ? ପ୍ରସଙ୍ଗଟାକୁ ବିସ୍ତାର କରିବା ଦରକାର । ଆମ ନାରୀବାଦୀ ନାରୀକୁ ଏକ ସାମାଜିକ ନିର୍ମାଣ ବୋଲି ବିବେଚନା କରନ୍ତି ନାହିଁ; ଭାବନ୍ତି

ତା'ର ଜନନେନ୍ଦ୍ରିୟ ଅଛି ବୋଲି ସେ ନାରୀ । ତେଣୁ, ସମାଜ-ସଂସ୍କାର ବା ପରିବାର-ସଂସ୍କାର ତାଙ୍କ କର୍ମସୂଚୀରେ ସ୍ଥାନ ପାଏନା; .ପାଏନା ବୋଲି, ନାରୀର ମସ୍ତିଷ୍କ ଅଛି, ହୃଦୟ ଅଛି, ହାତଗୋଡ଼ ଆଖିକାନ ଅଛି- କଥାଗୁଡ଼ାକୁ ପାସୋରିଯାଇ ଏମାନେ ଗୁରୁତ୍ୱ ଦିଅନ୍ତି ପୁରୁଷ ସହିତ ତାର ଯୌନାଙ୍ଗର ପାର୍ଥକ୍ୟ ଉପରେ, ଯେପରିକି ଭାବନା ଚିନ୍ତା, ମନନ, ଅନୁଶୀଳନ, ଉଦ୍ୟମ, ଅଧିବସାୟ ନାରୀ ଯୌନାଙ୍ଗ ସାହାଯ୍ୟରେ ହିଁ କରିଥାଏ । ଏମାନେ ସମାଜ ବା ପରିବାର ବିରୋଧରେ ପାଟି ଫିଟାଇବେ ନାହିଁ, ଏମାନଙ୍କ ଏକମାତ୍ର ପ୍ରତିପକ୍ଷ ପୁରୁଷ । ଅଥଚ ସେଇ ପୁରୁଷଟିର ଶ୍ରମଲବ୍ଧ ଉପାର୍ଜନରୁ, ଏମାନଙ୍କ ର୍ୟାଡ଼ିକାଲିଜ୍ମ ଖୋରାକ ଖାଏ । ଏମାନଙ୍କ ବାହ୍ୟ ବୁଦ୍ଧିମତା, ଭଦ୍ରତା, ଶିକ୍ଷା, ସାମାଜିକତା ପ୍ରଭୃତି ଦେଖିଲେ ଯେ କୌଣସି ଆଲୋକପ୍ରାପ୍ତ ପୁରୁଷର ଦୃଷ୍ଟି ଧନ୍ଦି ହୋଇଯିବ । ଅଥଚ ଏମାନେ ନିଜକୁ ସମାଜର କୋଉ ଅଂଶ ବୋଲି ମନେକରନ୍ତି ନାହିଁ, ବା ଭାବନ୍ତି ସମାଜ ଭିତରେ ଯେତେ ବଞ୍ଚିତା ନାରୀ, ଏମାନେ ତାଙ୍କଠୁଁ ଅଲଗା ବା ଉର୍ଦ୍ଧ୍ୱରେ । ଅଥଚ ଏମାନେ ମଧ୍ୟ ନିଜ ସ୍ୱାମୀମାନଙ୍କର ଉପକରଣ, ଯେମିତି ସ୍ୱାମୀ ବି ତାଙ୍କ ଉପକରଣ । ନିଜ ଜୀବନର ସେଇ ନୈତିକ ଦ୍ୱାୟିତ୍ୱ ବହନ କରିବାକୁ ଏମାନେ ଅସମର୍ଥ । ସମ୍ପର୍କର କୌଣସି ନୈତିକ ଦାୟିତ୍ୱ ଗ୍ରହଣ ନକରି, ଏମାନେ ଚାହାନ୍ତି ସ୍ୱାମୀ ମୋଟେ କର୍ତ୍ତୃତ୍ୱ କରିବନାହିଁ, ଖାଲି ମନିବ୍ୟାଗଟିକୁ ତାଙ୍କ ହାତକୁ ବଢ଼ାଇଦେବ । ସେଇ ବିବେଚନାରେ ଏମାନେ ବାପାମାଙ୍କ କଥାମାନି ବାହାହୁଅନ୍ତି, ବୈଷୟିକ ସ୍ୱାଚ୍ଛନ୍ଦ୍ୟ ବିବେଚନାରେ ପୁଅଝିଅଙ୍କ ବାହାଘର ଠିକଣା କରନ୍ତି । କହନ୍ତି, ପ୍ରେମ ଏମିତି କିଛି ଜିନିଷ ନୁହେଁ ଯେ ବାହାଘର ଆଗରୁ ଘଟି ନଥିଲେ ବାହାଘର ପରେ ଘଟିବ ନାହିଁ । ଅର୍ଥାତ୍, ବ୍ୟକ୍ତି ସ୍ୱାଧୀନତା ଓ ସାମାଜିକ ଅଗ୍ରଗତିର ସୁଫଳ ଭୋଗ କରିବାକୁ ଏମାନେ ବ୍ୟଗ୍ର, କିନ୍ତୁ ତା ପାଇଁ କୌଣସି ମୂଲ୍ୟଦେବାକୁ ପ୍ରସ୍ତୁତ ନୁହେଁ । ଯେପରି, ଯେକୌଣସି ଅପରିଚିତ ପୁରୁଷକୁ ଦେହଦାନ କରିବାକୁ ଏମାନଙ୍କ ବିବେକକୁ ବାଧିବ ନାହିଁ ଯଦି ଶୋଇବା ଆଗରୁ ପୁରୋହିତ ମନ୍ତ୍ର ପଢ଼ିବ ବା ମୌଲବୀ କଲ୍‌ମା । ଅର୍ଥାତ, ଧର୍ମ ଓ ଅଭିଭାବକର ଅନୁମୋଦନ ଏକ ଅସ୍ୱାଭାବିକ କାଣ୍ଡକୁ ପବିତ୍ର କରିଦେବାପାଇଁ ଯଥେଷ୍ଟ । ଏମାନେ କେମିତି ହେବେ ଆମ ଝିଅମାନଙ୍କ ପାଇଁ ରୋଲ୍‌ମଡ଼େଲ ? ଆପତ୍ତି ଉଠିବ, ଏମାନେ କ'ଣ ଖାଲି ଦେହଦାନ ମାଧ୍ୟମରେ ଭରଣପୋଷଣର ନିରାପତ୍ତା ପାଇଚନ୍ତି ? ଗୃହକର୍ମ, ସନ୍ତାନଧାରଣ ଓ ପାଳନ ଭଳି ଶ୍ରମସାଧ୍ୟ କାମ କରୁନାହାନ୍ତି ? ତା'ର ବିନିମୟ. ମୂଲ୍ୟ ନାହିଁ ? ନୈତିକତା ଦୃଷ୍ଟିରୁ ଏ ଯୁକ୍ତି ଅବଶ୍ୟ ଗ୍ରହଣ ଯୋଗ୍ୟ ନୁହେଁ । ପ୍ରେମହୀନ ନିସ୍ତେଜ ଧୂସର ଜୀବନର ବୈଷୟିକ ଭିତ୍ତିଟିକୁ ମଜ୍‌ବୁତ୍ କରିବାକୁ ଏମାନେ ସନ୍ତାନ ପ୍ରସବ କରିବାକୁ ବାଧ୍ୟ । ସେ ସନ୍ତାନ ହୁଏ ସ୍ୱାମୀ ସହିତ ସେତୁବଂଧ । ଆଉ, ଏମାନେ ପ୍ରେମ କଲାବେଳେ ବା ତାଙ୍କ ବାପା ମା ବର ଠିକଣା କଲାବେଳେ ଆଗେ ନିଶ୍ଚିତ ହୁଅନ୍ତି ଯେ ବରଘରେ ଚାକର ପୂଜାରୀ ଥିବେ ବା

ତାଙ୍କୁ ରଖିବାପାଇଁ ବରର ପଇସା ଥିବ । ନହେଲେ, ଆମେ ସମସ୍ତେ ତ ପାଠପଢ଼ିଲା ବେଳେ ହୋଷ୍ଟେଲରେ ନିଜ କାମ ନିଜେ କରୁଥିଲୁଁ, ସ୍ତ୍ରୀମାନେ ଯଦି ସେତକ ନ କରନ୍ତେ ଆକାଶ ଭାଙ୍ଗିପଡ଼ନ୍ତା ନାହିଁ । ଜଣେ ପରିଚାରିକା ରଖିଲେ ଖର୍ଚ୍ଚ ତ କମ୍ ହେବ ହିଁ ହେବ । ବରଂ ନାରୀମୁକ୍ତି ବାବଦକୁ ଏତେ ଚାନ୍ଦାଚପଟ ଦେବାକୁ ପଡ଼ିବ ନାହିଁ । ଅଥଚ ନାରୀର ବଞ୍ଚନାର ଅସଲ ପ୍ରତିଷେଧକ ହେଲା ବ୍ୟକ୍ତିଗତ ସୁବିଧାବାଦକୁ ସରୋଷ ବିସର୍ଜନ ଓ ସାମାଜିକ ଦୁର୍ନାମ ଭୟକୁ ପରାଭୂତ କରିବାର ଅଦମ୍ୟ ଆୟାସ, ଏ କାମ କରିବାକୁ ଯାଇ, ଶିକ୍ଷିତା, ଉପାର୍ଜନକ୍ଷମ ନାରୀ ଯଦି ପୁରୁଷ ଭଳି ଆଚରଣ କରିବେ, ଅର୍ଥାତ୍ ତାଙ୍କ ଉପରେ ନିର୍ଭର କରୁଥିବା ପରିବାରର ଲୋକଙ୍କୁ ବ୍ୟକ୍ତିଗତ ସମ୍ପତ୍ତି ଭଳି ବ୍ୟବହାର କରିବେ, ତେବେ ଧର୍ମର କର୍ତ୍ତୃତ୍ୱ ବା ପିତୃତନ୍ତ୍ରର କର୍ତ୍ତୃତ୍ୱ ଭଳି ଆଉ ଏକ ପ୍ରକାର କର୍ତ୍ତୃତ୍ୱ ପୁଣି ସୃଷ୍ଟି ହେବ, ଯା ନାରୀ ପୁରୁଷ ବୈଷମ୍ୟକୁ ଆଦୌ ପ୍ରଶମିତ କରିବ ନାହିଁ । ଏବେ ତ ସାମ୍ରାଜ୍ୟବାଦ ପ୍ରଯୁକ୍ତି ଖଟାଇ ଧନତନ୍ତ୍ରକୁ ସାରା ପୃଥିବୀ ଉପରେ ବିଛୁଡ଼ିବାରେ ଲାଗିଚି । ସେଇ ବିଶ୍ୱାୟନ ବା ଗ୍ଲୋବାଲାଇଜେସନ୍-ର ଅର୍ଥନୀତି ବା ରାଜନୀତି ଯେମିତି ଗୋଟିଏ ଗୋଟିଏ ପ୍ରତ୍ୟଙ୍ଗ, ସଂସ୍କୃତି ସେମିତି ଆଉ ଗୋଟିଏ । ରାଜକୁମାରୀ ଡ଼ାୟନା-କୁ ନେଇ ଆମ ଗଣମାଧ୍ୟମଗୁଡ଼ାକ ଯେମିତି ଜ୍ୱରରେ କମ୍ପିଲେ, ସେଥିରୁ ଲାଗିଲା, ଯଦି ଏଇଭଳି ଚାଲିବ, ତ' ଏ ସଂସାରରେ ବ୍ୟକ୍ତିଗତ ବା ପାରିବାରିକ ବୋଲି ଆଉ କୋଉ କଥା ଅବଶିଷ୍ଟ ରହିବ ନାହିଁ । ଉଭୟ ନାରୀ ଓ ପୁରୁଷକୁ ନିଜ ଚେଷ୍ଟାରେ ସମାଜକୁ ବା ପରିବାରକୁ ସଂଶୋଧନ କରିବାର ପ୍ରୟାସକୁ ଜଳାଞ୍ଜଳି ଦେଇ ଚିରାଚରିତ ଜୀବନ, ମୂଲ୍ୟବୋଧ ଗୁଡ଼ାକୁ ଧନତାନ୍ତ୍ରିକ ଆଦର୍ଶରେ ଭାଙ୍ଗି ସଜାଇବାକୁ ପଡ଼ିବ, ଅର୍ଥାତ୍ ନାରୀ ଓ ପୁରୁଷ ମଧ୍ୟସ୍ଥ ସମ୍ପର୍କର ନିର୍ଦ୍ଧାରକ ହେବ ଓଡ଼ିଆରେ ଯାହାକୁ କହୁଛୁଁ ନଗଦ-ନାରାୟଣ । ଏ ପରିବର୍ତ୍ତନ ଯଦି ଅଭିପ୍ରେତ ନୁହେଁ, ଆମ ପୁଅଝିଅଙ୍କୁ ସଜ୍ଞାନରେ ତା'ର ପ୍ରତିରୋଧ କରିବାକୁ ପଡ଼ିବ । ଖାଲି ନାରୀମୁକ୍ତିର ସ୍ଲୋଗାନ୍ କାମ ଦେବ ନାହିଁ, ଯେମିତି କାମ ଦେଉନାହିଁ ସ୍ୱଦେଶୀ ଜାଗରଣ ମଞ୍ଚ ବା କମିଉନିଷ୍ଟଙ୍କ ଟ୍ରେଡ୍ ଇଉନିୟନ୍ ଆନ୍ଦୋଳନ । କାମଟା ଆହୁରି କଠିଣ ।

ଆମେ ଯିଏ ବୁଢ଼ାବୁଢ଼ୀ ହେଲୁଣି, ଅଭିଭାବକ ଭାବରେ କିଞ୍ଚିତ୍ ସଫଳ ହେଲେ ସୁଦ୍ଧା, ବାପା-ମା ଭାବରେ ସଂପୂର୍ଣ୍ଣ ବ୍ୟର୍ଥ; କାହିଁକିନା, ଆମର ଲକ୍ଷ୍ୟ ପୁଅଝିଅ ନୁହନ୍ତି, ଲକ୍ଷ୍ୟ ଆମ ନିଜ ପସନ୍ଦ-ଅପସନ୍ଦ, ମର୍ଯ୍ୟାଦା-ଅମର୍ଯ୍ୟାଦା, ଗୌରବ-ଅପମାନ, ବିଶ୍ୱାସ-ଅବିଶ୍ୱାସ, ଅର୍ଥାତ୍ ଆମ ନିଜ ସ୍ୱାର୍ଥ । ଏଗୁଡ଼ାକର ଟେକ ରଖିବା ପାଇଁ ନିଜ ପିଲାଙ୍କ ମୁହଁରୁ ହସ ଟିକକ ପୋଛିନେବା ପାଇଁ ଆମେ ଦ୍ୱିଧାକରୁନା । ଆମ ଅହଂକାର ଏତେ କଠୋର ଯେ ଆମେ ଚାହୁଁ ଆମରି ଖଣ୍ଡିଆଖାବରା ମୂଲ୍ୟବୋଧଗୁଡ଼ାକ ପିଲାଙ୍କ ଜୀବନରେ ଅକ୍ଷରେ ଅକ୍ଷରେ ପ୍ରତିଫଳିତ ହେଉ । କାଳର ମାତ୍ରାକୁ ଯେହେତୁ ଶ୍ରଦ୍ଧାକରୁନା, ଭାବୁଁ,

ଆମରି ଜୀବନଧାରାଟି ଚିରସ୍ଥାୟୀ ଓ ସର୍ବାଂଶେ ଆଦର୍ଶସ୍ଥାନୀୟ । ସେଥିରୁ ବ୍ୟତିକ୍ରମ ଅବାଧ୍ୟତା, ମୂର୍ଖତା, ଅବକ୍ଷୟ; ପିଲା ଶିଖନ୍ତି, ବାପା-ମାଙ୍କ ମୁହଁ ଉପରେ କଥା କହିବେ ନାହିଁ । ସେମାନେ ବଡ଼ ହୋଇ ନିଜ ପିଲାଙ୍କୁ ଏକା କଥା ଶିଖାନ୍ତି । ଏ ବାଟରେ ମାନସିକ ସଂକୀର୍ଣ୍ଣତା ଗୋଟିଏ ବଂଶାନୁକ୍ରମିକ ବ୍ୟାଧିରେ ପରିଚିତ ହୁଏ । ଭିନ୍ନ ବାଗରେ ଭିନ୍ନ ଦିଗରେ ଦେଖିବାକୁ ବା ଭାବିବାକୁ ପିଲା ଡରନ୍ତି; ସମାଜଟା ପାଲଟିଯାଏ ଆବଦ୍ଧ ଜଳାଶୟ । ଝିଅ ଶିଖେ କେମିତି ହେବ ଦେଖାସୁନ୍ଦର କଖାରୁ ବଡ଼ି, ପୁଅ ଶିଖେ କେମିତି ବାହାପିଆମି କରି ଘରେ ବାହାରେ ମାମଲତ୍କାର ହେବ । ଆଦେଶ ଉପଦେଶରେ ଶୂନ୍ୟ ଜାଗାଗୁଡ଼ାକୁ ଭରିଦେବ । ତେଣୁ ଶାସନର ପୌରାଣିକ କର୍ତ୍ତୃତ୍ୱ ଛଡ଼ା ଆମର ଆଉ କୋଉ ଯୋଗ୍ୟତା ନାହିଁ, ଯା'ପାଇଁ ପୁଅଝିଅ ଆମକୁ ଶ୍ରଦ୍ଧା କରିବେ । ଅର୍ଥାତ୍ ଶ୍ରଦ୍ଧା ଯେତିକି ମିଳୁଚି, ସବୁଗୁଡ଼ାକ ଜୋରକରି ଆଦାୟ କରିବାକୁ ପଡୁଚି । ପଡୁଛି ବୋଲି, ପିଲା ଆମକୁ ମନେମନେ ଘୃଣାକରନ୍ତି, ସୁଯୋଗ ପାଇଲେ ଆଘାତ କରିବାକୁ ପଛାନ୍ତି ନାହିଁ । ଆଘାତ କରି ସେମାନେ ନିଜେ କଷ୍ଟ ପାଆନ୍ତି । ପୂରା ସଂସାରଟା ମନେହୁଏ ମରୁବାଲି; କିଏ ପଣ୍ଡିଚେରି ଯାଏ, କିଏ ପୁଟପର୍ତ୍ତୀ, କିଏ ଆଇଁଷ ଛାଡ଼େ, ଆଉ କିଏ ଖାଲି ପିଆଜ । ବଦମାସି କିନ୍ତୁ କେହି ଛାଡ଼ନ୍ତି ନାହିଁ । ଛାଡ଼ନ୍ତି ନାହିଁ ବୋଲି, ପ୍ରତିବାଦହୀନ ଆତ୍ମଶ୍ରଦ୍ଧାହୀନ ମେଷଶାବକ ପରି ମାନବଶିଶୁ ଉତ୍ପନ୍ନ ଓ ପୁନରୁତ୍ପନ୍ନ ହେବା ବନ୍ଦ ହୁଏନା । ସେମାନେ ଯେତେବେଳେ ନର-ନାରୀ ପଦବାଚ୍ୟ ହୁଅନ୍ତି, ପୁଣି ତିଆରି ହୁଏ କର୍ତ୍ତୃତ୍ୱବାଦୀ ପୁରୁଷ ଓ ସୁବିଧାବାଦୀ ନାରୀ । ଏ ପ୍ରକାର ନରନାରୀ ଶିକ୍ଷାରେ, ସଂସ୍କୃତିରେ, ଜ୍ଞାନବିଜ୍ଞାନ, ଶିଳ୍ପସାହିତ୍ୟ, ଆବିଷ୍କାର, ଉଦ୍‌ଭାବନ, ଦର୍ଶନ ଅଥବା ପ୍ରଯୁକ୍ତି କ୍ଷେତ୍ରରେ, ସର୍ବୋପରି ମାନବତା ଓ ନୀତିବୋଧରେ, ପୃଥିବୀର ସବୁଠୁଁ ପଛଧାଡ଼ିର ମଣିଷଙ୍କଠାରୁ ଅଭିନ୍ନ । କାହାରି ପ୍ରତିନିଧିତ୍ୱ କରିବାର ଯୋଗ୍ୟତା ଏମାନେ ପାଇବେ କେଉଁଠୁ? ଏମାନଙ୍କ ଏକମାତ୍ର କୃତିତ୍ୱ ଅଚଳ ପଇସା ତିଆରି କରିବାର କୃତିତ୍ୱ । ତେଣୁ, ପୁଅ ଝିଅ ହିଁ ବାପ-ମାଙ୍କ ପାଇଁ ଦର୍ପଣ । ସେ ଦର୍ପଣରେ ମୁହଁ ଦେଖିସାରି କୋଉ ସାହସରେ କହିବୁଁ, ଝିଅଙ୍କ ଆଖିରୁ ଲୁହ ପୋଛି ଦେବୁଁ? ଲୁହ ତ ତା'ର ଉତ୍ତରାଧିକାର । ସେ ବି ଦେଇଯିବ ତା ଝିଅକୁ ।

ଭଲ ବା ଖରାପ ସବୁବେଳେ ଆପେକ୍ଷିକ, କାହିଁକିନା, ବ୍ୟକ୍ତିତ୍ୱ ପରିସ୍ଥିତି ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ, ପ୍ରତ୍ୟେକ ଲୋକ ତା'ର ଜୀବନ ଧାରଣ ଓ ତାତ୍‌କ୍ଷଣିକ ବାସ୍ତବତା ନିରୀକ୍ଷରେ ଭଲ ବା ମନ୍ଦର ଅବବୋଧ ତିଆରି କରେ । ସନ୍ତାନକୁ ଭଲ ବାଟରେ ରଖିବା ଲାଗି କର୍ତ୍ତୃତ୍ୱ ଦ୍ୱାରା ନିୟନ୍ତ୍ରଣ, ତେଣୁ, ଗୋଟିଏ କୁଯୁକ୍ତି । କିନ୍ତୁ ଏ କୁଯୁକ୍ତିର ସାମାଜିକ ବୈଧତା ଏତେ ବିସ୍ତୃତ ଯେ ତାକୁ ପ୍ରଶ୍ନ କରିବା ପରମ ଧୃଷ୍ଟତା । ଯଦି କର୍ତ୍ତୃତ୍ୱ ପ୍ରୟୋଗ ଉତ୍ତମ ନାରୀ ଗଠନର ଅବ୍ୟର୍ଥ ପ୍ରଣାଳୀ ହୋଇଥାନ୍ତା – ଏତେ ଯୁଗପରେ ବସନ୍ତ ଟୀକାପରି ତାର ଆବଶ୍ୟକତା ମେଣ୍ଟି ଯାଇଥାନ୍ତା । ମାତ୍ର ମେଣ୍ଟିପାରିବ ନାହିଁ, କାହିଁକିନା, କର୍ତ୍ତୃତ୍ୱ

ପ୍ରୟୋଗ କରନ୍ତି ଯୋଉ ବାପା-ମା, ତାଙ୍କ ନିଜ ଜୀବନଯାତ୍ରାଟି ଆଦୌ ଅନୁକରଣଯୋଗ୍ୟ ନୁହେଁ । ମୂର୍ତ୍ତିମନ୍ତ ତୃଟି ହାତରେ କର୍ତ୍ତୃତ୍ୱ ସମର୍ପଣ ମାନେ ଗୋଟିଏ ବିବର୍ତ୍ତମାନ ସମାଜକୁ ଆତ୍ମହତ୍ୟା ଆଡ଼କୁ ଆଗେଇନେବା । ଏଭଳି ବାପ-ମା ପିଲାଙ୍କ ସ୍ୱତନ୍ତ୍ର ସତ୍ତାକୁ ସ୍ୱୀକାର କରନ୍ତି ନାହିଁ, କାହିଁକି ନା, ପିଲା କୁଆଡ଼େ ବାପା-ମାଙ୍କ ପ୍ରତିନିଧି ! ସନ୍ତାନ ଅବଶ୍ୟ ସମ୍ପତ୍ତିର ଉତ୍ତରାଧିକାରୀ, କିନ୍ତୁ କି କାରଣରୁ ସେ ଜଣେ ଲାଞ୍ଚୁଆ ବା ମିଛୁଆ ଲୋକର ପ୍ରତିନିଧି ହେବାକୁ ମନ କରିବ ବୁଝିବା ମୁସ୍କିଲ୍ । ତା ଛଡ଼ା, ଝିଅକୁ ଯଦି ମା ନିଜର ପ୍ରତିନିଧି ନିର୍ବାଚନ କରିବେ, ଆଗେ ତ'ଝିଅର ସଚେତନ ସମ୍ମତି ଆବଶ୍ୟକ । କୋଉ ବାପ-ମା ଛୁଆକୁ ପଚାରି ତାକୁ ଜନ୍ମଦିଅନ୍ତି ନାହିଁ; ତା ଛଡ଼ା, ଯଦି ସତକୁ ସତ ପୁଅ ଝିଅଗୁଡ଼ାକ ଅବିକଳ ବାପ-ମାଙ୍କ ଭଳି ହେଉଥାନ୍ତେ, ତା'ହେଲେ ଜବାହାରଲାଲ୍ ନେହେରୁ ଭଳି ଲୋକର ଝିଅ ଇନ୍ଦିରା ଗାନ୍ଧି ହୁଅନ୍ତେ ନାହିଁ କି ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ହୁଅନ୍ତେ ନାହିଁ, ନବକୃଷ୍ଣ । ଏମାନେ ଯେ ଚେତନା ବା ଆଦର୍ଶ ବିଚାରରେ ପିତାମାତାଙ୍କ ବିପରୀତ, ସେଥିରୁ ସୁସ୍ପଷ୍ଟ ଯେ କୋଉ ଗୋଟିଏ ପିଲା ବି ବାପା-ମାଙ୍କର ପ୍ରତିନିଧିତ୍ୱ କରେନା । ମଣିଷ ହିସାବରେ ସେ କେବଳ ନିଜର ପ୍ରତିନିଧିତ୍ୱ କରେ ବା କରିପାରେ, ତା'ହେଲେ ଏଇ ପିଲାଙ୍କ ଭିତରୁ ଅଲଗାକରି ନାରୀ କେମିତି ନିର୍ମିତ ହୁଏ ?

ଜୀବତତ୍ତ୍ୱରେ ନାରୀର ଅସ୍ତିତ୍ୱ ନାହିଁ, ଅଛି ସ୍ତ୍ରୀ ବା ଫିମେଲ୍ ଅବ୍ ଦ ସ୍ପିସିଜ୍‌ର । ଅଧିକାଂଶ ପ୍ରଜାତି ସ୍ତ୍ରୀ ଓ ପୁରୁଷ, ଏଇ ଦୁଇଟି ବର୍ଗରେ ବିଭକ୍ତ । ସେଇ ବିଭକ୍ତି ଉପରେ ପ୍ରଜାତିଗତ ବିବର୍ତ୍ତନର ସିଡ଼ି ଛିଡ଼ାହୋଇଛି । ମଣିଷ ଉତ୍ତରାଧିକାର ସୂତ୍ରରେ ତା'ର ମା'ର ଡ଼ି.ଏନ୍.ଏ. ଲାଭ କରେ, ମାନେ ଦେହ ଆଚରଣ, ଗାତ୍ରବର୍ଣ୍ଣ ଆସେ କେବଳ ମାଠୁଁ । କାହିଁକିନା, ଜରାୟୁରେ ଡ଼ିମ୍ବ ଯେତେବେଳେ ଶୁକ୍ରାଣୁ ଦ୍ୱାର ନିଷିକ୍ତ ହୁଏ, ମାଇଟୋକଣ୍ଡ୍ରିଆଲ ଡ଼ି.ଏନ୍.ଏ. ମରିଯାଏ; ତେଣୁ ଡ଼ିମ୍ବାଣୁ ଭିତରେ ପ୍ରବେଶ କରିପାରେନା । କିନ୍ତୁ କେତେକ ଅବିକଶିତ ପ୍ରାଣୀଠାରେ ଲିଙ୍ଗଜନିତ ଏଇ ବିଭକ୍ତି ଅନୁପସ୍ଥିତ । ଏମାନେ ନିଜ ଦେହକୁ ବିଭକ୍ତକରି ସଂଖ୍ୟା ବୃଦ୍ଧିକରନ୍ତି । ଲିଙ୍ଗ ଚିହ୍ନ ଦ୍ୱାରା ବିଭକ୍ତ ପ୍ରାଣୀ ସାଧାରଣତଃ ଯୌନ ଆଚରଣ ଦ୍ୱାରା ବଂଶବୃଦ୍ଧି କରନ୍ତି । ଯୌନ ମିଳନ ମାଧ୍ୟମରେ ବଂଶ ବିସ୍ତାର କଲେ ସୁଦ୍ଧା, ଖୁବ୍ ଅଳ୍ପ ସଂଖ୍ୟକ ପ୍ରାଣୀ ଯୌନବୋଧସମ୍ପନ୍ନ । ଯୌନବୋଧ ମାନେ ପ୍ରାଣୀ ସାରା ବର୍ଷ ଧରି ଯୌନସକ୍ରିୟ ଏବଂ ଯୌନତା ତା'ର ମାନସିକତାର ଅବିଚ୍ଛେଦ୍ୟ ଅଂଶ । ଅର୍ଥାତ୍, ଏମାନଙ୍କ ଭିତରେ ସଙ୍ଗମ ଦେହର କ୍ଷୁଧା ବା ଯୌନତୃଷ୍ଣା ନିବୃତ୍ତିପାଇଁ ସାଧିତ ହୁଏନା । ସଙ୍ଗୀ ବା ସଙ୍ଗିନୀର ଆବେଦନ, ହତାଶା, ତା'ପ୍ରତି ସହମର୍ମିତା, ଏପରିକି ନିଜ ବା ବିପରୀତ ଲିଙ୍ଗର ଆକ୍ରୋଶ ଅଥବା ଦୁଃଖବୋଧ ଭଳି ମାନସିକ ଅବସ୍ଥା ମଧ୍ୟ ଏମାନଙ୍କ ଭିତରେ ଯୌନଇଚ୍ଛା ସୃଷ୍ଟିକରେ । କେହି କେହି ବିପରୀତ ଲିଙ୍ଗଠାରୁ ବଳପ୍ରୟୋଗ ପୂର୍ବକ ବା ତା'ଠାରୁ ବଳପ୍ରୟୋଗ ଭଳି ଆଚରଣ ପାଇ ଯୌନ ଉଦ୍ଦୀପନା ଆହରଣ କରନ୍ତି । ଅନେକ ପଶୁଙ୍କ ପାଇଁ ବଳପ୍ରୟୋଗ ଓ ଅବନମନ ଶୃଙ୍ଗାରର ପ୍ରାଥମିକ ପର୍ବ । ତେବେ

ଏମିତି ପ୍ରାଇମେଟ୍ ବି ଅଛନ୍ତି ଯିଏ ବିବାହ ବା ପ୍ରେମ ଜରିଆରେ ଯୌନସଂପର୍କ ସ୍ଥାପନ ନ କଲେ ସୁଦ୍ଧା, ମଣିଷ ପାଇଁ ଅନୁସରଣଯୋଗ୍ୟ; ଏ ପ୍ରାଇମେଟ୍‌ର ନାଁ 'ବୋନୋବୋ' ଯୌନତା । ବିଚାରରେ ସେ ମଣିଷଠାରୁ ବି ଉନ୍ନତ । ସିମ୍ପାଞ୍ଜି ଭଳି ଦେଖିବାକୁ ହେଲେ ମଧ୍ୟ ବୋନୋବୋ ପ୍ରାଇମେଟ୍‌ଙ୍କଠାରୁ ମୌଳିକ ଭାବେ ପୃଥକ । କାହିଁକିନା, ତାର ପରିବାର ଅଛି ଓ ସେ ପରିବାର ଦାୟିତ୍ୱ ବା କ୍ଷମତା ଥାଏ ସ୍ତ୍ରୀ-ବୋନୋବୋ ହାତରେ । କୋଉ ସ୍ତ୍ରୀ-ବୋନୋବୋ ଯଦି ନିଜ ସଙ୍ଗୀ ଛଡ଼ା ଅନ୍ୟ ପୁରୁଷ ସହିତ ଯୌନ ସମ୍ପର୍କ ରଖିବାକୁ ଋହେଁ, ଏବଂ ଯଦି ସେଇ ପୁରୁଷର ସଙ୍ଗିନୀର ସେଥିରେ ଆପତ୍ତି ଥାଏ, ତାହେଲେ ସେ ଖାଲି ଥରଟିଏ ମାତ୍ର ତାର ସ୍ୱରରେ ଚିତ୍କାର କରେ । ସେତିକିରେ ସମାଧାନ ହୋଇଯାଏ, ବହିରାଗତ ସ୍ତ୍ରୀଲୋକଟି ଫେରିଯାଏ । ଯୌନତା ଯେ ମଣିଷର ମାନସିକ ଗଠନର ଅଙ୍ଗାଙ୍ଗୀ ଉପାଦାନ ତା'ର ଆଉ ଗୋଟିଏ ଉପସର୍ଗ ହେଲା, ବାର୍ଦ୍ଧକ୍ୟରେ ପହଞ୍ଚି ମଧ୍ୟ ନର-ନାରୀ ଯୌନକ୍ରିୟା ତ୍ୟାଗ କରିପାରନ୍ତି ନାହିଁ, ସେ କ୍ରିୟା ଯେତେ ଶୈଳୀ ସର୍ବସ୍ୱ ହେଉ ପଛେ ।

ମସ୍ତିଷ୍କ ଆୟତନ ବିବେଚନାରେ, ନାରୀ ତୁଳନାରେ ପୁରୁଷ ମସ୍ତିଷ୍କରେ ଅଧିକ କେତେ ହଜାର କୋଷ ଦେଖିବାକୁ ମିଳିଛି । ସଂଖ୍ୟାର ଏଇ ତାରତମ୍ୟ କିନ୍ତୁ ବୁଦ୍ଧିବୃତ୍ତିଗତ କୋଉ ପ୍ରଭେଦ ସୃଷ୍ଟିକରେନା । ବରଂ ନାରୀ ଦେହ ପ୍ରତିତୁଳନାରେ ବେଶି ମେଧ ଧାରଣ କରେ ବୋଲି ତା'ର ସଞ୍ଚିତ ଶକ୍ତିର ପରିମାଣ ଅପେକ୍ଷାକୃତ ବେଶି, ଏବଂ ସାଧାରଣତଃ ତ୍ୱକ ଓ କେଶ ବିବେଚନାରେ ନାରୀ ଅଧିକତର ଲାବଣ୍ୟର ଅଧିକାରୀ । ନାରୀ ଦେହର ହଠାତ୍ ଦୃଷ୍ଟ ବୈଶିଷ୍ଟ୍ୟ ଭିତରେ ସ୍ତନଯୁଗଳ ପ୍ରାଥମିକ, ତା' ଶିଶୁକୁ ବଞ୍ଚାଇ ରଖିବା ପାଇଁ ଯେମିତି ଖାଦ୍ୟର ଆଧାର, ସେମିତି ଯୌନସୁଖର ଅପରିହାର୍ଯ୍ୟ ଉପକରଣ । ଦ୍ୱିତୀୟ ପାର୍ଥକ୍ୟ ଜନନେନ୍ଦ୍ରିୟ ଯା ମୂଳତଃ ପୁରୁଷର ଯୌନାଙ୍ଗକୁ ଗ୍ରହଣ କରି ଜୈବିକ ସୁଖ ଆହରଣ କରେ । ତା' ଛଡ଼ା, ଗର୍ଭ ଧାରଣ ପରେ ଶିଶୁ ଏଇ ପଥ ଦେଇ ମାତୃଦେହ ତ୍ୟାଗ କରେ । ଆମେ ଭାବିବାକୁ ଶିଖିଛୁଁ, ଯୋନି (ପ୍ରକୃତି)ର ନିର୍ଦ୍ଧାରିତ ଭୂମିକା ସନ୍ତାନକୁ ଜନ୍ମଦେବା; ଯୌନସୁଖ ଗ୍ରହଣ ତେଣୁ ଗୌଣ ବିଷୟ । ଗାନ୍ଧି ମଧ୍ୟ ବ୍ରହ୍ମଚର୍ଯ୍ୟ ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି, ପୁତ୍ରାର୍ଥେ କ୍ରିୟେତେ ଭାର୍ଯ୍ୟା । ଏ ଧାରଣା ନାରୀର ମାନବିକତାକୁ ଅସ୍ୱୀକାରକରି ତାକୁ ଇତର ପଶୁ ସ୍ତରକୁ ଖସାଇ ଆଣେ । ତା'ଛଡ଼ା, ଧାରଣାଟା ଆଦ୍ୟୋପାନ୍ତ ଭୁଲ । ନାରୀ ଓ ପୁରୁଷ ଉଭୟର ଯୌନାଙ୍ଗର ପ୍ରକୃତି ନିର୍ଦ୍ଧାରିତ ସ୍ୱଭାବ ପରସ୍ପର ଯୌନତୃଷ୍ଣା ତୃପ୍ତିକରିବା ଯଦି ନହୁଅନ୍ତା, ତା'ହେଲେ ରାମାୟଣରେ ଯେମିତି ଗ୍ରୀବାରୁ ସୁଗ୍ରୀବ ଓ ବାଳରୁ ବାଳି ଜନ୍ମିଥିଲେ, ଏବେ ବି ସେମିତି ହାତଗୋଡ଼, ଆଖିକାନ ସବୁଠୁଁ ଛୁଆ ବାହରନ୍ତେ । ଆଉ ଏକ ପାର୍ଥକ୍ୟ ହେଲା, ହର୍‌ମୋନ୍ ନିଃସରଣରେ ତାରତମ୍ୟ ଯୋଗୁଁ ନାରୀ ଶରୀରରେ ବିଶେଷ ବିଶେଷ ଜାଗା ଛଡ଼ା ଲୋମ ସଞ୍ଚାର ବାଧାପାଏ । ଯେଉଁ ଲୋମ ସଞ୍ଚାର ଘଟେ ତା ପୁଣି ଅପରିଣତ । ଏକା ପ୍ରକାର କାରଣରୁ ନାରୀର କଣ୍ଠସ୍ୱର

ପୃଥକ୍ ଏବଂ ସାଧାରଣତଃ ତୀକ୍ଷ୍ଣ । ଏବଂ ଗର୍ଭଧାରଣ କରିବାକୁ ପଡ଼େ ବୋଲି ଦେହ ଭିତରେ ଅନ୍ୟାନ୍ୟ ପ୍ରୟୋଜନୀୟ ପ୍ରତ୍ୟଙ୍ଗାଦି ମଧ୍ୟ ନିବିଷ୍ଟ ଥାଏ । ଏଇ କେତୋଟି ବିଶେଷ ପାର୍ଥକ୍ୟ ଛଡ଼ା ବିପରୀତ ଲିଙ୍ଗ ସହିତ ନାରୀର ଆଉ କୋଉ ବଡ଼ ପ୍ରଭେଦ ନାହିଁ । ଅଥଚ ସମାଜରେ ପ୍ରଚଳିତ ଅଛି ନାରୀ ପାଇଁ ଏକ ପ୍ରକାର ଜୀବନ ବିଧାନ ଓ ପୁରୁଷ ପାଇଁ ଆଉ ଏଇ ପ୍ରକାର । ନାରୀ ପାଇଁ ଏକ ପ୍ରକାର ପୋଷାକ ପରିଛଦ, ପୁରୁଷ ପାଇଁ ଅନ୍ୟ ପ୍ରକାର; ହାତ, ଗୋଡ଼, ନାକକାନ, ବେକ କି ଅଣ୍ଟାରେ ଯୋଉ ଗହଣା ପିନ୍ଧୁଛନ୍ତି, ନୃତାତ୍ତ୍ୱିକ କହୁଚନ୍ତି ପୁରୁଷ ଯେତେବେଳେ ନାରୀକୁ ଗୃହବନ୍ଦୀ କଲା, ସେତେବେଳେ ଏଇ ଜାଗାଗୁଡ଼ାକରେ କଡ଼ା ବା ଫାଲ ଲଗାଇ ବାନ୍ଧିରଖୁଥିଲା ବୋଲି, ଅଭ୍ୟାସବଶତଃ ଆଜି ବନ୍ଧନଗୁଡ଼ାକ ହୋଇଯାଇଚନ୍ତି ଅଙ୍ଗଭୂଷଣ ଏବଂ ଧନତନ୍ତ୍ର ତାକୁ ସୌଦାଗରୀ ଉତ୍ପାଦନରେ ରୂପାନ୍ତର କରି ବଜାରରେ ଚାହିଦା ବଢ଼ାଉଚି; ଅର୍ଥାତ୍ ନାରୀକୁ ଭୋଗ୍ୟ ପଣ୍ୟରେ ପରିଣତ କରିବା ବାଟରେ ତାର ନାନାବିଧ ଆଭରଣଗୁଡ଼ାକ ବି ପ୍ରକ୍ରିୟାଜାତ ଉପକରଣ । ଖାଲି ଆବରଣ ନୁହେଁ, ଉତ୍ତରାଧିକାରୀ ଆଇନ୍ ମଧ୍ୟ ନାରୀକୁ ପୁରୁଷ ସାଙ୍ଗରେ ସମାନ କରିନାହିଁ । ହିନ୍ଦୁମାନଙ୍କ କ୍ଷେତ୍ରରେ କାଗଜକଲମରେ ସାମ୍ୟ ପ୍ରତିଷ୍ଠା ହେଲେ ସୁଦ୍ଧା ମୁସଲମାନ ନାରୀ ଅଦ୍ୟାବଧି ପକ୍ଷପାତର ଶିକାର । ତା'ଛଡ଼ା, ପରିବାର ଭିତରେ ରହିଚି ପୁତ୍ର ସନ୍ତାନ ପାଇଁ ଏକ ରକମ ଲାଳନ ପାଳନ ବ୍ୟବସ୍ଥା, କନ୍ୟାସନ୍ତାନ ପାଇଁ ଆପେକ୍ଷିକ ଭାବେ ନିକୃଷ୍ଟ ବ୍ୟବସ୍ଥା ଓ ଅନୁଶାସନ କଠୋରତା; ଏପରିକି ପୁତ୍ର ସନ୍ତାନର ଖେଳଣା ମଧ୍ୟ କନ୍ୟା ସନ୍ତାନର ଖେଳଣାଠାରୁ ଅଲଗା, ଯେପରି, ପୁଅ ପାଇଁ ବନ୍ଧୁକ, ବଂଶୀ, ଘୋଡ଼ା କି ମୋଟର ଗାଡ଼ି, ଝିଅପାଇଁ କଣ୍ଢେଇ, ବଲେଇ, ରନ୍ଧାବଢ଼ାର ବାସନକୁଶନ, ପିଲାପାଳିବାର ଆସବାବ୍ । ଅର୍ଥାତ୍ ସମାଜ ପୁରୁଷର ପୃଥିବୀରୁ ନାରୀକୁ ଅଲଗା କରି ତା'ପାଇଁ ଯୋଉ ବିକଳ୍ପ ପୃଥିବୀ ତିଆରି କରି ଦେଇଚି, ସେଠି ସେ କୂଅ ଭିତରେ ବେଙ୍ଗ । ତା' ହେଲେ ନାରୀ କ'ଣ ପୁରୁଷର ଉପନିବେଶ ? ଜୀବତତ୍ତ୍ୱ ଦୃଷ୍ଟିରେ ନାରୀ ଓ ପୁରୁଷ ମଧ୍ୟସ୍ଥ ତାରତମ୍ୟ ଯେତେବେଳେ ସାମାନ୍ୟ, ଏବଂ ତା' କୋଉ ଗୁଣଗତ ତାରତମ୍ୟ ନୁହେଁ, ସନ୍ଦେହ ନାହିଁ, ପୁରୁଷ ଓ ନାରୀକୁ ଯେଉଁ ପ୍ରଚଳିତ ବ୍ୟଞ୍ଜନାରେ ଉପଲବ୍ଧି କରୁଛୁଁ, ତା ପୂରାପୂରି କୃତ୍ରିମ ଓ ଆରୋପିତ; ଅର୍ଥାତ୍, ଆଦ୍ୟୋପାନ୍ତ ଏକ ସାମାଜିକ ନିର୍ମାଣ । କିନ୍ତୁ ନିଜ ଜୀବନର ଅଭିଜ୍ଞତାରୁ ମଧ୍ୟ ଦେଖୁଛୁଁ ପୁରୁଷ ସହିତ ନାରୀର ସମ୍ପର୍କ, ଦୁଇଜଣ ବିପରୀତ ଲିଙ୍ଗ ମଣିଷଙ୍କ ଭିତରେ ଜୈବିକ ସମ୍ପର୍କ ହେବା ପରିବର୍ତ୍ତେ ଦୁଇଟି ସାମାଜିକ ପ୍ରପଞ୍ଚ ଭିତରେ ପ୍ରେମ-ଘୃଣା, ସଖ୍ୟତା-ଶତ୍ରୁତା, ସ୍ୱାଧିନତା-ନିର୍ଭରତା, ପୀଡ଼କ-ପୀଡ଼ିତ ଭଳି ବାଇନାରି ତାତ୍ପର୍ଯ୍ୟରେ ମଧ୍ୟ ମଣ୍ଡିତ । ଏବଂ ଯେହେତୁ ଏ ତାତ୍ପର୍ଯ୍ୟଗୁଡ଼ିକ କୋଉ ପ୍ରାକୃତିକ ବିଷୟ ନୁହେଁ, ଖାଲି ସାମାଜିକ ବିଷୟ, ଅର୍ଥାତ୍ ସାମାଜିକ ନାରୀ-ପୁରୁଷଙ୍କ ବୈଶିଷ୍ଟ୍ୟ, ସାମାଜିକ ନାରୀ ଆଡ଼କୁ ଏଥର ନଜର ଦେବା ଦରକାର ।

ଓଡ଼ିଆ ନାରୀକୁ ବୁଝିବାକୁ ହେଲେ ପ୍ରଥମେ ଭାରତୀୟ ସମାଜର ରକ୍ଷଣଶୀଳତା ଓ ସେଥିରୁ ଉଦ୍‌ଗତ ସାମାଜିକ ମାନସିକତା ଏବଂ ସେ-ମାନସିକତା ଦ୍ୱାରା ନିର୍ମିତ ଏକ ବନ୍ଦୀ ପ୍ରାଣୀ ଓ ସେ-ପ୍ରାଣୀର ଅସହାୟତା ଓ ହୀନମନ୍ୟତାକୁ ବୁଝିବାକୁ ପଡ଼ିବ । ଯେଉଁ ଅସହାୟତା ଓ ହୀନମନ୍ୟତା ପୁରୁଷ ସହିତ ନାରୀକୁ ସମାନ ଆସନରେ ବସାଇବା ବାଟରେ ମସ୍ତବଡ଼ ପ୍ରତିବନ୍ଧକ । କାହିଁକିନା, ସେଇ ମାନସିକତାକୁ ଉଭୟ ପୁରୁଷ ଓ ନାରୀ, ଭିନ୍ନ ଭିନ୍ନ କାରଣରୁ ହେଲେ ମଧ୍ୟ, ଅନୁମୋଦନ କରନ୍ତି ବୋଲି ନାରୀ ପରିଣତ ହୁଏ ପୁରୁଷର କ୍ରୀତଦାସୀ । ବ୍ୟକ୍ତିସତ୍ତାର ବିକାଶ ପାଇଁ ହେଉ କି ଆତ୍ମନିର୍ଭରଶୀଳତା ପାଇଁ ହେଉ ଅଥବା ସଂସାରର ଅନାଟନ ମେଣ୍ଟାଇବାକୁ ଯୋଉ ନାରୀ ଚାକିରୀ ବା ବ୍ୟବସାୟ କରନ୍ତି, ସାରାଦିନ ବାହାରେ ଖଟିଖଟି ଆସିଲା ପରେ ପୁଣି ଗୃହକର୍ମରେ ନିୟୋଜିତ ହୁଅନ୍ତି; ସେତେବେଳେ ସ୍ୱାମୀ କି ବାପ କି ପୁଅ ରଜା ଭଳି ଗୋଡ଼ ଉପରେ ଗୋଡ଼ ପକାଇ ଟେଲିଭିଜନ୍ ଦେଖନ୍ତି କି ବହି ପଢ଼ନ୍ତି କି ନିଜ ପ୍ରବଣତା ଅନୁଯାୟୀ କୋଉ ସୃଷ୍ଟିଶୀଳ କାମରେ ଲାଗିଯାଆନ୍ତି । କ୍ଲାନ୍ତ ନାରୀ ଏ-ବାଟରେ ସଂସାରଟିକୁ ନାରୀଶ୍ରମର କାରଖାନାରେ ପରିଣତ କରନ୍ତି । କାହିଁକି ନା, ସେ ଜଣେ ମା, ତେଣୁ ସେବିକା, ଏବଂ ସେ-ଭୂମିକାରେ ଜଗତରେ ମହାନ । ସଂବର୍ସହା ଧରିତ୍ରୀ । ମୋ ସ୍ତ୍ରୀ ଆଜିକି ପ୍ରାୟ ପଚାଶବର୍ଷ ତଳେ ଏମ୍.ଏ ପଢ଼ିଥିବା ମହିଳା, ଚାକିରି ବି କରିଚନ୍ତି, କିନ୍ତୁ ମୋତେ କଳସୀରୁ ଗିଲାସେ ପାଣି ଗଡ଼ାଇବାକୁ ଦିଅନ୍ତି ନାହିଁ । ଏଇ ବୟସରେ ବି । ମୁଁ ନିଶ୍ଚୟ ଭାଗ୍ୟବାନ; କିନ୍ତୁ ପୁରୁଷକୁ ନିଷ୍କର୍ମାକରି ରଖି ନିଜ ଶ୍ରମ ଉପରେ ନିର୍ଭରଶୀଳ କରିବା ସୂତ୍ରରେ ନାରୀ ପୁରୁଷକୁ ମନୁଷ୍ୟତ୍ୱ ଅର୍ଜନ କରିବା ଦିଗରେ ବାଧାଦିଅନ୍ତି ଏବଂ ସଚେତନ ଭାବରେ ନହେଲେ ମଧ୍ୟ ମାନବତାର ଶତ୍ରୁରେ ନିଜେ ପରିଣତ ହୁଅନ୍ତି । ପୁରୁଷ ସେଇ ଅନୁଶାସନ ପାଖରେ, ସଚେତନ ଭାବେ ନହେଲେ ସୁଦ୍ଧା, ଆତ୍ମସମର୍ପଣ କରି ନାରୀକୁ ତାର ପ୍ରାପ୍ୟ ମର୍ଯ୍ୟାଦାରୁ ବଞ୍ଚିତ କରେ, ଏବଂ ସେଇ ସୂତ୍ରରେ, ପରିଣତ ହୁଏ ଏକ ନାରୀବିରୋଧୀ ଶକ୍ତିରେ । ଦୁର୍ଭାଗ୍ୟର କଥା, ନାରୀର ଏଇ କଷ୍ଟସାଧ୍ୟ ଶ୍ରମଗୁଡ଼ାକୁ ପୁରୁଷ ହୃଷ୍ଟଚିତ୍ତରେ ଉପଭୋଗ କରେ; ନାରୀର ଏଇ ହୀନତା ପୁରୁଷ ମନରେ ଅପରାଧବୋଧ ସୃଷ୍ଟି କରେନା । ଅନ୍ୟ ପକ୍ଷରେ, ଯୋଉ ପୁରୁଷ ଆଲୋକପ୍ରାପ୍ତ, ମେଧାବୀ ଓ ର୍‌ୟାଡ଼ିକାଲ୍, ସେ ଯେତେବେଳେ କୋଉ ନାରୀକୁ ଭଲ ପାଇବାକୁ ମନେକରେ, ତାକୁ ପଛକୁ ହଟିବାକୁ ପଡ଼େ । କାହିଁକିନା, ତା'ର ମନେହୁଏ ସେ ଜଣେ ପ୍ରବଞ୍ଚକ, ଅର୍ଥାତ୍, ସେ ଯାହାକୁ ଭଲ ପାଉଚି ବୋଲି ଭାବୁଚି, ପ୍ରକୃତରେ ତାକୁ ଉପକରରଣଭାବରେ ବ୍ୟବହାର କରିବାକୁ ଚାହୁଁଚି । ଏଭଳି ହ୍ୟାମ୍‌ଲେଟ୍ ଜାତୀୟ ପୁରୁଷ ନାରୀକୁ ଶ୍ରଦ୍ଧାକରି ସମାଜ ସହିତ ଏକାତ୍ମକ ହେବା ସୂତ୍ର ଖୋଜି ପାଏନା । ତାର ବିଚ୍ଛିନ୍ନତାବୋଧ କେବଳ ତୀବ୍ରତର ହୁଏ । ମାନସିକ ବା ଆର୍ଥିକ ଭାବେ ପରାଧୀନ, ନାରୀ ହେଉ ବା ପୁରୁଷ, ବୀପରିତ ଲିଙ୍ଗକୁ ଜୈବିକ ଭାବେ ତୁଷ୍ଟ କରିବାରେ, ମାତ୍ର

କେବେହେଲେ ସୁଖୀ କରିପାରେନା । ସେ କେବଳ ସେବା ଦାନ କରିପାରେ ବା ଶଯ୍ୟାସଙ୍ଗୀ ହୋଇପାରେ । ଆମ ସମାଜର ଅଧିକାଂଶ ନର ନାରୀଙ୍କ ଦାମ୍ପତ୍ୟ ଜୀବନ ତେଣୁ ପ୍ରକୃତ ସୁଖଭୋଗରୁ ବଞ୍ଚିତ । ପୁରୁଷ ଅନୁପାତରେ ଭାରତୀୟ ନାରୀ ଯେହେତୁ ମାନସିକ ଓ ଆର୍ଥିକ ପ୍ରତିବନ୍ଧୀ, ସେବା ଓ ଶଯ୍ୟା ବାହାରେ ସେ ଆଉ କିଛି ଦେଇପାରେନା । ଆଉ କିଛି ଦେଇପାରେନା ବୋଲି ଯୌତୁକରେ ବାପା-ମା ଖଟ-ବିଛଣା, ଶିଳପେଷା, ଥାଳିତାଟିଆ ପଠାନ୍ତି; ଏଗୁଡ଼ାକ ବାହାରେ ଯେ ଝିଅର ଆଉ କୋଉ ଜଗତ ଥାଇପାରେ, ସେକଥା ଘୁଣାକ୍ଷରରେବି ମୁଣ୍ଡକୁ ଯୁଟେନା । ଝିଅ ପାଠପଢ଼ି ଚାକିରୀ କରୁଥିଲେ ସୁଦ୍ଧା, ଏ-ନିୟମର ବ୍ୟତିକ୍ରମ ହୁଏନା । ପୁରୁଷ ତୁଳନାରେ ଶିକ୍ଷାଦୀକ୍ଷାରେ ପଛୁଆ ହୋଇଥିବାରୁ ନାରୀ ନିଜକୁ ହୀନ ମନେକରେ, ପୁଣି ବଞ୍ଚିରହିବା ପାଇଁ ପୁରୁଷ ଉପରେ ନିର୍ଭର କରୁଥିବାରୁ ଏକ ପ୍ରକାର ଅଧସ୍ତନ ଅବସ୍ଥାନକୁ ମାନିନେବାକୁ ପଡ଼େ । ଏଇ କଷ୍ଟଗୁଡ଼ାକୁ ଯଥାପ୍ରାପ୍ତ ମନେକରିବାକୁ ଶିଖାଏ ବିବାହକାଳୀନ ଚୁକ୍ତି । ପୁରୋହିତ ମନ୍ତ୍ରରେ କୁହନ୍ତି ବର ଭାତ ଲୁଗାର ଦାୟିତ୍ୱ ନେଲା । ଇସ୍‌ଲାମ୍‌ରେ ବି ରହିଚି ଅନୁରୂପ ଚୁକ୍ତି, ସେଇ ଚୁକ୍ତିରୁ ଯୋଉ ଧର୍ମୀୟ ମାୟା ଉପୁଜେ, ତା'ରି ଜାଲ ଭିତରେ ବାନ୍ଧିହୋଇ ନିର୍ଭରତାଗୁଡ଼ିକ ସତ୍ତ୍ୱେ ନାରୀ ମନେକରେ ସେ ରାବଣସ୍ୟ ମନ୍ଦୋଦରୀ, ନଳସ୍ୟ ଦମୟନ୍ତୀ । କିନ୍ତୁ ଚୁକ୍ତି ଭିତରେ ଯେହେତୁ ବିପରୀତ ଲିଙ୍ଗ ସହିତ ସମାନତା ନାହିଁ, ଅଛି ନିର୍ଭରତା; ସମ୍ପର୍କ ଯେହେତୁ ପରସ୍ପର ପ୍ରତି ପ୍ରେମ ଓ ଶ୍ରଦ୍ଧା ଉପରେ ପ୍ରତିଷ୍ଠିତ ନୁହେଁ; ଜୀବନଯାପନରେ ଯେହେତୁ ଆନନ୍ଦ ନାହିଁ, ନାରୀ ସଙ୍ଗିନୀ ହୋଇ ମଧ୍ୟ ହୁଏ ରକ୍ଷିତା, ବନ୍ଧୁ ହୋଇପାରେନା । ଆମ ସମାଜରେ ରକ୍ଷିତା କହିଲେ ଯୋଉ ଅମର୍ଯ୍ୟାଦା ଫୁଟିଉଠେ, ପତିତା କ୍ଷେତ୍ରରେ ତା' ହୁଏନା, କାହିଁକିନା, ପତିତାକୁ ସମାଜ ଗ୍ରହଣ ନକଲେ ସୁଦ୍ଧା, ତାର ସତ୍ତାଗତ ଶୁଦ୍ଧତା କ୍ଷୁର୍ଣ୍ଣହୁଏନା । ସ୍ୱାବଲମ୍ବୀ ସ୍ୱନିର୍ଭର ଏଇ ନାରୀ କାହାରି ସେବକ ନୁହେଁ କି ଅଧସ୍ତନ; ସେ ବନ୍ଧୁ ହେବାର ଆକାଂକ୍ଷା ପୋଷଣ କରିପାରେ; ସମାଜକୁ ବୃଦ୍ଧାଙ୍ଗୁଷ୍ଠି ଦେଖାଇବାକୁ ସାହସ ମଧ୍ୟ କରିପାରେ । କିନ୍ତୁ ସାମାଜିକ ନାରୀ ହେବାକୁ ହେଲେ ରକ୍ଷିତାର ମର୍ଯ୍ୟାଦାକୁ ମାନି ନେବାକୁ ହେବ । ଏ ସର୍ତ୍ତ ଯଦି କେହି ଅମାନ୍ୟ କରେ, ସେ ନାରୀ ଯେତେ ମହତ୍ ମାନବୀ ହେଉ ପଛେ, ତାକୁ ହେବାକୁ ପଡ଼ିବ ପ୍ରାନ୍ତିକ ମାନବୀ, ମାର୍ଜିନାଲ୍ ଓମାନ । ଏ ତ ବର୍ଣ୍ଣାଶ୍ରମ ପ୍ରଥାର ଆଧୁନିକ ସଂସ୍କରଣ ।

ସମାଜ ଭାରତୀୟ ନାରୀକୁ ଆଉ ଯୋଉ ମୌଳିକ ଶିକ୍ଷାରେ ଆଜନ୍ମ ଦୀକ୍ଷିତ କରେ ତା' ହେଲା, ସବୁକଥା ଶୁଣିବୁ, କେତେବେଳେ ମୁହଁ ଖୋଲିବୁ ନାହିଁ । ପୁରୁଷ ଭାବେ ଏଟା ଫେମିନାଇନ୍ ମିସ୍ଟିକ୍, ଯା'କୁ ସଂଜ୍ଞାବଦ୍ଧ କରିବା ଦୂରେ ଥାଉ, ବୁଝିବାକୁ ଚେଷ୍ଟାକରିବା ପଣ୍ଡଶ୍ରମ । ଏ ଆଉ ଏକ ମାୟା । ନିଜକୁ ପ୍ରକାଶ କରିବା ଅର୍ଥ ଅବାଧ୍ୟତା । ଅଭିଭାବକଙ୍କ ଅନୁଶାସନ ମାନିନେଲେ ବାକ୍ୟବ୍ୟୟ ନିର୍ବୋଧତା । ଏମିତି ଯେଉଁ ଅବ୍ୟକ୍ତ

ମୂର୍ତ୍ତିଟି ତିଆରି ହୁଏ, ତା'ର ଆତ୍ମବିସର୍ଜନ କୋଉଦିନ ବି ଶେଷହୁଏନା; ନହେଲେ କୋଉ କଥାଟା କହିଲେ ସୁବିଧା ହେବ ଆଉ କୋଉ କଥାଟା କହିଲେ ଅସୁବିଧା, ସେଇ ଅତିସୂକ୍ଷ୍ମ ହିସାବ ନାରୀ-ପୁରୁଷ ସମ୍ପର୍କକୁ ଅନ୍ତୁଡ଼ିରୁ ଚିତାପର୍ଯ୍ୟନ୍ତ ଶାସନକରେ । ଅର୍ଥାତ୍ ନାରୀର ଚେତନା ପୁରୁଷଠୁଁ ପାଇବାର ଆଶା ଓ ହରାଇବାର ଭୟ ମଝିରେ ସର୍ବକ୍ଷଣ ଦୋଦୁଲ୍ୟମାନ । ଲୋଭ ଓ ଆଶଙ୍କା ଭିତରେ ଯୋଉ ଚେତନା ଆବଦ୍ଧ, ତା' ଏକ ବିକୃତ ଅହଂ, ଭୀରୁର ଆସ୍ଫାଳନ । ପ୍ରତିବାଦ ତା ପାଇଁ ପାପ, ପ୍ରତିରୋଧ ତ କାହୁଁ କାହିଁତକ୍ ଘଟଣା ! ଏ ଅହଂ ପୁରୁଷର ବ୍ୟକ୍ତିତ୍ୱର ଗୋଟିଏ ଅଂଶକୁ ଯଥେଷ୍ଟ ତୃପ୍ତିଦିଏ, ମାତ୍ର ଅବଶିଷ୍ଟ ବଡ଼ ଅଂଶଟାକୁ ବ୍ୟତିବ୍ୟସ୍ତ କରିପକାଏ । ତା' ଫଳରେ ଅପରିଣତ ବା ମାତ୍ରାରିକ୍ତ ଭାବେ ସମ୍ବେଦନଶୀଳ ଯୋଉ ପୁରୁଷ, ତାଙ୍କ ଭିତରେ ନାରୀବିରାଗ ଜନ୍ମନିଏ । ଆଉ, ଯୋଉମାନେ ପୁରୁଷବାଦୀ, ମାନେ, ନାରୀବାଦୀ ଯାହାଙ୍କୁ ଉଗ୍ର ପୁରୁଷ ଶୂକର ବା ମେଲ୍ ସଭନିଷ୍ଟ୍ ପିଗ୍ ବୋଲି ଡ଼ାକନ୍ତି, ସେମାନେ ନାରୀକୁ ହେୟ, ବଞ୍ଚିତ ଓ ଦମନ କରିବାର ବାହାନାଗୁଡ଼ାକ ଅନାୟସରେ ପାଇଯାଆନ୍ତି । ତେବେ ଯେଉଁମାନେ ସଂବେଦନଶୀଳ, ନାରୀବିରୋଧୀ ହେଲେ ସୁଦ୍ଧା, ନାରୀର ଅଧିକାର ଗୁଡ଼ାକୁ ଅସ୍ୱୀକାର କରନ୍ତି ନାହିଁ । ଆଉ ଗୋଟିଏ ଶିକ୍ଷା ଝିଅମାନଙ୍କୁ ଦିଆଯାଏ କେମିତି ନିଜର ଓ ଅପରର ଅଜ୍ଞତାକୁ ଶ୍ରଦ୍ଧା କରିବେ । ସେ-ଶିକ୍ଷାର ପ୍ରଥମ ସୋପାନ ହେଲା, ଯା ଚାଲିଚି ବା ଚାଲୁଚି ତା ସର୍ବୋତ୍କୃଷ୍ଟ ଏବଂ ଶାଶ୍ୱତ । ସେଥିରୁ ଏକ ପ୍ରକାର ପରମ୍ପରାପ୍ରୀତି ତିଆରି ହୁଏ । ସର୍ବବାଦୀସମ୍ମତ ନିଷ୍ପତ୍ତି ହେଲା, ଚାରିହଜାର ବର୍ଷର ଐତିହ୍ୟକୁ ଯଦି କେହି ଧାରଣ ଓ ବହନ କରୁଚି, ସେ ଏକ ମାତ୍ର ଭାରତୀୟ ନାରୀ । ଏଇ ପାଟିକାମାନଙ୍କ ହାତରେ ପଡ଼ି ସେ ଐତିହ୍ୟର ଅବସ୍ଥା ଦି'ଗଣ୍ଡା ଦି'କଡ଼ା; ଅବଶିଷ୍ଟ ଯା ସିଝି ପାଣି ହୋଇଯାଇନାହିଁ; ତା' ଏକ ଅଦ୍ଭୁତ ଆତ୍ମରତି, ଯା ସହିତ ସତତା ବା ନ୍ୟାୟନିଷ୍ଠାର କୌଣସି ସମ୍ପର୍କ ନାହିଁ । ଯେମିତି ଜୟ ଲଳିତା, ଉମା ଭାରତୀ, ମମତା ବାନାର୍ଜୀ । ଭୁଲ ହୋଇଗଲା ନାଁ ଆଗରେ କୁମାରୀ ଲେଖିନାହିଁ । ପୁଣି, ତାଙ୍କ ଭିତରେ ଯିଏ ନ୍ୟାୟନିଷ୍ଠା ଦାବି କରିବେ, ସେମାନେ ପ୍ରକୃତରେ ଭୀରୁ । ସୁଯୋଗ ଅଭାବରେ ସଫା ରଖିଛନ୍ତି । ସୁଯୋଗ ପାଇବା ସତ୍ତ୍ୱେ ସଫା ରହିବାର ଶାସ୍ତ୍ରସମ୍ମତ ଉପାଧି 'ସତୀ' ବା 'ସାଧ୍ୱୀ' । ସେ ବାଟରେ କଣ୍ଟା ବହୁତ, କଷ୍ଟ ଆହୁରି ବେଶି । ଏକ ବିକୃତ ଅହଂ କେବଳ ଆସ୍ଫାଳନ କରିପାରେ; ସେ ବାଟକୁ ଗୋଡ଼ ବଢ଼ାଇବାକୁ ସେ ପ୍ରସ୍ତୁତ ହୋଇନାହିଁ । ସମାଜ, ପରିବାର, ଶିକ୍ଷାବ୍ୟବସ୍ଥା କେହି ତାକୁ ପ୍ରସ୍ତୁତ କରିନାହାନ୍ତି । ଭୀତ ଯେଉଁ ପ୍ରାଣ, ତା'ଠାରୁ ବେଶି ବିବେକହୀନ ଆଉ କିଏ ? ଅସହାୟ ବୋଧରୁ ଭୀତି, ଭୀତିରୁ ଖଣ୍ଡ ବିବେଚନା, ଖଣ୍ଡ ବିବେଚନାରୁ ପରାଧୀନତା । ଏ ପରାଧୀନତା ବରଂ ସମାଜ ନିମ୍ନବର୍ଗ ନାରୀଠାରେ ଅନେକ କମ୍, ପ୍ରାୟ ବିରଳ । କାହିଁକିନା, ସେ ସ୍ୱାବଲମ୍ବୀ, ସେ ଉନ୍ମୁକ୍ତ, ସେ ସରବ, ସେ ପ୍ରତିବାଦୀ । ପ୍ରାତ୍ୟହିକ ଜୀବନ ସଂଗ୍ରାମ

ଭିତରଦେଇ, ସ୍ୱେଦ-ରକ୍ତ-ଅଶ୍ରୁ ଭିତର ଦେଇ ସେ ନିଜକୁ କ୍ରମାଗତ ଆବିଷ୍କାର କରେ, ତା'ସାଙ୍ଗରେ ଚାରିପଟର ପୃଥିବୀଟାକୁ । ତାକୁ ଦାମ୍ପତ୍ୟ ମାୟା ସ୍ପର୍ଶ କରେନା ।

ଆଚାର୍ଯ୍ୟ ଶଙ୍କର ମାୟାର ସ୍ୱରୂପ ବ୍ୟାଖ୍ୟା କରିବାକୁ ଯାଇ ଉଦାହରଣ ଦେଇଛନ୍ତି ରଜ୍ଜୁରେ ସର୍ପଭ୍ରମ । ଅଧିକାଂଶ ଓଡ଼ିଆ ନାରୀ ବା ପୁରୁଷ ସାଧାରଣତଃ ଦାମ୍ପତ୍ୟନିର୍ଭରତା ଓ ସେଇ ନିର୍ଭରତାପ୍ରସୂତ ମାୟାକୁ ପ୍ରେମ ବୋଲି ଧରିନିଅନ୍ତି । ଯୋଉ ଲୋକ କେବେହେଲେ ଦଉଡ଼ି ଦେଖିନାହିଁ, ତାକୁ ଯଦି ଗୋଟିଏ ସାପ ଦେଖାଇ କୁହାଯାଏ ଏଇଟା ଦଉଡ଼ି, ସେ ସାପକୁ ଦଉଡ଼ି ବୋଲି ଭୁଲ୍ କରିବ । ସେମିତି, ଯେଉଁ ନର-ନାରୀ ଜୀବନରେ ଥରେ ହେଲେ ବି ପ୍ରେମ ନାମଧେୟ ଅଭିଜ୍ଞତା ସହିତ ପରିଚିତ ହୋଇନାହାନ୍ତି, ଦାମ୍ପତ୍ୟ ମାୟା ତାଙ୍କୁ ପ୍ରେମ ଭଳି ଦିଶିବା ସ୍ୱାଭାବିକ । ଭାରତୀୟ ସମାଜରେ କୋଟିକୋଟି ଲୋକ ପ୍ରେମର ସୁଖକୁ ଯେମିତି ଜାଣନ୍ତି ନାହିଁ, ପ୍ରେମର ଦୁଃଖକୁ ସେମିତି ଚିହ୍ନନ୍ତି ନାହିଁ । କୂଅ ଭିତରୁ ବେଙ୍ଗ ଯେତିକି ଦେଖିପାରେ, ଭାବେ ସେତିକି ଆକାଶର ବିସ୍ତାର । ସେମିତି ଏଇ ନରନାରୀ ନିଜ ଅପରିଣତ, ଆହତ, ପର୍ଯ୍ୟୁଦସ୍ତ ମାନସିକତାକୁ ମାନବିକତାର ଚୂଡ଼ାନ୍ତ ବିକାଶ ବୋଲି ମନେକରନ୍ତି । ନାରୀକୁ ବନ୍ଦୀକରି ପୁରୁଷ ତେଣୁ ଯୋଉ ଶୃଙ୍ଗାରରେ ଆପ୍ଳୁତ ହୁଏ, ତା ସାର୍ଥକତାହୀନ, ପ୍ରେମବଞ୍ଚିତ ଯୌନ ନିଗ୍ରହ । ପୁରୁଷ ଯେତେଦିନ ଏଇ ସତ୍ୟକୁ ଉପଲବ୍ଧି ନକରିବ, ସମାଜ ଯେତେଦିନ ବ୍ୟକ୍ତିର ସ୍ୱାଧୀନତାକୁ ମର୍ଯ୍ୟାଦା ନଦେବ, ବାପା-ମା ଯେତେଦିନ ପିଲାଙ୍କୁ ଓ ବୟସ୍କଲୋକେ ବୟୋକନିଷ୍ଠଙ୍କୁ ଶ୍ରଦ୍ଧା କରିବାକୁ ନଶିଖିବେ, ସଙ୍ଗୀ ବା ସଙ୍ଗୀନୀ ନିର୍ବାଚନ ଯେତେଦିନ ପୁଅଝିଅଙ୍କ ପାଇଁ ଜାତି, ଧର୍ମ, ଭାଷା, ଧନ, ମାନ, ବିଦ୍ୟା, ଯଶ ଭଳି ଧୂମ୍ରପଟଳ ତଳେ ଦୁଃସାଧ ହୋଇ ରହିଥିବ, ପରିବାର ଯେତେଦିନ ଶିଶୁକୁ ବାକ୍ ସ୍ୱାଧୀନତାରୁ ବଞ୍ଚିତ କରି ମୂକକରି ରଖିଥିବ, ଏବଂ ସର୍ବୋପରି, ଯେତେଦିନ ନାରୀ-ପୁରୁଷ ନିଜ ଅଭିଜ୍ଞତାକୁ ସ୍ୱୀକାର ପୂର୍ବକ ତାକୁ ଅତିକ୍ରମ କରିବାଟାକୁ ସ୍ଥାୟୀ ଉଦ୍ୟୋଗ ଭାବରେ ଗ୍ରହଣ ନକରିବେ, ସେତେଦିନ ନାରୀମୁକ୍ତି କଥାଗୁଡ଼ାକ ରହିଯିବ ଖାଲି କାଗଜକଲମରେ ରୋମନ୍ଥନ, ଯୋଉ ରୋମନ୍ଥନ ନାରୀନେତ୍ରୀ ଓ ଏନ୍‌ଜିଓଗୁଡ଼ାକ କରିଚାଲିଛନ୍ତି ଅବିରତ । ତା'ଛଡ଼ା, ମଣିଷ ତିଆରିର ଯୋଉ ରୀତିନୀତି ଏବେ ସମାଜରେ ବହାଲ୍ ଅଛି, ତା' ଯଦି ନବଦଳେ, ତା' ହେଲେ ନାରୀକୁ ମୁକ୍ତକରି ଦେଲେ ମଧ୍ୟ ପୁରୁଷ ସହିତ ତାର ବୈଷମ୍ୟ ଘୁଞ୍ଚିଯିବ ନାହିଁ, କାହିଁକିନା, ନାରୀ ସୁବିଧାପାଇ ପୁରୁଷ ଉପରେ ଘୋଡ଼ା ଚଢ଼ିବ । ସେଥୁ, ପୁଣି ଦରକାର ପଡ଼ିବ ନାରୀ କବଳରୁ ପୁରୁଷକୁ ମୁକ୍ତ କରିବାର ଆନ୍ଦୋଳନ । ଏବେତ ଅନ୍ତତଃ ଶତ ଦୁର୍ଦ୍ଦଶା ସତ୍ତ୍ୱେ, ନାରୀ ନିର୍ଭର କଲାଭଳି ଜଣେ ପୁରୁଷକୁ ପାଉଚି; ଆଉ ଯେତେ ସ୍ତ୍ରୀଲୋକ

ସୌଜନ୍ୟ : ଅନ୍ୱେଷା

****

ନାରୀତ୍ୱ ଓ ବିକଳ୍ପ - ଏଷଣା

ଅନନ୍ତ କୁମାର ଗିରି

ପୁରୁଷ, ନାରୀ, ପୁରୁଷତ୍ୱ ଓ ନାରୀତ୍ୱ ବିଷୟରେ ମଣିଷ-କଳ୍ପନାର ଆଦିପର୍ବରୁ ଅନେକ କଥା କୁହାଯାଇଛି ଓ ଲେଖାଯାଇଛି । ଗତ କେତେ ଦଶନ୍ଧି ପୂର୍ବରୁ ହୁଏତ ଏହି କଳ୍ପନା, ମନନ ଓ ଲିଖନ ଖାସ୍ ପୁରୁଷମାନେ କରି ଆସିଛନ୍ତି । ପାଶ୍ଚାତ୍ୟ ସାଂସ୍କୃତିକ ଧାରା, ବୌଦ୍ଧିକ ଜଳବାୟୁ ଓ କ୍ଷମତା ପରିସରରେ ନାରୀ- ଆନ୍ଦୋଳନର ଉନ୍ମେଷ ପୂର୍ବରୁ ନାରୀମାନେ ହୁଏତ କେବଳ ପୁରୁଷମାନଙ୍କର କବିତା, ପ୍ରବନ୍ଧ ଓ ଦର୍ଶନର ସାମଗ୍ରୀ ହୋଇ ଆସିଛନ୍ତି । ନାୟିକାର ଅଙ୍ଗବର୍ଣ୍ଣନା, ନାୟିକାର ମନସ୍ତତ୍ତ୍ୱର ସୋପାନମାନ, ନାୟିକାର ରୂପ-ରଙ୍ଗ- ଏସବୁକୁ ନେଇ ପୁରୁଷମାନେ ହିଁ କେବଳ ଲେଖିଛନ୍ତି ।

ଗଲା କେତେ ଦଶନ୍ଧି ହେଲା ପାଶ୍ଚାତ୍ୟରେ ନାରୀ-ଆନ୍ଦୋଳନ ଫଳରେ ଆମେ ନାରୀତ୍ୱ ବିଷୟରେ ଅନେକ କିଛି ଜାଣିବାକୁ ପାଉଛୁଁ । ହଁ, ନାରୀମାନଙ୍କ ପାଖରୁ ହିଁ ନାରୀମାନଙ୍କର ମନସ୍ତତ୍ତ୍ୱ, ସାମାଜିକ ପୀଡ଼ନ ଓ ସେମାନଙ୍କର ଅବଚେତନର ଗାରମାନଙ୍କ ବିଷୟରେ ଜାଣିବାକୁ ପାଉଛୁଁ । ଏହି ନାରୀ ଆନ୍ଦୋଳନ ଓ ନାରୀ ସଂପର୍କୀୟ ଲେଖାକୁ ହୁଏତ ଫେମିନିଜମ୍ (Feminism) ବୋଲି କୁହାଯାଏ । ଏହି ଫେମିନିଷ୍ଟ ଦୃଷ୍ଟିଭଙ୍ଗୀରେ ନାରୀତ୍ୱ ଅନୁଭବ କିଭଳି ଏକ ବିକଳ୍ପ ଦୃଷ୍ଟିକୋଣ ସୃଷ୍ଟି କରେ, ତାହାରି ଉପରେ ହିଁ ଆଲୋଚନା କରିବି । ଯଦିଓ ନାରୀତ୍ୱ ଓ ପୁରୁଷତ୍ୱ ଉଭୟେ ଗୋଟିଏ ସମାଜ ଓ ସଂସ୍କୃତି- ବ୍ୟବସ୍ଥାର ପ୍ରତିଫଳନ, ତଥାପି ନାରୀତ୍ୱ ଓ ପୁରୁଷତ୍ୱ କିପରି ଭିନ୍ନଭିନ୍ନ ଅନୁଭବର ଦିଗ୍‌ବଳୟ ସୃଷ୍ଟି କରେ ଓ ଏହି ଭିନ୍ନ ଦିଗ୍‌ବଳୟ କିପରି ପ୍ରଚଳିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ବିକଳ୍ପ-ଏଷଣାରେ ସହାୟକ ହୁଏ, ସେହି ବିଷୟରେ ମୁଁ ମୁଖ୍ୟତଃ ଆଲୋଚନା କରିବି ।

ଜଣେ ନୃତତ୍ତ୍ୱବିଦ୍ୟାର ଛାତ୍ର ହିସାବରେ ମୁଁ ଆଲୋଚନାଟି କେତେକ ଉଦାହରଣରୁ ଆରମ୍ଭ କରିବି । ଅଧ୍ୟାପିକା ଏମିଲି ମାର୍ଟିନ୍ ଆପଣାର ଏକ ଅତି ଚମତ୍କାର ପୁସ୍ତକ Woman in the Body : A Cultural Analysis of Reproduction ରେ ନାରୀତ୍ୱ କିପରି ଏକ ଭିନ୍ନ ଅନୁଭବ ସୃଷ୍ଟି କରେ ଏହି ଅନୁଭବ କିପରି ପ୍ରଚଳିତ କ୍ଷମତା - ସଂଗଠନର ଏକ ବିକଳ୍ପ ସୃଷ୍ଟି କରେ, ସେ ବିଷୟରେ ସୁନ୍ଦର ନୃତତ୍ତ୍ୱବିଦ୍ୟାଗତ ଉଦାହରଣମାନ ଦେଇଛନ୍ତି । (୧) ଅଧ୍ୟାପିକା ମାର୍ଟିନ୍ ବାଲ୍‌ଟିମୋର୍‌ର ବିଭିନ୍ନ ଶ୍ରେଣୀ ଓ ବର୍ଣ୍ଣର ନାରୀମାନଙ୍କୁ ସେମାନଙ୍କର

ଭୌତିକ ପ୍ରକ୍ରିୟା (ଯଥା : Menstruation, Child birth ଓ Menopause) ମାନଙ୍କ ବିଷୟରେ ସେମାନଙ୍କର ଅନୁଭବ ସଂପର୍କରେ ପଚାରିଛନ୍ତି। ଏହି ଅଧ୍ୟୟନରେ ସେ ଏହି ଭିନ୍ନ ଭୌତିକ ପ୍ରକ୍ରିୟାର ନାରୀମାନଙ୍କର ଅନୁଭବ ଓ କଳ୍ପନା ଉପରେ ପ୍ରଭାବ ବିଷୟରେ ଅନୁସନ୍ଧାନ କରିଛନ୍ତି। ସେ ବିଶେଷତଃ ନାରୀମାନଙ୍କ ସମୟାନୁଭବ (experience of time) ସେମାନଙ୍କର ମେନ୍‌ସଟ୍ରୁଏସନ୍ ପ୍ରକ୍ରିୟା ଦ୍ୱାରା କିପରି ପ୍ରଭାବିତ ହୁଏ, ସେ ବିଷୟରେ ଆଲୋଚନା କରିଛନ୍ତି। ତାଙ୍କ ମତରେ ନାରୀମାନେ Menstruation ବୃତ୍ତାକାର ସମୟ ଭିତରେ ଗତି କରୁଥିବାରୁ ସେମାନଙ୍କର ସମୟ ସଂପର୍କରେ ଧାରଣା ହୁଏତ ପୁରୁଷମାନଙ୍କଠାରୁ ଅଲଗା। ମେନ୍‌ସଟ୍ରୁଏସନ୍‌ର ବୃତ୍ତ ଭିତରେ, ପୁନଃ ପୁନଃ ଅନୁଭବ-ବୃତ୍ତ ଭିତରେ ନାରୀମାନେ ଗତି କରୁଥିବାରୁ ସେମାନଙ୍କର ସମୟଧାରଣା ହୁଏତ ସାଂପ୍ରତିକ ପୁରୁଷମାନଙ୍କ ଭଳି ସରଳରୈଖିକ ନୁହେଁ। ଏବର ଶିଳ୍ପ-ସମାଜରେ ସମୟ ବୋଇଲେ ଆମେ ସମସ୍ତେ ଏକ ନିତ୍ୟ-ପ୍ରବହମାନ ଓ ଅଗ୍ରଗାମୀ ସ୍ରୋତକୁ ବୁଝୁଛୁଁ, ଏକ ସରଳରେଖାକୁ ବୁଝୁଛୁଁ। ମାତ୍ର ନାରୀ ଓ ପୁରୁଷ ଉଭୟେ ସାଂପ୍ରତିକ ପୁଂଜିବାଦୀ ସମୟ ବ୍ୟବସ୍ଥା ଓ ଶିଳ୍ପ-ସଂଗଠିତ ଏକ ସରଳେରୈଖିକ ସମୟଧାରା ଭିତରେ ରହୁଥିଲେ ମଧ୍ୟ ନାରୀମାନେ ନିଜର ଭୌତିକ ବୃତ୍ତାକାର Menstrual ସମୟ ଅନୁଭବ ଭିତରେ ଗତି କରୁଥିବାରୁ ସେମାନଙ୍କର ସମୟ ଅନୁଭବ ଓ ସମୟ ଧାରଣା ହୁଏତ ପୁରୁଷମାନଙ୍କ ଭଳି ସରଳରୈଖିକ ନୁହେଁ। ଏହି ଭିନ୍ନ ସମୟ ଧାରଣା ହିଁ ପ୍ରଚଳିତ ସାଂସ୍କୃତିକ ଓ କ୍ଷମତା-ସଂଗଠନର ବିକଳ୍ପ ଅନ୍ୱେଷଣରେ ସହାୟକ ହୋଇପାରିବ।

ହଁ, ଯେକୌଣସି ସମାଜ ଓ ସଂସ୍କୃତିକୁ ବୁଝିବାକୁ ହେଲେ, ଏହି ସମାଜ ସଂସ୍କୃତିର ଦୃଷ୍ଟିକୋଣ, କ୍ଷମତା-ସଂଗଠନ, ସାମାଜିକ ନିୟନ୍ତ୍ରଣ ଓ ଶ୍ରମ-ବିଭାଜନକୁ ବୁଝିବାକୁ ହେଲେ, ଆମକୁ ଏହି ସମାଜ-ସଂସ୍କୃତି ବ୍ୟବସ୍ଥାର ସମୟ-ଧାରଣା ଓ ସମୟ-ସଂଗଠନ ଏବଂ ଏହାର ସ୍ଥାନ-ସଂଗଠନ ଓ ସ୍ଥାନ ବଣ୍ଟନ (Organization of Time and Organization of Space) କୁ ବୁଝିବାକୁ ହେବ। ଅନେକ ଦିନ ତଳେ ମୁଁ ଯେତେବେଳେ ମୋର ବୁଢ଼ାବାପାଙ୍କ ସହିତ ଗାଆଁ ବିଚାରକୁ ଯାଉଥିଲି, ସିଏ ବିଚାର ଆରମ୍ଭ କଲାବେଳେ ପ୍ରଥମେ ଦେଶ ଓ କାଳକୁ ଏକକ କରି ଆପଣାର ବିଚାର ବିଶ୍ଳେଷଣ ଆରମ୍ଭ କରୁଥିଲେ। ଏବେ ସମାଜ ଓ ସଂସ୍କୃତିର ଜଣେ ଛାତ୍ର ହିସାବରେ ମୁଁ ବୁଝି ପାରୁଛି ସମୟ ଓ ସ୍ଥାନ ସମାଜ-ସଂସ୍କୃତି ବ୍ୟବସ୍ଥାଟିଏ ହୁଏତ ଗୋଟିଏ ନିର୍ଦ୍ଦିଷ୍ଟ ଲୋକଜୀବନରେ ନିଜକୁ ପ୍ରକାଶ କରିଥାଏ। ଏହି ସମୟ ଓ ସ୍ଥାନ ନିୟନ୍ତ୍ରଣ ମାଧ୍ୟମରେ ସମାଜ ଆପଣାର ନିୟନ୍ତ୍ରଣ ମଧ୍ୟ ଲୋକମାନଙ୍କ ଉପରେ ସ୍ଥାପନ କରିଥାଏ। ସାମାଜିକ ବୈଷମ୍ୟ ଓ ଶୋଷଣ ହୁଏତ ଏହି ସମୟ ଓ ସ୍ଥାନ ବିତରଣ ଦ୍ୱାରା ନିର୍ଣ୍ଣୀତ ଓ ପ୍ରକାଶିତ ହୋଇଥାଏ। ସ୍ଥାନ-ସଂଗଠନର ଗୋଟିଏ ଅତି ପରିଚିତ ଉଦାହରଣ ହୁଏତ ହେଉଛି ଭାରତୀୟ ଗାଆଁ ଓ ଏହି ଗାଆଁରେ

ଗଢ଼ା ହେଉଥିବା ଘରମାନ । ଗୋଟିଏ ଗାଆଁରେ ଥିବା ଡ଼ିହଟିକୁ ହୁଏତ ବୃହତ୍ତର ସାଂସ୍କୃତିକ ଦୃଷ୍ଟିକୋଣ ଓ ବୈଷମ୍ୟକୁ ଆଖି ଆଗରେ ରଖି ବିଭିନ୍ନ ସାହିରେ ବିଭକ୍ତ କରାଯାଇଥାଏ । ଗୋଟିଏ ବଡ଼ ଗାଆଁରେ ବ୍ରାହ୍ମଣ ସାହି ଓ ହରିଜନ ପଡ଼ାର ନିର୍ମାଣ ଇତିହାସ ଓ ଜୀବନ-ପ୍ରଣାଳୀକୁ ବୁଝିଲେ ସ୍ଥାନ-ବିତରଣ ଓ ସାମାଜିକ ନିୟନ୍ତ୍ରଣ ଭିତରେ ଥିବା ସଂପର୍କଟି ସ୍ପଷ୍ଟ ହୋଇଯିବ । ଠିକ୍ ସେହିପରି ଆମ ଭାରତୀୟ ସମାଜର ଘରମାନଙ୍କ ଭିତରେ ସ୍ଥାନମାନ ବୃହତ୍ତର ସାଂସ୍କୃତିକ ବୈଷମ୍ୟକୁ ପ୍ରତିଫଳିତ କରି ନିର୍ଦ୍ଦିଷ୍ଟ ହୋଇଥାଏ-ନାରୀମାନଙ୍କୁ ଚୂଲିମୁଣ୍ଡରେ ସ୍ଥାନ ଦିଆଯାଇଥାଏ, ପୁରୁଷମାନଙ୍କୁ ସକଳ ସ୍ଥାନରେ ଅଗ୍ରାଧିକାର ଦିଆଯାଇଥାଏ । ଠିକ୍ ସେହିପରି ସମୟ ବ୍ୟବହାର କ୍ଷେତ୍ରରେ ଆମ ସଂସ୍କୃତିର ବୈଷମ୍ୟ ବେଶ୍ ପ୍ରତିଫଳିତ ହୋଇଥାଏ । ଉଦାହରଣ ସ୍ୱରୂପ, ଜଣେ ଯଦି ଆମ ଗାଆଁରେ ଗୋଟିଏ ଘରେ କାହା ପରେ କିଏ ରୋଷେଇଶାଳରେ ଆସି ଖାଆନ୍ତି ତାହାର ଗୋଟିଏ ଅଧ୍ୟୟନ କରିବ, ସେହି ଅଧ୍ୟୟନରୁ ସିଏ ହୁଏତ ଅତି ସ୍ପଷ୍ଟ ଭାବରେ ଆମ ଘର ଓ ଏହା ମଧ୍ୟରେ ନିଜକୁ ପ୍ରକାଶ କରୁଥିବା ବୃହତ୍ତର ସଂସ୍କୃତିର ବୈଷମ୍ୟବ୍ୟବସ୍ଥାର ନିଛକ ଚିତ୍ରଟିଏ ପାଇପାରିବ । ଏହିସବୁ ଉଦାହରଣମାନଙ୍କୁ ନେଇ ଆମେ ଯଦି ଆଖି ଆଗରେ ଘଟୁଥିବା ସାଂସ୍କୃତିକ ପ୍ରକରଣମାନଙ୍କୁ ଗହରେଇ ଦେଖିବା, ତେବେ ସ୍ପଷ୍ଟ ବୁଝିପାରିବା ଯେ ଆମର ସମୟ-ବ୍ୟବହାର ଓ ସ୍ଥାନ-ବିତରଣ ରୀତି ମଧ୍ୟ ଦେଇ ବୃହତ୍ତର ସଂସ୍କୃତି ଓ ସମାଜ ନିଜକୁ ପ୍ରକାଶ କରିଥାଏ ଓ ଏହାଦ୍ୱାରା ମଧ୍ୟ ସଂସ୍କୃତି ମଣିଷମାନଙ୍କୁ ନିୟନ୍ତ୍ରଣ କରିଥାଏ ।

ଆଗରୁ ଆଲୋଚନା କରୁଥିବା ବିକଳ୍ପ ପାଖକୁ ଏବେ ଫେରି ଆସିବା । ଅଧ୍ୟାପିକା ମାର୍ଟିନଙ୍କ ବିଚାରରେ ଏବର ଶିଳ୍ପ-କେନ୍ଦ୍ରିକ ପୁଞ୍ଜିବାଦୀ ସମାଜରେ ସମୟର ଅନୁଭୂତି ମୂଳତଃ ଏକ ସରଳରୈଖିକ ଅନୁଭୂତି । ତିନି ଚାରିଶହ ବର୍ଷ ତଳେ ଯେବେ ଶିଳ୍ପ-ଭିତ୍ତିକ ସମାଜର ମୂଳଦୁଆମାନ ଆଧୁନିକ ଫ୍ୟାକ୍ଟରିମାନଙ୍କ ଦ୍ୱାରା ଓ ଏହାର ନୂତନ ସମୟ କ୍ୟାଲେଣ୍ଡର ଦ୍ୱାରା ପ୍ରତିଷ୍ଠିତ ହେଉଥିଲା, ସେତେବେଳେ ଫ୍ୟାକ୍ଟରିରେ ନୂଆ କରି ଯୋଗ ଦେଉଥିବା ଗ୍ରାମୀଣ କୃଷକମାନେ ଏହାର ଘୋର ବିରୋଧ କରିଥିଲେ । ଯେଉଁମାନେ ଶିଳ୍ପ-ସଂଗଠନକୁ ଅଧ୍ୟୟନ କରନ୍ତି, ସେମାନେ ଆମକୁ ବାରବାର କହନ୍ତି ଯେ ପୁଂଜିବାଦୀ ସମାଜ-ବିବର୍ତ୍ତନର ଇତିହାସ ପୁଂଜି ଓ ଶ୍ରମ ମଧ୍ୟରେ ସମୟର ବ୍ୟବହାର ଉପରେ ନିତ୍ୟନିୟତ 'ଦ୍ୱନ୍ଦ ଓ ସଂଗ୍ରାମ'ର ଇତିହାସ । (୨) ଏହି ପରିପ୍ରେକ୍ଷୀରେ ଏହି ସରଳରୈଖିକ ସମୟ ଧାରଣା କିପରି ପୁଞ୍ଜିବାଦ ନିୟନ୍ତ୍ରଣରେ ସହାୟକ ହୋଇଛି ଆମକୁ ବୁଝିବାକୁ ହେବ । ଏହା ସ୍ପଷ୍ଟ କରାଇଦେବ ଯେ ଏବର ସମାଜ-ବ୍ୟବସ୍ଥାର ବିକଳ୍ପ-ଏଷଣା ପ୍ରଥମେ ଏହି ସରଳରୈଖିକ ସମୟ-ସଂଗଠନର ଏକ ବିକଳ୍ପ ଖୋଜିବ । ଅଧ୍ୟାପିକା ମାର୍ଟିନ୍‌ଙ୍କ ମତରେ ଏବେ ନାରୀମାନେ ପୁଞ୍ଜିବାଦୀ ସମୟ ସଂଗଠନର ସରଳରୈଖିକ ସମତଳ ଭୂମିରେ ବଞ୍ଚୁଥିଲେ ମଧ୍ୟ ସେମାନଙ୍କର ଭୌତିକ ପ୍ରକ୍ରିୟା ବିଶେଷ କରି Menstruation

ଫଳରେ ସେମାନେ ମଧ୍ଯ ଗୋଟିଏ ବୃତ୍ତାକାର ସମୟ ଅନୁଭୂତି ଭିତରେ ବଞ୍ଚନ୍ତି । (ଅବଶ୍ୟ ଅଧ୍ୟାପିକା ମାର୍ଟିନ୍‌ଙ୍କ ଏହି ନୃତତ୍ତ୍ୱବିଦ୍ୟାଗତ ଦୃଷ୍ଟିଟି ଭାରତୀୟ ପରିପ୍ରେକ୍ଷୀରେ କେତେଦୂର ସତ, ଏହା ଗୋଟିଏ ଅଧ୍ୟୟନର ବସ୍ତୁ ହୋଇ ପାରିବ । ଆମ ସମାଜର କେହି ଅଙ୍ଗୀକାରବଦ୍ଧା ନାରୀ-ବୁଦ୍ଧିଜୀବୀ ଜଣେ ପୁରୁଷ ଓ ନାରୀ ଭିତରେ ସମୟ ବିଚାରରେ କି ଫରକ ଅଛି ତାହା ହୁଏତ ଅନୁସନ୍ଧାନ କରିପାରିବେ) । Menstruation ସଂଜାତ ଏହି ବୃତ୍ତାକାର ସମୟାନୁଭୂତି ପ୍ରଚଳିତ ସାଂସ୍କୃତିକ ସମୟ ସଂଗଠନର ଏକ ବିକଳ୍ପ ଓ ଏହାକୁ ବୃହତ୍ତର ସାଂସ୍କୃତିକ ବିକଳ୍ପ-ଏଷଣା କ୍ଷେତ୍ରରେ ନିୟୋଜିତ କରାଯାଇ ପାରିବ ।

ମାର୍ଟିନ୍ ତାଙ୍କର ପୁସ୍ତକଟି ୧୯୮୭ରେ ଲେଖିଛନ୍ତି । ମାତ୍ର ଅତି ଆଶ୍ଚର୍ଯ୍ୟର କଥା ହେଉଛି, ହାଭାର୍ଡ଼ ବିଶ୍ୱବିଦ୍ୟାଳୟର ଧର୍ମତତ୍ତ୍ୱବିଦ୍ ଅଧ୍ୟାପକ ହାର୍ଭି କକ୍ସ ୧୯୮୪ରେ ପ୍ରକାଶିତ ଆପଣାର ପୁସ୍ତକ Religion in Seculari Society : Towards a Postmodern Theology ରେ ଠିକ୍ ଏହିକଥା ଆଲୋଚନା କରିଛନ୍ତି । (୩) ଅଧ୍ୟାପକ କକ୍ସ ସାଂପ୍ରତିକ ଧର୍ମାନୁଷ୍ଠାନ ଓ ଧର୍ମ-ବିଚାରରେ ବିକଳ୍ପ କଥା ଭାବିବାବେଳେ ଏକ ନାରୀ ଅନୁଭୂତି ପ୍ରସୂତ ଦୃଷ୍ଟିଭଙ୍ଗୀ ଆଡ଼କୁ ଦୃଷ୍ଟି ପକାଇଛନ୍ତି । ଏହି କ୍ଷେତ୍ରରେ ସେ ଫରାସୀ ଫେମିନିଷ୍ଟ କ୍ରିଷ୍ଟେଭାଙ୍କୁ ଉଦ୍ଧାର କରିଛନ୍ତି । କ୍ରିଷ୍ଟେଭାଙ୍କ ମତରେ ନାରୀମାନଙ୍କର Menstruation ପ୍ରସୂତ ଅନୁଭୂତି 'retains repetition and eternity from among the multiple modalities of time through history of civilization". (୪) ଏବଂ, ବିକଳ୍ପ ଧର୍ମଦୃଷ୍ଟି ଅନ୍ୱେଷଣ କରୁଥିବା ଅଧ୍ୟାପକ କକ୍ସ ଲେଖିଛନ୍ତି "Kristeva believes that thi exclusively female vantage point enables women to touch these two forms of time consciousness that men, as nonmenstruating creatures, can discern only with much greater difficulty. It reclaiming these senses of time along with the sequential arrow-flight time of the western mind well be essential in any post-modern religious vision, then the experience of women will be an indispensable part of that vision" (୫).

ନାରୀତ୍ୱ ଓ ବିକଳ୍ପ ଏଷଣା ଉପରେ ପ୍ରତିଫଳନ ଯେତେ ସ୍ୱଚ୍ଛ ହେଲେବି ଏହା ଗାନ୍ଧୀଙ୍କର ରାଜନୈତିକ ଓ ସାଂସ୍କୃତିକ ପ୍ରତିବାଦର ନିୟମଟିକୁ ଉପେକ୍ଷା କରିପାରିବ ନାହିଁ । ଆପଣାର ଏକ ଅଧ୍ୟୟନରେ ଅଧ୍ୟାପକ ଡ଼ାଭିଡ୍ ମାଣ୍ଡେଲ୍‌ବମ୍ ଯୁକ୍ତି କରିଛନ୍ତି ଯେ ଗାନ୍ଧୀ ଆପଣାର ସ୍ତ୍ରୀ ସହିତ ସଂପର୍କ ଓ ସମ୍ମୁଖୀନତାରୁ ଅହିଂସାର ଶକ୍ତିଟି ଜାଣିଥିଲେ । ମହାତ୍ମାଗାନ୍ଧୀ କସ୍ତୁରବାଙ୍କର ନାରୀତ୍ୱ, ନାରୀ-ସୁଲଭ ଅହିଂସା, ନମନୀୟତା ଓ ନାରୀ-ସୁଲଭ ପ୍ରତିବାଦଧାରାରୁ ନାରୀତ୍ୱ ଓ ନାରୀ-ସୁଲଭ ଯୁଗୋତ୍ତୋଳନକାରୀ ଶକ୍ତିର ପରିଚୟ

ପାଇଥିଲେ । (୬) ଏହା ବିଚାର କରିବାକୁ ହେବ ଯେ ମହାତ୍ମା ଗାନ୍ଧୀଙ୍କର ଅହିଂସା ଓ ନାଗରିକ-ପ୍ରତିବାଦ ହୁଏତ ତତ୍‌ପ୍ରଚଳିତ ଏକ ବିରାଟ ପୁରୁଷଶକ୍ତି ଓ ପୁରୁଷ କୈନ୍ଦ୍ରିକ ଆଦର୍ଶର ବିକଳ୍ପ ଥିଲା ।

ୟୁରୋପୀୟ ସମାଜରେ ପୁଞ୍ଜିବାଦ ଫଳରେ ନାରୀ ଓ ପୁରୁଷମାନଙ୍କ ଭିତରେ ଥିବା ପ୍ରାକୃତିକ ବୈଷମ୍ୟଟି ହୁଏତ ଅନେକ ଭିନ୍ନ ରୂପରେ ପ୍ରକଟିତ ହେଲା । ୟୁରୋପୀୟ ସମାଜର ପୁରୁଷମାନେ ଯେତେବେଳେ ପୁଞ୍ଜିବାଦୀ ହେଲେ ସେତେବେଳେ ଆପଣା ଘରେ ନାରୀମାନଙ୍କୁ ଯେଉଁ ଦୃଷ୍ଟିରେ ଦେଖୁଥିଲେ ସେହି ମଡ଼େଲଟି ହୁଏତ ସେମାନେ ସର୍ବହରା ଗୋଷ୍ଠୀ ଉପରେ ଜାରି କଲେ । କ୍ରମେ କ୍ରମେ ଏହି ପୁଞ୍ଜିବାଦୀମାନେ ଯେତେବେଳେ ଗୋଟିଏ ଗୋଟିଏ ସଙ୍ଗଠିତ ରାଷ୍ଟ୍ର ବନିଲେ ଓ ଏହି ରାଷ୍ଟ୍ରମାନେ ଯେତେବେଳେ ଉପନିବେଶ ଜିଣି ବାହାରିଲେ, ଉପନିବେଶ ହେଉଥିବା ଓ ପରାଜିତ ଉପନିବେଶମାନେ ହୁଏତ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କର ଆଖିରେ ନାରୀରୂପେ ଜଣା ହେଲେ । ବିଜୟୀ ଶିଳ୍ପୋନ୍ନତ ପାଶ୍ଚାତ୍ୟ ରାଷ୍ଟ୍ରମାନେ ନାରୀରୂପେ ମଣୁଥିବା ଏହି ଉପନିବେଶକୁ ଶୋଷଣ ଓ ଧର୍ଷଣ କରିବାକୁ ନିଜର ପ୍ରାକୃତିକ ପୁରୁଷତ୍ୱ ଓ ପୌରୁଷ ଅଧିକାର ବୋଲି ମଣିଲେ । ସାମ୍ରାଜ୍ୟବାଦୀ, ଉପନିବେଶବାଦୀ ରାଷ୍ଟ୍ରମାନ ଆଧୁନିକ ବିଶ୍ୱ-ବ୍ୟବସ୍ଥାରେ ପୁରୁଷ ହେଲେ, ପରାଜିତ ଉପନିବେଶମାନ ହେଲେ ନାରୀ । ଉପନିବେଶବାଦୀ ରାଷ୍ଟ୍ରମାନେ ନିଜର ପୌରୁଷର ପ୍ରତିନିଧିତ୍ୱ କରି ଅଧିକ ଅସ୍ତ୍ରଶସ୍ତ୍ର, ସୈନ୍ୟସବୁ ଠୁଳ କଲେ । ଏହିସବୁ ମାଧ୍ୟମରେ ନାରୀରୂପିଣୀ ଉପନିବେଶମାନେ ସେମାନଙ୍କର ସକଳ ଐଶ୍ୱର୍ଯ୍ୟ ସହ ଧର୍ଷିତା ଓ ଶୋଷିତା ହେଲେ ।

ଆଧୁନିକ ସମାଜର ଉନ୍ମେଷକୁ ବୁଝିବାକୁ ହେଲେ ଆମକୁ ପ୍ରଚଳିତ ୟୁରୋପୀୟ ଲୋକ ଦର୍ଶନ (folk model) କୁ ବୁଝିବାକୁ ହେବ । ବିଶେଷ କରି ଏହି ଲୋକ ଦର୍ଶନରେ ପୁରୁଷ ଓ ନାରୀର ପ୍ରାକୃତିକ ସଂପର୍କ ଉପରେ ଥିବା ଲୌକିକ ଧାରଣାକୁ ବୁଝିବାକୁ ହେବ । କାରଣ ୟୁରୋପୀୟ ଔପନିବେଶବାଦ ହୁଏତ ଏହି ନାରି-ପୁରୁଷ ସମ୍ପର୍କରେ ଥିବା ଲୌକିକ ଧାରଣାରୁ ଆପଣାର ଅଧିକାର, ବିଜୟ ଓ ଶୋଷଣ ପାଇଁ ବୈଧତା (legitimacy) ପାଇଥିଲା । ଏମିତି ଏକ ୟୁରୋପୀୟ ପୁଂ-ଶକ୍ତି ଓ ପୁରୁଷକୈନ୍ଦ୍ରିକ ଦୃଷ୍ଟିକୋଣର ବିକଳ୍ପ ଏଷଣା କରିଥିଲେ । ସିଏ ୟୁରୋପୀୟ ପୁରୁଷ-କୈନ୍ଦ୍ରିକ ହିଂସା-ପର୍ଯ୍ୟବେସିତ ଓ ଆଧୁନିକ ଅସ୍ତ୍ର ପ୍ରସୂତ ଶକ୍ତିର ପ୍ରତିବାଦ କରିବାକୁ ଯାଇ ଠିକ୍ ସେହି ସମାନ ପୁରୁଷ କୈନ୍ଦ୍ରିକ ବ୍ୟାକରଣ ଓ ମାଧ୍ୟମକୁ ବ୍ୟବହାର କରିବାକୁ ମନ କରି ନଥିଲେ । ୟୁରୋପୀୟ ମନନ ଓ ଆଦର୍ଶରେ ନାରୀ ରୂପେ ଗଣା ହେଉଥିବା ଉପନିବେଶଟିର ନିଜର ସାଂସ୍କୃତିକ ଶକ୍ତିଟିକୁ ତାର ସ୍ୱାଭାବିକ ଧାରାରେ ବିକାଶ କରିବାକୁ ଗାନ୍ଧୀ ଚାହିଁଥିଲେ ।

ସେଥିପାଇଁ ୟୁରୋପୀୟ ଔପନିବେଶିକ ପୁରୁଷକୈନ୍ଦ୍ରିକ ବ୍ୟବସ୍ଥା ଓ ଦର୍ଶନର ପ୍ରତିବାଦ କରିବାକୁ ଯାଇ ଗାନ୍ଧୀ ପୁରୁଷକୈନ୍ଦ୍ରିକ ହିଂସାର ଆଶ୍ରୟ ନ ନେଇ ନାରୀସୁଲଭ ଓ femine ଗଣା ହେଉଥିବା ଅହିଂସା ଓ ନିରବ ପ୍ରତିବାଦକୁ ଅସ୍ତ୍ରରୂପେ ବ୍ୟବହାର କରିଥିଲେ । ଏଥିପାଇଁ ହୁଏତ ପ୍ରଖ୍ୟାତ ସାମାଜିକ ମନସ୍ତତ୍ତ୍ୱବିଦ୍ ଆଶିଷ ନନ୍ଦୀ ଆପଣାର ଅଧ୍ୟୟନମାନଙ୍କରେ ଗାନ୍ଧୀଙ୍କର ପ୍ରତିବାଦକୁ ୟୁରୋପୀୟ ପୁରୁଷ-କେନ୍ଦ୍ରିକ ବିଚାର, ଶକ୍ତି ଓ ସଂସ୍କୃତି ବିରୁଦ୍ଧରେ ଭାରତୀୟ ନାରୀସୁଲଭ ନମନୀୟତା, ସହନଶୀଳତା ଓ ଅହିଂସାର ପ୍ରତିବାଦ ଓ ବିଜୟ ବୋଲି ଯୁକ୍ତି କରିଛନ୍ତି (୭)

ଯେଉଁ ଶିଳ୍ପ-ସମାଜ କଥା ପଡ଼ିଥିଲା ଏହି ଶିଳ୍ପ-ସମାଜର ମଡ଼େଲମାନ ହୁଏତ କେବଳ ୟୁରୋପ କିମ୍ୱା ଉତ୍ତର ଆମେରିକାର ବାଡ଼ ଭିତରେ ଏତେ ଆବଦ୍ଧ ହୋଇ ନାହାନ୍ତି । ସମଗ୍ର ବିଶ୍ୱରେ ହୁଏତ ଆଧୁନିକତାର ସାଂସ୍କୃତିକ ଜଳବାୟୁ ଓ ଆଧୁନିକ ସାମାଜିକ ଅନୁଷ୍ଠାନମାନ ନିଜକୁ ଏକ ଅବଶ୍ୟମ୍ଭାବୀ ଶକ୍ତିଧାରା ରୂପେ ପ୍ରମାଣିତ କରିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏଇଥିପାଇଁ ହୁଏତ ସମସ୍ତେ ବିକାଶଦାଣ୍ଡକୁ ବାହାରିଛନ୍ତି । ତତ୍ ପ୍ରଚଳିତ ଆନ୍ତର୍ଜାତିକ ବ୍ୟବସ୍ଥା ଭିତରେ ହୁଏତ ସମସ୍ତେ ବିକାଶୋନ୍ନତ ହେବାକୁ ମନ କରିଛନ୍ତି, Development ବା ବିକାଶ ଏଇଥିପାଇଁ ହୁଏତ ଆନ୍ତର୍ଜାତିକ ସମାଜ ବ୍ୟବସ୍ଥାରେ ରାଷ୍ଟ୍ରମାନଙ୍କ ଶ୍ରେଣୀକରଣ କରିବାରେ ନିୟାମକ ଓ ନିୟନ୍ତକ ହୋଇଛି । କେତେକ ବିକାଶୋନ୍ନତ ରାଷ୍ଟ୍ର (Developed countries) ହୋଇଛନ୍ତି, ଅନ୍ୟ ସମସ୍ତେ ବିକାଶଶୀଳ ରାଷ୍ଟ୍ର (Developing Nations) ରୂପେ ଗଣା ହୋଇଛନ୍ତି । ଗଲା ପଚାଶବର୍ଷ ଧରି ଏହି ବିକାଶଶୀଳ ରାଷ୍ଟ୍ରମାନଙ୍କର ବିକାଶ ଯୋଜନା, ବିକାଶ ସ୍ୱପ୍ନ ଓ ବିକାଶ ପଥକୁ ଆମେ ଯଦି ଗହୀରେଇ ଦେଖିବା, ତେବେ ଆମେ ଆବିଷ୍କାର କରିପାରିବା ଯେ ୟୁରୋପୀୟ ଶିଳ୍ପକୈନ୍ଦ୍ରିକ ବିକାଶ ହିଁ ଏହିସବୁ ସ୍ୱପ୍ନ, ଏଷଣା ଓ ଉଦ୍ୟମର ମଡ଼େଲ୍ ହୋଇ ରହିଛି । ଏହି ୟୁରୋପୀୟ ଶିଳ୍ପକେନ୍ଦ୍ରିକ ମଡ଼େଲର ଦୃଷ୍ଟି ନେଇ ହୁଏତ ବିକାଶକର୍ତ୍ତାମାନେ ଆମ ସମାଜର ଆଦିବାସୀମାନଙ୍କର ବାସଭୂମିକୁ ଉତ୍ପାଟିତ କରି କାରଖାନା ବସାଇଛନ୍ତି, ଏହି ଶିଳ୍ପକୈନ୍ଦ୍ରିକ ବିକାଶ ଢ଼ାଞ୍ଚାର ପ୍ରେରଣା ନେଇ ଆମର ବିଧାୟକ ଓ କଣ୍ଟ୍ରାକ୍ଟରମାନେ ପାହାଡ଼ ଅଧ୍ୟୁଷିତ ଆଦିବାସୀମାନଙ୍କର ଜୀବନର ସନ୍ତକ ଅରଣ୍ୟକୁ କାଟି ସଫା କରିଛନ୍ତି ।

ଏମିତି ଏକ ଶିଳ୍ପକୈନ୍ଦ୍ରିକ ବିକାଶ ଢ଼ାଞ୍ଚାର ପ୍ରତିବାଦ ହୁଏତ ନାରୀମାନଙ୍କ ପାଖରୁ ଆସୁଛି । ଏହି ପରିପ୍ରେକ୍ଷୀରେ ହିମାଳୟର ଉତ୍ତରାଖଣ୍ଡରେ ଚାଲୁଥିବା ଆନ୍ଦୋଳନର ଏବର ପ୍ରଦିବାଦ ଧାରା ଓ ଏହାର ଦାବୀଗୁଡ଼ିକୁ ବୁଝିବାକୁ ହେବ । ଗଲା ଦଶନ୍ଧିଧରି ଉତ୍ତରାଖଣ୍ଡର ଜଙ୍ଗଲମାନଙ୍କୁ କଣ୍ଟ୍ରାକ୍ଟରମାନେ କାଟି ନେଉଥିଲେ । ଏଠି ଅବଶ୍ୟ ବୁଝିବାକୁ ହେବ ଯେ ଉତ୍ତରାଖଣ୍ଡର ଲୋକମାନଙ୍କ ପାଇଁ ସେମାନଙ୍କର ଜଙ୍ଗଲ ସେମାନଙ୍କର ଜନନୀ ଭଳି ।

ଏହି ଜଙ୍ଗଲକୁ ସେମାନେ ନିଜର ଦୁଃଖବେଳେ ଯାଇ ଆଖିରୁ ଲୁହ ଗଡ଼ାନ୍ତି । ଏହି ଜଙ୍ଗଲର ଦେବୀଙ୍କ ନିକଟରେ ସେମାନେ ଦ୍ୱାରଦେଶରେ କାମ କରୁଥିବା ସ୍ୱାମୀ ଓ ପୁରୁଷର ନିରାପତ୍ତା ପାଇଁ ପ୍ରାର୍ଥନା କରନ୍ତି । ଏହି ଜଙ୍ଗଲରୁ ସେମାନେ ନିଜର ବଉଳା ଗାଈ ପାଇଁ ଘାସ କାଟନ୍ତି । ଏହି ଜଙ୍ଗଲର କାଠରୁ ସେମାନେ ଚୁଲି ଲଗାନ୍ତି । ଏହି ଜଙ୍ଗଲରୁ ଫଳ ଆଣି ଦାରିଦ୍ର୍ୟର ଆହ୍ୱାନକୁ ସମ୍ମୁଖ କରନ୍ତି । ସର୍ବୋପରି ଏହି ଜଙ୍ଗଲରୁ ବାହାରିଥିବା ପାଣିସ୍ରୋତମାନଙ୍କ ଦ୍ୱାରା ସେମାନେ ନିଜକୁ ନିତ୍ୟ ସଂଜୀବିତ କରାନ୍ତି । ତେଣୁ ଶିଳ୍ପକେନ୍ଦ୍ରିକ ବିକାଶଢ଼ାଞ୍ଚାକୁ ନେଇ ଯେତେବେଳେ ଉତ୍ତରାଖଣ୍ଡର ବିକାଶକଥା ପଡ଼ିଲା, ଯେତେବେଳେ ଜଙ୍ଗଲକୁ କଟାଗଲା, ସେତେବେଳେ ଏହା ହୁଏତ ଥିଲା ସାରା ଉତ୍ତରାଖଣ୍ଡର ଜୀବନୀ ଶକ୍ତି ଉପରେ ଏକ ଆଘାତ । ଏହି ପରିପ୍ରେକ୍ଷୀରେ ୧୯୭୨ ରେ ଉତ୍ତରାଖଣ୍ଡ ପର୍ବର ଶିଖରର ରେଣୀ ନାମକ ଏକ ଗାଆଁରେ ସେମାନଙ୍କର ପୁରୁଷମାନେ ଯେତେବେଳେ କୋର୍ଟ କେସ୍‌ରେ ଦୂର ସହରକୁ ଯାଇଥିଲେ, ଗାଆଁର ମହିଳାମାନେ ଗାଆଁର ଜଣେ ଅତି ପ୍ରଭାବଶାଳିନୀ ନାରୀ ଗୌରୀ ଦେବୀଙ୍କ ନେତୃତ୍ୱରେ ଗାଆଁ ଜଙ୍ଗଲ କାଟିବାକୁ ଆସୁଥିବା କଣ୍ଟ୍ରାକ୍ଟର ଓ ସେମାନଙ୍କର କୁରାଢ଼ୀଧାରୀ ସୈନ୍ୟମାନଙ୍କର ପ୍ରତିବାଦ କରିଥିଲେ । ସେମାନଙ୍କର କୁରାଢ଼ୀ ଆଗରେ ଗୌରୀଦେବୀ ଓ ତାଙ୍କର ସହକର୍ମିଣୀମାନେ ଗଛଟିକୁ ଜାବୋଡ଼ି ଧରିଥିଲେ । ସେମାନେ ଗଛ ଉପରେ ଚିପ୍‌କି ଯାଇଥିଲେ ଓ ଏହିଠାରୁ ଉତ୍ତରାଖଣ୍ଡର ଜଙ୍ଗଲକଟା ବିରୋଧୀ ଜନ-ଆନ୍ଦୋଳନଟି ଚିପ୍‌କୋ ଆନ୍ଦୋଳନ ରୂପେ ପରିଚିତ ହୋଇଥିଲା ।

ହଁ, ଚିପ୍‌କୋ ଆନ୍ଦୋଳନର ସାମାଜିକ ଇତିହାସକୁ ପରଖି ବସିଲେ ଆମେ ଏହି ଆନ୍ଦୋଳନ ଭିତରେ ଶିଳ୍ପକେନ୍ଦ୍ରିକ ବିକାଶ ଢ଼ାଞ୍ଚା ଓ ଏକ ନାରୀ ଅନୁଭୂତି ପ୍ରସୂତ ବିକଳ୍ପ ବିକାଶରୀତି ମଧ୍ୟରେ ସଂଘାତକୁ ଭଲଭାବରେ ବୁଝିପାରିବା । ୧୯୭୨ରେ ଯେତେବେଳେ ଚିପ୍‌କୋ ଆନ୍ଦୋଳନ ଜନ୍ମ ନେଇଥିଲା, ସେତେବେଳେ ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଉତ୍ତରାଖଣ୍ଡର ଶିଳ୍ପୀକରଣ । କାଠକାରଖାନା ସ୍ଥାପନ ଦ୍ୱାରା ଏହି ଶିଳ୍ପୀକରଣ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଚିନ୍ତା କରାଯାଉଥିଲା । ସେତେବେଳେ ଚିପ୍‌କୋ ଆନ୍ଦୋଳନର ଲକ୍ଷ୍ୟଥିଲା କଣ୍ଟ୍ରାକ୍ଟରମାନେ ଜଙ୍ଗଲକାଟବା ପରିବର୍ତ୍ତେ ସ୍ଥାନୀୟ ଗ୍ରାମବାସୀ ଓ ଗ୍ରାମସମିତିମାନେ ଜଙ୍ଗଲ କାଟିବେ ଓ ଏହିମାନେ କାଠ କାରଖାନା ବସାଇ ପାହାଡ଼ରୁ ସମତଳ ପ୍ରବାହୀ ବେକାରୀ ଜନସ୍ରୋତର ପ୍ରତିରୋଧ କରିବେ । ତେଣୁ ଚିପ୍‌କୋ ଆନ୍ଦୋଳନର ପ୍ରଥମ ପର୍ବରେ ଉତ୍ତରାଖଣ୍ଡର ବିକାଶ ସ୍ୱପ୍ନ ଠିକ୍ ଶିଳ୍ପକେନ୍ଦ୍ରିକ ବିକାଶ ଢ଼ାଞ୍ଚା ଦ୍ୱାରା ପ୍ରେରିତ ହୋଇଥିଲା । ମାତ୍ର ୫/୬ ବର୍ଷ ପରେ ସ୍ଥାନୀୟ ଲୋକମାନେ ଜଙ୍ଗଲ କାଟିବା ଫଳରେ ଯାବତୀୟ ବିକାଶର ଅନ୍ୟ ଏକ ମାର୍ଗ ଚିପ୍‌କୋ ଆନ୍ଦୋଳନର କେତେକ ନେତା ଆବିଷ୍କାର କରି ବସିଲେ ଯେ ଏପରି କି ସ୍ଥାନୀୟ ଲୋକମାନଙ୍କ ଦ୍ୱାରା

ଜଙ୍ଗଲ କାଟିବା ମଧ୍ୟ ଉତ୍ତରାଖଣ୍ଡର ବିକାଶ ଆଣିବା ପରିବର୍ତ୍ତେ ବିନାଶ ଆଣିବ । ଚିପ୍‌କୋ ଦୃଷ୍ଟିକୋଣର ନେତା ସୁନ୍ଦରଲାଲଙ୍କ ମତରେ ସେ ଏହି ଭିନ୍ନ ବିକାଶ ପନ୍ଥାଟି ଉତ୍ତରାଖଣ୍ଡର ନାରୀମାନଙ୍କ ପାଖରୁ ଶିଖିଥିଲେ ।

ବିକାଶ ଉନ୍ନତ ପର୍ବରେ ଉତ୍ତରାଖଣ୍ଡର ପୁରୁଷ ନେତା ଓ ପୁରୁଷମାନେ ଯେତେବେଳେ ଜଙ୍ଗଲ କାଟି କାଠ ଉଦ୍ୟୋଗ ନିର୍ମାଣ ନିଶାରେ ମାତିଗଲେ, ସେତେବେଳେ ହୁଏତ ଉତ୍ତରାଖଣ୍ଡର ନାରୀମାନେ ଏହି ବିକାଶ ମାର୍ଗର ଯଥାର୍ଥ ପ୍ରଭାବ ଅନୁଭବ କରିବସିଲେ । ଏହାର କାରଣ ଉତ୍ତରାଖଣ୍ଡର ଗାଆଁମାନଙ୍କରେ ମୁଖ୍ୟତଃ ମହିଳାମାନେ ବର୍ଷାରେ ଜଙ୍ଗଲ କ୍ଷେତ୍ରରେ ଚାରାରୋପଣ କରନ୍ତି । ଉତ୍ତରାଖଣ୍ଡର ପୁରୁଷମାନେ ରୋଜଗାର ଅନ୍ୱେଷଣରେ କିମ୍ବା ରୋଜଗାରରେ ଦୂର ସହରମାନଙ୍କରେ କାମ କରୁଥାଆନ୍ତି । ତେଣୁ ଉତ୍ତରାଖଣ୍ଡର ଭୂମି ଓ ଜଙ୍ଗଲ ସହିତ ଏହାର ମହିଳାମାନଙ୍କର ନଥାଏ । ଏଇଥିପାଇଁ ହୁଏତ ଉତ୍ତରାଖଣ୍ଡର ପୁରୁଷମାନେ ଜଙ୍ଗଲକଟା, କାଠୋଦ୍ୟୋଗ ନିର୍ମାଣର ବିକାଶ ସହିତ ସହଜରେ ମାତି ପାରନ୍ତି । ମାତ୍ର ଏହାର ମହିଳାମାନେ ଜୀବନର ପ୍ରତିଟି ମୂହୁର୍ତ୍ତରେ ଜଙ୍ଗଲ ସହିତ ସୂତ୍ରାୟିତ ହୋଇ ରହନ୍ତି । ତେଣୁ ଜଙ୍ଗଲ ଯେ କେବଳ କାଠମାନଙ୍କର ଘର ନୁହେଁ, ଏହି କଥା ସେମାନେ ଅନୁଭବ କରନ୍ତି । ଜଙ୍ଗଲ ବୋଇଲେ ଉତ୍ତରାଖଣ୍ଡର ମହିଳାମାନେ ଏକ ସାମଗ୍ରିକ ଜୀବନଶକ୍ତିକୁ ବୁଝନ୍ତି । ଜଙ୍ଗଲରେ ଥିବା ବୃକ୍ଷ ସମୂହକୁ ସେମାନେ ଏକ ଜୀବନ-ସମୁଦାୟ ରୂପେ ହୃଦୟଙ୍ଗମ କରନ୍ତି । ଜଙ୍ଗଲର ବୃକ୍ଷମାନେ ଯେ କେବଳ ଅର୍ଥ ଉପାର୍ଜନର ମାଧ୍ୟମ ନୁହେଁ, ମାତ୍ର ପାହାଡ଼ୀ ଜୀବନଧାରାର ତିନି ଅତ୍ୟାବଶ୍ୟକୀୟ ଉପାଦାନ ମାଟି, ପାଣି ଓ ପବନର ଉତ୍ସ, ମାତ୍ର ସେମାନେ ଏହା ବୁଝନ୍ତି ।

ଉତ୍ତରାଖଣ୍ଡର ପୁରୁଷ ଓ ମହିଳାମାନଙ୍କ ଜଙ୍ଗଲ ପ୍ରତି ମନୋଭାବ ଓ ହୃଦୟଭାବର ଭିନ୍ନତା ସଂପର୍କରେ ସେଠାକାର ନାରୀ ଓ ପୁରୁଷ ଉଭୟେ ଏକମତ ହୁଅନ୍ତି । ଉତ୍ତରାଖଣ୍ଡର କ୍ଷେତୀନାମକ ଗାଆଁରେ ଜଣେ ଯୁବକ ଦିନେ ସନ୍ଧ୍ୟାବେଳେ ମୋତେ ତାଙ୍କ ଗାଆଁ ମୁଣ୍ଡ ତଳେ କହୁଥିଲେ : ଏଠାକାର ମହିଳାମାନଙ୍କର ଜଙ୍ଗଲ ସହ ସଂପର୍କ ଏକ ଦିଲ୍‌ର ସଂପର୍କ । ଉତ୍ତରାଖଣ୍ଡର ଅତି ପ୍ରସିଦ୍ଧ ନାରୀ ଶିକ୍ଷାନୁଷ୍ଠାନ କୌସାଣୀ ଲକ୍ଷ୍ମୀ ଆଶ୍ରମର ଅଧ୍ୟକ୍ଷା ଶ୍ରୀଯୁକ୍ତା ରାଧାଦେବୀ ମଧ୍ୟ ମୋତେ ବୁଝାଉଥିଲେ ଯେ ଜଙ୍ଗଲକୁ ଦେଖି ଏଠାକାର ପୁରୁଷମାନେ ସହଜ ଅର୍ଥ ଉପାର୍ଜନ ଓ ସହଜ ଉତ୍ତରମାନ ଖୋଜିବାରେ ନିଶାଗ୍ରସ୍ତ ହୋଇଥିବାବେଳେ ଏଠାକାର ମହିଳାମାନେ ହୁଏତ ଜଙ୍ଗଲର ଚିରନ୍ତନ ମୂଲ୍ୟକଥା ଅନୁଭବ କରନ୍ତି । ଏହି ପରିପ୍ରେକ୍ଷୀରେ ଏହା ବୁଝିବା ସହଜ ହେବ ଯେ ଯେତେବେଳେ ଚିପ୍‌କୋ ଆନ୍ଦୋଳନର ନେତା ଓ କର୍ମୀମାନେ ମଧ୍ୟ ଠିକ୍ ସରକାର ଓ କଣ୍ଟ୍ରାକ୍ଟରମାନଙ୍କ ଭଳି ଜଙ୍ଗଲ କାଟିଲେ, ସେତେବେଳେ ଜଙ୍ଗଲ ଭୂଇଁ ସହିତ ଓତଃପ୍ରୋତ ଭାବେ ଜଡ଼ିତ ହୋଇଥିବା ମହିଳାମାନେ ଉତ୍ତରାଖଣ୍ଡର ଜୀବନ ଉପରେ ଏହାର କୁପ୍ରଭାବ ଅନୁଭବ

କରିପାରିଲେ । ସେମାନେ ଯେତେବେଳେ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଗଲେ ସେତେବେଳେ କଟାବୃକ୍ଷର କ୍ରନ୍ଦନ ଶୁଣିପାରିଲେ । ଜଙ୍ଗଲ କଟାଣ ଫଳରେ ଜଙ୍ଗଲରୁ ଜଳସ୍ରୋତମାନଙ୍କର କ୍ରମଶୂନ୍ୟତା ସେମାନେ ଅନୁଭବ କରିପାରିଲେ । ସର୍ବୋପରି ଅତ୍ୟଧିକ ଜଙ୍ଗଲ କ୍ଷୟ ଫଳରେ ସେଠାକାର ଅକଳ୍ପନୀୟ ଭୂସ୍ଖଳନ ସେମାନେ ଅନୁଭବ କଲେ । ତେଣୁ ଶିଳ୍ପ ନିଶାରେ ମାତିଥିବା ଚିପ୍‌କୋ ନେତାମାନଙ୍କୁ ସେମାନେ ଜଙ୍ଗଲ ତାତ୍ପର୍ଯ୍ୟର ଏକ ବିକଳ୍ପ ଅର୍ଥ ଶିଖାଇଲେ । ସେମାନେ ଗାଇଲେ -

"କ୍ୟା ହେ ଜଙ୍ଗଲ କା ଉପକାର ?
ମିଟ୍‌ଟୀ ପାନୀ ଔର ବୟାର ।
ମିଟ୍‌ଟୀ, ପାନୀ ଔର ବୟାର ।
ଜିନ୍ଦା ରହନକା ଅଧାର ।"

ଏହି ମହିଳା ଅନୁଭୂତି-ସଞ୍ଜାତ ଜଙ୍ଗଲର ଏକ ବିକଳ୍ପ ମୂଲ୍ୟାୟନ ଫଳରେ ଚିପ୍‌କୋ ଆନ୍ଦୋଳନର ଆଭିମୁଖ୍ୟ ଅନ୍ୟ ଏକ ରୂପ ନେଲା । ୧୯୭୭/୭୮ ବେଳକୁ ଚିପ୍‌କୋ ଆନ୍ଦୋଳନରେ ଅନେକ କର୍ମୀ ଚିପ୍‌କୋର ଅନ୍ୟତମ ଦୂରଦର୍ଶୀ ନେତା ଶ୍ରୀଯୁକ୍ତ ସୁନ୍ଦରଲାଲ ବହୁଗୁଣାଙ୍କ ନେତୃତ୍ୱରେ ଚିପ୍‌କୋ ଆନ୍ଦୋଳନର ଭିନ୍ନ ଏକ ଲକ୍ଷ୍ୟ ଓ ଦାବୀ ଉପସ୍ଥାପନ କଲେ ।(୮) ଶ୍ରୀଯୁକ୍ତ ବହୁଗୁଣା ଓ ତାଙ୍କର ସହକର୍ମୀମାନେ ଜଙ୍ଗଲ କଟାଣ ଓ କାଠ ଉଦ୍ୟୋଗ ସ୍ଥାପନ ପରିବର୍ତ୍ତେ ହିମାଳୟର ହରିତ୍ ବୃକ୍ଷ କଟାଣ ଉପରେ ସଂପୂର୍ଣ୍ଣ ବନ୍ଦ ଘୋଷଣା କରିବାକୁ କେନ୍ଦ୍ର ସରକାରଙ୍କ ପାଖରେ ଦାବୀ କଲେ । ଶ୍ରୀଯୁକ୍ତ ବହୁଗୁଣାଙ୍କ ନେତୃତ୍ୱରେ ଚିପ୍‌କୋ ଆନ୍ଦୋଳନର ଏକ ଦ୍ୱିତୀୟ ପର୍ବ ଓ ଦ୍ୱିତୀୟ ଧାରାର ଜନ୍ମ ନେଲା । ଏହି ପର୍ଯ୍ୟାୟ ଓ ଧାରାରେ ଚିପ୍‌କୋ ଲକ୍ଷ୍ୟ ଶିଳ୍ପଗତ ବିକାଶର ଢ଼ାଞ୍ଚା ଭିତରେ ବନ୍ଧାହୋଇ ରହିଲା ନାହିଁ । ଏହା ପରିବର୍ତ୍ତେ ଚିପ୍‌କୋ ଏକ ବିକଳ୍ପ ବିକାଶପଦ୍ଧତି, ସରକାର ଓ ଲୋକମାନଙ୍କ ନିକଟରେ ଉପସ୍ଥାପନ କଲା । ଏହି ବିକଳ୍ପ ବିକାଶର ମୂଳ କଥା ହେଲା ଉତ୍ତରାଖଣ୍ଡର ପାହାଡ଼ୀ ଜୀବନର ବିକାଶ ପାଇଁ ଏହି ଜୀବନର ମୂଳକେନ୍ଦ୍ର ଜଙ୍ଗଲକୁ କାଟି ଏଠାରେ କାରଖାନା ନ ବସାଇ ଏଠା ଜଙ୍ଗଲରେ ଅଧିକ ବୃକ୍ଷରୋପଣ କରାଯିବା ଉଚିତ । ପୁଣି ଏହି ଜଙ୍ଗଲରେ ଓ ପାହାଡ଼ରେ ବିଭିନ୍ନ ଫଳମୂଳ ଚଷ କରାଯିବା ଉଚିତ୍ । ଚିପ୍‌କୋ ପରିଭାଷାରେ ଏହାର ବଣ ଜଙ୍ଗଲରେ 'ବନକ୍ଷେତି' କରାଯିବା ଉଚିତ୍ । 'ବନ୍‌କ୍ଷେତି' ହେଉଥିବା ଜଙ୍ଗଲ ସରକାରଙ୍କ କର୍ତ୍ତୃତ୍ୱରେ ନ ରହି ଲୋକମାନଙ୍କ କର୍ତ୍ତୃତ୍ୱରେ ରହିବା ଉଚିତ୍ । ଅର୍ଥାତ୍ ଏହା ବ୍ୟକ୍ତିଗତ ପ୍ଲଟ୍‌ରେ ଲୋକମାନଙ୍କ ଭିତରେ ବିତରଣ କରାଯିବା ଉଚିତ୍ । ଏହା ଫଳରେ ଲୋକମାନେ ସେମାନଙ୍କର ନିଜସ୍ୱ ଜମିଟିରେ ବିଭିନ୍ନ ପ୍ରକାର 'ବନ୍‌କ୍ଷେତି' କରି ନିଜର ଅନ୍ନ, ବାସଗୃହ ଓ ନିଜର ଗୋରୁଗାଈଙ୍କ ପାଇଁ ଆବଶ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ କରିପାରିବେ ।(୯)

ଶ୍ରୀଯୁକ୍ତ ବହୁଗୁଣା ନିଜର ଲେଖମାନଙ୍କରେ ବାର ବାର ସ୍ପଷ୍ଟ କରିବାକୁ ଚେଷ୍ଟା କରନ୍ତି ଯେ ତାଙ୍କର ବିକଳ୍ପ ବିକାଶର ଦିଗଟି ଉତ୍ତରାଖଣ୍ଡ ଜୀବନର ଯଥାର୍ଥ ଶକ୍ତି ଉତ୍ତରାଖଣ୍ଡ ମହିଳାମାନଙ୍କର ଜୀବନାବୃତ୍ତି ଦ୍ୱାରା ଅନୁପ୍ରେରିତ ହୋଇ ଜନ୍ମହୋଇଛି । ତେଣୁ ଚିପ୍‌କୋ ଆନ୍ଦୋଳନ କ୍ଷେତ୍ରରେ ଆମେ ଦେଖିପାରିବା ଯେ ଏଠାକାର ବିକଳ୍ପ ଏଷଣା ମଧ୍ୟ ନାରୀମାନଙ୍କର ଅନୁଭୂତିଦ୍ୱାରା ବହୁଳଭାବେ ପୁଷ୍ଟ ଓ ପ୍ରେରିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସମାଜ ଓ ସଂସ୍କୃତିର ବିକଳ୍ପ ଏଷଣା ପରିପ୍ରେକ୍ଷୀରେ ନାରୀ ଅନୁଭୂତି ସଂଜାତ ବିକଳ୍ପ-ସମୟ-କଳ୍ପନା କଥା ପଢ଼ିଥିଲା । ମାତ୍ର ଚିପ୍‌କୋ କ୍ଷେତ୍ରରେ ନାରୀ ଅନୁଭୂତି ସଂଜାତ ବିକଳ୍ପ-ଦୃଷ୍ଟିଭଙ୍ଗୀ କ୍ଷେତ୍ରରେ ଆମେ ନାରୀମାନଙ୍କର ପରିଧିସ୍ଥ ଅବସ୍ଥାନ ସେମାନଙ୍କର ଦୃଷ୍ଟିଭଙ୍ଗୀକୁ ପୁରୁଷମାନଙ୍କର ଦୃଷ୍ଟିଭଙ୍ଗୀ ତୁଳନାରେ କିପରି ଅଧିକ ପ୍ରଖର, ଭୂମି-ନିକଟସ୍ଥ ଓ ବ୍ୟବସ୍ଥା-ବିରୋଧି କରିଛି ତାହା ଆମେ ଆବିଷ୍କାର କରିପାରିବା । ଉତ୍ତରାଖଣ୍ଡର ପୁରୁଷମାନେ ସହର ସହିତ ଅଧିକ ସଂପୃକ୍ତ । ଆମ ସମାଜ ବ୍ୟବସ୍ଥାର କେନ୍ଦ୍ର ସହିତ ଅଧିକ ସଂଶ୍ଳିଷ୍ଟ । ଏହି ପୁରୁଷମାନେ ଆଗ୍ରା ଓ ଦିଲ୍ଲୀକୁ ଆସି ବିଭିନ୍ନ ପ୍ରକାର କାମ କରନ୍ତି । ସମାଜର ସବୁପ୍ରକାର ପରିସରର କେନ୍ଦ୍ରରେ ହୁଏତ ଏହିମାନେ ଥାଆନ୍ତି । ଆମ ଭାରତୀୟ ସମାଜର ସକଳ କ୍ଷେତ୍ରରେ ସ୍ଥାନ ଓ ବୃତ୍ତମାନଙ୍କର କେନ୍ଦ୍ରରେ ପୁରୁଷମାନେ ଥିଲାଭଳି ଏଠାରେ ମଧ୍ୟ କେନ୍ଦ୍ରରେ ପୁରୁଷମାନେ ଅଛନ୍ତି । ମାତ୍ର ଏହି ବୃତ୍ତର ପରିଧିରେ ମହିଳାମାନେ ରହନ୍ତି । ସେମାନେ ଜଙ୍ଗଲକୁ ଯାଆନ୍ତି । ସେମାନେ ଘରପଛ ଗୁହାଳରେ ଗାଈ ସହିତ କଥା ହୁଅନ୍ତି । ସେହିମାନେ ଗାଆଁପଛ ଦେବୀ ମନ୍ଦିରରେ ଭବିଷ୍ୟତର ଆଗନ୍ତୁକ ପାଇଁ ପ୍ରାର୍ଥନା କରନ୍ତି; ତେଣୁ ସମାଜ ଓ ସଂସ୍କୃତିର ଆଧାରର ପରିଧିରେ ଥିବା ଏହି ମହିଳାମାନେ ହୁଏତ ବିକଳ୍ପ ଯଥାର୍ଥ ବାଟଟି ଚିପ୍‌କୋ ପୁରୁଷ ନେତାମାନଙ୍କୁ ଦେଖାଇ ଦେଇଥାନ୍ତି ।

ହଁ, କେବଳ ଉତ୍ତରାଖଣ୍ଡ କାହିଁକି, ଭାରତର ପ୍ରତି କୋଣେ କୋଣେ ଆମ ବୃତ୍ତମାନଙ୍କର ପରିଧିରେ ମହିଳାମାନେ ରହିଛନ୍ତି- ସେମାନେ ହାଣ୍ଡିଶାଳରେ ଅଧିକାଂଶତଃ ରହିଛନ୍ତି, କ୍ଷମତାର ସକଳ ପ୍ରକାର ପରିଧିରେ ସେମାନେ ରହିଛନ୍ତି । ମାତ୍ର ଆମ ସମାଜ-ସଂସ୍କୃତି ବ୍ୟବସ୍ଥାରେ ବିକଳ୍ପ ପାଇଁ ଯଥାର୍ଥ ପ୍ରତିବାଦ କେବଳ ପରିଧିରୁ ହିଁ ଆସିବ । କେନ୍ଦ୍ରରେ ଯେଉଁମାନେ ରହିଛନ୍ତି ସେମାନେ ସବୁ ଯୁଗରେ ଓ ସବୁ ସ୍ଥାନରେ ତାମସା ଦେଖିବାକୁ ଚାହାନ୍ତି । ନିଜର ସାମୟିକ ମିଜାଜ୍‌କୁ ସନ୍ତୁଷ୍ଟ କରିବାକୁ ଏମାନେ ସମାଜର ସକଳ କ୍ଷମତା ଓ ଐଶ୍ୱର୍ଯ୍ୟକୁ ନିଜର ଉଆସମାନଙ୍କରେ ବାନ୍ଧି ରଖନ୍ତି । ମାତ୍ର କେନ୍ଦ୍ରଠାରୁ ଦୂରରେ ପରିଧିଟିଏ ଥାଏ, କଂସପୁରଠାରୁ କିଛି ଦୂରରେ ନଈ ଆରପଟେ ଗୋପପୁର ଥାଏ । ପରିଧିସ୍ଥ ଏହି ଗୋପପୁରରେ ଗୋପୀମାନେ ନିଜର ସର, ଲହୁଣୀ, ସ୍ନେହ, ପ୍ରେମ, ଯୌବନ, ସ୍ୱପ୍ନ ଓ ଉନ୍ମାଦନା ଦେଇ ଚଗଲା କୃଷ୍ଣଙ୍କୁ ବଢ଼ାଉଥାଆନ୍ତି । ପରିଧିରୁ ଏହି କୃଷ୍ଣଜଣକ କେନ୍ଦ୍ରସ୍ଥ କଂସପୁରକୁ ଯାଆନ୍ତି ଓ କେନ୍ଦ୍ରସ୍ଥ ସାହେବ ବିବି ଓ ଗୋଲାମମାନଙ୍କୁ

ବିକଳ୍ପର କଥା କହନ୍ତି । ଭାରତୀୟ ସାମାଜିକ ଓ ସାଂସ୍କୃତିକ ଇତିହାସକୁ ପରଖି ବସିଲେ ଆମେ ଦେଖିପାରିବା ଯେ ଏହି କେନ୍ଦ୍ର ଓ ପରିଧି ଭିତରେ ନିତ୍ୟନିୟମିତ ଦ୍ୱନ୍ଦ-ବ୍ୟବସ୍ଥା ଓ ବିକଳ୍ପ ନିତ୍ୟନିୟତ ଦ୍ୱନ୍ଦ । କେନ୍ଦ୍ରସ୍ଥ ହିନ୍ଦୁସଭ୍ୟତା ଓ ପରିଧିର ଆରଣ୍ୟକ ଓ ଆଦିବାସୀ ସଂସ୍କୃତି ମଧ୍ୟରେ ନିତ୍ୟ ନିୟତ ଦ୍ୱନ୍ଦ । ଆପଣାର ଏକ ପ୍ରବନ୍ଧରେ ଭାରତୀୟ ଇତିହାସରେ ଆଦିବାସୀ ସଂସ୍କୃତିର ଭୂମିକା କଥା କହିଲାବେଳେ ସମାଜ-ବିଜ୍ଞାନୀ ଅଧ୍ୟାପକ ଆନ୍ଦ୍ରେ କେନ୍ଦ୍ରସ୍ଥ ବ୍ୟବସ୍ଥା ଓ ପରିଧିସ୍ଥ ଆହ୍ୱାନ ଭିତରେ ଦ୍ୱନ୍ଦ କଥାଟି ସ୍ପଷ୍ଟ ସୂଚାଇଛନ୍ତି ।(୧୦)

ଏଣେତେଣେ ବୁଲିଲା ପରେ ଖୁଣ୍ଟ ପାଖକୁ ଫେରିଆସିଲେ, ମୂଳ କଥା ହେଉଛି, ଆମ ସମାଜରେ ବିକଳ୍ପ ଏଷଣା କ୍ଷେତ୍ରରେ ନାରୀମାନଙ୍କର ଅନୁଭୂତି ଅନେକ ପ୍ରତିଶ୍ରୁତି ପୂର୍ଣ୍ଣ । ନିଜର ଭୌତିକ କ୍ରିୟାର ବୃତ୍ତାକାର ସମୟାନୁଭୂତି ଭିତରେ ସେମାନେ ପୁରୁଷ କେନ୍ଦ୍ରିକ ସରଳରୈଖିକ ସମୟର ଏକ ବିକଳ୍ପ ଅନୁଭୂତି ପାଆନ୍ତି । ସମାଜର କେନ୍ଦ୍ରମାନଙ୍କରେ ନଥାଇ ପରିଧିମାନଙ୍କରେ ଥିବାରୁ ସେମାନେ ସଂସ୍କୃତିର ଅସଲ ଭୂମିଟିକୁ ଜାଣିଥାଆନ୍ତି । ଏହି ଭୂମି ସହିତ ଗଅଁଠା ଗଅଁଠି ହୋଇ ରହିଥାଆନ୍ତି । ସର୍ବୋପରି କ୍ଷମତାର କେନ୍ଦ୍ରକୁ ପରିଧୀୟ ଏକ ସନ୍ଦେହ ଚକ୍ଷୁରେ ଦେଖନ୍ତି । ଆମ ସମାଜ ଓ ସଂସ୍କୃତିର ବିକଳ୍ପ ଏଷଣାରେ ଆମେ ସମସ୍ତେ ଏହି ବିକଳ୍ପ ଅନୁଭୂତି ଜାତକାରୀ ଭୂମିର ଯୋଗ୍ୟ ହୋଇପାରିବା ଓ ଏହାର ସଦୁପଯୋଗ କରିପାରିବା । ଖାଲି ଆମ ସମାଜରେ କାହିଁକି ସବୁ ସମାଜରେ ପୁରୁଷ ଓ ନାରୀ କ୍ଷେତ୍ରରେ ହୁଏତ ମୂଳତଃ ଏକ କ୍ଷମତାର ପ୍ରଚୀର ଥାଏ । ମାତ୍ର କ୍ଷମତାର ଅଲଂଘ୍ୟ ପ୍ରାଚୀର ସତ୍ତ୍ୱେ ପୁରୁଷ ଓ ନାରୀ ଉଭୟେ ଯେକୌଣସି ବିକଳ୍ପ-ଏଷଣା ଖାସ୍ ନାରୀମାନଙ୍କୁ ନେଇ ହେବନାହିଁ କିମ୍ବା ଖାସ୍ ପୁରୁଷମାନଙ୍କୁ ନେଇ ହେବନାହିଁ । ଆମର ଯେଉଁ ଫେମିନିଷ୍ଟମାନେ ନାରୀତ୍ୱକୁ ନେଇ ଗୋଟିଏ ଓଲଟା ପ୍ରାଧାନ୍ୟ ସୃଷ୍ଟି କରିବାକୁ ଚାହୁଁଛନ୍ତି ସେମାନେ ହୁଏତ ପୁରୁଷ-ପ୍ରଧାନ ବ୍ୟାକରଣଟିକୁ କପି କରୁଛନ୍ତି । ଏମିତି କପି ନକରି, ସମାଜ-ସଂସ୍କୃତି ବ୍ୟବସ୍ଥାର ବିକଳ୍ପ-ଏଷଣାରେ ଆମେ ପୁରୁଷ ଓ ନାରୀ ଉଭୟ ନିଜ ନିଜର ସ୍ୱାତନ୍ତ୍ର୍ୟ ଓ ସୀମିତତାକୁ ସ୍ୱୀକାର କରି ସାଙ୍ଗ ହୋଇ ସତତ ସଂଗ୍ରାମ କରିପାରିବା ।

ସୌଜନ୍ୟ : ପଥପ୍ରାନ୍ତର ନୃତତ୍ତ୍ୱ

* * * * * * * * * * *

ନାରୀ : ସୃଜନର ମୂଳାଧାର

ରାମକୃଷ୍ଣ ସାହୁ

"ନାରୀ ମାୟା ଦେବେ ଅଗୋଚର", "ନର, ନାଗୁଣୀ ଓ ନାରୀ ଅବିଶ୍ୱାସର ପାତ୍ର" – ନାରୀକୁ ନେଇ ଏପରି ଆହୁରି ଅନେକ ନକାରାତ୍ମକ ପ୍ରବାଦ ରହିଛି । ନାରୀକୁ ବୁଝି ନ ପାରିବା, ତା ଉପରେ କ୍ଷମତା ଓ ଅଧିକାର ଜାହିର କରିବା, ଅକଥନୀୟ ଅତ୍ୟାଚାର କରିବା ସତ୍ତ୍ୱେ ତାର ଶକ୍ତି ଆଗରେ ନିଜର ପରାଜୟକୁ ମାନିନେବାର ମନୋଭାବରୁ ଯେ ପୁରୁଷର ଏହି ସିଦ୍ଧାନ୍ତ, ଏଥିରେ ସନ୍ଦେହ ନାହିଁ । ଯେ କୌଣସି ବାହ୍ୟ ଓ ତାର ଦୃଶ୍ୟମାନ ରୂପଟି ତାର ଅସ୍ତିତ୍ୱର ଅସଲ ପରିଚୟ ନୁହେଁ, ଯଦିଓ ପରିଚୟ ନିରୂପଣ ପାଇଁ ଆମେ ଏଇ ଭୁଲଟି ବାରମ୍ବାର କରିଥାଉ । ନାରୀର ଶାରୀରିକ ରୂପ ତାର ପ୍ରକୃତ ସତ୍ତା ନୁହେଁ । ତାର ଅନ୍ତର୍ନିହିତ ଚେତନା ବା ନାରୀତ୍ୱ ହେଉଛି ତାର ବାସ୍ତବତା । ସୃଷ୍ଟିର ପ୍ରତ୍ୟେକ ରୂପ ସୃଜନଶୀଳତାର ଗୋଟେ ଗୋଟେ ଅବସ୍ଥା ଓ ଆଧାର ଏବଂ ତାର ଅନ୍ତର୍ନିହିତ ସୃଜନଶୀଳ ସତ୍ତା ଓ ଶକ୍ତି ହେଉଛି ମୂଳ ସତ୍ୟ । ନାରୀର ପ୍ରକୃତ ସ୍ୱରୂପ ବା ନାରୀ ଚେତନାକୁ ବୁଝିବାପାଇଁ ଜଗତର ସ୍ରଷ୍ଟା ଓ ତାର ସୃଜନଧାରାକୁ ପ୍ରଥମେ ବୁଝିବାର ଆବଶ୍ୟକତା ରହିଛି ।

ଚେତନା (Consciousness) ହିଁ ଅସ୍ତିତ୍ୱ (Existence) ର ଏକମାତ୍ର ଓ ଏକକ ସତ୍ୟ । ସ୍ଥୂଳରୁ ସୂକ୍ଷ୍ମ, ଅଣୁଠୁ ମଣିଷ ସୃଷ୍ଟିର ପ୍ରତ୍ୟେକ ରୂପ ଚେତନାର ବିଭିନ୍ନ ଅବସ୍ଥା ଓ ବହିଃପ୍ରକାଶ ମାତ୍ର । ତେବେ ରୂପର (Form) ଅବସ୍ଥା, କ୍ଷମତା ଓ ପରିପକ୍ୱତା ଅନୁସାରେ ଚେତନାର ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବ୍ୟକ୍ତି ଘଟିଥାଏ । ଚେତନାର ସୃଜନଶୀଳ ଶକ୍ତିକୁ ପ୍ରକୃତି କୁହାଯାଏ । ଏକ ସ୍ତ୍ରୀ ଲିଙ୍ଗଧାରୀ ରୂପକୁ ଯଦିଓ ଆମେ ନାରୀ ବୋଲି କହିଥାଉ ତଥାପି ନାରୀର ପ୍ରକୃତ ସ୍ୱରୂପ ହେଉଛି ଏକ ସୃଜନଶୀଳ ଶକ୍ତି । ପ୍ରତ୍ୟେକ ପ୍ରାଣୀ ଭିତରେ ସୃଜନଶକ୍ତି ନିହିତ ଥିବା ହେତୁ ଏବଂ ପ୍ରତ୍ୟେକ ରୂପ ଚେତନା ବା ପ୍ରକୃତିର ଆତ୍ମପ୍ରକାଶ ହୋଇଥିବା ଯୋଗୁଁ ଏହି ସମଗ୍ର ଜଗତ ଓ ତାର ପ୍ରତ୍ୟେକ ଅବସ୍ଥା ଓ ରୂପକୁ ନାରୀ ଭାବରେ ଦେଖିବା ଓ ଗ୍ରହଣ କରିବା ଆଦୌ ଅଯୌକ୍ତିକ ନୁହେଁ । କିନ୍ତୁ ଯେହେତୁ ସ୍ତ୍ରୀ ଲିଙ୍ଗ (Female) ସୃଜନ କର୍ମରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ତେଣୁ ତାକୁ ନାରୀ ରୂପରେ ସ୍ୱୀକୃତି ମିଳିଥାଏ । ଜୀବ

ଜଗତରେ ପୁଂଲିଙ୍ଗ (Male) ର ବିନା ସାହାଯ୍ୟ ଓ ସହଯୋଗରେ ସୃଷ୍ଟି ସମ୍ଭବ ହୁଏ ନାହିଁ । ତେଣୁ ନୂଆଁ ଜୀବର ସର୍ଜନା ପାଇଁ ନାରୀ ସହିତ ଏହି ପୁଂଲିଙ୍ଗ ବା ତଥାକଥିତ ପୁରୁଷଟିଏ ଏବଂ ଆତ୍ମିକ ସୃଜନଶୀଳତା ପାଇଁ ଅନ୍ତର୍ଜଗତରେ ଭାବ ପୁରୁଷଟି ଥାଏ । ସ୍ଥୁଳ ଓ ସୂକ୍ଷ୍ମ, ଭାବ ଓ ରୂପ ଯେ କୌଣସି ଜଗତ ହେଉ ପୁରୁଷ ଓ ପ୍ରକୃତି ତଥା ନର ଓ ନାରୀର ମିଳନ ଓ ସହଯୋଗରେ କେବଳ ସୃଷ୍ଟି ସମ୍ଭବ ହୋଇଥାଏ । ତେବେ ପୁରୁଷ କେବଳ ସୃଷ୍ଟିର ଇଚ୍ଛାଟି ରଖେ ଏବଂ ଅତିରିକ୍ତ ସାହାଯ୍ୟକାରୀ ମାଧ୍ୟମ ରୂପରେ କାର୍ଯ୍ୟ ତୁଲାଏ । ନାରୀ କିନ୍ତୁ ସୃଷ୍ଟିର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଏବଂ ତାର ଲାଳନ, ପାଳନ, ସୁରକ୍ଷା ଓ ବିକାଶର ମଧ୍ୟ ସବୁ ଦାୟିତ୍ୱ ଗ୍ରହଣ କରିଥାଏ ।

ଜଗତର ସ୍ରଷ୍ଟା ବା ଈଶ୍ୱରଙ୍କୁ ଅର୍ଦ୍ଧନାରୀଶ୍ୱର ରୂପରେ କଳ୍ପନା କରିବାର ଏକ ବିଶେଷ ତାତ୍ପର୍ଯ୍ୟ ରହିଛି । ପ୍ରକୃତି ବା ନାରୀ ହେଉଛି ପୁରୁଷ ବା ଈଶ୍ୱରଙ୍କ ସୃଜନୀ ଶକ୍ତି । ତେବେ ପୁରୁଷ ଓ ପ୍ରକୃତି ଆଦୌ ଦୁଇଟି ଅଲଗା ସତ୍ତା ନୁହେଁ । ଏହା ଏକ ଓ ଅଦ୍ୱିତୀୟ, ଅବିଚ୍ଛିନ୍ନ ଓ ଅବିଭାଜ୍ୟ ସତ୍ତା ଏବଂ ଏହି ଅସ୍ତିତ୍ୱର ଅବସ୍ଥା ହେଉଛି ଆନନ୍ଦ । ସ୍ରଷ୍ଟାର ଏହି ଅର୍ଦ୍ଧନାରୀଶ୍ୱର ରୂପକୁ ସଚ୍ଚିଦାନନ୍ଦ (ସତ୍+ଚିତ୍+ଆନନ୍ଦ) ମଧ୍ୟ କୁହାଯାଏ । ସତ (Existence) ହେଉଛି ପୁରୁଷ ଭାବ, ଚିତ୍ ବା ଚେତନା (Consciousness) ହେଉଛି ସୃଜନଶୀଳ ନାରୀ ଶକ୍ତି ଏବଂ ସେମାନଙ୍କ ଯୁଗ୍ମ ଅବିଭାଜ୍ୟ ଅବସ୍ଥା ହେଉଛି ଆନନ୍ଦ (Bliss) । ଏପରି ରୂପ ଜଗତରେ ମଧ୍ୟ ସ୍ତ୍ରୀ ପୁରୁଷର ମିଳନ ଏକ ପରମାନନ୍ଦର ଅବସ୍ଥା ।

ଏହି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ବା ରୂପ ଜଗତ ପ୍ରକୃତିର ଏକ ସୃଷ୍ଟି । ଏହାର ପରିକଳ୍ପନା, ପରିଯୋଜନା, ପରିଚାଳନା ଏବଂ ପରିମାର୍ଜନା ସବୁକିଛି ପ୍ରକୃତି ଦ୍ୱାରା ହୋଇଥାଏ । କେବଳ ପୁରୁଷର ଇଚ୍ଛା ଓ ସମ୍ମତି ଏହାର ପଛରେ ରହିଥାଏ । ପ୍ରକୃତି ବା ନାରୀର ଅସ୍ତିତ୍ୱର ପ୍ରମାଣ ହେଉଛି ତାର ରୂପ । ପ୍ରକୃତି ଇନ୍ଦ୍ରିୟଗ୍ରାହ୍ୟ । ପୁରୁଷ କେବଳ ଗୋଟେ ଇଚ୍ଛା ଓ ପ୍ରେରଣା ହୋଇଥିବା ଯୋଗୁଁ ତାର ରୂପଗତ ଅସ୍ତିତ୍ୱ କିଛି ନାହିଁ । ପୁରୁଷ ଏକ ଇନ୍ଦ୍ରିୟାତୀତ ଅନୁଭୂତି । ତେଣୁ ଈଶ୍ୱର ଏକାଧାରରେ ଇନ୍ଦ୍ରିୟଗତ (ପ୍ରକୃତି) ଏବଂ ଇନ୍ଦ୍ରିୟାତୀତ (ପୁରୁଷ)ର ଏକ ଅବସ୍ଥା । ଆମେ ଯଦି ସୃଷ୍ଟି ଇଚ୍ଛା ଓ ପ୍ରେରଣାକୁ ଚେତନାର ନିଜସ୍ୱ ବୋଲି ଧରିବା ତେବେ ପୁରୁଷର ଅସ୍ତିତ୍ୱ ମଧ୍ୟ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ରହିଛି । ସତ୍ୟର ଅସ୍ତିତ୍ୱକୁ ପୁରୁଷ ଓ ପ୍ରକୃତିର ରୂପକଳ୍ପ ମାଧ୍ୟମରେ ଏବଂ ନାନାଦି ଶବ୍ଦ ଦ୍ୱାରା ବୁଝିବା ଆଦୌ ନିରାପଦ ନୁହେଁ ।

ସତ୍ୟର ଏହି ତାତ୍ତ୍ୱିକ ଶିଖରରୁ ଆମେ ବର୍ତ୍ତମାନ ରୂପ ଜଗତର ବାସ୍ତବତାକୁ ଓହ୍ଲାଇବା ଏବଂ ମଣିଷରୂପୀ ଦେହଧାରୀ ନାରୀର ସ୍ୱରୂପ ଉଦ୍‌ଘାଟନ କରିବାକୁ ଚେଷ୍ଟା

କରିବା । ଏହି ଚେଷ୍ଟାରେ ବାଟ ଭୁଲି ସଂଶୟର ଘନ ଅରଣ୍ୟରେ ହଜିଯିବାର ସଂଭାବନାକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ । ନାରୀମାୟା ଦେବେ ଅଗୋଚର – ଏପରି କୌଣସି ସଂଶୟାଚ୍ଛନ୍ନ ନାରୀବିତ୍‌ର ଉଚ୍ଚାରଣ ହୋଇଥାଇପାରେ । ନାରୀ ହେଉଛି ପ୍ରକୃତିର ଏକ ବିଶେଷ ପ୍ରତିନିଧିସ୍ଥାନୀୟ ସୃଷ୍ଟି ବା ଅବସ୍ଥା । ସୃଷ୍ଟିର କଳ୍ପନା, ଯୋଜନା, ରଚନା, ସମ୍ଭାବନା ସବୁକିଛି ଗୁପ୍ତ ଓ ରହସ୍ୟମୟ । ସେଇ ରହସ୍ୟକୁ ଭେଦ କରିବା ଦେବତା ବା ଇନ୍ଦ୍ରିୟ (Senses) ମାନଙ୍କ କ୍ଷମତାର ବାହାରେ । ତେଣୁ ପ୍ରକୃତିକୁ ଯୋଗମାୟା (Creative Mystry) ମଧ୍ୟ କୁହାଯାଏ । ନାରୀର ଏହି ସୃଜନମାୟା ଦେବତା (Senses) ମାନଙ୍କୁ ଅଗୋଚର ହୋଇପାରେ, କିନ୍ତୁ ପୁରୁଷ ବା ଈଶ୍ୱରଙ୍କୁ ଅଗୋଚର ନୁହେଁ । କାରଣ ପ୍ରକୃତିର ଏହି ରଚନା ପୁରୁଷର ଇଚ୍ଛା ଓ ସମ୍ମତିର ଅନ୍ତର୍ଗତ । ତେଣୁ ନାରୀମାୟାକୁ ବୁଝିବା ପାଇଁ ପୁରୁଷର ସାହାଯ୍ୟ ଅନିବାର୍ଯ୍ୟ । ପୁରୁଷ ହିଁ ପ୍ରାକୃତିକ ରଚନାର ପ୍ରକୃତ ଦ୍ରଷ୍ଟା (Observer) ଏବଂ ସାକ୍ଷୀ (Witness) । ତେଣୁ ଏକ ଶୂନ୍ୟ, ମୁକ୍ତ, ନିରାସକ୍ତ ଓ ନିରପେକ୍ଷ ପୁରୁଷ ଦୃଷ୍ଟି ସୃଜନ ରହସ୍ୟକୁ ଭେଦ କରିବାର କ୍ଷମତା ରଖେ । ନାରୀର ବାସ୍ତବତାକୁ ଆବିଷ୍କାର କରିବା ପାଇଁ ଏପରି ଏକ ମୁକ୍ତ ଓ ନିରାସକ୍ତ ଦୃଷ୍ଟିର ଆବଶ୍ୟକତା ରହିଛି ।

ଜୀବ ଜଗତରେ ନାରୀ (Female) ସୃଷ୍ଟିର ଏକ ମୁଖ୍ୟ ଆୟୁଧ ଓ ଆଧାର । ତାର ମୂଳ ସ୍ୱରୂପ ହେଉଛି ଏକ ସୃଜନଶୀଳ ଶକ୍ତି ବା ମାତୃଶକ୍ତି (The creative mother force) । ତେଣୁ ମା' ହେଉଛି ନାରୀର ଏକମାତ୍ର ମୂଳ ଓ ପ୍ରକୃତ ପରିଚୟ । ବୈଜ୍ଞାନିକ ଦୃଷ୍ଟି ମଧ୍ୟ ପ୍ରଥମେ ନାରୀ ଓ ପରେ ପୁରୁଷ (male) ର ସୃଷ୍ଟିକୁ ସ୍ୱୀକୃତ ଦେଇଥାଏ । ତେଣୁ ନାରୀକୁ ତାର ସୃଜନ କର୍ମରେ ସାହାଯ୍ୟ କରିବା ପାଇଁ, ତାର ଯତ୍ନ ନେବା, ସେବା କରିବା, ସୁଖ ସୁବିଧା ଓ ସୁରକ୍ଷା ଯୋଗାଇ ଦେବା ପାଇଁ ପୁରୁଷକୁ ସୃଷ୍ଟି କରାଯାଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ । ଏହି ଜଗୁଆଳ ସେବକ ଓ ସୁରକ୍ଷା କର୍ମୀର କଠିଣ ଦାୟିତ୍ୱ ତୁଲାଇବା ପାଇଁ ପ୍ରକୃତି ନାରୀ ଅପେକ୍ଷା ପୁରୁଷ ଭିତରେ ଅଧିକ ବଳ ଓ ବୁଦ୍ଧି ଦେଇଥାଏ । ଇତର ପ୍ରାଣୀ ଜଗତରେ କେତେକ ସାମାଜିକ ପ୍ରାଣୀ ମାନଙ୍କୁ ଛାଡ଼ିଦେଲେ ନରର ଭୂମିକା କେବଳ ମୈଥୁନରେ ସୀମିତ ରହିଥାଏ । ଏପରିକି ମୈଥୁନ ପରେ ପରେ କେତେକ ପୁରୁଷ ପ୍ରାଣୀର ମୃତ୍ୟୁ ଘଟିବାର ଦେଖାଯାଏ । ଇତର ଜୀବ ଜଗତରେ ଗୃହ ନିର୍ମାଣଠୁ ଆରମ୍ଭ କରି ଶିଶୁକୁ ସକ୍ଷମ କରିବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ନାରୀକୁ ହିଁ ନେବାକୁ ପଡ଼ିଥାଏ । ତେଣୁ ସୃଷ୍ଟିରେ ନାରୀର ଭୂମିକା ସର୍ବାଧିକ ଓ ଅତ୍ୟାବଶ୍ୟକ ।

ନାରୀ ଓ ପୁରୁଷ ଭିତରେ ଯେଉଁ ଏକମାତ୍ର ପ୍ରକୃତ, ମୌଳିକ ସଂପର୍କ ରହିଛି ତାହା ମାତା ଓ ପୁତ୍ରର । . ବାକି ସବୁ ପାରିବାରିକ ଓ ସାମାଜିକ ସଂପର୍କ ମଣିଷକୃତ,

ଉଦ୍ଦେଶ୍ୟମୂଳକ ଓ ସ୍ୱାର୍ଥଜନିତ । ମାଆ ଓ ସନ୍ତାନ ଭିତରେ ଥିବା ବନ୍ଧନର ପବିତ୍ରତା, ଦୃଢ଼ତା ଓ ଚିରଂତନତା ଅନ୍ୟ କୌଣସି ମଣିଷକୃତ ସଂପର୍କରେ ନଥାଏ । ଯେଉଁ ସ୍ୱାର୍ଥ ଓ ଉଦ୍ଦେଶ୍ୟ ନେଇ ମଣିଷ ସଂପର୍କ ଯୋଡ଼ିଥାଏ ତାହା ଯଦି ସାଧିତ ନହୁଏ ତେବେ ସେ ସଂପର୍କ ଆପେ ଆପେ ଭୁଷୁଡ଼ି ଯାଏ । ସାମାଜିକ ଜୀବନ ଯାପନର ଆବଶ୍ୟକତା ଦୃଷ୍ଟିରୁ ନାରୀ ଓ ପୁରୁଷ ଏବଂ ମଣିଷ ମଣିଷ ଭିତରେ ଯେଉଁ ଦୁର୍ବଳ କୃତ୍ରିମ ସଂପର୍କର ଜାଲଟି ବୁଣା ଯାଇଥାଏ ତାକୁ ବଳବତ୍ତର ରଖିବା ପାଇଁ ନାନା ପ୍ରକାରର ବିଧି ଓ ବ୍ୟବସ୍ଥା, ନିୟମ ଓ ନୈତିକତା, ପାପ ଓ ପୁଣ୍ୟର ଦଣ୍ଡ ଓ ମାନସିକତା ସୃଷ୍ଟି କରାଯାଇଥାଏ । ତେତିଶ କୋଟି କାଳ୍ପନିକ ଦେବା ଦେବୀ ଓ ଦଶ ଦିଗପାଳଙ୍କୁ ସାକ୍ଷୀ ରଖି, ବନ୍ଧୁ ବାନ୍ଧବ ଓ ସମାଜର ସମକ୍ଷରେ ଶପଥ ପାଠ କରାଇ, ଆଗାମୀ ସାତ ଜନ୍ମ ପର୍ଯ୍ୟନ୍ତ ଏକ ଅତୁଟ ବନ୍ଧନର ଅନ୍ଧବିଶ୍ୱାସ ସୃଷ୍ଟି କରି ନାରୀ ଓ ପୁରୁଷ ଭିତରେ ପତି ପତ୍ନୀର ସଂପର୍କ ସ୍ଥାପନ ପାଇଁ ପାଣିଗ୍ରହଣ ଓ ବିବାହର ଭୋଜିଭାତ ଓ ଆନନ୍ଦ ଓ କୋଳାହଳମୟ ଉତ୍ସବର ଯେଉଁ ଆୟୋଜନ କରାଯାଏ, ତା ପଛରେ ସଂପର୍କକୁ ନେଇ ମଣିଷର ଭୟ ଓ ମାନସିକତାକୁ ବୁଝିବାର ଅଛି । ଶିଶୁଟିଏ ଜନ୍ମ ଦେବା ପରି ସୃଷ୍ଟିର ଏକ ମୁଖ୍ୟ ସୃଜନକର୍ମରେ କୌଣସି ଉତ୍ସବ ଆୟୋଜନ ଆବଶ୍ୟକତା ମଣିଷ ଅନୁଭବ କରେ ନାହିଁ କି କାହାକୁ ସାକ୍ଷୀ ରଖିବାର ଦରକାର ପଡ଼େ ନାହିଁ, କାରଣ ମାଆ ଓ ସନ୍ତାନର ଏହି ପବିତ୍ର ବନ୍ଧନ ଛିଣ୍ଡିବାର ଭୟ ଓ ଅବକାଶ ନଥାଏ ।

ନାରୀ କେବଳ ସୃଷ୍ଟି କରେ ନାହିଁ, ସୃଷ୍ଟିକୁ ପାଳିବା, ଗଢ଼ିବା, ସମ୍ଭାଳିବା ଓ ବୃଦ୍ଧି କରିବାର ସବୁ ଦାୟିତ୍ୱ ଗ୍ରହଣ କରିଥାଏ । ସୃଷ୍ଟିର ସଂରକ୍ଷଣ ଓ ସଂପ୍ରସାରଣ ପାଇଁ ନାରୀ ଭିତରେ ଥିବା ଆଗ୍ରହ ଓ ବ୍ୟାକୁଳତା ପୁରୁଷ ଭିତରେ ଦେଖାଯାଏ ନାହିଁ । ସୃଷ୍ଟିକୁ ସୁନ୍ଦର ଓ ବିକଶିତ କରିବା ପାଇଁ ସେ ପୁରୁଷର ସାହାଯ୍ୟ ଲୋଡ଼େ ଏବଂ ତାକୁ ସଂସାରର ବନ୍ଧନରେ ବାନ୍ଧିବା ପାଇଁ ଯେ କୌଣସି ସ୍ତର ପର୍ଯ୍ୟନ୍ତ ଓହ୍ଲାଇବାକୁ ପ୍ରସ୍ତୁତ ଥାଏ । ସଂସାର ସମ୍ଭାଳିବା ପାଇଁ ନାରୀର ଧୈର୍ଯ୍ୟ, ଅପେକ୍ଷା ଓ ସହନଶୀଳତାର ପଟାନ୍ତର ନାହିଁ । ପୁରୁଷ କିନ୍ତୁ ସଂସାର ବନ୍ଧନରୁ ସବୁବେଳେ ଖସି ଯିବାକୁ ଚେଷ୍ଟା କରୁଥାଏ, କାରଣ ସୃଜନଶୀଳତାର ଆନନ୍ଦ ଓ ଅନୁଭବରୁ ସେ ବଞ୍ଚିତ ହେତୁ ସଂସାର ପ୍ରତି ତାର ଏତେ ବେଶୀ ଆସକ୍ତି ଓ ଅନୁରକ୍ତି ନଥାଏ । ଆମେ ସ୍ୱୀକାର କରୁ ବା ନକରୁ, ସୃଜନକର୍ମରେ ସହାୟତା ପାଇଁ ନାରୀର ଦାସ ଓ ସେବକ ରୂପରେ ପୁରୁଷର ଯେ ସୃଷ୍ଟି ହୋଇଛି -ଏ ସତ୍ୟକୁ ଜାଣିବା ଓ ସ୍ୱୀକାର କରିବା ତ ଦୂରର କଥା, ସେ ତାର ଦାୟିତ୍ୱ ଓ କର୍ତ୍ତବ୍ୟରୁ ପଳାୟନ କରି ସ୍ୱାଧୀନତା ଖୋଜେ । ନାରୀ କିନ୍ତୁ ତାର ଦେହ, ମନ, ଆତ୍ମା, ଆଶା, ଆକାଂକ୍ଷା ଓ ସ୍ୱାଧୀନତା ସବୁ କିଛି ପୁରୁଷଠାରେ ସମର୍ପଣ କରି ତାର ଦାସୀ ଓ ସେବିକା ପାଲଟିଯାଏ । ଏହି ସମର୍ପଣ

ପଛରେ ରହିଛି ନାରୀର ସୃଜନଶୀଳ ପ୍ରବୃତ୍ତିର ପ୍ରେରଣା ଯାହା ସୃଷ୍ଟିର ଏକ ଉଦ୍ଦେଶ୍ୟ । ସୃଷ୍ଟି ମାତ୍ରେ ଇ ସ୍ରଷ୍ଟାର ପ୍ରେମର ଅଭିବ୍ୟକ୍ତି । ତେଣୁ ନାରୀର ଏହି ନିଃସ୍ୱାର୍ଥପର ସମର୍ପଣ ଯେ ପ୍ରେମର ଏକ କ୍ରିୟାଶୀଳତା ଏଥିରେ ସଂନ୍ଦେହ ନାହିଁ ।

ନାରୀ କେବଳ ସୃଜନଶୀଳତାର ନୁହେଁ ପ୍ରେମର ମଧ୍ୟ ପ୍ରତୀକ ତଥା ଅଧିକାରିଣୀ, କାରଣ ସୃଜନଶୀଳତା ହେଉଛି ପ୍ରେମର ଅଭିବ୍ୟକ୍ତି ଏବଂ ତାର ନିର୍ଯ୍ୟାସ ହେଉଛି ଆନନ୍ଦ । ସୃଜନଶକ୍ତିର ଅଭାବ ଯୋଗୁଁ ପୁରୁଷ ପ୍ରେମର ଭାବ ଓ ଆନନ୍ଦରୁ ବଞ୍ଚିତ ଥାଏ । ତେଣୁ ସେ ଭୋଗରୁ ଆନନ୍ଦ ଆହରଣ କରେ । ନାରୀ ପ୍ରତି ପୁରୁଷର ଯେଉଁ ଆକର୍ଷଣ ଓ ଆନୁଗତ୍ୟ ତାହା ତାର ସୁଖ ଭୋଗ ଏବଂ ନାରୀ ଉପରେ ତାର କ୍ଷମତାର ଲୋଭ ମାତ୍ର । ପୁରୁଷର ଲୋକ ଦେଖାଣିଆ ପ୍ରେମ ଓ ସମର୍ପଣରେ ସ୍ୱାର୍ଥ ଥାଏ, ଛଳନା ଥାଏ । ନାରୀ ନ ହେଲେ କେହି ସ୍ରଷ୍ଟା ହୋଇ ପାରିବ ନାହିଁ ଏବଂ ସ୍ରଷ୍ଟା ନହେଲେ ପ୍ରେମ କରି ପାରିବ ନାହିଁ । ପ୍ରେମର ପ୍ରକୃତ ସ୍ୱରୂପ ହେଉଛି ସମର୍ପଣ । ନିଜକୁ ଦେବା, ଅନ୍ୟ ଭିତରେ ନିଜକୁ ସମାହିତ କରିଦେବା, ନିଜର ଅସ୍ତିତ୍ୱକୁ ନିଶ୍ଚିହ୍ନ କରିଦେବା । ତେବେ ସବୁ ପୁରୁଷ ଯେ ପ୍ରେମ କରିବା ପାଇଁ ଅସମର୍ଥ, ପ୍ରେମାନନ୍ଦ ଲାଭ କରିବା ପାଇଁ ଅଯୋଗ୍ୟ, ତାହା ନୁହେଁ । ପ୍ରତ୍ୟେକ ପୁରୁଷ ଭିତରେ ନାରୀ ସତ୍ତାଟିଏ ରହିଥାଏ ଏବଂ ପ୍ରତ୍ୟେକ ନାରୀ ଭିତରେ ପୁରୁଷ ସତ୍ତାଟିଏ ମଧ ରହଥାଏ । କାରଣ ପ୍ରତ୍ୟେକ ମଣିଷ ଅର୍ଦ୍ଧନାରୀଶ୍ୱରର ଏକ ସଂକ୍ଷିପ୍ତ ରୂପଗତ ଅବସ୍ଥା । ପୁରୁଷ ଭିତରେ ଏହି ନାରୀସତ୍ତା ଯେତେବେଳେ ଜାଗ୍ରତ ହୁଏ ସେ ସୃଜନଶୀଳ ହେବା ସହିତ ପ୍ରେମ କରିବାର ଯୋଗ୍ୟତା ହାସଲ କରେ । କେବଳ ପ୍ରେମହିଁ ନିଜକୁ ସଂପ୍ରସାରିତ ଓ ବିକଶିତ କରିବାର ଏକମାତ୍ର ପଥ ଏବଂ ବ୍ୟକ୍ତିତ୍ୱର ସଂପ୍ରସାରଣ ଓ ବିକାଶ ହିଁ ପ୍ରକୃତ ଅର୍ଥରେ ସୃଜନଶୀଳତା । ପୁରୁଷ ଦେହଧାରୀ ପ୍ରତ୍ୟେକ ସତ୍ ପ୍ରେମିକ ଓ ସୃଜନଶୀଳ ବ୍ୟକ୍ତି ଆତ୍ମାରେ, ହୃଦୟରେ ଜଣେ ଜଣେ ନାରୀ । ପ୍ରତ୍ୟେକ ସୃଜନଶୀଳ ପୁରୁଷଠାରେ ପ୍ରେମର ଗୁପ୍ତ ଗଂଗାଟିଏ ରହିଥାଏ ଯାହା କଳା, ସାହିତ୍ୟ, ସଂଗୀତ, ଧର୍ମ, ଦର୍ଶନ, ଚିନ୍ତନ, ସେବା, ବିବେକ ଆଦି ରୂପରେ ପ୍ରକାଶିତ ହୋଇଥାଏ ।

ମଣିଷ ଜାତିରେ ପୁରୁଷଠାରେ ନାରୀର ସମର୍ପଣକୁ ବିବର୍ତ୍ତନର ଧାରାରେ ସ୍ରଷ୍ଟାର ଏକ ସୁପରିକଳ୍ପିତ ଯୋଜନା ରୂପରେ ଦେଖାଯାଇପାରେ । ଇତର ପ୍ରାଣୀ ଜଗତରେ ସୃଜନ ଓ ସଂସାର କର୍ମରେ ପୁରୁଷର ଅନ୍ୟମନସ୍କତା ଓ ଉଦାସୀନତା ଆମେ ଲକ୍ଷ୍ୟ କରିଛୁ । ଜୀବନର ଦ୍ରୁତ ବିକାଶ ଓ ବିବର୍ତ୍ତନରେ ତୀବ୍ରତା ଆଣିବା ସକାଶେ ନାରୀ ସହିତ ପୁରୁଷକୁ ବାନ୍ଧି ସୃଜନ କର୍ମ ଓ ସଂସାର ପାଳନରେ ତାକୁ ସଂଶ୍ଲିଷ୍ଟ କରିବା ତଥା ତାର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ତାକୁ ସଚେତନ କରିବା ପାଇଁ ପ୍ରକୃତିର ଏହା ଏକ

ଉଦ୍ଦେଶ୍ୟ ବୋଲି ମନେ ହୁଏ । ତେବେ ବର୍ତ୍ତମାନ ପରିସ୍ଥିତିରେ ଏହି ଯୋଜନା ସଫଳତା ଓ ବିଫଳତା ଅବଶ୍ୟ ବିଚାର୍ଯ୍ୟ ।

ଅର୍ଦ୍ଧନାରୀଶ୍ୱରର କଳ୍ପନା ପରିପ୍ରେକ୍ଷୀରେ ନାରୀକୁ ବୁଝିବା ପାଇଁ ତାର ଅନ୍ୟ ଅର୍ଦ୍ଧ ପୁରୁଷକୁ ମଧ୍ୟ ବୁଝିବାକୁ ପଡ଼ିବ । ସମଗ୍ର ରୂପ ଜଗତ ଯେହେତୁ ଚେତନା (ନାରୀ ବା ପ୍ରକୃତି)ର ଏକ ରୂପଗତ ଅବସ୍ଥା ତେଣୁ ସମଗ୍ର ଜଗତ ଓ ତାର ପ୍ରତ୍ୟେକ ରୂପକୁ ନାରୀ ରୂପରେ ଗ୍ରହଣ କରିବାକୁ ହେବ । ପୁରୁଷ ସତ୍ତାଟି ହେଉଛି ଏକ ରୂପହୀନ ଶୂନ୍ୟଭାବ ଯାହାକୁ ଆତ୍ମା ଭାବରେ ଚିହ୍ନିତ କରାଯାଏ । ତେଣୁ ରୂପଜଗତର ତଥା କଥିତ ଦେହଧାରୀ ପୁରୁଷ (Male) ଟି ମଧ୍ୟ ଗୋଟେ ନାରୀ । କିନ୍ତୁ ସୃଜନ ଶକ୍ତି ଅଭାବ ହେତୁ ତାକୁ ବନ୍ଧ୍ୟା ନାରୀ ବୋଲି କହିବା, ଏହି ସୃଜନ ଶକ୍ତି ରହିତ ପୁରୁଷ ବା ବଂଧ୍ୟାନାରୀ ସୃଷ୍ଟିର ସବୁଠୁ ବଡ଼ ପ୍ରତିବନ୍ଧକ ଏବଂ ନାରୀର ସବୁଠୁ ବଡ଼ ଶତ୍ରୁ ଓ ଘାତକ । ସେ ବନ୍ଧ୍ୟାତ୍ୱର ଅଭାବ ଓ ଅଭିଶାପକୁ ସହଜରେ ଗ୍ରହଣ କରିପାରେ ନାହିଁ । ତେଣୁ ତାର ଗଭୀର ମାନସିକତାରେ ସୃଜନଶୀଳତା ପ୍ରତି ଅସୂୟା ଏବଂ ନାରୀ ପ୍ରତି ଈର୍ଷାର ଚେର ମାଡ଼ିଥାଏ । ନାରୀ ଯେତେବେଳେ ତାର ସୃଜନଶୀଳତା ପାଇଁ ପୁରୁଷର ସାହାଯ୍ୟ ଲୋଡ଼େ, ତା'ପାଖରେ ନିଜକୁ ସମର୍ପଣ କରେ ସେତେବେଳେ ସେ ପ୍ରତିଶୋଧ ଓ ପ୍ରତିହିଂସା ପରାୟଣ ହୋଇ ତାକୁ ଭୋଗ୍ୟ ବସ୍ତୁ ରୂପରେ, କ୍ରୀତଦାସ ରୂପରେ ଅଧିକାର ଓ ବ୍ୟବହାର କରେ । ତାକୁ ତାର ସବୁ ଅଧିକାର ଓ ସ୍ୱାଧୀନତାରୁ ଛିନ୍ନ କରେ । ବର୍ତ୍ତମାନ ନାରୀ ଉପରେ ପୁରୁଷର ଯେଉଁ ଅତ୍ୟାଚାର ଆମେ ଦେଖିବାକୁ ପାଉଛୁ ତାହା ତାର ବନ୍ଧ୍ୟାତ୍ୱ ଜନିତ ମାନସିକ ଅବସାଦ ଓ ପ୍ରତିହିଂସାର ପ୍ରତିଫଳନ ମାତ୍ର ।

ଏକ ଅଯୋଗ୍ୟ ବନ୍ଧ୍ୟା ପୁରୁଷ ପାଖରେ ଆତ୍ମ ସମର୍ପଣ ଯୋଗୁଁ ନାରୀ ସବୁ ପ୍ରତିବାଦ ଓ ବିଦ୍ରୋହର ଶକ୍ତି ହରାଇ ତା'ହାତରେ ଏକ ଅସହାୟ ମାଟି କଣ୍ଢେଇ ପାଲଟିଯାଏ । ପୁରୁଷ ତାର ଇଚ୍ଛା ମୁତାବକ ତାକୁ ଭାଙ୍ଗେ ଓ ଗଢ଼େ । ବର୍ତ୍ତମାନର ସମାଜରେ ଆମେ ନାରୀର ଯେଉଁ ବିକୃତ, ଉଲଗ୍ନ, ଉଶୃଂଙ୍ଖଳ, ଅବହେଳିତ, ଗୃହପାଳିତ, ଉପଭୋଗ୍ୟ, ନିରସ୍ତ୍ର, ଅତ୍ୟାଚାରିତ, ଖଳ ଆଦି ନାନା ରୂପ ଦେଖିବାକୁ ପାଉଛୁ ତାହା ଯେ ପୁରୁଷ ଦ୍ୱାରା ନିର୍ମିତ ଏକ ଭିନ୍ନ ନାରୀ, ଏଥିରେ ସଂନ୍ଦେହ ନାହିଁ । ବର୍ତ୍ତମାନର ନାରୀକୁ ଦେଖିଲେ ତାର ମୂଳ ସତ୍ତା 'ମା'ର ଛବିଟି ଆଉ ମନେ ପଡୁନାହିଁ । ପୁରୁଷ ନାରୀକୁ କେବଳ ଭୋଗ୍ୟ ବସ୍ତୁରେ ପରିଣତ କରିନାହିଁ, ଭୋଗ କାମନା ଦ୍ୱାରା ତାର ମନ ଓ ହୃଦୟକୁ ଆକ୍ରାନ୍ତ କରି ତାର ମାତୃତ୍ୱର ପବିତ୍ରତାକୁ ମଧ ନଷ୍ଟ କରିବାରେ ସଫଳ ହୋଇଛି । ଭୋଗ ବିଳାସ, ଅର୍ଥ, ଉପାର୍ଜନ, କ୍ଷମତା

ଅଧିକାର, ଶତ୍ରୁ ସଂହାର ଆଦି ପ୍ରତିଟି କୁକର୍ମରେ ନାରୀକୁ ବ୍ୟବହାର କରି ଜୀବନକୁ ମୃତ୍ୟୁ ମୁହଁକୁ ଠେଲି ଦେବାରେ କେବଳ ଏହି ବନ୍ଧ୍ୟା ପୁରୁଷର ହିଁ ହାତ ରହିଛି ।

ନାରୀକୁ ମା' ରୂପରେ ଦେଖିବାର ଦୃଷ୍ଟିଟି ଆମେ ହରାଇ ସାରିଛୁ । ନାରୀ ଏବେ ନଗ୍ନତା, ଅଶ୍ଳୀଳତା, ରୋଗ ଓ କାମନାର ଏକ ପ୍ରତୀକରେ ପରିଣତ ହୋଇଛି । ଗୋଟିଏ ପଟେ ଆମେ ନାରୀ ଜାଗରଣ, ନାରୀ ମୁକ୍ତି, ନାରୀ ସଶକ୍ତିକରଣର ପକ୍ଷ ନେଉ, ଅନ୍ୟପଟେ ନାରୀତ୍ୱ ବିକୃତି ପାଇଁ ତାର ସ୍ୱାଧୀନତା, ତାର ମୁକ୍ତ ଆଚରଣ, ତାର ଦାବୀ ଓ ପ୍ରତିବାଦକୁ ଦୋଷ ଦେଉ । ସିନେମା, ଟି.ଭି., ବିଜ୍ଞାପନ, ହାଟ ବଜାର ସବୁଠି ନାରୀର ନଗ୍ନତାକୁ ଆମେ ଭିତରେ ଭିତରେ ଉପଭୋଗ କରୁଥାଉ ଅଥଚ ଉପରେ ଉପରେ ନାକ ଟେକିବାର ଛଳନା କରୁଥାଉ, ନାରୀକୁ ସମାଲୋଚନା କରୁଥାଉ । ଗୋଟିଏ ପଟେ କାଠ, ପଥରର ଦୁର୍ଗା, ଲକ୍ଷ୍ମୀ, ପାର୍ବତୀମାନଙ୍କୁ ମାଆର ସମ୍ମାନ ଦେଇ ପୂଜା ଆରାଧନା କରୁ, ଅନ୍ୟପଟେ ଆମର ଜନ୍ମଦାତ୍ରୀ ରକ୍ତ ମାଂସର ଜୀବନ୍ତ ମା'କୁ ଧର୍ଷଣ କରୁ, ବେଶ୍ୟାଳୟରେ ବସାଉ, ଯୌତୁକ ପାଇଁ ହତ୍ୟାକରୁ ଏବଂ ଭ୍ରୂଣ ଅବସ୍ଥାରେ ତାର ସଂଭାବନାକୁ ଦଳିଦେଉ । ଏବଂ ସବୁଠୁ ବିଡ଼ମ୍ବନାର ବିଷୟ ଯେ ଏଥିପାଇଁ ଆମେ ନାରୀର ଚରିତ୍ର ଉପରେ ତାର ସ୍ୱାଧୀନତା ଉପରେ, ସାମାଜିକ ବ୍ୟବସ୍ଥା ଉପରେ ଦୋଷ ଢ଼ାଳି ଦେଉ । ଆହୁରି ଆଶ୍ଚର୍ଯ୍ୟ କଥା ଯେ ପୁରୁଷ କେବଳ ତାର ସ୍ୱାର୍ଥ ସାଧନ ପାଇଁ ନାରୀକୁ ନିର୍ଯ୍ୟାତନା ଦିଏ ନାହିଁ, ତାର ସ୍ୱାର୍ଥ ସାଧନ ପାଇଁ ତାକୁ ସୁଖ ସୁରକ୍ଷା ମଧ୍ୟ ଯୋଗାଇ ଦିଏ । ନାରୀକୁ ମାତୃତ୍ୱର ସମ୍ମାନ ଦେଇ, ଈଶ୍ୱରଙ୍କ ଏକ ମହାନ କଳାକୃତି ରୂପରେ ଯେ ତାକୁ ସୁରକ୍ଷା ଦିଏ ସେକଥା ଆଦୌ ନୁହେଁ, ବରଂ ପୁରୁଷକୁ ସୁଖ ଯୋଗାଇ ଦେଉଥିବା ଏକ ବସ୍ତୁ, ଏକ ସଂପତ୍ତି ରୂପରେ ସାଇତି ରଖିବା ପାଇଁ ସୁରକ୍ଷା ଦିଏ ।

ମଣିଷର ସାମାଜିକ ଜୀବନ ଆରମ୍ଭ ହେବା ଦିନଠୁ ନାରୀ ନିର୍ଯ୍ୟାତନାର ମୂଳଦୁଆ ପଡ଼ିଥିବା ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ । ମଣିଷ ସଭ୍ୟତା ଏବଂ ପୁରୁଷର ଗୁରୁତ୍ୱ ଓ କ୍ଷମତା କଳହକୁ ନେଇ ରଚିତ ଇତିହାସ ଦେଖିଲେ ସମାଜରେ ନାରୀର ଏକ ପ୍ରକାର ଅସ୍ତିତ୍ୱହୀନତା ଓ ନଗନ୍ୟତାର ପ୍ରମାଣ ମିଳେ । ପୁରାଣ ସାହିତ୍ୟରେ ଆମେ ଯେଉଁ ମହୀୟସୀ ନାରୀମାନଙ୍କର ଚିତ୍ର ଦେଖିବାକୁ ପାଉ ତାହା କବିର କଳ୍ପନା ମାତ୍ର । ତାହା ସମାଜର ବାସ୍ତବ ଚିତ୍ର ନୁହେଁ । ସମାଜରେ ନାରୀର ଦୟନୀୟ ଅବସ୍ଥା ପ୍ରତି ସଂବେଦନଶୀଳ କବି ହୁଏତ ନାରୀ ପ୍ରତି ସମାଜକୁ ସଚେତନ କରିବା ପାଇଁ ତାର ମହନୀୟତାର ଚିତ୍ର ଆଙ୍କିଥାଇ ପାରନ୍ତି । ଅତି ପ୍ରାଚୀନ ସାହିତ୍ୟରୁ ଆରମ୍ଭ କରି ସାଂପ୍ରତିକ ଯୁଗ ପର୍ଯ୍ୟନ୍ତ କବିର କଲମରେ ନାରୀର ଯେଉଁ ଚିତ୍ର ଓ ଭାବ ଫୁଟିଛି ତାହା ନାରୀକୁ ନେଇ କବିର ସ୍ୱପ୍ନ ଓ କାମନାର ତୁଚ୍ଛା କଳ୍ପନା ମାତ୍ର । ଆଧୁନିକ

ଗଦ୍ୟ ସାହିତ୍ୟରେ କେବଳ ନାରୀର ବାସ୍ତବ ଚିତ୍ର କେତେକାଂଶରେ ସ୍ଥାନ ପାଇଥିବାର ଦେଖାଯାଏ । ମଣିଷର ପଞ୍ଜିକୃତ ଇତିହାସରେ ନାରୀ କେବେ କେଉଁଠି ପୁରୁଷର ପତନର କାରଣ ହୋଇ କେବଳ ଉଂକି ମାରିଛି । ଇତିହାସ ପୃଷ୍ଠାରେ ଯେତେବେଳେ ସେ ସ୍ଥାନ ପାଇବାକୁ ଦାବୀ କରିଛି ତାକୁ ଅବହେଳା ଓ ଅଶୁଣା କରି ଦିଆଯାଇଛି, ତାର କଣ୍ଠରୋଧ କରି ଦିଆଯାଇଛି । ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ନାରୀକୁ ଯେଉଁ ଘୃଣ୍ୟ , ଶତ୍ରୁ ଓ ତାଜ୍ୟ ପାତ୍ର ରୂପରେ ସ୍ଥାନ ମିଳିଛି ନାରୀ ପ୍ରତି ଅସମ୍ମାନର ତାହା ଚରମ ନିଦର୍ଶନ । ପୁରୁଷର ଅହଂ ସର୍ବସ୍ୱ ଇତିହାସର ଅନ୍ତରାଳରେ ନାରୀ ଅବହେଳା ଓ ନିର୍ଯ୍ୟାତନାର ଯେଉଁ କଳଙ୍କିତ ଅଲିଖିତ ଇତିହାସଟି ଜଳ ଜଳ ଦିଶୁଛି ତାର ଚିତ୍ରଟି ଏବେ ଆହୁରି ସ୍ପଷ୍ଟ ଦେଖାଯାଉଛି ।

ସମାଜର ପ୍ରତ୍ୟେକ ବ୍ୟବସ୍ଥାରେ ଶିକ୍ଷା, ଶାସନ, ରାଜନୀତି ଆଦି ପ୍ରତ୍ୟେକ କ୍ଷେତ୍ରରେ ପୁରୁଷ ସହ ସମାନ ସୁଯୋଗ ଓ ଅଧିକାର ଦେବା, ଚାକିରୀ ଦେବା, ଉଚ୍ଚ ପଦ ପଦବୀ ଓ ଆସନ ଦେବା ଯେ ନାରୀକୁ ଉପଯୁକ୍ତ ସମ୍ମାନ ଓ ସ୍ୱାଧୀନତା ଦେବା, ଏପରି ଏକ ଭ୍ରାନ୍ତ ଧାରଣା ସୃଷ୍ଟି କରିବା ପୁରୁଷର ଆଉ ଏକ ଷଡ଼ଯନ୍ତ୍ର ଛଡ଼ା ଅନ୍ୟ କିଛି ନୁହେଁ । ଏହାଦ୍ୱାରା ନାରୀ ନିର୍ଯ୍ୟାତନାର କ୍ଷେତ୍ରଟି ଆହୁରି ପ୍ରଶସ୍ତ ହୋଇଛି । ସମ୍ମାନ ଓ ସ୍ୱାଧିନତା ଦେବାର ଆଳରୁ ନାରୀକୁ ଘର ଭିତରୁ ଟାଣି ନେଇ ସବୁଠି ତାକୁ ନିର୍ଯ୍ୟାତନା ଦେବା ଦୁର୍ଭାଗ୍ୟଜନକ । ନାରୀ ଘର ଭିତରେ ରହୁ ବା ବାହାରକୁ ଆସୁ, ତା'ପ୍ରତି ପୁରୁଷର ଦୃଷ୍ଟିଭଙ୍ଗୀ ଓ ମାନସିକତାରେ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ତାକୁ ଏକ ସୃଜନଶୀଳ ସତ୍ତା ରୂପରେ ସମ୍ମାନ ନଦେବା ପର୍ଯ୍ୟନ୍ତ ତାକୁ 'ମାଆ' ରୂପରେ ଦେଖିବା ଓ ସ୍ୱୀକାର ନ କରିବା ପର୍ଯ୍ୟନ୍ତ ନାରୀ ନିର୍ଯ୍ୟାତନାର ଶେଷ ହୋଇନାହିଁ ଏବଂ ତାକୁ ଯଥାଯଥ ସମ୍ମାନ, ସୁଯୋଗ ଓ ସ୍ଥାନ ମିଳି ନାହିଁ ବୋଲି ଜାଣିବାକୁ ହେବ ।

ନାରୀ ବିରୁଦ୍ଧରେ ଏକ ଅଜ୍ଞାତ ଷଡ଼ଯନ୍ତ୍ରରେ ଲିପ୍ତ ପୁରୁଷ ଯେପରି ତାର ମନୋଦଶା ପ୍ରତି ସଚେତନ ନୁହେଁ ସେହି ଷଡ଼ଯନ୍ତ୍ରର ଶୀକାର ହୋଇଥିବା ନାରୀ ତାର ନିର୍ଯ୍ୟାତିତ ଅବସ୍ଥା ପ୍ରତି ମଧ୍ୟ ସଚେତନ ନୁହେଁ । ସାଧାରଣ ଜୀବନ ଯାପନର ଉପରସ୍ତରରେ ଭାସମାନ ଉଭୟ ନର ଓ ନାରୀ ଜୀବନର ଗଭୀରତମ ସତ୍ୟ ପ୍ରତି ସଂପୂର୍ଣ୍ଣ ଅଜ୍ଞ । ଜୀବନର ଯାବତୀୟ ବିକୃତି ମାନସିକ ସ୍ତରରେ ସଂଘଟିତ ହୋଇଥାଏ । ତେଣୁ ମଣିଷର ସବୁ ସମସ୍ୟାର ଏକ ମନୋବୈଜ୍ଞାନିକ ଦିଗ ରହିଛି ଯାହାକୁ ଜାଣିବା ଓ ବୁଝିବା ନିହାତି ଦରକାର ।

ପ୍ରାକୃତିକ ସୃଜନଶକ୍ତିରୁ ବଞ୍ଚିତ ପୁରୁଷର ବନ୍ଧ୍ୟାତ୍ୱ ଯେ ନାରୀ ନିର୍ଯ୍ୟାତନାର ମୁଖ୍ୟ ମନୋବୈଜ୍ଞାନିକ କାରଣ, ଏହା ଆମେ ଦେଖିବାକୁ ପାଇଲେ । ତେବେ ସବୁ

ପୁରୁଷ ଯେ ବନ୍ଧ୍ୟା ଏବଂ ସୃଜନଶୀଳତା ତଥା ନାରୀର ଶତ୍ରୁ, ଏହା ଆଦୌ ସତ୍ୟ ନୁହେଁ । ପ୍ରତ୍ୟେକ ମଣିଷ ଭିତରେ ପୁରୁଷ ଓ ପ୍ରକୃତିର ସହାବସ୍ଥାନ ସ୍ୱୀକୃତ, ତେଣୁ ପ୍ରତ୍ୟେକ ପୁରୁଷ ଭିତରେ ସୃଜନକ୍ଷମତା ରହିଥିବା ମଧ୍ଯ ଏକ ସ୍ୱୀକୃତ ସତ୍ୟ । ତେବେ ଏହି ଶକ୍ତି ସୁପ୍ତ ଅବସ୍ଥାରେ ରହିଥାଏ ଏବଂ ତାର ଅଭାବ ଅନୁଭୂତ ହେଲେ ଯାଇ ଜାଗ୍ରତ ହୁଏ । ପ୍ରତ୍ୟେକ ପୁରୁଷ ଭିତରେ ଏହି ଅଭାବ, ତେବେ ଯା'ର ଭିତରେ ଏହା ତୀବ୍ର ରୂପ ଧାରଣ କରେ ସେ ଏକ ସ୍ରଷ୍ଟାରେ ରୂପାନ୍ତରିତ ହୋଇଯାଏ । ନାରୀ ସ୍ରଷ୍ଟା ହୋଇ ଜନ୍ମ ନେଇଥାଏ କିନ୍ତୁ ପୁରୁଷକୁ ସ୍ରଷ୍ଟା ହେବା ପାଇଁ ନାରୀ ସତ୍ତାରେ ରୂପାନ୍ତରିତ ହେବାକୁ ପଡ଼େ । ନାରୀ ଯେହେତୁ ଏକ ଜୀବ-ରୂପର ସ୍ରଷ୍ଟା ତେଣୁ ସେ ଆଉ ଏକ ପୁରୁଷ ପାଖରେ ନିଜକୁ ସମର୍ପଣ କରେ । କିନ୍ତୁ ପୁରୁଷ କେବଳ ଭାବ-ରୂପ (Art) ର ସ୍ରଷ୍ଟା ହେବାର ଯୋଗ୍ୟତା ରଖୁଥିବା ହେତୁ ତାର ଅନ୍ତରର ଭାବ ପୁରୁଷ ବା ସତ୍ୟ ପାଖରେ ନିଜକୁ ସମର୍ପଣ କରିବାକୁ ପଡ଼େ । ଏହି ପୁରୁଷ ରୂପୀ ସୃଜନଶୀଳ ନାରୀ ବାସ୍ତବ ରୂପର କ୍ଷମତା ନରଖିଲେ ମଧ୍ୟ କଳା, ସାହିତ୍ୟ, ସଂଗୀତ, ଦର୍ଶନ, ଧର୍ମ, ଜ୍ଞାନ ଆଦି କ୍ଷେତ୍ରରେ ଅଦ୍‌ଭୁତ ଓ ବୈଚିତ୍ର୍ୟମୟ ସୃଷ୍ଟିର ଅଧିକାରୀ ହୋଇ ଜଗତ ଓ ଜୀବନର ସୌନ୍ଦର୍ଯ୍ୟ ଓ ସୁରକ୍ଷା ସହିତ ଚିନ୍ତା ଓ ଚେତନାର ବିକାଶରେ ଅଭୂତପୂର୍ବ ସଫଳତା ହାସଲ କରିଥାଏ । କେବଳ ଏପରି ସୃଜନଶୀଳ ପୁରୁଷ ହିଁ ନାରୀକୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ଦେବାର ମନୋଭାବ ପୋଷଣ କରେ ଏବଂ ଜଗତ ଓ ଜୀବନର ସୁଖ, ଶାନ୍ତି ଓ ସମୃଦ୍ଧିର ସ୍ୱପ୍ନ ଦେଖେ ।

ସୃଜନଶୀଳ ସତ୍ତା ମାତ୍ରେଇ ଏକ ନାରୀ ସତ୍ତା, ଏହାର ସତ୍ୟାସତ୍ୟ ଜାଣିବାର ଆବଶ୍ୟକତା ରହିଛି । ସୃଜନଶୀଳତାର ପ୍ରକୃତ ଅର୍ଥ ହେଉଛି ଚେତନାର ଅଭିବ୍ୟକ୍ତି ଯାହା ଏକ ସୂକ୍ଷ୍ମ କୋମଳ ମଧୁର ଭାବ । ଏହି ଭାବଟି ହିଁ ପ୍ରେମ । ଏହା ଯେଉଁ ଭାବ ଓ ରୂପରେ ପ୍ରକାଶିତ ହେଉନା କାହିଁକି ଯେଉଁ ଆଧାର ମାଧ୍ୟମରେ ପ୍ରକାଶିତ ହୁଏ ତାହା ସୂକ୍ଷ୍ମ, କୋମଳ, ମଧୁର ଓ ପ୍ରେମାପ୍ଳୁତ ଅବଶ୍ୟ ହେବ । ରୂପ ବା ଶରୀରଟିଏ ସୃଷ୍ଟି କରିବା ପାଇଁ ନାରୀ ଯେହେତୁ ଏକ ମାଧ୍ୟମ ତେଣୁ ତାର ଶରୀର କୋମଳ ଓ ସୁନ୍ଦର ହୋଇଥାଏ । ତାର ବାଣୀ ଏବଂ ଶାରୀରିକ କ୍ରିୟାରେ ମଧ୍ଯ ଆମେ କୋମଳତା ଓ ମାଧୁର୍ଯ୍ୟ ଦେଖିବାକୁ ପାଉଁ । ଏପରିକି ନୃତ୍ୟ ଓ ଗୀତ ପରି ଶରୀର ସଂପର୍କୀତ ବା କ୍ଷେତ୍ରରେ ତାର ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । କେବଳ ଶରୀର ସୃଜନ କ୍ଷେତ୍ରରେ ନୁହେଁ ଚିନ୍ତା ଦୃଷ୍ଟି ଓ ଭାବର ସୃଜନ ଭୂମିରେ ମଧ୍ଯ ନାରୀକୁ ଦେଖିବାକୁ ପାଉଛୁ । ନାରୀର ଏହି ବହୁମୁଖୀ ପ୍ରତିଭା ଆଦୌ ପୁରୁଷଭାବ ଦ୍ୱାରା ପ୍ରଭାବିତ ନୁହେଁ, ବରଂ ଏହା ନାରୀସତ୍ତାର ଏକ ବିକଶିତ ଓ ସଂପ୍ରସାରିତ ଅବସ୍ଥା । ପୁରୁଷ ଭିତରେ ଚେତନା ବିଭିନ୍ନ ଭାବ-ରୂପ ନେଇ ମନ, ହୃଦୟ ଓ ଦୃଷ୍ଟି ମାଧ୍ୟମରେ ପ୍ରକାଶିତ ହେଉଥିବାରୁ

ପ୍ରତ୍ୟେକ ସୃଜନଶୀଳ ପୁରୁଷର ମନ, ହୃଦୟ ଓ ଦୃଷ୍ଟି କୋମଳ, ମଧୁର ଓ ପ୍ରେମମୟ ହୋଇଥାଏ । ଯଦି ସୃଜନଶୀଳ ସତ୍ତାର ଏହି ମୌଳିକ ଗୁଣ ଗୁଡ଼ିକ ତା ଭିତରେ ଦେଖାଯାଉ ନାହିଁ, ଯଦି ପୁରୁଷର ଅହଂ ଦ୍ୱାରା ସେ ଆକ୍ରାନ୍ତ ତେବେ ତାର ସୃଜନଶୀଳ ସତ୍ତାଟି ଏକ ମୁଖା ଏବଂ ତାର ସୃଷ୍ଟି ଏକ ଛଳନା ବୋଲି ଜାଣିବାକୁ ହେବ ।

କଳା, ସାହିତ୍ୟ, ଧର୍ମ, ଦର୍ଶନ, ବିଜ୍ଞାନ ଆଦି କ୍ଷେତ୍ରରେ ନାରୀ ଅପେକ୍ଷା ପୁରୁଷର ପ୍ରାଧାନ୍ୟ ମୁଖ୍ୟ କାରଣ ବେଶ ସ୍ପଷ୍ଟ । ପ୍ରାକୃତିକ ସୃଜନଶକ୍ତିର ଯେଉଁ ଅଭାବବୋଧ ତା ଭିତରେ ଥାଏ, ତାର ପୂରଣ ପାଇଁ ଏସବୁ କ୍ଷେତ୍ରରେ ସୃଜନୀଶକ୍ତିର ବିନିଯୋଗ ହୋଇଥାଏ । ସନ୍ତାନ ପ୍ରସବରେ ନାରୀ ପୂର୍ଣ୍ଣ ଆତ୍ମ ସନ୍ତୋଷ ଲାଭ କରୁଥିବା ହେତୁ କଳା ସୃଷ୍ଟିର ଆବଶ୍ୟକତାକୁ ଅନୁଭବ କରେ ନାହିଁ । ତଥାପି ଯେଉଁଠି ଅଭାବବୋଧ ଅନୁଭୂତ ହୁଏ ସେଇଠି କଳା ସୃଷ୍ଟି ଦ୍ୱାରା ପୂରଣ ହୋଇଥାଏ । ଶକ୍ତି ମାତ୍ରେଇ ଗତିଶୀଳ ଓ କ୍ରିୟାଶୀଳ । ଶକ୍ତି ଯଦି ଉର୍ଦ୍ଧ୍ୱଗାମୀ ନହୁଏ ତେବେ ସେ ନିମ୍ନଗାମୀ ହେବାକୁ ବାଧ୍ୟ । ଯଦି ସୃଜନଶୀଳ ନ ହୁଏ ତେବେ ଧ୍ୱଂସାତ୍ମକ ହେବାକୁ ବାଧ୍ୟ । ଯେଉଁ ମଣିଷର ଶକ୍ତି ସୃଜନଶୀଳତାରେ ବ୍ୟବହାର ହେଉନାହିଁ ତାହା ଧ୍ୱଂସାତ୍ମକ ଦିଗରେ ଅର୍ଥାତ୍ ଭୋଗ ଓ କ୍ଷମତାର ଲାଳସାରେ ଅପବ୍ୟୟ ହେବ ହିଁ ହେବ । ଯେହେତୁ ଏପରି ମଣିଷଙ୍କ ସଂଖ୍ୟା ପୃଥିବୀରେ ସର୍ବାଧିକ ତେଣୁ ସେଇ ବିଧ୍ୱଂସୀ ଶକ୍ତିର ପ୍ରବଳ ସ୍ରୋତରେ ନାରୀ ସମେତ ସବୁ ସୃଜନଶୀଳ ସତ୍ତା ନିର୍ଯ୍ୟାତିତ ଓ ନିପୀଡ଼ିତ ହେବେ ଏବଂ ଜୀବନ ଓ ଜଗତ ଅକାଳରେ ମୃତ୍ୟୁର ସମ୍ମୁଖୀନ ହେବ, ଏହା ବର୍ତ୍ତମାନ ସତ୍ୟରେ ପରିଣତ ହେବାକୁ ଯାଉଛି ।

ସୌଜନ୍ୟ : ଅନ୍ୱେଷା

****

ମୁଁ ଓ ନାରୀ

ସରୋଜ

'ଅନ୍ୟା' ସଂପାଦିକା 'ମୁଁ ଓ ନାରୀ' ଶୀର୍ଷକରେ ଏକ ଲେଖା ପାଇଁ କହିଲାବେଳେ ବନ୍ଦନା ଶିବାଙ୍କ ଡ଼େରାଡୁନସ୍ଥିତ ଜୈବିକ କୃଷି ଓ ଅଧ୍ୟୟନର କେନ୍ଦ୍ର 'ନବଦାନ୍ୟା'ରେ ବନ୍ଧୁଙ୍କ ମେଳରେ ମୁଁ ବୁଲୁଥାଏ । ପ୍ରକୃତି ତାର ବହୁବର୍ଣ୍ଣ ପସରା ମେଲିଦେଇଥାଏ ଆମ ସାମ୍ନାରେ । କୋହରା ପାଗ, କିଛି ଦୂର ଯାଏଁ ସବୁଜ ଉଲ୍ଲାସ । ତାପରେ କୁହୁଡ଼ି । ଆଖି ହାର ମାନୁଥାଏ । କୁହୁଡ଼ି ଆରେଇ ଆଗକୁ ଦେଖିବା, ଆଗକୁ ଯିବା ସହଜ ନଥାଏ । କୁହୁଡ଼ି ପାଖକୁ ଲାଗି ଆସିଲେ ସେ ମିଳେଇ ଯାଉଥାଏ । ହାତ ପାଖରେ ଫର୍ଚ୍ଚା ଅଥଚ ଆଗକୁ କିଛି ବି ଦିଶୁନଥାଏ । ନାରୀ କଣ ସେଦିନର ପ୍ରକୃତି ଭଳି । ସୌନ୍ଦର୍ଯ୍ୟ, ସର୍ଜନା, ରହସ୍ୟର କୁହୁଡ଼ି । ସେ ଦୁର୍ଜ୍ଜୟା । ତାକୁ ଚିହ୍ନିବା ଲାଗି କେତେ କୁହୁଡ଼ି ଆରେଇବାକୁ ହେବ । କେତେ ପାଖକୁ ଯିବାକୁ ପଡ଼ିବ ତାର । ଯେତିକି ଆରଉଥିବ ସେତିକି, କେବଳ ସେତିକି । ଯେତେ ପାଖକୁ ଯିବ କେବଳ ସେତିକି । ଏ କ'ଣ କେବଳ ନାରୀ ପାଇଁ ସତ ନା ଯେ କୌଣସି ଚରିତ୍ର ପାଇଁ । ଏପରିକି ପ୍ରକୃତି ପାଇଁ, ବ୍ରହ୍ମାଣ୍ଡ ପାଇଁ ।

ଗାୟତ୍ରୀଙ୍କ ଫୋନ୍ ଓ ମୁଁ ହଁ ଭରିବା ପରେ କିଛି ସମୟ ଲାଗି ନିଜ ସଂପର୍କରେ ଆସିଥିବା ନାରୀମାନଙ୍କ ଚେହେରା ମନେ ପଡ଼ିଗଲା । ହଁ ସିନା ଭରିଲି, ଲାଗିଲା ଗାୟତ୍ରୀ ଯଦି ଭୁଲିଯାଆନ୍ତେ ଏ କଠିନ, ଜଟିଳ କାମଟି କରିବାକୁ ପଡ଼ନ୍ତା ନାହିଁ । ପୁଣିଥରେ ଫୋନ୍ ଆସିଲା ପରେ କିଛି ବନ୍ଧୁ ବାନ୍ଧବୀଙ୍କ ସହ କଥା ହେଇ ଲେଖା ପାଇଁ ବିଶ୍ୱାସ ଯୋଗାଡ଼ିଲି । ଭାବିଲି ଚେଷ୍ଟା କରାଯାଇପାରେ ।

(୧)

'ଔରତ୍ ପୈଦା ନହିଁ ହୋତେ, ବନାଇ ଜାତି ହେ' । (ବୋଭବା)

ନାରୀ ଏକ ସାମାଜିକ ସାଂସ୍କୃତିକ ନିର୍ମାଣ । ଆଉ ପୁରୁଷ ? ସେ ନିର୍ମାଣଟି ସବୁ ସମୟ ପାଇଁ, ସବୁ ସମାଜ, ସମୁଦାୟ ଓ ଦେଶ ପାଇଁ ସମାନ ନୁହଁ । ଠିକ୍ ସେମିତି ନାରୀକୁ ବୁଝିବା ଚିହ୍ନିବା ସରେ ନାହିଁ ଜାରି ରହେ । ତା ସହିତ ଓ ତାକୁ ନେଇ ସମ୍ବାଦ ଜାରିରହିଛି ମୋର ନିଜସହ, ଏଭଳି ସମ୍ବାଦରେ ଆଗ୍ରହୀ ମଣିଷଙ୍କ ସହ । ଯେମିତି ଜୀବନକୁ, ଲିଙ୍ଗ ନିର୍ବିଶେଷରେ ମଣିଷକୁ, ବ୍ୟବସ୍ଥାକୁ, ପ୍ରକୃତିକୁ, ସମାଜକୁ ଚିହ୍ନିବା ଓ

ବୁଝିବା । ଜାତି, ଧର୍ମ, ବର୍ଣ୍ଣ, ବର୍ଗ, ଦେଶ ଓ ବିବିଧ ସମାଜ ପରିପ୍ରେକ୍ଷୀରେ ଓ ତାର ଉର୍ଦ୍ଧ୍ୱରେ ଏକ ମଣିଷ ଭାବେ ନାରୀକୁ ଦେଖିବାର ଚେଷ୍ଟା କରିଛି । ହଁ ପୁରୁଷକୁ ବି । ଏଠି ଗୋଟିଏ କଥା କହିରଖେ, କିଛି ସମାନତା ସତ୍ତ୍ୱେ ସବୁ ଜାତି, ଧର୍ମ, ବର୍ଗ, ସମୁଦାୟ, ଦେଶ ବା ଅଞ୍ଚଳର ନାରୀଙ୍କ ଜୀବନ, ସମସ୍ୟା, ସ୍ୱପ୍ନ, ଆକାଂକ୍ଷା, ସଂଘର୍ଷ ସମାନ ନୁହଁ ଏବଂ ପୁରୁଷ ଓ ବ୍ୟବସ୍ଥାର ତାଙ୍କ ପ୍ରତି ଦୃଷ୍ଟି ଓ ବ୍ୟବହାରରେ ବି ରହିଛି ଅସମାନତା ।

କିଛି ନାରୀଙ୍କ ସହ ମୋର ଅନୁଭବ କଥା କହିବା ପୂର୍ବରୁ 'ମୋ ଦୃଷ୍ଟିରେ ନାରୀ' ସଂପର୍କରେ କିଛି ମୋଟା ମୋଟି କଥା କହିବି । ଘର, ଗାଁ, ସମାଜ, ଧର୍ମଗ୍ରନ୍ଥ, ଶାସ୍ତ୍ର, ପୁରାଣ, କାହାଣୀ, ମିଥ୍ ଆଦି ଆଦ୍ୟାବସ୍ଥାରେ ନାରୀକୁ ଦେଖିବା, ବୁଝିବାର ଏକ ଦୃଷ୍ଟି ଦେଇଥିଲା । ସେଥିରେ କିଛି ପରିବର୍ତ୍ତନ ଆଣିଲା ମୋର ସାହିତ୍ୟ ପଢ଼ାର ରଚି । ତା ପରେ ବିଶ୍ୱବିଦ୍ୟାଳୟ ବେଳର ଜୀବନ, ପରେ ବିଭିନ୍ନ ସାମାଜିକ-ରାଜନୈତିକ ଆନ୍ଦୋଳନ (ତୃଣମୂଳ ସ୍ତରର ଗ୍ରାମୀଣ ଆନ୍ଦୋଳନ, ମଦ ଆନ୍ଦୋଳନ), କାଶୀପୁର ଜନ ଆନ୍ଦୋଳନରେ ସଂପୃକ୍ତି ବେଳେ ଆଦିବାସୀ ଜନଜୀବନ ସହ ଅନ୍ତରଙ୍ଗ ହେବା ତଥା କୃଷକ ଆନ୍ଦୋଳନ । ଏସବୁ ଭିତରେ ଭେଟିଥିବା ବନ୍ଧୁବାନ୍ଧବୀ, ହେଇଥିବା ଚର୍ଚ୍ଚା, ମିଳିଥିବା ସାହିତ୍ୟ, ଘଟିଥିବା ଘଟଣା ଏବଂ ସର୍ବୋପରି ଏକାନ୍ତ ବ୍ୟକ୍ତିଗତ ଜୀବନର କିଛି ତିକ୍ତ-ମଧୁର ଅନୁଭବ ଗଢ଼ିଛି ନାରୀପ୍ରତି ମୋର ଦୃଷ୍ଟି । ସମୟ ସହ ନାରୀ ପ୍ରତି ଦୃଷ୍ଟି ବଦଳିଛି । ଦୃଷ୍ଟି ନିର୍ମାଣ ଜାରି ରହିଛି । ସରି ନାହିଁ । ଏ ଦୃଷ୍ଟି ନିର୍ମାଣର ବିଭିନ୍ନ ସମୟଖଣ୍ଡର କଥା ଓ ତାର କ୍ରମବିକାଶ କଥା କହିଲେ କଥା ବହୁତ ଲମ୍ବିଯିବ । କେବଳ କେତୋଟି ବିନ୍ଦୁ ବାବଦରେ ସ୍ୱଳ୍ପରେ ଅବତାରଣା କରି ଆଜିର ଦିନରେ ମୋର ମୋଟାମୋଟି ଦୃଷ୍ଟି କଥା କହିବି । ସେ ଦୃଷ୍ଟିଟି ବି ଅନେକ କୁହେଳୀ ଓ ପ୍ରଶ୍ନରେ ଘେରା ।

ନାରୀ ବି ଆଉ ଜଣେ ସାଧାରଣ ମଣିଷ ଠିକ୍ ମୋ ଭଳି ଆଉ ଜଣେ, କେବଳ ଶାରିରୀକ ସଂରଚନାଗତ କିଛି ପାର୍ଥକ୍ୟକୁ ଛାଡ଼ି । ଏକଥା ସତରେ କଣ ଆମେ ମାନୁ? ସମାଜ ମାନେ ? ଅବଶ୍ୟ ଗୋଟିଏ ପ୍ରଶ୍ନ ମତେ ବି ଆନ୍ଦୋଳିତ କରିଛି ସବୁବେଳେ ସେ ହେଲା - ଜୈବିକ ପାର୍ଥକ୍ୟ ନାରୀ-ପୁରୁଷ ଚେତନା, ଭାବନା, ବୌଦ୍ଧିକ ଓ ମାନସିକ ସାମର୍ଥ୍ୟ, ମାନସ ଓ ସୌନ୍ଦର୍ଯ୍ୟବୋଧ ଉପରେ କେତେ ପ୍ରଭାବ ପକାଏ ? ତାର ଆଚର-ବ୍ୟବହାର, ଚିନ୍ତନ, ଭାବନାତ୍ମକ ପ୍ରତିକ୍ରିୟା, ପସନ୍ଦ ନାପସନ୍ଦକୁ କେତେ କେମିତି ସଂଚାଳିତ କରିଥାଏ ? ଅଜୈବିକ ଫରକ ସବୁ କେତେ ସ୍ୱଭାବଗତ କେତେ ସଂସ୍କାରଗତ ? ଏଇଭଳି କିଛି ନିଷ୍କର୍ଷହୀନ ପ୍ରଶ୍ନ ଦେଇ ଗତି କଲାବେଳେ ଲାଗେ ନାରୀର ସମୁଚିତ ଅସ୍ତିତ୍ୱର ବିତର୍କରେ ତାର ମନ, ସ୍ୱଭାବ, ଚେତନା, ଅନ୍ତର୍ଦ୍ୱନ୍ଦ ଆଦିର ଆଲୋଚନା ଅପେକ୍ଷା ଆମର ସାମାଜିକ ସ୍ଥିତି ସଂପର୍କରେ, ପ୍ରାମାଣିକ ତଥ୍ୟରେ ମାଟିରେ ଛିଡ଼ା ହେଇ ଆଲୋଚନା କରିବା କିଛିଟା ସହଜ ।

ସତ କହିଲେ ପୁରୁଷ ପ୍ରାଧାନ୍ୟ ସମାଜ ବ୍ୟବସ୍ଥା ଅନବରତ ତିଆରି କରିଥିବା 'ପୁରୁଷ ଦୃଷ୍ଟି'ର ଶିକାର ଆମେ ସଭିଏଁ । କେବଳ ପୁରୁଷ ନୁହଁ, ନାରୀ ବି । ମୁଁ ବି । ଆଜିର ଦିନରେ ବଜାର ଓ ବଜାର ପ୍ରଭାବିତ ମିଡ଼ିଆ ଦୃଷ୍ଟି ବି ସେଇ ପୁରୁଷ ଦୃଷ୍ଟିର ହିଁ ପ୍ରତିନିଧିତ୍ୱ କରୁଛି । ନାରୀଙ୍କୁ ତା ସାମଗ୍ରିକତାରେ, ବିବିଧତାରେ ଦେଖିବା ଲାଗି ଆବଶ୍ୟକ ଦୃଷ୍ଟି ଓ ବୁଝିବା ଲାଗି କଳିଜା ଆମର କାହିଁ । ମୋର ବା କାହିଁ । କିନ୍ତୁ ଏଭଳି କିଛିଟା କଥା ଜାଣିବା ବୁଝିବା ଲାଗି ମତେ ବି ଖୁବ୍ ସମୟ ଲାଗିଛି । ଅତି ଛୋଟ ବେଳେ ଭଉଣୀ ବା ସାଙ୍ଗରେ ଖେଳୁଥିବା ଝିଅ ଓ ପୁଅଙ୍କ ଭିତରେ ପାର୍ଥକ୍ୟ (ଅଭ୍ୟନ୍ତରୀଣ) ବାରି ପାରୁନଥିଲି । ଭିନ୍ନ ଏକ ଲିଙ୍ଗ ଦୃଷ୍ଟିରୁ ତାଙ୍କୁ ଦେଖିବାର ମାନସିକତା ମୋଟେ ହିଁ ନଥିଲା । କିନ୍ତୁ ଧିରେଧିରେ ବଡ଼ମାନେ ସେ ଜନିତ ସଚେତନତା ତିଆରି କଲେ । ତା ପରଠୁ ଭଉଣୀ ଓ ଅଳ୍ପ କିଛି ଛୁଆ ଦିନର ସାଙ୍ଗଙ୍କୁ ଛାଡ଼ିଦେଲେ ଅନ୍ୟ ଝିଅମାନଙ୍କ ସହ ସମ୍ବାଦ ହିଁ ରହିଲା ନାହିଁ । ଆମ ସମାଜରେ ସ୍ୱାଭାବିକ ସମ୍ବାଦ ପାଇଁ ଯାଗା ନାହିଁ । ଗୋଟିଏ ଝିଅକୁ କେମିତି ଦେଖିବ, ଦେଖିବ ନାହିଁ । କେମିତି କଥା ହେବ; ହେବ ନା ନାହିଁ । ହେଲେ କଣ କଥା ହେବ ସେସବୁ ଅନେକ ଦିନଯାଏଁ ବୁଝି ପାରୁନଥିଲି । ଗୋଟିଏ ବେଳ ଏମିତି ଥିଲା ଲାଗୁଥିଲା ଝିଅ ମାନଙ୍କୁ ନ ଦେଖିବା, ନ ଭେଟିବା ଭଲ । କଥା ନ ହେବା ସତେ ଯେମିତି ଏକ ଚାରିତ୍ରିକ ବୈଶିଷ୍ଟ୍ୟ । ଏକ ଭଲ ଓ ଦୃଢ଼ ଚରିତ୍ରର ଦ୍ୟୋତକ । ଏକ ଅଜବ ସାମାଜିକୀକରଣର ପ୍ରଭାବ ମୋ ଉପରେ ଏମିତି ରହିଲା ଯେ, ବହୁ ବର୍ଷ ଧରି ମୁଁ ମୁହଁ ଉଠେଇ ମୁହାଁମୁହିଁ ସ୍ୱାଭାବିକ ଭାବେ କଥା ହେଇପାରିନି । ଅବଶ୍ୟ ଏହା ମୋ ଭିତରେ ପୁରୁଷ ହେବା କାରଣରୁ ଏକ ଗର୍ବ ବା ଅହଂବୋଧ ତିଆରି କଲା ନାହିଁ ।ଏକ ଅଜବ ଲଜ୍ଜାଶୀଳତା ମତେ ଅନେକ ଦିନ ଧରି କାବୁ କରି ରଖିଲା । ହାଇସ୍କୁଲ ପଢ଼ିଲା ବେଳେ କ୍ଲାସ୍ ରୁମ୍ ଝାଡୁ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଥିଲା । ଝିଅମାନଙ୍କ ଉପସ୍ଥିତିରେ ଝାଡୁ କରିବାକୁ ମତେ ଲାଜ ଲାଗୁଥିଲା । ମୁଁ ଝାଡୁ ପାଳିଦିନ ଝିଅମାନେ ଆସିବା ଆଗରୁ ସ୍କୁଲକୁ ଆସି ସଫେଇ କାମ ସାରିଦେଉଥିଲି । ନ ହେଲେ ମୋ ଅସହଜପଣକୁ ଜାଣି ମୋର ଜଣେ ବନ୍ଧୁ ସୁରେନ୍ଦ୍ର ମୋ କାମ କରିଦେଉଥିଲା । ଅବଶ୍ୟ ସଭା, ସମିତି, ବିତର୍କରେ କହିବା, ବକ୍ତବ୍ୟ ରଖିବା, ଅଭିନୟ କରିବା ବେଳେ ମତେ ମୋଟେ ଅସହଜ ଲାଗୁନଥିଲା । ବ୍ୟକ୍ତିଗତ ଭାବେ କଥା ଲାଗିବା ମୋ ଲାଗି ବଡ଼ ଦୂରୁହ ବ୍ୟାପାର ଥିଲା । ଛାତ୍ର ନିର୍ବାଚନରେ ଭାଗ ନେଉଥିଲେ ବି ଛାତ୍ରୀ ନିବାସ ଯାଇ କଥା ହେବା, ବ୍ୟକ୍ତିଗତ ଭାବେ କାହାକୁ କିଛି କହିବା ମୋ ଦେଇ ହେଉନଥିଲା । ଏ ସ୍ଥିତି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଜାରି ରହିଲା ।

ସ୍ୱାଭାବିକ ସମ୍ବାଦ ଯେଉଁଠି ସହଜ ନଥିଲା ସେଠି ଝିଅ/ନାରୀ ଏକ କଳ୍ପନା କେବଳ । ଧର୍ମ, ଶାସ୍ତ୍ର, ପୁରାଣ ଓ ସାହିତ୍ୟ, ଇତିହାସ ପଠନରୁ ହିଁ ନାରୀକୁ ବୁଝିବାର ଚେଷ୍ଟା କରିଛି । ନାରୀର କଳ୍ପନା କରିଛି । ସୀତା, ସାବିତ୍ରୀ, ଦ୍ରୌପଦୀ, ତଅପଇମାନଙ୍କୁ ଭେଟିଛି ।

ପାର୍ବତୀ, ଲକ୍ଷ୍ମୀ, ସରସ୍ୱତୀଙ୍କୁ ଭେଟିଛି । ରେଜିଆ ସୁଲତାନ, ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ, ରାଣୀ ପଦ୍ମିନୀ ମାନଙ୍କୁ ଭେଟିଛି । ଗାଁରେ ଏକ କୃଷକ ଶ୍ରମିକ ପାଠାଗାର ଥିଲା । ବିଭୁତି ପଟ୍ଟନାୟକ, ପ୍ରତିଭା ରାୟ, କାହ୍ନୁ ଚରଣ, ଫକୀର ମୋହନଙ୍କ ବହିରେ ଥିବା ନାରୀ ଚରିତ୍ରମାନଙ୍କ ସହ ଦେଖାହୁଏ । ପାଠାଗାରରେ ଖୁବ୍ ନାଟକ ବହି ଥାଏ । ସେଠିକାର ନାରୀ ଚରିତ୍ରମାନଙ୍କୁ ବୁଝିବାକୁ ଚେଷ୍ଟା କରେ । ବାଲ୍ମିକୀ ରାମାୟଣ ପଢ଼ିଥିଲି, ତୁଳସୀ ରାମାୟଣ ପଢ଼ିଲି । ପୁରୁଷ ରାମ ଦୃଷ୍ଟିରେ ସୀତାଙ୍କୁ ଦେଖିଲି । ପ୍ରଥମେ ପ୍ରଥମେ ସୀତାଙ୍କ ଦୟନୀୟ ସ୍ଥିତି ଆଲୋଡ଼ିତ କରୁଥିଲେ ବି ରାମ ଥିଲେ ହିରୋ । ଠିକ୍ ସେମିତି ଛୁଆଦିନରୁ ସାବିତ୍ରୀ ବ୍ରତ ଦେଖିଆସିଛି । ଗାଁ ଯାକର ସ୍ତ୍ରୀ ଲୋକ ଆମ ଘରେ ଏ ବ୍ରତ ପାଇଁ ଜମା ହୁଅନ୍ତି । ଆମ ଆଖି ଥାଏ ପ୍ରସାଦ ଉପରେ । କିନ୍ତୁ ଛୁଆଟି ଦିନରୁ ସ୍ତ୍ରୀମାନେ ସ୍ୱାମୀର ପାଦଧୂଆ ପାଣି ପିଇବା ଦେଖି ଅଖାଡ଼ୁଆ ଲାଗିଛି । ଟିକେ ହେତୁ ହେଲା ଦିନୁ ସୀତା ଚରିତ୍ରଟି ଅତି ଦୟନୀୟ ଲାଗିଛି । ରାମ କେମିତି ପୁରୁଷୋତ୍ତମ ହେଲା ଭାବିଭାବି ବଡ଼ ହେଇଛି । ସାବିତ୍ରୀ ଏକ ମନଛୁଆଁ କାହାଣୀର ଏକ ଅନନ୍ୟ ଚରିତ୍ର କିନ୍ତୁ ନାରୀର ସତୀତ୍ୱ ଚିଜଟି କଣ ମୋତେ ବୁଝି ପାରିନଥିଲି । ଲାଗିଛି ମୋ ଗାଁର କୌଣସି ସାଧାରଣ ଲୋକ ସହ ବି ରାମ ତୁଳନୀୟ ନୁହଁ । ଲୋହିଆଙ୍କ ସୀତା ବନାମ ଦ୍ରୌପଦୀ ଓ ଲକ୍ଷ୍ମୀବାଈ ବନାମ ପଦ୍ମିନୀ ବିତର୍କ, ନାରୀ ଓ ନାରୀକୁ ନେଇ ପୁରୁଷ ଦୃଷ୍ଟି ତଥା ସମାଜ ଦୃଷ୍ଟିକୁ ବୁଝିବାରେ ଖୁବ୍ ସାହାଯ୍ୟ କଲା । ପରେ ଅବଶ୍ୟ ଏ କଥା ବି ମନକୁ ଆସିଲା ଯେ ସେ ବିତର୍କରେ କୁହାଯାଉଥିବା ଭଳି କଥାଟି ଏତେ ସରଳ ନୁହଁ । ସେ ଚରିତ୍ର ମାନଙ୍କୁ, ସେମାନେ ସହିଥିବା ପୀଡ଼ା ଓ ତାଙ୍କ ବିଚାରଦର୍ଶ ପାଇଁ ତାଙ୍କୁ ତ ଦାୟୀ କରାଯାଇନପାରେ । ସେ ସମୟ, ସେ ସମୟର ମୂଲ୍ୟବୋଧ, ସାମାଜିକ ବ୍ୟବସ୍ଥା ଆଦି କେତେ କଥା ଅଛି ଏ ନାରୀମାନଙ୍କ ସ୍ଥିତିକୁ ବୁଝିବା ପାଇଁ । କିନ୍ତୁ ଏ ବିତର୍କରୁ ନାରୀ ଏକ ସ୍ୱତନ୍ତ୍ର ଅସ୍ତିତ୍ୱ, ତାର ଏକ ନିଜସ୍ୱ ଅସ୍ମିତା ରହିଛି ଓ ନ୍ୟାୟ ପାଇଁ ସେ ସଂଘର୍ଷ କରିପାରେ, ନିଜ ରାଜ୍ୟ ପାଇଁ ଅସ୍ତ୍ର ଧରିପାରେ – ଏତିକି କଥା ଅନେକ ଫର୍ଚ୍ଚା କରିଦେଲା ମୋ ମନକୁ । ନାରୀପ୍ରତି ଦୃଷ୍ଟି ନିର୍ମାଣର ଏ କ୍ରମବିକାଶକୁ ଏଇଠି ରଖିବା । ଏମିତି କହିଚାଲିଲେ କଥା ଲମ୍ବିଯିବ ।

କେବଳ ରାଷ୍ଟ୍ରୀୟ ସ୍ୱତନ୍ତ୍ରତା ହରେଇବା ତୁମକୁ କେମିତି ମଳିନ, ବ୍ୟାକୁଳ ଓ ଦୁଃଖୀ କରିଦେଇଛି ? ତେବେ ସ୍ୱୟଂ ଚିନ୍ତା କର ଯା'ର ଶରୀର, ଯା'ର ଆତ୍ମା, ଯା'ର ହୃଦୟର ସ୍ୱତନ୍ତ୍ରତା ସବୁକିଛି କେବେଠୁ ଲୁଟ୍ ହେଇଯାଇଛି ତାର ହାର୍ଦ୍ଦିକ ଭାବ କେମିତି ହେଇପାରେ ? (ରାଷ୍ଟ୍ରବାଦୀ ପୁରୁଷଙ୍କ ଉଦ୍ଦେଶ୍ୟରେ ଉମା ନେହେରୁ (ସ୍ତ୍ରୀ ଦର୍ପଣ, ମେ ୧୯୧୮, ରାଷ୍ଟ୍ରୀୟ ନବଜାଗରଣ ଓ ସାହିତ୍ୟ, ପୃଷ୍ଠା-୧୪୧) ।

ଜଣେ ବ୍ୟକ୍ତି ମଣିଷ, ସାମାଜିକ, ରାଜନୈତିକ ମଣିଷ ଭାବରେ ପରିବାରରେ ପୁରୁଷବାଦ, ସମାଜରେ ଥିବା ଜାତିବାଦ, ସାମନ୍ତବାଦ ତଥା ଦେଶ ଓ ଦୁନିଆର

ସାମ୍ରାଜ୍ୟବାଦୀ ଶକ୍ତି, ତତ୍ତ୍ୱ ଓ ବିଚାରକୁ ମୁଁ ନାରୀ ଓ ସାମଗ୍ରିକ ଭାବେ ମଣିଷ ତଥା ଦୁନିଆର ଶତ୍ରୁ ମନେ କରେ । କିନ୍ତୁ ନିଜ ଚେତନ, ଅବଚେତନରେ ଥିବା ପୁରୁଷବାଦୀ, ଜାତିବାଦୀ, ସାମନ୍ତବାଦୀ ଏପରିକି ଉପନିବେଶବାଦୀ ମାନସିକତାକୁ ଜାଣିବା, ବୁଝିବା, ଚିହ୍ନିବା ସହଜ ନୁହଁ । ତଦ୍‌ଜନିତ ପୂର୍ବାଗ୍ରହରୁ ନିଜକୁ ମୁକ୍ତ କରିବା କେତେ ବଡ଼ ଚ୍ୟାଲେଂଜ ସତରେ । ମୋ ମା ହେଲା ଘରର ବଡ଼ବୋହୁ । ଏକଦା କାଠଚୂଲୀରେ, ମାଟି ହାଣ୍ଡିରେ ପ୍ରତିଦିନ ୩୦-୪୦ ଜଣଙ୍କର ଭାତ ରନ୍ଧା ହେଉଥିଲା ଆମ ଘରେ । ୧୬ ବର୍ଷ ବୟସରେ ମା ସେ ହାଣ୍ଡି ବୋହି ପାରୁନଥିଲା । ମାର କଷ୍ଟ ଦେଖି ହାଣ୍ଡି ଟେକିବାରେ କାକା କେବେ କେମିତି ସାହାଯ୍ୟ କରିଥାନ୍ତି । ଅବଶ୍ୟ ଲୁଚିଲୁଚି । ନହେଲେ ଘରଲୋକ ଦେଖିଲେ କଥା ସରିଲା । ମରଦ ପିଲାର ରୋଷେଇ ଘରେ କି କାମ । ଏପରିକି ଘରର ବାକି ସ୍ତ୍ରୀ ଲୋକ ଓ ଝିଅମାନଙ୍କଠି ସେ ଭାବନା ଥିଲା ଅପେକ୍ଷାକୃତ ଉଗ୍ର । ଆଉ ଗୋଟିଏ କଥା ମନେ ପଡୁଛି । ମୋର ଆଉ ଜଣେ କାକା ଖୁଡ଼ିଙ୍କ କପଡ଼ା ଧୋଇବା, ଶୁଖେଇବା ସହ ଘର କାମ ଓ ରୋଷେଇ କାମରେ ବେଶ ସାହାଯ୍ୟ କରନ୍ତି । ଛୋଟ ବେଳେ ଆମକୁ ସେସବୁ ଅଖାଡୁଆ ଲାଗୁଥାଏ । ଘରେ ସେ ଏକ ଇସ୍ୟୁ । ମତେ ବି ଲାଗୁଥାଏ ଅଖାଡୁଆ । ତାର କାରଣ ହେଲା ଆମର ସାମାଜିକୀକରଣ (Socialisation) । ପୁରୁଷ କାମ -ନାରୀର କାମକୁ ନେଇ ଆମର ମାନସିକତା । ସ୍ୱାମୀଟିଏ ସ୍ତ୍ରୀର କପଡ଼ା ସଫା କରିବା, ଘରେ ରୋଷେଇ କରିବା, ସ୍ତ୍ରୀ ଲାଗି ଚା ତିଆରି କରିବା, ଆଜିବି ବହୁ ଘରେ ସହଜ ବ୍ୟାପାର ନୁହଁ । ଯଦି ବି ଜଣେ ମରଦ ସମ୍ବେଦନଶୀଳ ହୋଇଥାଏ, ତଥାପି ଯେଉଁଠି ଯୌଥ ପରିବାର ଅଛି, କିମ୍ବା ସ୍ୱାମୀ-ସ୍ତ୍ରୀ ବ୍ୟତିରେକେ ଅନ୍ୟ ପରିବାର ସଦସ୍ୟ ରହୁଥାନ୍ତି ସେ ଚାହିଁକି ବି ସ୍ତ୍ରୀକୁ ଘର କାମରେ ସାହାଯ୍ୟ କରିପାରିବନାହିଁ । ଆଜିବି ବହୁଘରେ ସ୍ୱାମୀ ଆଗରୁ ସ୍ତ୍ରୀ ଖାଇବା ବା ସ୍ତ୍ରୀ ସହ ସାଙ୍ଗ ହୋଇ ଖାଇବା ଏକ ଇସ୍ୟୁ ।

ଏକ ତର୍କସଂଗତ, ନ୍ୟାୟସଂଗତ ସମାଜ ପରିପ୍ରେକ୍ଷୀରେ ଘର ଭିତରେ ଓ ଘର ବାହାରେ ଉଭୟ ସ୍ଥାନରେ ନାରୀ ପାଇଁ ସମାନତା, ସମ୍ମାନ ଏବଂ ନିଜ ଶରୀର ତଥା ଜୀବନ ଉପରେ ତାର ଆତ୍ମନିୟନ୍ତ୍ରଣ ଓ ଅଧିକାରର ସଂଘର୍ଷକୁ ମୁଁ ସମର୍ଥନ କରେ । କିନ୍ତୁ ନାରୀବାଦୀ ସଂଘର୍ଷରେ ଥିବା ନାରୀ, ଶ୍ରେଣୀ ସଂଘର୍ଷରେ ବି ଭୂମିକା ନେବା ଜରୁରୀ ବୋଲି ମୁଁ ମନେ କରେ । ନାରୀକୁ / ଆମକୁ ନ୍ୟାୟ, ସମତା ସେତେବେଳେ ମିଳିବ ଯେତେବେଳେ ସମାଜରେ ତାହା ଥିବ । ତେଣୁ ସଂଘର୍ଷଟି କେବଳ ଲିଙ୍ଗ ଆଧାରିତ ବୈଷମ୍ୟ ଉପରେ ସିମୀତ ରହିଲେ ଚଳିବ ନାହିଁ । ତା ଛଡ଼ା ଲିଙ୍ଗ ଆଧାରିତ ବୈଷମ୍ୟ ପଛରେ ଅନ୍ୟ ବିଷମତାର ମଧ୍ୟ ଭୂମିକା ରହିଛି ।

ନାରୀ ଜଣେ ସ୍ତ୍ରୀ ହେବା ସହ ଜଣେ ମଣିଷ ବି । ସଂସାରର ଅଧା ଜନତା । ତେଣୁ କେବଳ ବ୍ୟକ୍ତି ଜୀବନ ନୁହଁ ସାମାଜିକ-ରାଜନୈତିକ, ସ୍ଥାନୀୟ, ଜାତୀୟ-ଆନ୍ତର୍ଜାତୀୟ

ସ୍ତରରେ ଏକ ନ୍ୟାୟପୂର୍ଣ୍ଣ ସାମାଜିକ ଆର୍ଥିକ ବ୍ୟବସ୍ଥା ନିର୍ମାଣରେ ସେ ତାର ଭୂମିକା ସ୍ଥିର କରୁ । ପ୍ରତିଟି କ୍ଷେତ୍ରରେ ନିଜର ଦୃଷ୍ଟିକୋଣ ତିଆରୁ । ସେ ଦରଦାମ ହେଉ କି ଆଣବିକ ଚୁକ୍ତି ହେଉ । ଦଙ୍ଗା ହେଉ କି ପର୍ଯ୍ୟାବରଣର ପ୍ରସଙ୍ଗ । ଧାର୍ମିକ ପ୍ରସଙ୍ଗ ହେଉ କି ଆର୍ଥିକ ନୀତି ।

ମାତୃତ୍ୱକୁ ମୁଁ ସ୍ତ୍ରୀର ନିଶ୍ଚିତ ଭାଗ୍ୟ ବୋଲି ମାନେନା । ନାରୀତ୍ୱ ଓ ମାତୃତ୍ୱ ସମପର୍ଯ୍ୟାୟବାଚୀ ନୁହେଁ । ଜଣେ ମା ହେବ ନା ନାହିଁ, ସେ ନିଷ୍ପତ୍ତି ନେବାର ଅଧିକାର ପ୍ରତିଟି ନାରୀର ରହିବା ଉଚିତ । କିନ୍ତୁ କଥାଟି ଏତେ ସରଳ ନୁହଁ । ବ୍ୟକ୍ତି ସଂପତ୍ତି ଲାଗି ଉତ୍ତରଦାୟାଦ ଜନ୍ମ ବା ପୁଅ ଜନ୍ମର ସଂସ୍କାରଠୁ ଆରମ୍ଭ କରି ପରିବାର ଓ ସମାଜର ବହୁତଳୀୟ ଚାପ ରହିଛି । ସନ୍ତାନ ଜନ୍ମରେ ପୁରୁଷର ଭୂମିକା ଅନିର୍ବାର୍ଯ୍ୟ ହେଉଥିବା ହେତୁ ତାର ମତକୁ ଅଣଦେଖା କରିହୁଏନା । ଉଭୟଙ୍କର ସହମତି ଜରୁରୀ ହେଇପଡ଼େ । ନାରୀବାଦୀ ବିଚାରର ସହ ଏକମତ ହେଇ ମୁଁ ବି ବିଶ୍ୱାସ କରେ ଯେ ସ୍ନେହ, ପ୍ରେମ, ଯତ୍ନ ଓ ସେବା ଆଦି ଗୁଣ ଲିଙ୍ଗନିରପେକ୍ଷ । ଗର୍ଭଧାରଣ, ସନ୍ତାନଜନ୍ମ ଓ ସ୍ତନ୍ୟପାନକୁ ଛାଡ଼ିଦେଲେ ବାକି କଥା ଜଣେ ପୁରୁଷ କରିପାରିବ । ସେ ଦୃଷ୍ଟିରୁ ଦେଖିଲେ ନର୍ସିଙ୍ଗ୍ ଟ୍ରେନିଙ୍ଗରେ କେବଳ ଝିଅମାନଙ୍କୁ ରଖିବା ଆଶ୍ଚର୍ଯ୍ୟଜନକ । ମାତୃତ୍ୱ ଆଉ ତ୍ୟାଗ, ଅନ୍ୟପାଇଁ ଜିଇଁବା, ଅନ୍ୟ ପାଇଁ ସମର୍ପିତ ହେବା, ପ୍ରେରଣା ହେବା, ସେବା କରିବା ଆଦି ବହୁତ ଭଲଗୁଣ ସବୁ ଲିଙ୍ଗ ନିରପେକ୍ଷ । ଯଦି ଠିକ୍ ଢଙ୍ଗରେ ଆମର ସାମାଜିକୀକରଣ ଓ ସାଂସ୍କୃତିକ ମୂଲ୍ୟବୋଧ ତିଆରି ହୁଏ ତେବେ ଏସବୁ କେବଳ ସ୍ତ୍ରୀୟୋଚିତ୍ତ ଗୁଣ ବୋଲି ଥିବା ଧାରଣା ବଦଳିଯିବ । ନିଜ ବ୍ୟକ୍ତି ଓ ବ୍ୟବହାରିକ ଜୀବନରେ ସଭିଏଁ ଏସବୁ ଗୁଣ ଗୁଡ଼ିକୁ ବ୍ୟବହାରରେ ଆଣିବା ସପକ୍ଷରେ ମୁଁ । ଛୁଆଟି ଦିନରୁ ପୁଅକୁ ପୁରୁଷ ଓ ଝିଅକୁ ନାରୀ କରି ଗଢ଼ି ତୋଳିବାର ଅଭ୍ୟାସରେ ଆମେ ମଣିଷ ଗଢ଼ି ତୋଳିବାର କଳା ସଂପର୍କରେ ଅସଚେତନ କେବେଠୁ । ତେଣୁ ଏକ ବିଶ୍ୱାସ ରହିଛି ଯେ ସ୍ତ୍ରୀମାନେ ଜନ୍ମରୁ ଅଧିକ ସ୍ନେହମୟୀ, ତ୍ୟାଗମୟୀ ଓ ପୁରୁଷ ସ୍ୱାଭାବିକ ରୂପରେ ଆକ୍ରାମକ ଓ ଦମନକାରୀ । ସାହସିକ କାମ ନାରୀ ଦ୍ୱାରା ଅସମ୍ଭବ । ମରଦ ପିଲା କାନ୍ଦେ ନାହିଁ । ନାରୀବାଦୀ ସଂଘର୍ଷର ପକ୍ଷଧର ଭାବେ ମୋର ମତ ହେଲା ଲିଙ୍ଗଗତ ସମାନତାର ପ୍ରସଙ୍ଗ ଦୃଷ୍ଟିରୁ ସଂଘର୍ଷଟି ନାରୀ ପୁରୁଷ ଭିତରେ ନାହିଁ । ବିବାଦଟି ରହିଛି ନାରୀ-ପୁରୁଷ ସମତା ଚାହୁଁଥିବା ଏକ ନ୍ୟାୟସଂଗତ ସୁନ୍ଦର ସମାଜ ନିର୍ମାଣର ପକ୍ଷଧର ଓ ପୁରୁଷତନ୍ତ୍ରର ସ୍ଥିତାବସ୍ଥାକୁ ଜାରି ରଖିବାକୁ ଚାହୁଁଥିବା ଲୋକଙ୍କ ଭିତରେ । ତେଣୁ ଏ ସଂଘର୍ଷର ମୂଳରେ ସ୍ତ୍ରୀଟିଏ ପୁରୁଷ ହେବାରେ ନାହିଁ । ଏହା ମୂଲ୍ୟବୋଧ, ବ୍ୟବହାର ଓ ବିଚାରର ଏକ ସଂଘର୍ଷ । ଏମିତି ନୁହଁ ଯେ ସବୁ ନାରୀ ଘରୋଇକାମ ଲାଗି ନିର୍ମିତ ବା ଇଚ୍ଛୁକ । ଠିକ୍ ସେମିତି ସବୁ ପୁରୁଷ ଯୋଦ୍ଧାର ଭୂମିକା ନେବାକୁ ଚାହାଁନ୍ତି ନାହିଁ । ଉଭୟଙ୍କୁ ନିଜ ଇଚ୍ଛା, ରୁଚି ଓ ସ୍ୱଭାବ ଅନୁସାରେ ଭୂମିକା

ନିର୍ବାହର, ନିଜ ଢଙ୍ଗରେ ଜିଇଁବାର ଅଧିକାର ମିଳୁ ଓ ତାକୁ ସାକାର କରିବା ଲାଗି ଉପଯୁକ୍ତ ପରିବେଶ ତିଆରି ହେଉ । ଯଦ୍ୱାରା କି ପୁରୁଷ ବାସ୍ତବ ଅର୍ଥରେ. କୋମଳ ଓ ସଂବେଦନଶୀଳ ହେଇପାରିବ । ଅତିରିକ୍ତ କଠୋର ହେଇ ରହିବା, ତଥାକଥିତ ମରଦ ପଣିଆ ଦେଖେଇବାର ଚାପରୁ ପୁରୁଷକୁ ମୁକ୍ତି ମିଳିବ । ଗୋଟିଏ ବୋଲି ଜୀବନରେ (ପରଜନ୍ମରେ ମୋର ବିଶ୍ୱାସ ନାହିଁ) ନାରୀ ପୁରୁଷର କର୍ମ ବଣ୍ଟନରେ କିଆଁ ପଡ଼ିବା ।

ଘରର ଅଳନ୍ଧୁ ଝାଡୁଝାଡୁ ମନର ଅଳନ୍ଧୁ ଝାଡ଼ିବା, ବାସନ ମାଜୁମାଜୁ, କପଡ଼ା ଧୋଉଧୋଉ ମନର ମଇଳା ମାଜିବା, ଧୋଇବା (ଅଖିଳ ନାୟକ ଭଳି ବାସନ ମୂଳେ ଜଗତ ଦେଖିବା), ଘର ସଜାଡୁ ସଜାଡୁ ଜୀବନକୁ ସଜାଡ଼ିବାର କଳା ହାସଲ କରିବା, ଚା ତିଆରୁ ତିଆରୁ ଜୀବନରେ / ସଂପର୍କରେ ଚିନି ଘୋଳିବା / ତରକାରୀରେ ଲୁଣ, ତେଲ ମସଲା ପକଉ ପକଉ ଆୟୁଷରେ ବ୍ୟକ୍ତି ଜୀବନ ଓ ସାମାଜିକ ଜୀବନର ଭାଗମାପ ଠିକ କରିବା । ଛୁଆ ସହ ଖେଳୁଖେଳୁ ନିଜ ପିଲାଦିନକୁ ଅନୁଭବିବା, ତା ସହ ଗପୁଗପୁ ଆମର ହଜିଯାଇଥିବା ନିରୀହତା ସରଳତାକୁ ଖୋଜିବାର ଆନନ୍ଦ (ଯଦି ବୋଝ ଭାବୁଥାଅ ତଥାପି) କେବଳ ନାରୀର ହେବ, ମୋର କିଆଁ ହେବ ନାହିଁ । ନାରୀ କେବଳ ନାରୀ ନ ହେଇ ସାଥୀ ମଣିଷଟେ ହେଉ । ଲିଙ୍ଗ ଭେଦରେ ନାରୀ ପୁରୁଷ କାମର ପାରଂପାରିକ ବିଚାର ଓ ପୂର୍ବନିର୍ଣ୍ଣିତ ଭୂମିକାର ବିରୋଧ ହେବା ଦରକାର । ପୁରୁଷପଣ ସହ ତଥାକଥିତ ନାରୀପକ୍ଷର ବି ସମୀକ୍ଷା ଜରୁରୀ । ଅନ୍ୟ ଅର୍ଥରେ ନାରୀ ଭିତରେ ଛପି ରହିଥିବା ଏକଛତ୍ରବାଦୀ ମରଦପଣିଆ, ହିଂସ୍ରକ ପ୍ରବୃତ୍ତି ଓ କ୍ଷମତାର ଭୋକକୁ ଯାଞ୍ଚ କରିବା ଜରୁରୀ । ତାର କାରଣ ନାରୀ ବି ସେଇ ପିତୃତାନ୍ତ୍ରିକ ସଂସ୍କାର ଓ ଶିକ୍ଷାରେ ବଢ଼ିଆସିଛି ।

ନାରୀସ୍ୱତନ୍ତ୍ରତା ଲାଗି ଆର୍ଥିକ ସ୍ୱତନ୍ତ୍ରତା ଏକ ଆବଶ୍ୟକ ସର୍ତ୍ତ କିନ୍ତୁ ଏହା ଯଥେଷ୍ଟ ନୁହଁ । ନାରୀ ସଂଘର୍ଷର ଏହା ଗୋଟିଏ ପକ୍ଷ ମାତ୍ର । ଘର ବାହାରେ କାମ କରିବା ଅର୍ଥ ଆର୍ଥିକ ସ୍ୱତନ୍ତ୍ରତା ନୁହେଁ । ସହରୀ ନିମ୍ନବର୍ଗ ତଥା ନିମ୍ନ ମଧ୍ୟବିତ୍ତ ବର୍ଗର ହଜାର ହଜାର ସ୍ତ୍ରୀଙ୍କର ନିଜ ଆୟ ଉପରେ ମଧ୍ୟ ଅଧିକାର ନାହିଁ । ନିଜ ଉପାର୍ଜିତ ଅର୍ଥକୁ ଖର୍ଚ୍ଚ କରିବାର ନିର୍ଣ୍ଣୟ ତା ହାତରେ ନ ଥାଏ । ବାହାରେ କାମ କରିବା ତା ପାଇଁ ଏକ ଅସହାୟତା ଛଡ଼ା ଆଉ କିଛି ନୁହେଁ । ଏଭଳି ମହିଳା ଘର ଓ ବାହାରେ ଦୋହରା କାମର ବୋଝ ଉଠାଏ । ତେଣୁ ନିଜ ଉପାର୍ଜନ ଉପରେ ଅଧିକାର ଓ ଏହି ଆର୍ଥିକ ସ୍ୱତନ୍ତ୍ରତା ତାକୁ ଏତେ ବିଶ୍ୱାସ ଦେଉ ଯେ ସେ ପୁରୁଷର ଚାପ, ସମାଜର ଚାପ ସାମ୍ନାରେ ଛିଡ଼ା ହୋଇପାରିବ ।

(୨)

ଏବେ ଜୀବନରେ ଭେଟିଥିବା କିଛି ନାରୀ ଚରିତ୍ରଙ୍କ କଥା କୁହେ । ପ୍ରଥମେ ମୋ ଆଈ । ମୋ ମାର ମା । ଅତି ଅଳ୍ପ ବୟସରୁ ବିବାହ । ସେ ଚାରିଟି ସନ୍ତାନର ମା ହେବା

ପରେପରେ ବିଧବା ହୁଏ । ଘରିଟି ଛୁଆଙ୍କୁ ବଡ଼ କରିବାର ଦାୟିତ୍ୱ ନିର୍ବାହ କରେ ଅଭିଯୋଗ ହୀନ ଭାବେ । ତାଙ୍କ ସହ ମୋର ଭେଟ ସମ୍ବଲପୁର ଝାଡୁଆପଡ଼ା ମାମୁଁ ଘରେ । ବ୍ରାହ୍ମଣଙ୍କ ଭିଡ଼ ଓ ବିଘରର ତଥା କର୍ମକାଣ୍ଡି ପ୍ରଭାବ ବଡ଼ ପ୍ରବଳ ସେ ପଡ଼ାରେ । ମାମୁଁ ଭଡ଼ା ଘରେ ରହୁଥାନ୍ତି । ଲାଗି ଲାଗି କେତୋଟି ଖପୁରୁଲି ଘର । ସେଠି ଗୋଟିଏ ବ୍ରାହ୍ମଣ ପରିବାର, ଗୋଟିଏ 'ସୁଦ' ପରିବାର । ମାମୁଁ ଘରେ ହେଲେ କରଣ । ଛୁଆଁ, ଅଛୁଆଁ, ଅଇଁଠାକୁ ନେଇ ଭୟଙ୍କର ସଚେତନତା । ବ୍ରାହ୍ମଣ ପରିବାରଟି ଆମକୁ ନେଇ ଖୁବ୍ ସତର୍କ । କାଳେ ରୋଷେଇ ସାମାନ ଛୁଇଁ ହେଇଯିବ, କଳରୁ ଆଣୁଥିବା ପାଣି ଛୁଆଁ ହେଲେ ମାରା ହୋଇଯିବ । ସେ ଦିଗରେ ସେଇ ସମାନ କଠୋର ଭାବ ଥିଲା ଆଈର ସୁଦ ଘରର ଲୋକଙ୍କୁ ନେଇ । ସୁଦ ଘର ବାବୁଟି ମୋର ସାଙ୍ଗ । ତାଙ୍କ ଘରେ ମୋର ଖାଇବାକୁ ନେଇ ଆପତ୍ତି ନଥିଲା କିନ୍ତୁ ଖାଇବା ଜିନିଷ ଧରି ଫେରିବା ଥିଲା ମନା । ଆଈ ଏ ଦିଗରେ ଥିଲା ଜାଗ୍ରତ ପ୍ରହରୀ ସଦୃଶ୍ୟ । ବାହାରୁ ଖେଳିକି ଆସିଲ ମାନେ କପଡ଼ା ଖୋଲ । ମୋଟାମୋଟି ଭାବେ କହିଲେ ଗାଧୋଇବାକୁ ପଡୁଥିଲା । ଅନ୍ୟଦିଗରେ ଘର ଲୋକଙ୍କ ଯତ୍ନ ସେବାରେ ସେ ସବୁବେଳେ ହାଜିର । ସେଥିରେ ତାର ହେଳା ନ ଥାଏ । ମାମୁଁଙ୍କୁ ତାର ଭାରି ଡର । ବହଳ ଡାଲି ଆଉ ଚକାଚକା ଭଜା ଭାଜି ନିଜ ହାତରେ ମାମୁଁଙ୍କୁ ଖୁଆଉଥିଲା । ମାମୁଁଙ୍କ ମା' ସିନା ହେଲେ ପୁଅର ପାଟିକୁ ବଡ଼ ଡ଼ର । ଡାକ ସରିବା ଆଗରୁ ପହଁଚିଯିବ । ଏ ଦୃଷ୍ଟିରୁ ଦେଖିଲେ ତାଙ୍କର ବ୍ୟକ୍ତିତ୍ୱ ବୋଲି କିଛି ନ ଥିଲା । ପୁଅର ମନକୁ ଡାକକୁ ହୁକୁମକୁ ଜଗି ରହୁଥିଲା ।

ସମୟକ୍ରମେ ଝିଅମାନେ ବାହା ହେଇଗଲେ । ମାମୁଁଙ୍କ ବାହାଘର ହେଇଗଲା । ଅଳ୍ପଦିନ ପରେ ଆମ ମାଇଁ ଆଈଙ୍କ ପାଖରେ ରଖିବାକୁ ଚାହିଁଲେନି । କେବଳ ଛୁଆଙ୍କ ଯତ୍ନ ନେବା ଦୃଷ୍ଟିରୁ ଆଈଙ୍କୁ ଘରର ଗୋଟିଏ କଣରେ ପକେଇ ରଖିଲେ । ଛୁଆମାନେ ବଡ଼ହେଇ ସ୍କୁଲ ଯିବାକୁ ଆରମ୍ଭ କଲାପରେ ମୁଠେ ଖାଇ, ଖଣ୍ଡେ ପିନ୍ଧି ଘର କଣରେ ପଡ଼ି ରହିବା ଲାଗି ତାଙ୍କ ପାଂଚଫୁଟର ଶରୀରକୁ ବି ଯାଗା ମିଳିଲା ନାହିଁ । ଗଲେ ମାଉସୀ ଘରକୁ । ସେଠି ଛୁଆଙ୍କ ଯତ୍ନ ନେଲେ । ଛୁଆମାନେ ବଡ଼ ହେଲେ । ସେଠିବି କାମ ସରିଲା । ଅଦରକାରୀ, ଅପାଂକ୍ତେୟ ହେଇଗଲେ । ବୟସ ସବୁ ଯିବାକୁ ଲାଗିଲା । ପୁଅକୁ, ବୋହୂକୁ, ଜୋଇଁକୁ, ଝିଅଙ୍କୁ ଡରିଶଙ୍କି ଯେତେ ବିତେଇଲେବି ସରିଲାନି ଆୟୁଷ । ଶେଷରେ କେହି ରଖିବାକୁ ଚାହିଁଲେନି । ସମସ୍ତଙ୍କ ପାଖରେ ନିଜ ନିଜ କାରଣ ଥିଲା । ଥିଲା ତଥାକଥିତ ଅସହାୟତା । ଶେଷରେ ମାମୁଁ ଗୋଟିଏ ଘର ଠିକ କଲେ । ଘର ତ ନୁହେଁ ଗୁହାଳ । ଗାଈ ମଇଁଷି ରଖିବା ପାଇଁ ଜଣେ ତାର ପରିତ୍ୟକ୍ତ ଘରକୁ ବ୍ୟବହାର କରୁଥାଏ । ଗୁହାଳ ଘେରା ଏକ କୋଠରୀ । ସେଠି ତାଙ୍କୁ ବସ୍ତା ଭଳି ଫିଙ୍ଗି ଦିଆଗଲା । ପାଣି ବୋତଲ, ତେଲ ବୋତଲ, ବିସ୍କୁଟ ଡବା, ମଶାଧୂପ, ମଶିଣା, ବାଲଟି ଆଉ ମଗ ।

ସାଙ୍ଗରେ କେହି ବୋଲି କେହି ନାହିଁ । କାମବାଲୀ ଗୋଟେ ସ୍ତ୍ରୀ କେତେବେଳେ କେମିତି ମୁଠେ ରାନ୍ଧିକି ଦେବା ଲାଗି ଖଞ୍ଜା ହେଲା । ଦିନକୁ ଥରେ ମାମୁଁ ଦେଖି ଆସୁଥିଲେ । ସମୟ ଆସିଲା ଆଈ ଆଉ ପାରିଲାନି । ପିନ୍ଧା କପଡ଼ାରେ ଝାଡ଼ା ପରିଶ୍ରା କଲା । ମାମୁଁ ଆସି ଧୋଉଥିଲେ । ଶାଢ଼ୀ ବଦଳଉଥିଲେ । କେବେ କେମିତି ଝିଅ ମାନେ ଦେଖିବାକୁ ଆସୁଥିଲେ । ସାଙ୍ଗରେ କିଛି ଖାଇବା ଦରବ ଧରି ଆସୁଥିଲେ । ମାମୁଁଙ୍କୁ ଓ ତାଠୁଁ ଅଧିକ ମାଈଁଙ୍କୁ କୋସୁଥିଲେ । ଘଣ୍ଟେ ଦି ଘଣ୍ଟା ବସି ଫେରିଯାଉଥିଲେ । ସାନ୍ନିଧ୍ୟ ବିହୀନ ଜୀବନର ସାୟାହ୍ନ । ଜୀବନର ସୂର୍ଯ୍ୟାସ୍ତ । ଗୋଟିଏ ଦିନ ଖବର ଆସିଲା ଆଈ ନାହିଁ । ଖଇ କଉଡ଼ି ବି ତାକୁ ଜୁଟିଲା ନାହିଁ । ଶୋଉଥିବା ମଶିଣାରେ ତାକୁ ଗୋଟେଇ ଅଟୋରେ ନିଆଗଲା ମଶାଣିକୁ ।

ଆଈର ସମ୍ବଲପୁର ସହରରେ ଜମିଥିଲା । ଯେତିକି ଜମିଥିଲା ସବୁ ବିକି ବ୍ୟାଙ୍କରେ ରଖି ତାରି ସୁଧରେ ଘରଟିଏ ରଖି (ନିଜ ଦେଖରେଖ ପାଇଁ) ରହିପାରିଥାନ୍ତା । ଗୋଟିଏ ସମୟ ଥିଲା ବିଧବାମାନଙ୍କୁ କାଶୀ ବନାରସ ପଠେଇ ଦିଆଯାଉଥିଲା । ଭଜନ ଓ ଭିକ୍ଷାରେ ଜୀବନ ବିତୁଥିଲା ସେଠିକାର ମଠ ମନ୍ଦିରରେ । ମନେ ପଡ଼ିଯାଏ ହଡ଼ା ଗାଈର ଆତ୍ମକାହାଣୀ । ସେ ଜୀବନଠୁ ମୋ ଆଈ କ'ଣ ଭଲ ଜୀବନଟେ ବିତେଇଲା । ରହୁଥିଲା ବ୍ରାହ୍ମଣଙ୍କ ଭିଡ଼ରେ ତିଆରି ଝାଡୁଆପଡ଼ାରେ । ତାର ପ୍ରତ୍ୟକ୍ଷ ପ୍ରଭାବ ଓ ଯେକୌଣସି ଉଚ୍ଚ ଜାତିର ମହିଳା ପରି ସେ ଛୁଆଁ ଅଛୁଆଁ, ଜାତିଭେଦକୁ ଧରି ବଞ୍ଚିଲା । ଶେଷରେ ଯେଉଁ ସ୍ତ୍ରୀ ଲୋକ ହାତରୁ ସେ ମୁଠେ ଖାଉଥିଲା, ତାର ଜାତି ସଂପର୍କରେ ବି ଜାଣିବାର ତାର ଆଉ ଆଗ୍ରହ ନଥିଲା ଅନ୍ୟ ଦିଗରେ ନାରୀଟିଏ ନିଜ ପାଇଁ ଜିଇଁବ, ଜିଇଁବା ଉଚିତ ଏମିତି ଏକ ବିଚାର ଧରି ଜିଇଁବା କଥା କଣ ସେ ଭାବି ପାରିଲା ? ଏ କେବଳ ମୋ ଆଈ କଥା ନୁହଁ ଅନେକ ସ୍ତ୍ରୀ ଲୋକ ନିଜ ପାଇଁ ଜିଇଁବା କଥା ଭାବି ପାରନ୍ତିନି ।

କାହିଁକି ଏମିତି ହେଲା । ବ୍ୟବସ୍ଥାର ଦୁଃଖକୁ ବୋଲି କହିଦେବା କଣ ଯଥେଷ୍ଟ । ସେଇ ସମାନ ସମୟରେ ଆମେ ତାଙ୍କ ଜୀବନରେ ଆସିଥିବା ବାକି ମହିଳା ଚରିତ୍ରମାନଙ୍କ ସଂବଧରେ କଣ କହିବା ? ମାଇଁ ଜୀବନରେ, ସଂସାରରେ ଆଈ ଲାଗି କୌଣସି ଯାଗା ନଥିଲା । ଏମିତି ଏକ ଆଈ ଯିଏ କା'ରି ଜୀବନରେ ଦଖଲ ଦେବା କଣ ଜଣେ ଅଭିଭାବକ ଭାବେ ସେ କଥା ମୋଟେ ଜାଣିନଥିଲା କିମ୍ବା ସମୟକ୍ରମେ ଭୁଲି ଯାଇଥିଲା । ଭୁଲିଯାଇଥିଲା ତା ଜୀବନର ଇଚ୍ଛା ଓ ଦାବୀ କଣ ? ଝିଅମାନେ ନିଜ ମାକୁ ନେଇ ନିଜ ଘରେ (ସ୍ୱାମୀ, ଶଶୁର ଘର) ରଖିବା ସହଜ ମନେ କରୁନଥିଲେ । କାଳେ କିଏ କଣ କହିବ । ମା ଆସି ଝିଅର ଶାଶୁ ଘରେ ରହିବ । ନିହାତି ଅଗ୍ରହଣୀୟ କଥା ଯେମିତି । ଏଇ ଗୋଟିଏ କଥାରୁ ବୁଝିହୁଏ ଝିଅମାନଙ୍କର ସ୍ୱାମୀ ବା ଶାଶୁ-ଶଶୁର ଘରଟି ସେମାନଙ୍କ କେତେ ନିଜର ।

ସେଠି ତାଙ୍କର କେତେ ବୋଲି ଯାଗା । ଏଇଭଳି ନିଷ୍ପତ୍ତି ଗୁଡ଼ିକରେ ତାଙ୍କର ଗୁରୁତ୍ୱ କେତେ ।

ଆଉ ଏକ ଚରିତ୍ର ହେଲେ ମୋର ଅନ୍ୟତମ ଆଈ । ମୋ ବାପାଙ୍କ ମା । ଶାଶୁ ଭାବେ ତାଙ୍କ ବ୍ୟକ୍ତିତ୍ୱ ବେଶ୍ ଦୃଢ଼ ଓ କିଛିଟା କଡ଼ା ମିଜାଜର । ନିଜ ଇଚ୍ଛା ଅନିଚ୍ଛାକୁ ଜାହିର କରିବା, ପସନ୍ଦ ନାପସନ୍ଦକୁ ପ୍ରକାଶ କରିବାରେ ମୋଟେ ପଶ୍ଚାତପଦ ହେଉନଥିଲେ । ଅନେକ ସମୟରେ ତାଙ୍କ ବୋହୂମାନଙ୍କ ପାଇଁ ଥିଲେ କଠୋର କଥାରେ, ବ୍ୟବହାରରେ । ଏସବୁ କିନ୍ତୁ ଅଜା ଥିବା ଯାକେ । ଅଜାଙ୍କ ମୃତ୍ୟୁପରେ କଥା ବଦଳିଗଲା । ନା ରହିଲା ତାଙ୍କ ପୂର୍ବ ଦୃଢ଼ତା ନା ତାଙ୍କର କଡ଼ା ବ୍ୟକ୍ତିତ୍ୱ । ସବୁକିଛି କୁଆଡ଼େ ହଜିଗଲା । ସତରେ ଯେମିତି ସେ କଥା କହିବା ଭୁଲିଗଲେ । ଦି ଋରି ବର୍ଷ ଭିତରେ ସେ ଉଭୟ ଶାରିରୀକ ଓ ମାନସିକ ସ୍ତରରେ ଶୁଖି କାଠ ହେଇଗଲେ । ତାଙ୍କୁ ଦେଖିଲେ ଲାଗିଲା ଖୁବ୍ ଅସହାୟ ଅସହାୟ । ତାଙ୍କର ଦୃଢ଼ତା / ବ୍ୟକ୍ତିତ୍ୱ / ମିଜାଜ ସବୁ କ'ଣ ସ୍ୱାମୀର ଉପସ୍ଥିତି ଉପରେ ଏତେ ବେଶି ଥିଲା ନିର୍ଭରଶୀଳ । ସେ ସବୁ କଣ ନ ଥିଲା ଅନ୍ତର୍ନିହିତ, ଯେତେବେଳେ କି ଅଜା ବଞ୍ଚିଥିଲା ବେଳେ ସେ ଅଜାଙ୍କୁ ବି ଅନେକ କଥାରେ ଖାତିର କରୁନଥିଲେ ।

ଗୋଟିଏ ଆଈର ଦୟନୀୟ ଜୀବନ ଯାତ୍ରା ଓ ଆଉ ଏକ ଆଈର ନିଜ ସ୍ୱାମୀ ମୃତ୍ୟୁ ପରେ ନିଃସ୍ୱ ଓ ଦୁର୍ବଳ ପଡ଼ିଯିବା କଥା ପଛରେ ରହିଛି ଆମର ସାମାଜିକୀକରଣ ଯାହା ନାରୀକୁ ମୁକ୍ତ, ସ୍ୱତନ୍ତ୍ର ମଣିଷ ଭାବେ ଗଢ଼ି ତୋଳି ନାହିଁ ବା ଗଢ଼ି ତୋଳିବାରେ ପ୍ରତିବନ୍ଧକ ସାଜିଛି । ସେ କଥାଟି ପଶ୍ଚିମୀ ଦେଶରେ ବା ଆମର କିଛି ଆଦିବାସୀ ସମାଜରେ ଅନେକଟା ଅଲଗା । ଏଇଥିପାଇଁ ଯେ ସେଠିକା ସାମାଜିକୀକରଣ ଓ ଜୀବନକୁ ନେଇ ରହିଥିବା ସାଂସ୍କୃତିକ ମୂଲ୍ୟବୋଧ ଅଲଗା । ହଁ ଏ କଥା କହିରଖେ ସ୍ୱାମୀ, ସ୍ତ୍ରୀ ଭିତରୁ କେହି ଜଣେ ନ ରହିବା ଅନ୍ୟ ଜଣକ ପାଇଁ ବହୁକାରଣରୁ ଏକ ଶକ୍ତ ଧକ୍କା । ସେ ଯେ କୌଣସି ସମାଜରେ ହେଉ ନା କାହିଁକି । ତେବେ ଆସିବା ମୋ ମା ପାଖକୁ । ସ୍ନେହୀ, ପରିବାର ଦୃଷ୍ଟିରୁ ତ୍ୟାଗୀ, ଭୟଙ୍କର ଭାବେ ପରିଶ୍ରମୀ, ଦରଦୀ, ସମ୍ବେଦନଶୀଳ । ଏଇ ଯେମିତି ଘରେ କାମ କରୁଥିବା ଲୋକର ଦୁଃଖ, ଭୋକ, ଅଭାବ ଓ ଅସୁବିଧା ପ୍ରତି ସେ ଖୁବ୍ ସମ୍ବେଦନଶୀଳ । ମୋ ବନ୍ଧୁମାନଙ୍କ ପ୍ରତି ଖୁବ୍ ସ୍ନେହବତ୍ସଳା । ସେମାନେ ଆସିଲେ ସେମାନଙ୍କ ରହିବା, ଖାଇବା ସବୁ ବୁଝିବ, ବେଶ ଅନ୍ତରଙ୍ଗ ଓ ଛଳ ଛଳ ଭାବେ କଥା ହେବ । ହେଲେ ଯେଉଁ ବନ୍ଧୁମାନେ ତଥାକଥିତ ତଳ ଜାତିର ତାଙ୍କ ଅଇଁଠା ବାସନ ଉଠାଇବ ନାହିଁ । ସେ ବାସନକୁସନ ଆମେ ଉଠେଇବୁ ନ ହେଲେ ବାସନ ମାଜି ଆସୁଥିବା ସ୍ତ୍ରୀ ଲୋକ । ଲୋକଙ୍କ ଦୁଃଖରେ ଦୁଃଖୀ ହେବ, ତା ଦ୍ୱାରା ଯାହା ସମ୍ଭବ ସେ ସବୁ କରିବ ଅଥଚ ଜାତି ପ୍ରସଙ୍ଗରେ ସେ ଆଜି ବି ଜାତିବାଦୀ । ସହଜରେ ଆଉ କା'ଘରେ ଖାଇବ

ନାହିଁ । କିନ୍ତୁ ଏ କଣ ଜଣେ ନାରୀ ହେଇଥିବା ହେତୁ । ଏ ଗୁଣ, ବିଚାର ବା ଜୀବନ ଦୃଷ୍ଟି ନାରୀ ହେଇଥିବା ହେତୁ ନିଶ୍ଚିତ ରୂପେ ନୁହେଁ । ଏଭଳି ଆଚାର, ବ୍ୟବହାର ଆମେ ସମ୍ବେଦନଶୀଳ ଅଥଚ ଜାତିବାଦୀ ପୁରୁଷଙ୍କ ଭିତରେ ମଧ୍ୟ ଦେଖିପାରିବା । ଦୟା ଅଛି । ସାହାଯ୍ୟକାରୀ ବି । ଦୁଃଖୀଙ୍କ ପାଇଁ ଲୁହ ବି ଅଛି ଅଥଚ ତାଙ୍କୁ ନିଜ ଭଳି ଆଉ ଏକ ମଣିଷ ଭାବିପାରିବା ଦିଗରେ ତାଙ୍କର ଜାତିବାଦୀ, ଶ୍ରେଣୀବାଦୀ ମନ ମସ୍ତିଷ୍କ ବା ସଂସ୍କାର ପ୍ରସ୍ତୁତ ହେଇପାରିନି ।

ଆଉ ଏକ ଖୁବ୍ ଅନ୍ତରଙ୍ଗ ଚରିତ୍ର ପାଖକୁ ଆସିବା । ଛୁଆ ଦିନର ଜଣେ ସାଙ୍ଗ । ଖୁବ୍ ଖୋଲାମେଲା । ସେ ଯେ କୌଣସି କଥା ଖୁବ୍ ସହଜରେ କହିପାରୁଥିଲା । ଶ୍ଳୀଳ-ଅଶ୍ଳୀଳ, ଗୋପ୍ୟ-ଅଗୋପ୍ୟ, କଥ୍ୟ-ଅକଥ୍ୟ ଏମିତି କିଛି ନଥିଲା ଯାହା ସେ ସାଙ୍ଗ ମେଳରେ କହିପାରୁନଥିଲା । ଏତେ ଖୋଲାଖୋଲି କହି ପାରୁଥିଲା ଯେ ଆମେ ଚମକି ଯାଉଥିଲୁ । ଲାଗୁଥିଲା ତାକୁ ସାମ୍ନା କରିବା କୌଣସି ବି ପୁରୁଷ ପାଇଁ ସହଜ ହେବନି । ଏ ଭିତରେ ତାର ବିବାହର ୧୫ ବର୍ଷ ବିତିସାରିଛି । ୧୫ ବର୍ଷର ଜୀବନ କାହାଣୀ ମୋଟାମୋଟି ଏମିତି – ବିବାହର ଚାରିଦିନ ଯାଇନି ସ୍ୱାମୀ କହିଲେ – "ସେ ଜଣକୁ ଭଲ ପାଉଥିଲେ । ତା ସହ ସାମୟିକ ରାଗରୁଷା ଓ ସାମାନ୍ୟ ଭୁଲ ବୁଝାମଣା ଦୃଷ୍ଟିରୁ ଜିଦିରେ ତୁମକୁ ବାହା ହେଇଗଲି । ତାକୁ ଛାଡ଼ି ବି ବଞ୍ଚିହେବ, ମୁଁ ଆଉ କାହାକୁ ବିବାହ କରିପାରେ, ଏକଥା ଦେଖେଇବାର ଫଳଶ୍ରୁତିରେ ତୁମ ସହ ହେଲା ମୋ ବିବାହ ।" ବିବାହ ପୂର୍ବର ଚିଠି ଦେଖାନ୍ତି ସ୍ୱାମୀ । ନୂଆ ସଂସାର ବସେଇଥିବା ଘରଟିର କପ୍‌ବୋର୍ଡ଼ରେ ସେ ଚିଠି ସବୁ ଥୁଆ ହୁଏ । ମୋ ସାଙ୍ଗଟି ଧରିନିଏ ଯେ ଏସବୁ କଥା ସହ ସ୍ୱାମୀକୁ ଗ୍ରହଣ କରିନେବାକୁ ହେବ । କୌଣସି ମତେ ସ୍ୱାମୀକୁ ଜିତିବାକୁ ହେବ । ଧରିନେଲା ଯେ ସଂପୂର୍ଣ୍ଣ ସମର୍ପଣ ମାଧ୍ୟମରେ ସେ ତା ସ୍ୱାମୀକୁ ଗୋଟାପଣେ ନିଜର କରିନେବ । ସ୍ୱାମୀର ଇଚ୍ଛା, ରୁଚି, ପସନ୍ଦ ହିଁ ନିଜର ଇଚ୍ଛା ରୁଚି ପସନ୍ଦ । ଏପରିକି ଆର୍ଟ କରିବାର, ପିଲାଟି ବେଳର ସଉକ ଗୀତ ଶୁଣିବା, ସିନେମା ଦେଖିବାର ରଚି ସବୁକିଛି ଭୁଲିଗଲା ଯେହେତୁ ସ୍ୱାମୀଙ୍କର ଏ ସବୁଥିରେ କୌଣସି ଆଗ୍ରହ ନାହିଁ । ସ୍ୱାମୀଙ୍କର ପ୍ରେମିକାକୁ ନିଜର ପ୍ରତିଦ୍ୱନ୍ଦୀ ମନେ କରି ଆରମ୍ଭ ହେଲା ଏକ ମିଛ ପ୍ରତିସ୍ପର୍ଦ୍ଧାର ଜୀବନ । ମୋ ସାଙ୍ଗର ଏ ଗ୍ରହଣୀୟତା ଦେଖି କେବେ କେମିତି ତାଙ୍କର ପ୍ରେମିକା ଘରକୁ ବୁଲିବାକୁ ଗଲାବେଳେ ସ୍ୱାମୀ ତାକୁ ବି ସାଙ୍ଗରେ ନେଲେ । ସ୍ୱାମୀର ପ୍ରେମିକା ସହ ସମକକ୍ଷ ହେବାର ପ୍ରତିସ୍ପର୍ଦ୍ଧା ଓ ନିଜର ବ୍ୟକ୍ତିତ୍ୱ, ଅସ୍ତିତ୍ୱ, ଅସ୍ମିତାର ସଂପୂର୍ଣ୍ଣ ସମର୍ପଣରେ ଗୋଟିଏ ଜୀବନ । ପ୍ରଥମ ବର୍ଷ ଗୋଟେ ଦିଟା ଦେହ ଦାହରେ ବିତିଯାଏ । ମନେ ହୁଏ ବଦଳିଯିବ ସବୁକିଛି । ପ୍ରାଥମିକ ବୈବାହିକ ଜୀବନର ଉଷ୍ମତା, ତାର ତ୍ୟାଗ ଓ ସମର୍ପଣ ସତ୍ତ୍ୱେ ସ୍ୱାମୀକୁ ଗୋଟାପଣେ ନିଜର କରିପାରେନା । ପୁଣି ଲାଗେ ଛୁଆ ଆସିଲା ପରେ ବଦଳିଯିବ ଚିତ୍ର । ପୁଅ ଆସେ,

ବଢ଼େ, ପଢ଼େ । ବିଶେଷ କିଛି ବଦଳେନା । କେବଳ ଏକ ଅଭ୍ୟାସର ଜୀବନ । ଦେଖୁଦେଖୁ ବିତିଯାଏ ୧୫ ବର୍ଷ । ଏବେ ତାକୁ ଲାଗୁଛି ସ୍ୱାମୀ ଧରିନେଇଛନ୍ତି ଯେ ଏ ଆଉ ଯିବ କୁଆଡ଼େ । କ'ଣ ବା କରିପାରିବ । ଅଭ୍ୟାସ ଭଳି ଶାରିରୀକ ସଂପର୍କ ପରେ ଅସାଡ଼ ଦେହରେ ଜାଣିପାରିବା ଯେ କେବଳ ଏକ ଭୋକ ଅଛି, ଭଲ ପାଇବା ନାହିଁ । ଦେହ ତା ଯାଗାରେ, ମନ ଆଉ କୋଉଠି । ନିଜର ଏ ଅସହାୟତାକୁ ନେଇ ନିଜପ୍ରତି ତାର ଘୃଣା ଆସୁଛି କୁଆଡ଼େ ଏବେ । ସ୍ୱାମୀ ତାଙ୍କ ପ୍ରେମିକାର ସୁଖଦୁଃଖ ବଖାଣ କରନ୍ତି ତା ସାମ୍ନାରେ । ତାକୁ ନେଇ ଚିନ୍ତା ପ୍ରକଟ କରନ୍ତି । ପ୍ରକାଶ୍ୟରେ ଅନ୍ୟମନସ୍କ ରୁହନ୍ତି । କେବେ କେବେ ପ୍ରେମିକା ଘରୁ ବୁଲି ଆସିବା ପରେ କୁହନ୍ତି - 'ଦେଖ ସେ ନିଜକୁ କେତେ ମେଣ୍ଟେନ କରି ରଖୁଛି । ଘରେ ଥିବା ବେଳେ ବି ସେ କେମିତି ଫିଟ୍‌ଫାଟ୍ । ଆଉ ତମେ ନିଜକୁ ଦେଖ, ଦେହରେ କେତେ ଚର୍ବି' । କେବେ ସ୍ୱାମୀର ପ୍ରେମିକା ଫୋନ୍ କରି ଗୋଟିଏ ରକମ ନିର୍ଦ୍ଦେଶ ଦେବ ଯେ, ତାଙ୍କୁ ଏଇଆ କହିଦେବ । କହିବ ଏଇଆ କରିଦେବେ ।

୧୫ ବର୍ଷ ପରେ ମୋ ସାଙ୍ଗ ଭାବୁଛି କେମିତି ସେ ସହିଗଲା ଏସବୁ ଏତେଦିନ, ଏତେବର୍ଷ । କାହିଁକି ତାର ତ୍ୟାଗ, ସମର୍ପଣ କିଛି କାମ କଲାନାହିଁ । କେମିତି ଏକ ମିଛ ପ୍ରତିଦ୍ୱନ୍ଦିତାରେ ସେ ହଜେଇ ଦେଲା ତାର ବ୍ୟକ୍ତିତ୍ୱ । ସେ ଜାହିର କରିପାରିଲାନି ତାର ଇଚ୍ଛା, ପସନ୍ଦ ନାପସନ୍ଦ ।

ଦୈନନ୍ଦିନ ଜୀବନର ଆବଶ୍ୟକତା ଦୃଷ୍ଟିରୁ ଯେତକି କଥା ସେତିକି, ତା ବାହାରେ ଆଉ ସ୍ୱାମୀ ସହ ସମ୍ବାଦ ହିଁ ନାହିଁ । ଜୀବନ କେବଳ ଏକ ବୁଝାମଣା । ସେ ବି ଏକତରଫା ବୁଝାମଣା । ଗୋଟିଏ ରକମ ଚିଡ଼ଚିଡ଼ାପଣ ଏବେ ବଢ଼ିବାରେ ଲାଗିଛି । ଜୀବନର ଏ ମୋଡ଼ରେ ଖୁବ୍ ଅସହାୟ ଓ ରାହାହୀନ । ଅନେକ ପ୍ରଶ୍ନ ଏବେ ଯାହାକୁ ସେ ଏଡ଼େଇ ଆସିଥିଲା । କଣ ପାଇଲା ଏ ସଂପର୍କରୁ ? ସମୟ ଓ ବୟସ ସହ କଣ ସବୁ ହଜେଇ ଦେଲା ? ଏ ମିଛ ସଂପର୍କର ବୋଝ ବୋହି ଜୀବନର ବାକି ରାସ୍ତା ମାପିବା କଣ ତାର ନିୟତି । ଏମିତି ଏକ ମିଛ ସଂପର୍କରୁ ମୁକୁଳିଯିବା ବାବଦରେ କିଆଁ କେବେ ଭାବି ପାରିଲାନି ? ମୁକୁଳିଯିବା କଣ ଭଲ ହେଇଥାନ୍ତା ?

ଆମ ସମାଜରେ ବୈବାହିକ ସଂପର୍କରେ ଥରେ ବନ୍ଧା ହେଇଗଲେ ସେଠୁ ମୁକୁଳି ଆସିବା କି ସେଭଳି ନିଷ୍ପତ୍ତି କ'ଣ ସହଜ ? ସଂପର୍କରେ ଉଷ୍ମତା, ଆତ୍ମୀୟତା ଥାଉ ନଥାଉ ଆଉ ଜଣେ ସତରେ ଲୋଡୁଥାଉ କି ନଥାଉ ସମ୍ପର୍କକୁ କେମିତି ବଂଚେଇ ରଖିହେବ, ବଂଚେଇ ରଖିବା ଆବଶ୍ୟକ ତା ପାଇଁ ଯାବତୀୟ ଟିପ୍‌ସ, ପରାମର୍ଶ ଦେବାକୁ ଅନେକ ଲୋକ । ତ୍ୟାଗ, ସାଲିସ, ବୁଝାମଣା କେତେ କଥା କହିବେ । ଝିଅ କ୍ଷେତ୍ରରେ ତ କଥାଟି ଆହୁରି ଜଟିଳ । ମୋର ସାଙ୍ଗ ଜଣକ ବେଶ ଉଚ୍ଚଶିକ୍ଷିତ ଏବଂ ଚହିଁଲେ ଅର୍ଥ ଉପାର୍ଜନ

ତାପାଇଁ ସମସ୍ୟା ହେଇନଥାନ୍ତା । ତା ସତ୍ତ୍ୱେ ସେ ନିଜ ଅଲୋଡ଼ାପଣକୁ ଜାଣିବା ସତ୍ତ୍ୱେ ଏ ମିଛ ସଂପର୍କର ସାତ ସିଆଁ ଲୁଗା ଧୋଇ ଶୁଖେଇ ପିନ୍ଧିବା ଲାଗି ତାକୁ କିଏ ବାଧ୍ୟ କଲା ? ଆମ ବ୍ୟବସ୍ଥା, ସାମାଜିକ-ସଂସ୍କୃତି ମୂଲ୍ୟବୋଧର ଚପ ଏତେଯେ କିଏବା ଦୁଃସାହସ କରିବ ମୁକୁଳି ଆସିବା ଲାଗି । ଆର୍ଥିକ ଅସୁରକ୍ଷା ଏକ ମାତ୍ର କାରଣ ନୁହଁ । ଅସ୍ତିତ୍ୱଜନିତ ସୁରକ୍ଷାଠୁ ଆରମ୍ଭ କରି ସାମାଜିକ-ସାଂସ୍କୃତିକ ଗ୍ରହଣୀୟତା ଭଳି ଆହୁରି କେତେ କାରଣ ଅଛି । ତା ଛଡ଼ା ଗୋଟିଏ ସଂପର୍କରେ କଣ ସବୁ ସାଲିସ-ଅଣସାଲିସ (Negotiable-non negotiable) ସେ କଥା ସଂପର୍କର ଆରମ୍ଭରୁ କଣ ସ୍ପଷ୍ଟ ରୂପେ ଜାହିର କରିହୁଏ ?

ମୋ ସାଙ୍ଗର ଜୀବନକୁ ନେଇ ଦିଟି କଥା ମୁଣ୍ଡକୁ ଆସୁଛି । ପ୍ରଥମଟି ହେଲା ମୋ ସାଙ୍ଗର ପ୍ରଶ୍ନ - ମୁଁ ଏବେ କଣ କରିବି ? ମୁଁ ତ ଭୁଲିଯାଇଛି ମୋ ଇଚ୍ଛା, ରୁଚି । ଭୁଲି ଯାଇଛି ମୋର ଖୁସି କୋଉଠି ? ପୁରୁଷର ଜୀବନରେ ଯଦି ଠିକ ଏମିତି ଏକ ମୋଡ଼ ଆସେ, ତେବେ ? ସାଙ୍ଗର ପ୍ରଶ୍ନ ଯେ ପୁରୁଷର ବିବାହ ପୂର୍ବର ସଂପର୍କ ସଂବଧରେ ମୋ ସ୍ୱାମୀ ମତେ କହିଦେଇ ସତ କହିବାର ଦାୟିତ୍ୱ ନିର୍ବାହ କଲେ । କିନ୍ତୁ କିଆଁ ବିବାହ ପରେ ? ନାରୀ ଯଦି ଏମିତି ଏକ ସଂପର୍କ କଥା କୁହେ ଓ ତାକୁ ଠିକ ମୋ ସାଙ୍ଗର ସ୍ୱାମୀ ଭଳି ତା ପୂର୍ବ ସଂପର୍କକୁ ବଂଚେଇ ରଖେ ? ଦ୍ୱିତୀୟ ପ୍ରଶ୍ନ ହେଲା - ଏକ ମିଛ ସଂପ୍ରର୍କରୁ ମୁକୁଳିଯିବା ଲାଗି, ନିରୁତ୍ତାପ ସଂପର୍କରୁ ବାହାରି ଯିବାକୁ ଆଉ କେତେ ଦିନ ଏକ ପାପ ଭଳି ଦେଖାଯାଉଥିବ ? ନାରୀଙ୍କୁହିଁ ଏତେ ବଡ଼ ମୂଲ୍ୟ ଦେବାକୁ ପଡୁଥିବ । ପଶ୍ଚିମରେ ଓ ଆମ ଆଦିବାସୀ ଜୀବନରେ ଅସୁଖୀ ସଂପର୍କରୁ ବାହାରିଯିବା ଏବଂ ଆଉ ଏକ ଜୀବନ ଆରମ୍ଭ କରିବା ପଛରେ ସାମାଜିକ-ସାଂସ୍କୃତିକ ଗ୍ରହଣୀୟତା ରହିଛି । ଏପରି କିଛି ଆଦିବାସୀଙ୍କ ସମୁଦାୟରେ ଗୋଟିଏ ଦିଟା ଛୁଆ ଧରି ଆଉ ଏକ ପୁରୁଷ ପାଖକୁ ଯିବାର ନଜିର କିଛି କମ ନୁହେଁ ।

ଆମେ ଯଦି ପରସ୍ପରକୁ ଭଲପାଉଥାଏ / କେବଳ ଏଇଥିପାଇଁ ଯେ ଆଲିଙ୍ଗନରେ ଆମେ ମାରିଦେଇଛୁ ପରସ୍ପରର ଇଚ୍ଛା / ପରସ୍ପରର ମୃତ ଇଚ୍ଛାରେ ଆମେ ଗଢ଼ିଛୁ ଆମର ପୃଥିବୀ / ଆମେ ଯଦି ଘୃଣା କରୁଥାଉ ପରସ୍ପରକୁ / କେବଳ ଏଇଥିପାଇଁ ଯେ ମୋ ଇଚ୍ଛାର ସମୁଦ୍ରରେ ତମେ ନଈ ହେଇ ମିଶିଲ ନାହିଁ / ତମ ଇଚ୍ଛାର ଗଛରେ ମୁଁ ଫୁଲ ହେଇ ଫୁଟିଲି ନାହିଁ / ମୁଁ ତମକୁ ମାରି ପାରିଲି ନାହିଁ / ତୁମେ ମତେ ମାରି ପାରିଲ ନାହିଁ / ଆସ ନିର୍ଜନ ନିଜ ଇଚ୍ଛାର ପୃଥିବୀ ଗଢ଼ିବା / ସୁଖ ଦୁଃଖରେ ପରସ୍ପର ଆଡୁ ଘେରାଏଁ ବୁଲି ଆସିବା । (କବିତା : ଆମ ପୃଥିବୀ, ସଂକଳନ - ଗୋଟିଏ ମାଣ୍ଡିଆ ଡ଼ାକରେ) ।

ଆଉ ଜଣେ ଲେଖିକା । ବୟସରେ ମୋଠୁ ବଡ଼ । ତାଙ୍କ ସହ ଦେଖାହୁଏ ବେଳେବେଳେ । ବେଶ ସ୍ନେହୀ ସମ୍ବେଦନଶୀଳ । ବହୁ ବର୍ଷରୁ ଗପ ଲେଖନ୍ତି । ସୁନ୍ଦର

ଅନୁବାଦ କରନ୍ତି । ସଂସାର କରିବା ୨୨ ବର୍ଷ ହେଲା । ତାଙ୍କ ସ୍ୱାମୀ ବି ଉଚ୍ଚ ଶିକ୍ଷିତ ଓ ବେଶ୍ ଭଲ ଚାକିରୀରେ ଅବସ୍ଥାପିତ । ତାଙ୍କ ସ୍ୱାମୀଙ୍କର କଳା ସାହିତ୍ୟ କୋଉଥିରେ ରୁଚି ନାହିଁ । ରୁଚି ତ ବହୁଲୋକଙ୍କର ନଥାଏ । ସ୍ତ୍ରୀଙ୍କର ଲେଖାଲେଖିକୁ ସେ ସମୟ ଅପଚୟ ମନେ କରନ୍ତି । ଲେଖାଲେଖି ପାଇଁ ଜଣେ ମଣିଷକୁ ସମୟ ଆବଶ୍ୟକ । ଲେଖାଲେଖି କରୁଥିବା ଲୋକଙ୍କ ସହ, ବାକି ସମାଜ ସହ, ବାକି ମଣିଷ ସହ ସମ୍ବାଦ ଯେ କେତେ ଜରୁରୀ ଏକଥା ତାଙ୍କ ସ୍ୱାମୀ ବୁଝନ୍ତି ନାହିଁ । ସ୍ୱାମୀଙ୍କୁ ଲାଗେ ଏସବୁରେ ମାତିଲେ ନିଜ ଘର, ପରିବାର ପ୍ରତି ଅବହେଳା ସ୍ୱାଭାବିକ । ସ୍ୱାମୀ ଅବଶ୍ୟ ସବୁବେଳେ ମୁହଁଖୋଲି କହନ୍ତିନି, କିନ୍ତୁ ସ୍ତ୍ରୀଙ୍କର ଲେଖକୀୟ କାର୍ଯ୍ୟ ଓ ଗତିବିଧିକୁ ନେଇ ତାଙ୍କର ଅସନ୍ତୋଷ, ଅନାଗ୍ରହତା ବାରିହୁଏ ଚେହେରା ଓ ଦେହର ଭାଷାରୁ ଯାହା ଗଭୀର ଭାବେ ଆହତ କରେ ଲେଖିକାଙ୍କୁ । ଲେଖକୀୟ ଗତିବିଧି, ଲିଖନଜନିତ ପ୍ରସ୍ତୁତି, ଆବଶ୍ୟକ ଅନ୍ୟମନସ୍କତା, ଅନ୍ୟସହ ଆଦାନପ୍ରଦାନ କଲାବେଳେ ଲେଖିକାଙ୍କ ମନରେ ଆସେ ଶଙ୍କା । ଆସେ ଗୋଟିଏ ରକମର ଅପରାଧବୋଧ । କାଳେ ସେ ଲେଖାଲେଖି ପାଇଁ ନିଜ ପରିବାରକୁ ଅବହେଳା କରୁନାହିଁ ତ ? ଲେଖାଲେଖି କଣ ଏତେ ମହାର୍ଘ୍ୟ କାମ ଯେଉଁଥିପାଇଁ ବୈବାହିକ ଜୀବନ, ସାଂସାରିକ ଜୀବନରେ ବିବାଦ କରାଯାଇପାରେ । ଏମିତି ପ୍ରଶ୍ନ ତାଙ୍କୁ ବ୍ୟଥିତ କରେ । ନାରୀଟିର ସାମାଜିକ-ପାରିବାରିକ ଦାୟିତ୍ୱ ଭିତରେ ବା ବାହାରେ ତା ରୁଚି ପାଇଁ, ତା ଇଚ୍ଛା ଓ ଆଗ୍ରହର ଗତିବିଧି ପାଇଁ ଆମ ସମାଜ ଏକ ମୁକ୍ତ ପରିସର ଦେବାକୁ ପ୍ରସ୍ତୁତ କି ? ଲେଖିକାଙ୍କ ବାହାରକୁ ଯିବା କମିଯାଏ, ଲୋକଙ୍କୁ ଭେଟିବା, ମତ ବିନିମୟ କରିବା, ତାଙ୍କ ଘରକୁ କୌଣସି ଲେଖାଲେଖି ଜଗତ ମଣିଷ ଯିବା ଆସିବା ଧିରେ ଧିରେ ବନ୍ଦ ହେଇଆସେ । ଅନେକତ୍ର ନାରୀକୁ ଏମିତି ବାଛି ନେବାକୁ ପଡ଼େ ସଂସାର ଓ କଳା/ ସଂସାର ଓ ସାହିତ୍ୟ / ଦାମ୍ପତ୍ୟ ଓ ରାଜନୀତି / ପରିବାର ଓ ଅଭିନୟ । ଅଭ୍ୟାସଗତ ଜୀବନ ଓ ଇଚ୍ଛା ତଥା ରୁଚିର ଜୀବନ ଭିତରୁ କୌଣସି ଗୋଟିକୁ । ସେଥିପାଇଁ ବିବାହ ପୂର୍ବରୁ ଲେଖାଲେଖି, ଅଭିନୟ, ଖେଳ ଓ କଳାତ୍ମକ ଅଭିବ୍ୟକ୍ତିର କାମରେ ଥିବା ନାରୀଙ୍କ ଯାବତୀୟ ଗତିବିଧି ବିବାହ ପରେ ବନ୍ଦ ହେଇଯାଏ ନହେଲେ ବେଶ ବାଧାପ୍ରାପ୍ତ ହୁଏ । ଏସବୁ ଜାରି ରଖିବାକୁ ଚାହୁଁଥିବା ସ୍ତ୍ରୀ ଲୋକର ଜୀବନ ଉଚ୍ଛନ୍ନ ହେବାର ନଜିର ଅନେକ । ସିନେ ଜଗତର ପ୍ରଖ୍ୟାତ କପୁର ବଂଶରେ ଏକଦା ଝିଅ ଓ ବୋହୁଙ୍କ ପାଇଁ ଅଭିନୟ ଥିଲା ମନା । ଜଣେ ପୁରୁଷର ଜୀବନରେ ବି ଏମିତି ଘଟିପାରେ । ନାରୀ ତୁଳନାରେ ପୁରୁଷ କିନ୍ତୁ ଏତେ ସହଜରେ ହାରିଯାଏ ନାହିଁ । ଏପରିକି ଏମିତି ତଥାକଥିତ ଅସହଯୋଗୀ ସ୍ତ୍ରୀକୁ ଦୁଷ୍ଟା ନାରୀ ଭାବେ ଚିତ୍ରିତ କରିବା ସହଜ ହୁଏ ।

ଆଉ ଦି ଜଣ ବାନ୍ଧବୀଙ୍କ କଥା ହେବା । ଉଭୟେ ଉଚ୍ଚଶିକ୍ଷିତ । ବିବାହ ବି କରିଛନ୍ତି ସଂପନ୍ନ ଓ ତଥାକଥିତ ପ୍ରଗତିଶୀଳ ପରିବାରର ପୁରୁଷମାନଙ୍କୁ । ଜଣେ ବାନ୍ଧବୀ ଚାକିରି

କରନ୍ତି । ତାଙ୍କ ମିଷ୍ଟର ଫ୍ରିଲେନ୍ସ ଲେଖାଲେଖି କରନ୍ତି । ଦେଶର କିଛି ନାମୀଦାମୀ ପତ୍ର ପତ୍ରିକାରେ ଲେଖାସବୁ ବାହାରେ । ସେ ଲେଖୁଥିବା ଫିଚର ଧର୍ମୀ / ରିସର୍ଚ୍ଚ ଧର୍ମୀ ଲେଖା ପାଇଁ ଅନେକ ସମୟରେ ଘର ବାହାରକୁ ଯାଆନ୍ତି । ତିନିଟା ଛୁଆର ମା ଆମ ବାନ୍ଧବୀ । ଘର କାମ / ରୋଷେଇ କାମ / ଚାକିରୀ ପାଇଁ ପ୍ରସ୍ତୁତି/ ଛୁଆଙ୍କ ଲାଗି ଜଳଖିଆ / ତାଙ୍କୁ ସ୍କୁଲ ପଠାଇବା କେତେ କାମ । କାର୍ଯ୍ୟସ୍ଥଳୀ ବି ସହର ବାହାରେ । ଫେରୁ ଫେରୁ ସଂଧ୍ୟା । ଆସୁଆସୁ ପୁଣି ଘର କାମ ।

ମୋ ବାନ୍ଧବୀଙ୍କ ଭାଷାରେ ତାଙ୍କ ମିଷ୍ଟର ସକାଳୁ ପଢ଼ିବା ଘରେ ବସିଯାନ୍ତି । ବସିଥାନ୍ତି କମ୍ପୁଟର ଖୋଲି । କେହି ଯାଆନ୍ତି ନାହିଁ ସେଠିକି । ଚା ଯାଏ ଥରକୁ ଥର । ଜଳଖିଆ ଯାଏ । ସେ କେତେବେଳେ ଉଠନ୍ତି ତାର ଠିକ ନାହିଁ । ହେଇପାରେ ଅପରାହ୍ନ, ସଂଧ୍ୟା । ଗାଧେଇବେନି, ଖାଇବେନି ଦେହ ଖରାପ ହେଇଯିବ ଏ ଚିନ୍ତାରେ ମୋର ବାନ୍ଧବୀ ଖୁବ୍ ବ୍ୟସ୍ତ ଓ ବିବ୍ରତ ହୁଅନ୍ତି । ଚାକିରୀ ଯାଗାରୁ ସ୍ୱାମୀଙ୍କୁ ଗାଧୋଇବା, ଖାଇବା ପାଇଁ ଅଳି କରନ୍ତି । ଘର, ଛୁଆପିଲା ଦାୟିତ୍ୱ / ପାରିବାରିକ ସଂପର୍କ ଗୁଡ଼ିକୁ ସମ୍ଭାଳିବା, ସାମାଜିକ ଉତ୍ସବରେ ଆବଶ୍ୟକ ଭୂମିକା ନିର୍ବାହ ସବୁକିଛି ବାନ୍ଧବୀଙ୍କ ଉପରେ । ସ୍ୱାମୀଙ୍କ ଲେଖାପଢ଼ାରେ ଟିକିଏ ବି ବାଧା ନ ପହଞ୍ଚୁ ଏମିତି ଏକ ମହାର୍ଘ୍ୟ ଭାବନା ନେଇ ସେ ଉଭୟ ଶାରିରୀକ ଓ ମାନସିକ ଭାବେ ଉତ୍ସର୍ଗୀକୃତ । ବାନ୍ଧବୀ ମୋଟାମୋଟି ଯାହା କୁହନ୍ତି – "ମୁଁ ଚାହେଁନା ଯେ ସେ କୌଣସି ପାରିବାରିକ ଜଂଜାଳ ନେଇ ବ୍ୟସ୍ତ ହୁଅନ୍ତୁ । ଖାଲି ଯାହା ତାଙ୍କର ସ୍ୱାସ୍ଥ୍ୟକୁ ନେଇ ଚିନ୍ତା । ଅବଶ୍ୟ ଏତେ ଜଂଜାଳ, ଚାକିରୀ ଆଉ ସେଥିରେ ପୁଣି ପାରିବାରିକ ସାମାଜିକ ସଂପର୍କ ଗୁଡ଼ିକୁ ସମ୍ଭାଳୁ ସମ୍ଭାଳୁ ମୁଁ ଥକି ଯାଉଛି । ତା ସତ୍ତ୍ୱେ ବେଳେବେଳେ ସ୍ୱାମୀ ବିରକ୍ତ ହେଇ କହିବେ ଯେ ତମେ ଓ ଛୁଆ ପିଲାଙ୍କ ଲାଗି ମୁଁ ଡ଼ିଷ୍ଟର୍ବ ହେଇଯାଉଛି ।

ସେମିତି ଆଉ ଏକ ବାନ୍ଧବୀ ନିଜେ ଉଚ୍ଚ ଶିକ୍ଷିତା ଓ ଗବେଷିକା । କିନ୍ତୁ ସେ ନିଜ ସ୍ୱାମୀଙ୍କୁ ଖୁବ୍ ପ୍ରତିଭାବାନ ମନେ କରନ୍ତି । ତାଙ୍କୁ ଲାଗେ ତାଙ୍କ ସ୍ୱାମୀ ଲାଗି ଯାହା କଲେ ବି ଯଥେଷ୍ଟ ନୁହଁ । ସେ ବି ସମର୍ପିତ ହୋଇ ସଂସାର / ଛୁଆପିଲା/ ସଂପର୍କ ଓ ସଂବଧ ଗୁଡ଼ିକୁ ନିଜ କାନ୍ଧରେ ସମ୍ଭାଳି ନିଅନ୍ତି । ବେଳେବେଳେ ସେ ନିଜ କ୍ଳାନ୍ତି କଥା କୁହନ୍ତି । ନିଜେ ତ କିଛି କରିପାରିଲିନି କହି ମନସ୍ତାପ କରନ୍ତି । ଜୀବନଟା ସଂସାର ଲେଂଜରାରେ ଏମିତି ସରିଯିବ ବୋଲି ଭାବି ନଥିଲି ବୋଲି ଦୁଃଖ କରନ୍ତି । ତା ସତ୍ତ୍ୱେ ଯେତେବେଳ ତାଙ୍କୁ ତାଙ୍କ ସ୍ୱାମୀଙ୍କ ଟେଲେଣ୍ଟ କଥା ମନେ ପଡ଼ିଯାଏ ସେ ପୁଣି ଚିନ୍ତିତ ହେଇ ପଡ଼ି ମୋଟାମୋଟି ଯାହା କୁହନ୍ତି ସେ ହେଲା – "ମୋ ଦେଇ ତ କିଛି ହେଲାନାହିଁ । ତାଙ୍କୁ (ସ୍ୱାମୀଙ୍କୁ) ତାଙ୍କ ପ୍ରତିଭା ଅନୁସାରେ କଳ୍ପିତ ଶିଖର ଆଡ଼କୁ ଯିବାରେ ଯେତେ ସହଯୋଗ ଦେଲେ ବି କମ ହେବ ।" ମନେ ପଡ଼ିଯାଏ ବହୁକଥିତ ଉକ୍ତି – ପ୍ରତି ସଫଳ ପୁରୁଷ

ପଛରେ ଜଣେ ନାରୀ ଥାଏ । ମୁଁ ଅବଶ୍ୟ ଜାଣେନା ସଫଳତାର ସଜ୍ଞା । ଜାଣେନା ମୋର ବାନ୍ଧବୀଙ୍କ ସମର୍ପିତ ଜୀବନ ବିନିମୟରେ ତାଙ୍କ ସ୍ୱାମୀମାନେ କେତେ ସଫଳ । କେବଳ ଗୋଟିଏ ପ୍ରଶ୍ନ ଯେ, ଯଦି ଏମାନଙ୍କ ଭୂମିକା ବଦଳେଇ ଦିଆଯାଆନ୍ତା । ସ୍ତ୍ରୀର ମହତ୍ତ୍ୱାକାଂକ୍ଷା ଲାଗି ଏକ ପୁରୁଷର ସମର୍ପିତ ଜୀବନ । ଏମିତି ଉଦାହରଣ ଆମକୁ କାହିଁକି ଦେଖିବାକୁ ମିଳେନା ବା ଖୁବ୍ କମ ମିଳେ । ରୁଚି, ଆକାଂକ୍ଷା, ଆଗ୍ରହ, ସ୍ୱପ୍ନରେ ପରସ୍ପରର ସହଯୋଗୀ, ସହଭାଗୀ ହେବା ଅବଶ୍ୟ ସମ୍ଭବ ।

ଏଇ କିଛିଦିନ ତଳେ ଦେଖା ହେଇଥିଲା ଆଉ ଏକ ବାନ୍ଧବୀଙ୍କ ସହ । ତାଙ୍କୁ ଗୋଟେ ପତ୍ରିକା ତରଫରୁ ପୁରୁଷଙ୍କ ସଂବଧରେ ନିଜସ୍ୱ ଦୃଷ୍ଟି ଓ ଅନୁଭବ ଲେଖିବାକୁ ଅନୁରୋଧ ଆସିଲା । ସେ ଲେଖିଲେ ନାହିଁ । କାରଣ ସତର୍କ ହେଇ ଲେଖିଲେ କହିବେ କିଛି ଲେଖିଲା ନାହିଁ । ଖୋଲିକି ଲେଖିଲେ କହିବେ ବେହିଆ, ବେସରମ । ତା ଛଡ଼ା ବ୍ୟକ୍ତି ଓ ପାରିବାରିକ ଜୀବନରେ ବି ଅଯଥା ଅସୁବିଧା ହେବ । ମତେ ପଚାରିବା ବାହାନରେ ସେ ନିଜେ ନିଜକୁ ପଚାରିଲେ - ସତରେ କଣ ସବୁକଥା ସତସତ ଲେଖିହୁଏ ?

ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଲାଗି ସତରେ କଣ ଏକ ଅନୁକୂଳ ସାମାଜିକ ପରିବେଶ ଅଛି ? ସାଂସ୍କୃତିକ ଗ୍ରହଣୀୟତା ଅଛି ? ରାଜନୈତିକ ଉଦାରତା ଅଛି ? ଏ ତ ବଡ଼ ବଡ଼କଥା । ଏକାନ୍ତ ବ୍ୟକ୍ତିଗତ ଜୀବନରେ ଆମେ ସାମ୍ନା କରୁଥିବା ପ୍ରଶ୍ନ / ପାରସ୍ପରିକ ସଂପର୍କ-ସଂବଧରେ ଆସୁଥିବା ଦ୍ୱିଧା ଦ୍ୱିବିଧା, ସଂଘାତ ଓ ଜଟିଳତାକୁ ବୁଝିବା, ବୁଝେଇବା ଲାଗି ସେ ବାବଦରେ କଥା ହେବା ଜରୁରୀ, ଲେଖା ହେବା ଦରକାର । କିନ୍ତୁ କା ସହ କଥା ହେବ ? ମା ସହ, ଭଉଣୀ ସହ, ବାନ୍ଧବୀ ସହ କା ସହ ? ସତରେ ଏକ ଅନ୍ତରଙ୍ଗ ଖୋଲା ସମ୍ବାଦ ପାଇଁ ଆମ ଘରେ / ପରିବାରରେ/ ସମାଜରେ କଣ ପରିସର ତିଆରି ହେଇଛି ? ମନେ ପଡ଼ିଯାଏ ଶଶୁର ଦ୍ୱାରା ପ୍ରତାଡ଼ିତ ଇମ୍ରାନ ଗଲା ଶାଶୁ ପାଖକୁ/ ମା ଘରକୁ / ସ୍ୱାମୀ ପାଖକୁ / ଧାର୍ମିକ ଅନୁଷ୍ଠାନକୁ ଓ ଶେଷରେ ରାଜନୈତିକ ନେତାଙ୍କ ପାଖକୁ । କୋଉଠି ବି ମିଳିଲା ନାହିଁ ନ୍ୟାୟ, ମିଳିଲା କେବଳ ଲାଞ୍ଛନା । ତସଲିମାଙ୍କ ଉଦାହରଣ ଯଥେଷ୍ଟ । ସମାଜ, ପରିବାର, ଧର୍ମ, ରାଜନୀତି ଓ ଦେଶ ସବୁଠୁ ସେ ତିରସ୍କୃତ, ବହିଷ୍କୃତ ।

ଶେଷରେ ମୋ ଗାଁରେ ଏକ ଅଭିଶପ୍ତ ପରିବାରର କଥା କହିବି । ମୋର ଜଣେ ସାଙ୍ଗ ଅଛି ଗାଁରେ । ମାଳୀ ପରିବାରର ଯା ସହ ମୋ ବାଲ୍ୟବସ୍ଥାରେ ତାଙ୍କ ଅଗଣାରେ ବହୁତ ଖେଳିଛି । ତାର ନାନୀ ସବୁ ମୋର ନାନୀ । ତାଙ୍କ ହାତରୁ ପର୍ବ ପର୍ବାଣୀରେ ଖୁବ୍ ପିଠା ଖାଇଛି । ତିନିଟି ଭଉଣୀ । ବିଭିନ୍ନ ସମୟରେ ବିବାହ କରନ୍ତି । ବିବାହର ଅଳ୍ପ ସମୟ ଭିତରେ ସ୍ୱାମୀ ମାନେ ଆଣି ମା ଘରେ ଛାଡ଼ି ଦିଅନ୍ତି । ମାସ ମାସ ବର୍ଷ ବର୍ଷ ଆସନ୍ତିନି ସେମାନେ । ମନ କଲେ ଆସିବେ ଦିନେ ଦୁଇ ଦିନ ପାଇଁ । ନ ହେଲେ ଡ଼କେଇବେ ।

ଯିବାର ୬/୭ ଦିନ ଭିତରେ ନାନୀମାନେ ପୁଣି ମାଡ଼ ଖାଇ ଫେରିଆସିବେ । ବଡ଼ ନାନୀ ମା ହେଇ ପାରିଲାନି । ତା' ସ୍ୱାମୀ ଆଉ ଜଣେ ସ୍ତ୍ରୀ ଆଣି ରଖିଲା । ମୋଟେ ନେବାକୁ ଆସିଲାନି । ବର୍ଷ ବର୍ଷ ବିତିଗଲା । ବୟସ ବଢ଼ିବାକୁ ଲାଗିଲା ମା ଘରେ । ଅବଶ୍ୟ ଏ ବର୍ଷ ଗୁଡ଼ିକ ମଧ୍ୟରେ ଆମ ଗାଁର ପଟା ଭାଡ଼ିରେ ଅନେକ ଥର ଗାଁ ପଂଚ ପାଖରେ ତାର ସ୍ୱାମୀକୁ ଡ଼କେଇ ବିଚାର ହେଇଛି । କିଛି ବି ଲାଭ ହେଉନି । ଦ୍ୱିତୀୟାର ବି ଛୁଆ ହେଲାନି । ସମୟ ଗଡ଼ି ଚାଲିଲା । ଦ୍ୱିତୀୟା ଛାଡ଼ିକି ଚାଲିଗଲା । ଏପଟେ ମା ଘରେ ସମୟ ବିତିଲା ବଡ଼ ନାନୀର । ଧିରେଧିରେ କାନତଳ ବାଳ ପାଚିବାକୁ ଆରମ୍ଭ କଲା । ଗୋଟିଏ ଦିନ ତା ସ୍ୱାମୀ ଆସି ପହଁଚିଲେ । ମୁଣ୍ଡର ବାଳ ସବୁ ଝଡ଼ିଯାଇଛି । ଦେହରେ ବପୁ ନାହିଁ । ବାର୍ଦ୍ଧକ୍ୟ ଓ ରୋଗ ଦାଉ ସାଧୁଛି । କହିଲେ ବଡ଼ ନାନୀକୁ ନେବାକୁ ଆସିଛି । ଆଶ୍ଚର୍ଯ୍ୟ ଲାଗିଲା ନାନୀର ଭାବ ଦେଖି । ସାଙ୍ଗେସାଙ୍ଗେ ବାହାରି ପଡ଼ିଲା ସତେ ଯେମିତି ଏଇ ଦିନକୁ ଅପେକ୍ଷା କରି ବସିଥିଲା । ଏଯାଏଁ ମିଳିଥିବା ଉପେକ୍ଷା, ଅପମାନ ସବୁ ଭୁଲିଗଲା ସତରେ ଯେମିତି । ମଝିଆ ନାନୀର ଜୀବନ ବି ସେମିତି । ବିବାହର ଅଳ୍ପ ଦିନ ପରେ ସ୍ୱାମୀ ଆସି ମା ଘରେ ଛାଡ଼ିଯାଏ । କେତେ ବର୍ଷ ନିଏନି । ବେଳେ ବେଳେ ମଝିଆ ନାନୀ ଯାଏ ନିଜ ଆଡୁ । ଚାରିଟି ଦିନ ରହି ମାଡ଼ ଗାଳି ଫିଜ୍ଜତ ଖାଇ ଫେରେ । ତା ପେଟରୁ ଜନ୍ମେ ମାମିନା । ମାମିନା ତା ମାମୁଁ ଘରେ ବଡ଼ ହୁଏ । ମାମୁଁ ଘରେ ଥାଇ ବାହା ହୁଏ । ମଝିଆ ନାନୀକୁ ୪୫ ବର୍ଷ ହେଲା ବେଳକୁ ତା ବର ଆସିଲା ନେବାକୁ । ମଝିଆ ନାନୀ ବି ତୟାର ହେଇଗଲା । ଏପରିକି ମାମିନାକୁ ବି ତା ବର ଛାଡ଼ି ଦେଇଥିଲା ୬ ବର୍ଷ ପରେ ନେବାକୁ ଆସିଲା । ଏମିତି ଏକ ଅଭିଶପ୍ତ ପରିବାରର ଆଉ ଜଣେ ସଦସ୍ୟ ସାନ ନାନୀ । ସେ କିନ୍ତୁ ଥରୁଟାଏ ସ୍ୱାମୀ ଘରୁ ଅତ୍ୟାଚାରୀତ ହେଇ ଫେରିଲା ପରେ ଆଉ ଗଲାନି । ଗାଁରେ ମାଟି ଘରଟିଏ କରି ରହିଲା । ନିଜ ଗୋଡ଼ରେ ଛିଡ଼ା ହେଲା । ଏବେ ଆଶା କର୍ମୀ ହେଇଛି । ନିଜ କାମରେ ସେ ଖୁବ୍ ଦାୟିତ୍ୱବାନ ନିଷ୍ଠାପର । ଗାଁରେ ପ୍ରତିଟି ସମସ୍ୟାରେ, କା'ର ବ୍ୟକ୍ତିଗତ ସୁଖଦୁଃଖରେ ସବୁଥିରେ ସେ ତତ୍ପର ଓ ହାଜର । ରୋଗୀମାନଙ୍କୁ ନେଇ ଯିବ ସମ୍ବଲପୁର, ବୁର୍ଲା । ଆବଶ୍ୟକ ପଡ଼ିଲେ ରହିଯିବ ସେଠି । ନିଜ ଇଚ୍ଛାରେ ରହିଲା, ବୁଲିଲା, ଖାଇଲା, ପନ୍ଧିଲା । ହେଲ ତା ନାଁରେ ଦୁର୍ନାମ ଯେ ଦୁର୍ନାମ । ତା ଚରିତ୍ର ସଂହାର । କା ସହ ଅମୁକ ଦିନ ଫେରିଲା ରାତିରେ । କା'ସହ ମୋଟର ସାଇକିଲରେ ବୁଲୁଥିଲା । କେତେ କଣ ? ଏକ୍ଲା ଝିଅର ଜୀବନ ଏ ଯାଏଁ ସହଜ ହେଇପାରିନି ଆମ ସମାଜରେ ।

ବଡ଼ ଦୁଇନାନୀ ପାଇଲେ କଣ ? ତାଙ୍କ ବଳ ବୟସ ଥିଲା ବେଳେ ଉପେକ୍ଷା, ଅବହେଲା, ଅପମାନ, ମାଡ଼, ଗାଳି, ଫିଜ୍ଜତ । ତିରସ୍କାର । ବହିଷ୍କାର । ଶେଷରେ ବୁଢ଼ା ରୋଗା ସ୍ୱାମୀମାନେ ନିଜ ସେବା ଯତ୍ନ ପାଇଁ ଏମାନଙ୍କୁ ଡ଼ାକିଲେ । ଆଉ ଏମାନେ ବାହାରିଗଲେ । ଏମାନେ କୋଉ ଧାତୁରେ ଗଢ଼ା ସତରେ । ଏ ଭଳି ଏକ ମାନସିକତା

କୋଉଠୁ ପାଇଲେ । କୋଉ ସାମାଜିକୀକରଣରୁ ଏମାନେ ନିର୍ମିତ । ସାନନାନୀ ଚେଲେଂଙ୍କ କଲା ଆଉ ବାକି ଜୀବନର କଷ୍ଟଲବ୍ଧ ସ୍ୱାଧୀନତା ଓ ସ୍ୱତନ୍ତ୍ରତା ସହ ପାଇଲା ନିଃସଙ୍ଗତା ଆଉ ଦୁର୍ନାମ । ଠିକ ସେମିତି ଆମ ଘରେ ପାଣି ଦେଉଥିବା ଆଉ ଏକ ଝିଅ । ସୁନ୍ଦର ନାଁଟିଏ ତାର ଧାନ । ଚେହେରା ଖୁବ୍ ନିରୀହ । କଥା ବି କୁହେ ଖୁବ୍ କମ୍ । ସବୁବେଳେ ଲାଜ ଲାଜ । ବିବାହର ପ୍ରଥମ ବର୍ଷରୁ ସ୍ୱାମୀ ତଡ଼ିଦିଏ । ୨୦ ବର୍ଷପରେ ସ୍ୱାମୀ ଆସେ ନେବାକୁ, ସେ ବାହାରିଯାଏ । ମୋର ଆଉ ଜଣେ ସାଙ୍ଗର ବଡ଼ ନାନୀର ଠିକ୍ ସେମିତି ଏକ ଜୀବନ । ବିବାହ ପରେ ଅଳ୍ପ ଦିନର ସ୍ୱାମୀ ସୁଖ (?) ରେ ଦୁଇଟି ପୁଅ ଓ ଗୋଟିଏ ଝିଅ ପାଏ । ସବୁ ଛୁଆ ଜନ୍ମ ହୁଅନ୍ତି ମାମୁଁ ଘରେ । ସ୍ୱାମୀର ଦେଖା ନଥାଏ । ବର୍ଷ ବର୍ଷ ଧରି ଆସେନା । ପୁଅମାନଙ୍କର ବୟସ ୨୫-୨୬ ଓ ଝିଅ ବାହାଘରେ ବି ତାର ଦେଖା ନଥାଏ । ସ୍ୱାମୀ ଫେରେ ବାର୍ଦ୍ଧକ୍ୟ ଧରି, ପାରଲିସିସ୍ ରୋଗ ଧରି ଆଉ ଆସି ଏଠି ରହିଯାଏ । ନାନୀ ଏବେ ତା ସେବାରେ । ନାନୀର ଜୀବନ ଦେଖି ସାନ ଭଉଣୀ ବିବାହ ନ କରିବାକୁ ନିଷ୍ପତ୍ତି ନେଇ ଏବେ ଶିକ୍ଷକତାର ଜୀବନ ନେଇ ଜିଉଁଛି ।

(୩)

ମୋ ଜୀବନରେ ଭେଟିଥିବା, ଭେଟୁଥିବା ଆହୁରି ଚରିତ୍ରଙ୍କ କଥା କୁହାଯାଇପାରେ । ଆଉ କିଛି ଏକାନ୍ତ ବ୍ୟକ୍ତି ଜୀବନର କଥା ବି । କିନ୍ତୁ ଏଥରକ ନୁହଁ ଆଉ କେବେ । ତା ଛଡ଼ା ମୋ ବ୍ୟକ୍ତି ଜୀବନର ସେ ଅନୁଭବ ଗୁଡ଼ିକ ସାମାଜିକ ସଂଦର୍ଭ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହଁ । ଆଦର୍ଶନାରୀ କହିଲେ ମୁଁ କିଛି ବୁଝେନା । ବୁଝେନା ମୁଁ ସତୀ ନାରୀ କଣ ? ସତୀତ୍ୱ କଣ ? ମୁଁ ମୋ ଇଚ୍ଛାର ନାରୀ ନିର୍ମାଣ କରିବି କାହିଁକି ଯେତେବେଳେ ବି ସେ ଏକ ଜୀବନ୍ତ ଚେତାନଯୁକ୍ତ ମଣିଷ । ସେ କେବଳ ତା ପରି ହେବ । ତା ପରି ହେଇଥିବା ନାରୀକୁ ମର୍ଯ୍ୟାଦା ଓ ସମ୍ମାନ ଦେବାରେ ଅସୁବିଧା କୋଉଠି । ନାରୀ-ପୁରୁଷ ସଂପର୍କ ଦୃଷ୍ଟିରୁ ମତେ ଗୋଟିଏ କଥା ମନେପଡ଼େ ସେ ହେଲା ଇମ୍ରୋଜ ଓ ଅମୃତା ପ୍ରୀତମଙ୍କ କଥା । ଅମୃତା ପ୍ରୀତମ ସ୍କୁଟରରେ ପଛ ପଟେ ବସି, ଇମ୍ରୋଜଙ୍କ ପିଠିରେ ବିଶିଷ୍ଟ ଗୀତିକାର ସାହିରଙ୍କ ନାଁ ଲେଖୁଥିଲେ । କି ସୁନ୍ଦର ବନ୍ଧୁତା ଓ ବୁଝାମଣା ସେମାନଙ୍କ ଭିତରେ । ସେମିତି ଦେଖିଲେ ଅସ୍ତିତ୍ୱ ସିନେମାରେ ତବ୍‌ବୁ, ମୃତ୍ୟୁଦଣ୍ଡରେ ସାବ୍‌ନା ଆଜ୍‌ମୀ ଓ ମାଧୁରୀ ଦିକ୍ଷୀତ କରିଥିବା ଚରିତ୍ରର ବ୍ୟକ୍ତିତ୍ୱ ମତେ ଖୁବ୍ ଛୁଏଁ । ଚତୁର୍‌ସେନ୍‌ଙ୍କ 'ବାପାଙ୍କୁ ଚିଠି' ଉପନ୍ୟାସର ସୁଜାନ, ହଜାରେଚୌରାଶିର ମା ଓ ତା ପୁଅର ବାନ୍ଧବୀ ଚରିତ୍ର, ଫକୀର ମୋହନଙ୍କ ଦେବକୀ ଗଉଡୁଣୀ, ସିଦ୍ଧାର୍ଥ ଉପନ୍ୟାସର ନଗରବଧୂ କମଳା, ଚିତ୍ରଲେଖା ଉପନ୍ୟାସର ନାୟିକା, ପେଟେଣ୍ଟ ମେଡ଼ିସିନ୍‌ର ଶ୍ରୀମତୀ, ମଳା ଜହ୍ନର ନାୟିକା, 'ସତୀ'ର ବ୍ୟକ୍ତିତ୍ୱ ମତେ ଖୁବ୍ ଛୁଏଁ । ଇତିହାସର ସାବିତ୍ରୀ ବାଇ ଫୁଲେ, ମାଳତୀ

ଚୌଧୁରୀଙ୍କଠୁ ଆରମ୍ଭ କରି ବର୍ତ୍ତମାନର ଭଂବରୀ ଦେବୀ, ମେଧା, ଅରୁନ୍ଧତୀ, ଏପରିକି କାଶୀପୁର ଆନ୍ଦୋଳନର ଆମ୍ବାଇ, ଆଲାଇ, ମୁକ୍ତା, କଳିଙ୍ଗନଗର ଆନ୍ଦୋଳନରେ ସିନି ସଏ ସମସ୍ତଙ୍କଠୁ ମିଳେ ପ୍ରେରଣା । ନକ୍ସଲର ଆନ୍ଦୋଳନର ଅନୁରାଧା ତ ନିଆରା ।

ନାରୀପୁରୁଷ ସଂପର୍କକୁ ନେଇ ଏକ ନିଷ୍କର୍ଷହୀନ ପ୍ରଶ୍ନ ସହ ଲେଖାଟି ସାରିବି । କୃଷ୍ଣ ଓ ଗୋପୀଙ୍କର ସଂପର୍କ ସତରେ କେତେ ଗ୍ରହଣୀୟ ଆମ ସମାଜରେ ଜାଣେନା । କୃଷ୍ଣ ଯଦି ଈଶ୍ୱର ନହୋଇ ଜଣେ ସାଧାରଣ ପୁରୁଷ ହୋଇଥାନ୍ତେ ତା ହେଲେ ? ଅନ୍ୟ ଦିଗରୁ ବିଚାର କରିବା । କୃଷ୍ଣଙ୍କ ଯାଗାରେ କେହି ଜଣେ ଈଶ୍ୱରୀ ଆଉ ଗୋପୀଙ୍କ ଯାଗାରେ ଗାଈଆଳଙ୍କ ଏକ ଦଳ ଯଦି ରାସରେ ଥାଆନ୍ତେ ତେବେ ? କିମ୍ବା ଜଣେ ନାରୀ ସହ ବହୁ ପୁରୁଷର ପ୍ରେମକୁ ଆମେ କେମିତି ଦେଖନ୍ତେ । ଦ୍ରୌପଦୀ ଆଉ ତଥାକଥିତ ବେଶ୍ୟା (ଏ ଶବ୍ଦ ସହ ସହମତ ନୁହଁ)ଙ୍କ କଥା ମୁଁ କହୁନି । ସେମିତି ଦେଖିଲେ ତ ପୁରାଣ, ମିଥ୍ ଓ ଇତିହାସରେ ରାଜା, ସମ୍ରାଟ, ନବାବ ଓ ସମ୍ଭ୍ରାନ୍ତଙ୍କ କେତେ ଯେ ସ୍ତ୍ରୀ ଥିଲେ ଗଣିବାକୁ ପଡୁଥିଲା । ଅନ୍ୟ ଦିଗରେ ସାମ୍ରାଜ୍ଞୀ, ରାଣୀ, ଜମିଦାରିଣୀଙ୍କର ବହୁ ସ୍ୱାମୀ ଥିବାର ନଜିର ବା କାହିଁ । କୃଷ୍ଣ ଅଦେହୀ ଓ ଈଶ୍ୱର ହେବା ସତ୍ତ୍ୱେ ମୀରାଙ୍କୁ ତାଙ୍କ କୃଷ୍ଣପ୍ରେମ ପାଇଁ କିଛି କମକଥା ବରଦାସ୍ତ କରିବାକୁ ପଡ଼ିନାହିଁ । କେହିକେହି କୁହନ୍ତି ପ୍ରେମ ଓ ଭକ୍ତିରେ ନାରୀ ହେବାରେ ରହିଛି ଚରମ ସାର୍ଥକତା । ଏପରିକି କୃଷ୍ଣଙ୍କ ପୁରୁଷ ଭକ୍ତମାନେ ବି ନିଜକୁ ଗୋପୀ ମନେ କରନ୍ତି । ନିଜକୁ ନାରୀ ଭାବରେ ରଖି କୃଷ୍ଣଙ୍କୁ ଭକ୍ତି ଓ ପ୍ରେମ ଅର୍ପନ୍ତି । ତାର ବିପରୀତର ନାରୀମାନେ ଯଦି ନିଜକୁ ପୁରୁଷ ଭାବରେ ରଖି କୋଉ ଈଶ୍ୱରୀଙ୍କୁ ପ୍ରେମ ଓ ଭକ୍ତି ଅର୍ପିବେ କେମିତି ଲାଗିବ କହିଲେ ? ନାରୀ ହେବାରେ ଯଦି ସାର୍ଥକତା ତେବେ ନାରୀ ଯଦି ନାରୀଟିଏର ପ୍ରେମରେ ପଡ଼େ ତେବେ ? ଆପଣ ଭାବୁଥିବେ ସମଲୈଙ୍ଗିକତା କଥା କହୁଛି । ମୁଁ କହୁଛି ହଁ ଓ ପଚାରୁଛି ଏଥିରେ ଅସୁବିଧା କୋଉଠି । ଉପରର କୌଣସି ସମୀକରଣରେ ମୋର ବ୍ୟକ୍ତିଗତ ଭାବେ କୌଣସି ଆପତ୍ତି ନାହିଁ କିନ୍ତୁ ଆମର ସାମାଜିକ ବ୍ୟବସ୍ଥା, ସାଂସ୍କୃତିକ ମୂଲ୍ୟର କଣ ହେବ ? ଏ କଣ ଏକ ଶାଶ୍ୱତ ଜଡ଼ ବ୍ୟବସ୍ଥା । ସବୁ ସମୟ, ଯୁଗରେ ସବୁ ଦେଶ, ସମାଜ ଓ ସମୁଦାୟରେ ବ୍ୟବସ୍ଥା ଓ ମୂଲ୍ୟ କେବେ କଣ ସମାନ ଥିଲା ନା ଏବେ ଅଛି । ନା ସବୁ ଦିନ ଏହା ଅପରିବର୍ତ୍ତିତ ହୋଇ ରହିବ । ସତୀତ୍ୱ ବା ସତ୍ୟବାନପଣ କେଉଠି ଥାଏ ? ଦେହରେ ମନରେ, ଆତ୍ମାରେ । କୌଣସି ବ୍ୟକ୍ତି ପ୍ରତି ନିଷ୍ଠାର ଅର୍ଥ କଣ ? ପ୍ରତିବଦ୍ଧତାର ଅର୍ଥ କଣ ? ଏଭଳି ଏକ ବିଚାର କଣ ନୈରାଜ୍ୟବାଦ ବା ଅରାଜକତା ଆଡ଼କୁ ଦ୍ୱାର ଖୋଲିଦେବ ? ଏ ପ୍ରଶ୍ନର ମୂଳରେ ରହିଛି ଗୋଟିଏ ନିଷ୍ଠୁର ସତ୍ୟ ।

ମେରି ମାଁ ନେ କହା / ଲଡ଼କିୟୋଁ କୋ ଶିକ୍ଷା ଦେନା ବେକାର ହେ / ବିସ୍ତର ମେ ଇତିହାସ କା କ୍ୟା ଲାଭ ? / ସ୍ତ୍ରୀ ୟୋଁ କେ ପାସ ଉନକି ପ୍ରାକୃତିକ ପୁଞ୍ଜି ହେ / ହର ଓ୍ୱୋରତ କୋ କଭିନା ନା କଭି ପ୍ୟାର ମିଲ ହି ଯାତା ହେ / ଉନକୋ ଭି ଯୋ ସାଟନ

ପହନତି ହେ / ଔର ଉନକୋ ଭି ଯେ ଗାଢ଼ା ପହନତି ହେ / ମେରି ମାନେ କହା : ଲଡ଼କିୟୋଁ କେ ବେହତରିନ ଦୋସ୍ତ ଉନକେ ଶରୀର ହେଁ / ତୋ ଫିର୍ ବ୍ୟବହାରିକ ବନୋ ଔର ଆପନା ଶରୀର ବେଚୋ / ୱହାଁ ଯହାଁ ରୋଟି ମିଲେ........ / (ହେରି କୁକ୍‌ସନ କବିତାରେ ମାଁ ମୁହଁରେ କୁହାଯାଇଥିବା ଭାଷା ଓ ଶବ୍ଦ କଣ ଜଣେ ମହିଳାର ନା ଜଣେ ପୁରୁଷର ବା ପୁରୁଷ ଦୃଷ୍ଟିର ଶିକାର ଜଣେ ନାରୀର ।)

ଯେତେଦିନ ଯାଏଁ ପୁରୁଷ ସ୍ୱୟଂ ନାରୀକୁ କେବଳ 'ଦେହ' ମନେ କରି ଶୋଷଣ, ଉପଭୋଗ, ଉପଯୋଗ କରୁଥିବ ସେ ଯାଏଁ ସବୁକିଛି ସହଜ ସ୍ୱାଭାବିକ କିନ୍ତୁ ଯେଉଁ ଦିନ ବା ମୁହୂର୍ତ୍ତରେ ନାରୀ କହିବ ଏ ଦେହ ମୋର ଏବଂ ୟାକୁ ନେଇ ମୁଁ କଣ କରିବ ସେ ହେବ ମୋର ନିଷ୍ପତ୍ତି ସେଦିନ ଧସିଯାଏ ମାଟି, ଅଜାଡ଼ି ହେଇପଡ଼େ ଆକାଶ । ପୁରୁଷ ପାଇଁ ନାରୀର ଅର୍ଥ ନାରୀ ଦେହ, ତାର ସୌନ୍ଦର୍ଯ୍ୟ, ତାର ଶୀଳ, ତାର ଚରିତ୍ର ବା ତାର ଦେହଜ ସଂପଦ, ତେବେ ନାରୀ ବି ନିଜ ଦେହକୁ ନିଜ ଅକାଂକ୍ଷାର ମାଧ୍ୟମ ଓ ଅସ୍ତ୍ର କରି ଚାଲିଥିବ । ସଉଦା ପାଇଁ ଯଦି କେବଳ ଏକ ଦେହ ଅଛି ତେବେ ତାକୁ ସେ ପତି ନାମକ ପ୍ରାଣୀ ପାଇଁ ଉତ୍ସର୍ଗ କରିଦେବ କି ଦଶଜଣ ପୁରୁଷକୁ ବାଣ୍ଟିବ ? ତଳ ଶ୍ରେଣୀରେ ତା ଦେହ ଉଭୟ ଶ୍ରମ ଓ ସେକ୍ସ ପାଇଁ ଓ ମଧ୍ୟ ବର୍ଗରେ ଖାଲି ଦେହର ଶୋଷଣ । ଏ 'ଦେହ' ମାନସିକତାରୁ ମୁକ୍ତିର ବାଟ କଣ ? ସେ ମାନସିକତାର ପ୍ରତିଫଳନ ହେଲା ସୀତାର ଅଗ୍ନି ପରୀକ୍ଷା । ସେଇଥିପାଇଁ ତ ଅହଲ୍ୟା ପଥର । ରୁପ କନୱର ଓ ନୈନା ସାହାନୀ । ଦେହକୁ ନେଇ ସେକ୍ସକୁ ନେଇ ନିର୍ମିତ ନୈତିକତାକୁ ବିରୋଧ କରିବା ସହ ନାରୀ ମୁକ୍ତିର ନିବିଡ଼ ସଂପର୍କକୁ ବୁଝିବାକୁ ପଡ଼ିବ । ଏ ଦେହ ମୁକ୍ତି ବା ନୈତିକତାର ପରିବର୍ତ୍ତନ କେବଳ କଣ ନାରୀ ଉପରେ ନିର୍ଭର କରେ ନା ଏ ପୁରୁଷ ପ୍ରାଧାନ୍ୟ ସମାଜ ଓ ପୁରୁଷ ଦୃଷ୍ଟିର ଶିକାର ନାରୀ ଏ ସଂବଧିତ ନିଷ୍ପତ୍ତି ନେଇ ପାରିବ ? ମଣିଷ-ନାରୀ ଓ ମଣିଷ-ପୁରୁଷ ତା ମାନେ ଲିଙ୍ଗର ଉର୍ଦ୍ଧ୍ୱରେ ମନୁଷ୍ୟ ଓ ମନୁଷ୍ୟତାର ଅନ୍ୱେଷଣ ଓ ସେ ଭିତରେ ତାର୍କିକ ଓ ନ୍ୟାୟସଂଗତ ସମାଜ ନିର୍ମାଣର ସ୍ୱପ୍ନ ଓ ସଂଘର୍ଷ ଲାଗି ଏକ ବିଚାରର ନିର୍ମାଣ ସହ ସାଂଗଠନିକ ପ୍ରକ୍ରିୟା ଓ ସଂଗଠିତ ଆନ୍ଦୋଳନ କଥା ମନକୁ ଆସେ । କିନ୍ତୁ ଭାରତ ଭଳି ଜାତି, ଶ୍ରେଣୀ, ଧର୍ମ ବିଭକ୍ତ ସମାଜରେ ଓ ଆଜିର ପୁଂଜିବାଦୀ, ବଜାରୀ ବ୍ୟବସ୍ଥାରେ କୋଉଠୁ ଓ କେମିତି କାହାକୁ ନେଇ କାମ ଆରମ୍ଭ କରିବା ସେ ହେଲା ଖୁବ୍ ଗମ୍ଭୀର ପ୍ରଶ୍ନ । ଏ ଅନୁତ୍ତରିତ ପ୍ରଶ୍ନ ସହ ଶେଷ ନଥିବା କଥାକୁ ଏଠି ବର୍ତ୍ତମାନ ପାଇଁ ଶେଷ କରୁଛି ।

ସୌଜନ୍ୟ : ଅନ୍ୟା

ପୂଜାସଂଖ୍ୟା - ୨୦୧୧

****

ନାରୀବାଦୀ ହେଉଚନ୍ତି କି ଅନ୍ୟ କୋଉ କ୍ଷମତା-ରାଜନୀତି କରୁଚନ୍ତି ବା କରିଚନ୍ତି, ସେଥିରୁ ଅଧିକାଂଶ ତ ବାପ କି ସ୍ୱାମୀର ସମ୍ପଦ, ଆଶ୍ରୟ ଓ ପ୍ରତିପତ୍ତିକୁ ବ୍ୟବହାର କରି ପ୍ରତିଷ୍ଠା ଖୋଜିଛନ୍ତି ବା ପାଇଚନ୍ତି । ଅନ୍ୟ କୋଉ ବିବାହିତ ସ୍ୱାମୀ ନହେଲେ ବି ପୁରୁଷଟି ସ୍ୱାମୀସ୍ଥାନୀୟ ହୋଇପାରେ, ଯେମିତି ଏମ୍.ଜି. ରାମଚନ୍ଦ୍ରନ୍, ଏନ୍. ଟି. ରାମାରାଓ, ଜର୍ଜ ଫର୍ଣ୍ଣାଣ୍ଡିଜ୍ । ଏମାନଙ୍କ ଭିତରୁ ଅଧିକାଂଶଙ୍କ ଜୀବନରେ ନା ଅଛି କୋଉ ଭାବାଦର୍ଶର ସଙ୍ଗତି ନା କୋଉ ନୈତିକ ପରାକାଷ୍ଠା । ଆଧୁନିକତାର ଚାକଚକ୍ୟ ପାଇଁ ହେଉ କି ଆର୍ଥିକ ଲାଭ ଆଶାରେ ହେଉ, କି କିଛି ନହେଲେ ଗଣମାଧ୍ୟମ ଆଗରେ ଠିଆହୋଇ ଆତ୍ମପ୍ରସାଦ ଲାଭ ପାଇଁ ହେଉଛି ଆଜି ସେମିନାର, କାଲି ଶୋଭାଯାତ୍ରା, ପରଦିନ କର୍ମଶାଳା । ଏଇ ହେଲା ଏମାନଙ୍କ ହାଲ୍ ଫେସନ୍ । ବଞ୍ଚିତ, ଅବହେଳିତ, ନିର୍ଯ୍ୟାତିତ ନାରୀ ବା ଅସହାୟ ଶିଶୁଙ୍କ ଦୁହାଇଦେଇ ସେବାମୂଳକ କାମପାଇଁ ବିଦେଶୀ ଏନ୍‌ଜିଓ ବାଣ୍ଟୁଥିବା ଟଙ୍କା ଉପରେ ଭାଗ ବସାଇବା ପାଇଁ ଏ ଛଳନାଗୁଡ଼ାକ ବଡ଼ କାର୍ଯ୍ୟକାରୀ । ଏନ୍‌ଜିଓ-ଗୁଡ଼ାକର ପରିଚାଳକ-ପରିଚାଳିକା ଭିତରୁ ବେଶି ଭାଗ ଲୋକଙ୍କର ନେତୃତ୍ୱ ଦେବାଭଳି ଆଦର୍ଶଗତ ସଙ୍ଗତି ଏକେବାରେ ନାହିଁ । ଖାଲି ପ୍ରଜେକ୍ଟ ପ୍ରସ୍ତାବ ଲେଖିବାର ନିର୍ବୋଧ କୌଶଳ ଗୁଡ଼ାକୁ ଏପଟ-ସେପଟ କରୁଥିବା ଏଭଳି ବିଦେଶୀ ପୁଞ୍ଜିରେ ବଳୀୟାନ୍ ମାନବକଲ୍ୟାଣ ବିଦୂଷକମାନଙ୍କୁ ଯେକୌଣସି ପଞ୍ଚତାରକା ହୋଟେଲ ଲବିରେ ଅହୋରାତ୍ର ଦେଖିହେବ । ଅନାବାସୀ ଭାରତୀୟଙ୍କ ପରି ଏ ଆଉ ଗୋଟିଏ ସଦ୍ୟଜାତ ଦଲାଲ୍ ଶ୍ରେଣୀ । ଲେଖା ଅନେକ ବଡ଼ ହେଲାଣି; ତେଣୁ ସଂକ୍ଷିପ୍ତସାର ଉଲ୍ଲେଖ କରି ଶେଷକରିଦେବି । ଅଭିଭାବକତ୍ୱ ବନାମ ନାରୀ ଆଲୋଚନାରୁ ଦିଶୁଚି, ସାଧାରଣତଃ ନାରୀ-ପୁରୁଷ ବୈଷମ୍ୟ ମୂଳରେ କାମକରୁଚି କର୍ତ୍ତୃତ୍ୱପରାୟଣ ପିତୃତାନ୍ତ୍ରିକ ପରିବାର ସଙ୍ଗଠନ । ତା'ସାଙ୍ଗକୁ ସ୍ପଷ୍ଟ ହୋଇଚି, ନାରୀ ଓ ଶିଶୁଙ୍କ ସମସ୍ୟା ଭିତରେ ବ୍ୟାପକ ସାଦୃଶ୍ୟ । ଅର୍ଥାତ୍, ବିପର୍ଯ୍ୟୟର କାରଣ ଗୁଡ଼ିକ ପ୍ରାୟ ସମାନ । କାରଣ, ଅଧିକାଂଶ ପରିବାରରେ ନାରୀର ଅବସ୍ଥାନ ପ୍ରାପ୍ତବୟସ୍କ ମନୁଷ୍ୟର ଅବସ୍ଥାନ ନୁହେଁ । ପ୍ରାପ୍ତବୟସ୍କା କୁମାରୀ ଝିଅର ଚାଲିଚଳନ ଉପରେ ପୁଲିସସୁଲଭ ନଜର ରଖାହୁଏ, ସାଙ୍ଗରେ ଜଗୁଆଳି ପହରାଦାର ପଠାହୁଏ । ସଂଧ୍ୟାପରେ ଘର ବାହାରକୁ ଯିବାକୁ ନିଷେଧ କରାହୁଏ ଇତ୍ୟାଦି । ଏପରିକି, କଲେଜ୍ ବା ବିଶ୍ୱବିଦ୍ୟାଳୟ ହୋଷ୍ଟେଲରେମଧ୍ୟ ପ୍ରାପ୍ତବୟସ୍କା ଛାତ୍ରୀଙ୍କ କ୍ଷେତ୍ରରେ ଏ ନିୟମର ବ୍ୟତିକ୍ରମ ହୁଏନା । ବାପ-ମା ଓ ସମାଜ ଏ ବ୍ୟବସ୍ଥାକୁ ସମର୍ଥନ କରେ ବୋଲି, ବିଶ୍ୱବିଦ୍ୟାଳୟ ବି ଧରିନିଏ ଝିଅଟି ନିଜ ଦାୟିତ୍ୱ ନିଜେ ସମ୍ଭାଳିବାକୁ ଅକ୍ଷମ, ମାନେ ଅବୋଧ ନାବାଳକ । ଲୋକ ତା'ର କ୍ଷତି କରିବେ । ଝିଅଟି ଯେ ଇତି ମଧ୍ୟରେ କାହାରି କ୍ଷତି କରିପାରେ, ସେକଥା କାହାରି ମନକୁ ଛୁଏଁନା । କାହିଁକିନା, ସେ ତ ନିତାନ୍ତ ଅବଳା, କ୍ଷତି ପୁଣି କେମିତି କରିବ ! ଅସଲ କଥା ହେଲା, ଆମ ଦୃଷ୍ଟିରେ ଶିଶୁ କେବଳ ଶିଶୁ,

ମଣିଷ ନୁହେଁ । ସେମିତି ନାରୀ କେବଳ ସ୍ତ୍ରୀ, ମାନବୀ ନୁହେଁ । ମାନେ, ତାକୁ ଭୋଗ କରିବା ଛଡ଼ା, ଅନ୍ୟ କୌଣସି ସମ୍ପର୍କ କଥା ଭାବିବା ବୋକାମି । ପୁଣି, ନାରୀ ଦୃଷ୍ଟିରେ ମଧ୍ୟ ଶିଶୁ କେବଳ ଶିଶୁ, ମଣିଷ ନୁହେଁ । ପୁରୁଷ କେବଳ ପୁରୁଷ । କେହି ମଣିଷ ନୁହଁ । ଅର୍ଥାତ୍ ପୁରୁଷ ଯେପରିକି ପଶୁ ଡ଼ାକ୍ତରଖାନାର ଷଣ୍ଢ, ଯାହାକୁ ଭୋଗ ଓ ବ୍ୟବହାର କରିବା ଛଡ଼ା ଅନ୍ୟ କୋଉ କାମରେ ଲଗାଇବା ପାଗଳାମି । କେବଳ ଶିଶୁମାନଙ୍କ ଦୃଷ୍ଟିରେ ବୟସ୍କ ପୁରୁଷ ଯେମିତି ମଣିଷ, ବୟସ୍କା ନାରୀ ବି ସେମିତି ମଣିଷ । ସେଥିପାଇଁ ସେମାନେ ଆମକୁ ଅନୁକରଣ କରନ୍ତି । ଗୁଣ୍ଟର୍ ଗ୍ରାସ୍‌ଙ୍କ ଉପନ୍ୟାସ *ଟିନ୍‌ଡ୍ରମ* କଥା ମନେ ପଡ଼ୁଛି । ଶିଶୁମାନେ ଯଦି ସତକୁ ସତ ବୁଝିପାରନ୍ତେ ଆମେ ବୟସ୍କ ଲୋକଗୁଡ଼ାକ ପ୍ରକୃତରେ କି ଭୟାନକ ପଦାର୍ଥ, ସେମାନେ ବୋଧହୁଏ ଆଉ ବଡ଼ ହେବାକୁ ଚାହାନ୍ତେ ନାହିଁ, ଆଉ ଆମର ମଧ୍ୟ ଲଜ୍ଜାର ଅନ୍ତ ରହନ୍ତା ନାହିଁ ।

ଏଥର ଆପଣମାନେ ବିଚାର କରନ୍ତୁ କିଏ ବେଶି ମାତ୍ରାରେ ମଣିଷ, ନର-ନାରୀ ନା ଶିଶୁ ?

* * * * * * * * * * * * *

ନାରୀବାଦ

କମଲା ଭସୀନ
ନିଧତ ସଇଦ ଖାନ
ଭାଷାନ୍ତର : ସରୋଜ

ଯେଉଁମାନେ ଏହି ପୁସ୍ତକଟିକୁ ସଂଗ୍ରହ କରିବାକୁ ଚାହାନ୍ତି ,
ଦୟାକରି ଅନ୍ୱେଷା ଠିକଣାରେ ଯୋଗାଯୋଗ କରନ୍ତୁ ।

ପ୍ରାବନ୍ଧିକ :
ଜଲନ୍ଧର ଦେବ, କିଶନ ପଟ୍ଟନାୟକ
ଚିତ୍ତରଂଜନ ଦାସ, ରବୀନ୍ଦ୍ର ପ୍ରସାଦ ପଣ୍ଡା
ଅନନ୍ତ ଗିରି, ରାମକୃଷ୍ଣ ସାହୁ, ସରୋଜ

Price : Rs. 50/-